# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ଜାନୁୟାରୀ ୧୮/୨୦୨୧ (୧୬ ପୃଷ୍ଠା) | Rayagada, Monday, January 18/2021 ★

୧୦ମ ଭାଗ ୨୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



DSPL-151

ଓଡ଼ିଶା ସରକାର



## ଟ୍ରାଫିକ୍ ନିୟମ ମାନନ୍ତୁ, ଓଡ଼ିଶାକୁ ଦୁର୍ଘଟଣାମୁକ୍ତ କରନ୍ତୁ

## "ଜାତୀୟ ସଡ଼କ ସୁରକ୍ଷା ମାସ"
## ୧୮ ଜାନୁୟାରୀ - ୧୭ ଫେବୃଆରୀ ୨୦୨୧

## ସଡ଼କ ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ :

- ସଂଶୋଧିତ ମୋଟର ଯାନ ଆଇନ-୨୦୧୯ କୁ ରାଜ୍ୟରେ ଲାଗୁ କରିବା ପରେ ସଡ଼କ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ।
- ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ କଟକ ଓ ଭୁବନେଶ୍ୱର ସହରର ନିର୍ଦ୍ଦିଷ୍ଟ ବେସରକାରୀ ହସ୍ପିଟାଲରେ ପ୍ରଥମ ୪୮ ଘଣ୍ଟାର ମାଗଣା ଚିକିତ୍ସା ବ୍ୟବସ୍ଥା ।
- ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଆଇନତଃ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ।
- ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରୁଥିବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ସୁରକ୍ଷା ସହିତ ୨ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ''ଗୁଡ୍ ସମରିଟାନ ପଲିସି'' ।
- ବାରମ୍ବାର ମୋଟରଯାନ ଆଇନ ଉଲଘଂନ କରୁଥିବା ବ୍ୟକ୍ତିଙ୍କଠାରୁ ଅଧିକ ଅର୍ଥଦଣ୍ଡ ଆଦାୟ କରିବା ନିମନ୍ତେ ଉଭୟ ପୁଲିସ ଓ ପରିବହନ ବିଭାଗରେ ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ ।
- ସମସ୍ତ ଜିଲ୍ଲାରେ ଅଟୋମେଟେଡ଼ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ ନିର୍ମାଣ ପାଇଁ ପଦକ୍ଷେପ ।
- ୫ଟି ଦୁର୍ଘଟଣା ପ୍ରବଣ ରାସ୍ତାରେ ହାଇୱେ ପାଟ୍ରୋଲ ପ୍ରଚଳନ ବ୍ୟବସ୍ଥା ।
- ରାମେଶ୍ୱର ଠାରୁ ପାଣିକୋଇଲି ପର୍ଯ୍ୟନ୍ତ ଜାତୀୟ ରାଜପଥ-୧୬ ରେ ଅତ୍ୟାଧୁନିକ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ।
- ପରିବହନ ସମ୍ବନ୍ଧୀୟ ବିଭିନ୍ନ ସେବା ଜନସାଧାରଣମାନଙ୍କୁ ଅନ୍‌ଲାଇନରେ ଉପଲବ୍ଧ । www.parivahan.gov.in.

## "ସଡ଼କ ସୁରକ୍ଷା - ଜୀବନ ରକ୍ଷା"

OIPR-38007/13/0002/2021




ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

## ଆଇସକ୍ରିମ୍ ଖାଇଥିବା ଲୋକଙ୍କୁ ଖୋଜା

ଚାଇନାରେ ପୁଣି କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଉତ୍ତର ଚାଇନାର ଏକାଧିକ ଆଇସକ୍ରିମ୍ ଫାକ୍ଟ୍ରିରୁ କରୋନା ଭାଇରସ୍ ଚିହ୍ନଟ ହେବା ପରେ ସରକାରଙ୍କ ଚିନ୍ତା ବଢ଼ିଛି। ଫାକ୍ଟ୍ରିଗୁଡ଼ିକରୁ ହଜାର ହଜାର ସଂଖ୍ୟାରେ ଆଇସକ୍ରିମ୍ ପ୍ୟାକେଟ ଜବତ କରାଯାଇଛି। ପ୍ରାୟ ୫ ହଜାର ଆଇସକ୍ରିମ୍ ବକ୍ସ କେଉଁଆଡେ ଯାଇଛି ଏବଂ କିଏ କିଏ ଏହାକୁ ଖାଇଛନ୍ତି ତାହା ଖୋଜା ଚାଲିଛି। କେତେକ ଲୋକଙ୍କୁ ଠାବ କରାଯାଇ ସେମାନଙ୍କ କରୋନା ଟେଷ୍ଟ ମଧ କରାଯାଇଛି।



**ସଂକ୍ଷେପରେ**

## ପଦ୍ମ ବିଭୂଷଣ ଉସ୍ତାଦ ଗୁଲାମଙ୍କ ପରଲୋକ



**ମୁମ୍ବାଇ, ୧୭।୧:** ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ତଥା ପଦ୍ମ ବିଭୂଷଣ ସମ୍ମାନପ୍ରାପ୍ତ ଉସ୍ତାଦ ଗୁଲାମ ମୁସ୍ତାଫା ଖାନଙ୍କ ରବିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ଏ ସମ୍ପର୍କରେ ତାଙ୍କ ବୋହୂ ନମ୍ରତା ଗୁପ୍ତା ଖାନ ସୂଚନା ଦେଇଛନ୍ତି। ୨୦୧୯ରେ ବ୍ରେନ ଷ୍ଟ୍ରୋକ ହେବା ପରେ ସେ ପକ୍ଷାଘାତର ଶିକାର ହୋଇଥିଲେ। ୧୯୩୧ ମାର୍ଚ୍ଚ ୩ରେ ମୁସ୍ତାଫା ଉତ୍ତରପ୍ରଦେଶର ବଦାଉଁରେ ଜନ୍ମଗ୍ରହଣ କରିଥିଲେ। ପିତା ୱାରିସ୍ ହୁସେନ ଖାନଙ୍କଠାରୁ ସେ ସଙ୍ଗୀତ ଶିଖିଥିଲେ। ୧୯୯୧ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୦୬ରେ ପଦ୍ମ ଭୂଷଣ ଏବଂ ୨୦୧୮ରେ ତାଙ୍କୁ ପଦ୍ମ ବିଭୂଷଣ ପୁରସ୍କାର ମିଳିଥିଲା। ୨୦୦୩ରେ ସେ ସଙ୍ଗୀତ ଏକାଡେମୀ ଆୱାର୍ଡ ହାସଲ କରିଥିଲେ। ବଲିଉଡର ଲୋକପ୍ରିୟ ଗାୟକ ସୋନୁ ନିଗମ ତାଙ୍କଠାରୁ ସଙ୍ଗୀତ ଶିଖିଥିଲେ। ମୁସ୍ତାଫାଙ୍କ ବିୟୋଗରେ ବଲିଉଡରେ ଶୋକର ଛାୟା ଖେଳି ଯାଇଛି। କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସକର, ଉସ୍ତାଦ ଅମଜଲ ଅଲ୍ଲୀ, ଏଆର୍ ରେହମାନ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ଜି-୭ ସମ୍ମିଳନୀକୁ ମୋଦିଙ୍କୁ ନିମନ୍ତ୍ରଣ କଲେ ବୋରିସ୍

**ନୂଆଦିଲ୍ଲୀ, ୧୭।୧:** ଆସନ୍ତା ଜୁନରେ ହେବାକୁ ଥିବା ଜି-୭ ସମ୍ମିଳନୀରେ ଯୋଗଦେବାକୁ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ଭାରତ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରିଛନ୍ତି। ବ୍ରିଟେନ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ଆମେରିକା ସମେତ ୟୁରୋପିଆନ ୟୁନିୟନକୁ ନେଇ ଗଠିତ ଜି-୭ର ସମ୍ମିଳନୀରେ ଭାରତ ବ୍ୟତୀତ ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆକୁ ମଧ ନିମନ୍ତ୍ରଣ କରାଯାଇଛି। ଏଥିରେ କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଆଦି ସହ ବୈଶ୍ୱିକ ସମସ୍ୟା ଉପରେ ଆଲୋଚନା କରାଯିବ।

**ପଶ୍ଚିମବଙ୍ଗ ନିର୍ବାଚନ**

## ଆସନ ଭାଗ କରିବେ କଂଗ୍ରେସ-ବାମ ଦଳ

**କୋଲକାତା, ୧୭।୧:** ଆଗକୁ ପଶ୍ଚିମବଙ୍ଗ ନିର୍ବାଚନ ଥିବାବେଳେ ରବିବାର କଂଗ୍ରେସର ବରିଷ୍ଠ ନେତା ଓ ସିପିଏମ୍ ନେତୃତ୍ୱରେ ଥିବା ବାମ ଦଳ ମଧରେ ରବିବାର ଏକ ବୈଠକ ବସିଛି। ନିର୍ବାଚନରେ ଉଭୟ ମେଣ୍ଟ କରି ଆସନ ଭାଗବଣ୍ଟା କରି ପ୍ରାର୍ଥୀଦେବେ ବୋଲି ନିଷ୍ପତ୍ତି ହୋଇଛି। ଏ ନେଇ ରାଜ୍ୟ କଂଗ୍ରେସ ଅଧକ୍ଷ ଅଧୀର ରଞ୍ଜନ ଚୌଧୁରୀ ସୂଚନା ଦେଇଛନ୍ତି। ବାମଦଳ ସଭାପତି ବିମାନ ବୋଷ କହିଛନ୍ତି, ଭାଜପା ଦେଶର ସବୁଠାରୁ ବଡ ଶତ୍ରୁ। କିନ୍ତୁ ପଶ୍ଚିମବଙ୍ଗର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଯୁଦ୍ଧ ଉଭୟ ଭାଜପା ଏବଂ ତୃଣମୂଳ କଂଗ୍ରେସ ବିରୋଧରେ ଲଢ଼ାଯିବ। ଏଥିପାଇଁ ଗଣତାନ୍ତ୍ରିକ ସହଯୋଗୀ ଦଳ ଭାବରେ ସଂଗ୍ରାମ କରିବାକୁ ପଡିବ।

# ମୋଦିଙ୍କ ଆଭିମୁଖ୍ୟ ବଦଳିଲେ...

**ଦୁଇଦିନ ପରେ ଆମେରିକାରେ କ୍ଷମତା ପରିବର୍ତ୍ତନ ହେବାକୁ ଯାଉଛି। ୨୦ ତାରିଖରେ ରିପବ୍ଲିକାନ୍ ନେତା ଡୋନାଲ୍ଡ ଟ୍ରମ୍ପ୍ ବିଦାୟ ନେବା ସହ ୭୮ ବର୍ଷୀୟ ଡେମୋକ୍ରାଟ୍ ଜୋ ବାଇଡେନ୍ ଦେଶର ୪୬ତମ ରାଷ୍ଟ୍ରପତି ଭାବେ ଶପଥ ନେବେ। ଗତ ନଭେମ୍ବରରେ ବାଇଡେନ୍ ପରବର୍ତ୍ତୀ ରାଷ୍ଟ୍ରପତି ହେବା ନେଇ ଜଣାପଡ଼ିବା ପରେ ବ୍ରିଟେନର 'ଫାଇନାନ୍ସିଆଲ୍ ଟାଇମ୍ସ' ବିଶ୍ଳେଷଣ କରିଥିଲା, ବିଦାୟୀ ରାଷ୍ଟ୍ରପତି ଟ୍ରମ୍ପ୍ଙ୍କ ସହ ଘନିଷ୍ଠ ହୋଇଥିବା ବିଶ୍ୱନେତାମାନଙ୍କର କ'ଣ ହେବା। ଉକ୍ତ ଖବରର ଶିରୋନାମା ଥିଲା 'ଟ୍ରମ୍ପ୍ଙ୍କ ଯୁଗ ପରେ ଭିନ୍ନ ପଥ ଆପଣାଇବାକୁ ବାଧହେବେ ମୋଦି'। ଏଥିରେ ବାଇଡେନଙ୍କ ବିଜୟ, ଚାଇନା ସହ ମୁହାଁମୁହିଁ ଏବଂ ଏସିଆର ଆଞ୍ଚଳିକ ବିସ୍ତୃତ ଅର୍ଥନୈତିକ ସହଭାଗିତା (ଆର୍‌ସିଇପି) ଚୁକ୍ତିରୁ ଭାରତ ବାଦ୍ ପଡ଼ିବା ନୂଆଦିଲ୍ଲୀକୁ ଦୁର୍ବଳ କରିବ ବୋଲି କୁହାଯାଇଥିଲା। ଖବରକାଗଜର ମୁଖ୍ୟ ବୈଦେଶିକ ବ୍ୟାପାର କମେଣ୍ଟେଟର ଗିଡେଓନ୍ ରଚମ୍ୟାନ୍ ଲେଖିଥିଲେ, 'ଆମେରିକା ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ସମ୍ପର୍କ ଅଧିକ ଆହ୍ୱାନପୂର୍ଣ୍ଣ ହେବ'। ଏଭଳି ସମୟରେ ମୋଦିଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲେ ବାଇଡେନ ଭାରତ ପାଇଁ ଏକ ଉତ୍ତମ ସୁଯୋଗ ପାଲଟିବେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।**

**ଭାରତ ପାଇଁ ସୁଯୋଗ ପାଲଟିବେ ବାଇଡେନ**



ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ

ନୂଆଦିଲ୍ଲୀ/ୱାଶିଂଟନ,୧୭।୧

ଦିଲ୍ଲୀରେ ଚିନ୍ତାର ବିଷୟ ହେଉଛି କେତେକ ସରକାରୀ ମହଲରେ ବ୍ୟକ୍ତିଗତ ଭାବେ ସ୍ୱୀକାର କରାଯାଉଛି ଯେ, କେବଳ ମୋଦିଙ୍କ 'ଅବ୍ କୀ ବାର୍ ଟ୍ରମ୍ପ୍ ସରକାର' ଘୋଷଣା ଯୋଗୁ ନୁହେଁ, ବରଂ ୨୦୧୯ ଲୋକ ସଭା ନିର୍ବାଚନରେ ବିଜୟ ପରଠାରୁ ମୋଦି ସରକାରଙ୍କ ସମସ୍ତ କାର୍ଯ୍ୟ ଭାରତର ବହୁଳବାଦ ଓ ଗଣତାନ୍ତ୍ରିକ ସିଦ୍ଧାନ୍ତଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବିବେଚନା କରାଯାଉଛି। ଅବଶ୍ୟ ଅନ୍ୟ କେତେଜଣଙ୍କ ମତରେ ଚାଇନାକୁ ଅଡୁଆରେ ପକାଇବା ପାଇଁ ମୋଦିଙ୍କ ସହ ବାଇଡେନଙ୍କ କୌଶଳପୂର୍ଣ୍ଣ ବ୍ୟବହାର ଯୋଗୁ ଭାରତ-ଆମେରିକା ସମ୍ପର୍କ ପ୍ରଭାବିତ ହେବ ନାହିଁ। ସେମାନେ ଗତ ସପ୍ତାହରେ ହଠାତ୍ ପ୍ରକାଶ ପାଇଥିବା ଆମେରିକାର ଭାରତ-ପ୍ରଶାନ୍ତ ମହାସାଗରୀୟ ରଣନୀତିକୁ ଲକ୍ଷ୍ୟ କରିଛନ୍ତି। ଉକ୍ତ ରଣନୀତିରେ ଚାଇନାର ମୁକାବିଲା ପାଇଁ ଭାରତ ସହ ସମ୍ପର୍କ ସୁଦୃଢ଼ କରିବା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଦର୍ଶାଯାଇଛି। କିନ୍ତୁ ସେଥିରେ କିଛି ନୂତନତ୍ୱ ନାହିଁ। କମ୍ୟୁନିଷ୍ଟ ଚାଇନା ବିରୋଧରେ ଭାରତକୁ ସନ୍ତୁଳନ ବଜାୟ ରଖିବାର ଏକ ଗଣତାନ୍ତ୍ରିକ ଶକ୍ତି ଭାବେ ଗଢ଼ିତୋଳିବାର ଇଚ୍ଛା ଆମେରିକାର ୩୪ତମ ରାଷ୍ଟ୍ରପତି ଡ୍ୱିଟ୍ ଡି. ଏସେନ୍‌ହାଓରଙ୍କ ଅମଳରୁ ରହିଆସିଛି। ସେହିପରି ୧୯୯୨ରେ ଆମେରିକାର ଡିଫେନ୍ସ ପଲିସି ଗାଇଡେନ୍ସ ଗୋପନୀୟ ଚିଠାରେ ମଧ ଏହା ସ୍ଥାନ ପାଇଥିଲା। ୨୦୦୫ ମାର୍ଚ୍ଚରେ ଜର୍ଜ ବୁଶ ପ୍ରଶାସନ ଘୋଷଣା କରିଥିଲେ ଯେ, ଭାରତର ସାମରିକ ଶକ୍ତି ବୃଦ୍ଧି ପାଇଁ ଆମେରିକା ସହଯୋଗ କରିବାକୁ ପ୍ରସ୍ତୁତ। ଜୋ ବାଇଡେନ୍ ମଧ ମୋଦିଙ୍କୁ ଡିଲ୍ କରିବାରେ ଅନୁରୂପ ଚତୁରତା ଦେଖାଇପାରନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅମଳରେ ଆମେରିକାରେ ଭାରତର ରାଷ୍ଟ୍ରଦୂତ ଥିବା ନରେଶ ଚନ୍ଦ୍ରାଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ। ୨୦୦୩ରେ ଧର୍ମୀୟ ସ୍ୱାଧୀନତା ଓ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ଘଟିଥିବା ଦଙ୍ଗା ପରେ ସଂଖ୍ୟାଲଘୁଙ୍କ ସୁରକ୍ଷା ପ୍ରତି ବାଜପେୟୀ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ନେଇ ଆମେରିକାରେ ଚିନ୍ତାବ୍ୟକ୍ତ କରାଯାଇଥିଲା। ସେତେବେଳେ ଯଶୱନ୍ତ ସିଂ ଓ ଷ୍ଟ୍ରୋବ୍ ଟଲବୋଟ୍ଙ୍କ ଆଲୋଚନା ସମୟରେ ଉପସ୍ଥିତ ଥିବା ନରେଶ ଚନ୍ଦ୍ରା ଭାରତ-ଆମେରିକା ସମ୍ପର୍କକୁ 'ଏକ ଧୀର, ରଣନୈତିକ ଘଣ୍ଟା' ଭାବେ ଅଭିହିତ କରି କହିଥିଲେ, ଧର୍ମୀୟ ଅଧିକାର, ମାନବାଧିକାର ଆଦି ଉପରେ ପ୍ରଶ୍ନ କୂଟନୀତିରୁ କେବେହେଲେ ବାଦ୍ ଦିଆଯିବ ନାହିଁ। ସମ୍ପର୍କ ଓ ଅନ୍ୟ କ୍ଷେତ୍ରରେ ଅଡୁଆ ସୃଷ୍ଟି ହେଲେ ସେଗୁଡ଼ିକୁ ଅଣାଯାଇଥାଏ। ଏକଚ୍ଛତ୍ରବାଦୀ ଚାଇନାର ଉତ୍ଥାନକୁ ସାମ୍ନା କରିବା ସହ ଆମେରିକାରେ ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ ପାଇବା ନେଇ ଜୋ ବାଇଡେନ୍ ତାଙ୍କ ରାଷ୍ଟ୍ରପତିତ୍ୱର ପ୍ରଥମ ବର୍ଷରେ ଗଣତନ୍ତ୍ର ପାଇଁ ଏକ ବିଶ୍ୱସ୍ତରୀୟ ସମ୍ମିଳନୀ ଆୟୋଜନର ପ୍ରତିଶ୍ରୁତି ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୯ ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ (ଇଆଇୟୁ) ଗଣତନ୍ତ୍ର ସୂଚକାଙ୍କ ଓ ଫ୍ରିଡମ୍ ହାଉସ୍ ର୍ୟାଙ୍କିଙ୍ଗରେ ଭାରତ ୧୦ ପାଦ ତଳକୁ ଖସିଯାଇଥିଲା। ବାଇଡେନ ରାଷ୍ଟ୍ରପତି ହେବା ପାଇଁ ଅଭିଯାନ ଆରମ୍ଭ କରିବା ସମୟରେ ଗଣତନ୍ତ୍ରକୁ ତାଙ୍କ ମହତ୍ୱାକାଂକ୍ଷୀ କାର୍ଯ୍ୟସୂଚୀରେ ପ୍ରାଥମିକତା ଦେଇଥିଲେ। ଗତ ଏପ୍ରିଲରେ ସେ ଟ୍ରମ୍ପ୍ ଓ ତାଙ୍କ ଭଳି ଆଉ କେତେଜଣ ନେତାଙ୍କ ଅଧିନାୟକବାଦ, ଜାତୀୟତାବାଦ ଓ ଅଣଉଦାରବାଦକୁ ସମାଲୋଚନା କରିଥିଲେ। ଏହି ନେତାମାନେ ନିଜ ବ୍ୟକ୍ତିଗତ ଓ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଏଭଳି ତତ୍ତ୍ୱ ଆଡ଼କୁ ଢଳୁଥିବା ବାଇଡେନ କହିଥିଲେ। ଏହି ଅବସରରେ ସେ ଏଭଳି ତତ୍ତ୍ୱଗୁଡ଼ିକ ବିରୋଧରେ ଗଣତାନ୍ତ୍ରିକ ଦେଶଗୁଡ଼ିକ ଏକାଠି ହୋଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜନୈତିକ ପାଣ୍ଠି ସଂଗ୍ରହରେ 'କଳା ଅର୍ଥ'କୁ ଶେଷ କରିବା ସହ ଅଧିକାର କର୍ମୀ, ଶ୍ରମିକ ସଙ୍ଗଠନ ଓ ପରିବେଶବିତ୍‌ମାନଙ୍କୁ ଗଣତନ୍ତ୍ର ସମ୍ମିଳନୀରେ ଏକାଠି କରିବା ପାଇଁ ବାଇଡେନ୍ ପ୍ରତିଶ୍ରୁତି ଦେଇଛନ୍ତି, ଯାହାକି ମୋଦି ସରକାରଙ୍କ ପାଇଁ ସହଜ ହେବ ନାହିଁ ବୋଲି ମତ ପ୍ରକାଶ ପାଇଛି। ଏଭଳି ସମୟରେ ବାଇଡେନ୍‌ଙ୍କ ଆମେରିକା ସହ ଭାରତର ଉତ୍ତମ ବାଣିଜ୍ୟିକ ସମ୍ପର୍କ ନେଇ ପ୍ରଧାନମନ୍ତ୍ରୀ ମୋଦି କେତେ ଆଶାବାଦୀ ହୋଇପାରିବେ? ଭାରତ ଚାଇନାକୁ ଦେଖାଇ କହିପାରିବ କି ଯେ, ଆମେରିକା ଆମକୁ ଆବଶ୍ୟକ କରୁଥିବାରୁ ଗଣତନ୍ତ୍ର ଉପରେ ଆମକୁ ଛୁଈଁ ଫୋଡ଼ନାହିଁ? ଆମର ମୋଦି ଅଛନ୍ତି, ତେଣୁ ଆମେରିକା ସହିତ ଭଲ ସମ୍ପର୍କ ଦରକାର ନାହିଁ ବୋଲି ପ୍ରଶ୍ନ କରିହେବ କି?

## ଯାନ୍ତ୍ରିକ ତ୍ରୁଟି ଯୋଗୁ ଇଣ୍ଡିଗୋର ଜରୁରୀ ଅବତରଣ

ନୂଆଦିଲ୍ଲୀ, ୧୭।୧

ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ୧୭୨ ଯାତ୍ରୀଙ୍କୁ ନେଇ ରବିବାର ସକାଳେ ସୁରଟରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଗୋର ଏକ ବିମାନକୁ ଭୋପାଳ ବିମାନବନ୍ଦରରେ ଜରୁରୀ ଅବତରଣ କରିବାକୁ ପଡ଼ିଛି। ବିମାନଟି ନିରାପଦର ସହିତ ଓହ୍ଲାଇଥିବା ବିମାନବନ୍ଦର ନିର୍ଦ୍ଦେଶକ କହିଛନ୍ତି। କିଛିଦିନ ପୂର୍ବରୁ ଓଡ଼ିଶାର ଝାରସୁଗୁଡ଼ାରୁ ୫୦ ଯାତ୍ରୀଙ୍କୁ ନେଇ ଯାଉଥିବା ସ୍ୱାଇସ୍ ଜେଟ୍‌ର ଏକ ବିମାନକୁ କୋଲକାତା ବନ୍ଦରରେ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା।

## କୋଟିଏ ଟଙ୍କା ଲାଞ୍ଚ ନେଇ ରେଲ୍‌ୱେ ଅଧିକାରୀ ଗିରଫ

ନୂଆଦିଲ୍ଲୀ, ୧୭।୧(ପି.ଟି.)

କୋଟିଏ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭାରତୀୟ ରେଲୱେ ଇଞ୍ଜିନିୟରିଂ ସେବା (ଆଇଆର୍‌ଇଏସ୍)ର ଜଣେ ବରିଷ୍ଠ ଅଧିକାରୀଙ୍କୁ ସିବିଆଇ ରବିବାର ଗିରଫ କରିଛି। ମହେନ୍ଦ୍ର ସିଂ ଚୌହାନ ନାମକ ଏହି ଅଧିକାରୀଙ୍କ ୨୦ଟି ସ୍ଥାନରେ ଥିବା ଘର ଉପରେ ଚଢ଼ାଉ କରାଯାଇଛି। ଉତ୍ତରପୂର୍ବ ଫ୍ରଣ୍ଟିୟର ରେଳପଥର ଏକ ପ୍ରକଳ୍ପ ଠିକା ଦେବା ପାଇଁ ସେ ଏକ ଘରୋଇ ସଂସ୍ଥାଠାରୁ କୋଟିଏ ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଆସାମର ମାଲିଗାଁଓସ୍ଥିତ ଏନ୍‌ଏଫ୍ଆର ମୁଖ୍ୟାଳୟରେ ଅବସ୍ଥାପିତ ଏହି ଅଧିକାରୀଙ୍କ ଘରୁ ସିବିଆଇ ଉତ୍କୋଚ ଟଙ୍କା ଜବତ କରିଛି।




କୋଲକାତାରେ ରବିବାର ଅନୁଷ୍ଠିତ 'ପ୍ରାଣୀଙ୍କ ପାଇଁ ଉତ୍ତମ ବିଶ୍ୱ' ରାଲିରେ ପୋଷା କୁକୁରମାନେ ସାମିଲ ହୋଇଛନ୍ତି।

## ୪୪୭ ଜଣଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା

ନୂଆଦିଲ୍ଲୀ, ୧୭।୧(ପି.ଟି.)

ଭାରତରେ ବର୍ତ୍ତମାନ ସୁଦ୍ଧା ୨,୨୪,୩୦୧ ହିତାଧିକାରୀ କୋଭିଡ୍ ଟିକା ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୪୭ ଜଣଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପାର୍ଶ୍ୱ ପ୍ରତିକ୍ରିୟା ଥିବା ୪୪୭ଙ୍କ ମଧ୍ୟରୁ ମାତ୍ର ୩ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅତିରିକ୍ତ ସ୍ୱାସ୍ଥ୍ୟ ସଚିବ ମନୋହାର ଅଗ୍ନାନୀ କହିଛନ୍ତି। ରବିବାର ଛୁଟି ସତ୍ତ୍ୱେ ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, କର୍ଣ୍ଣାଟକ, କେରଳ, ମଣିପୁର ଓ ତାମିଲନାଡୁରେ ଟିକା ଦିଆଯାଇଥିଲା। ୫୫୩ଟି କେନ୍ଦ୍ରରେ ୧୭,୦୭୨ ଜଣ ଏହି ଟିକା ନେଇଥିଲେ।




## 'ଜିଦି ଛାଡ଼ନ୍ତୁ କୃଷକ'

ନୂଆଦିଲ୍ଲୀ, ୧୭।୧

**ବିଭିନ୍ନ ଧାରା ଉପରେ ଆଲୋଚନା ପାଇଁ ପ୍ରସ୍ତାବ**

ନୂଆ କୃଷି ଆଇନ ପ୍ରତ୍ୟାହାର ନ କରିବା ଆଭିମୁଖ୍ୟକୁ କେନ୍ଦ୍ର ସରକାର ରବିବାର ପୁଣିଥରେ ଦୋହରାଇଛନ୍ତି। କୃଷକମାନେ ଆଇନ ପ୍ରତ୍ୟାହାର ଜିଦି ଛାଡ଼ନ୍ତୁ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ୧୯ରେ ହେବାକୁ ଥିବା ଦଶମ ପର୍ଯ୍ୟାୟ ବୈଠକରେ ଆଇନର ବିଭିନ୍ନ ଧାରା ଉପରେ ଆଲୋଚନା କରିବା ଲାଗି ସେ ଆନ୍ଦୋଳନରତ କୃଷକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଦେଶର ଅଧିକାଂଶ କୃଷକ ଓ ବିଶେଷଜ୍ଞ ଆଇନକୁ ସମର୍ଥନ କରୁଥିବା ତୋମାର କହିଛନ୍ତି। ଦିଲ୍ଲୀ ସୀମାରେ ଚାଷୀ ଆନ୍ଦୋଳନ ୫୩ ଦିନରେ ପହଞ୍ଚିଥିବାବେଳେ ସୁପ୍ରିମକୋର୍ଟ ଉକ୍ତ ଆଇନ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଫଳରେ ଆଇନକୁ କାର୍ଯ୍ୟକାରୀ କରାଯାଇପାରୁନାହିଁ। ମଙ୍ଗଳବାର ବୈଠକରେ ଚାଷୀମାନେ ଆଇନରେ ବିଭିନ୍ନ ଧାରା ଉପରେ ଆଲୋଚନା କରିବା ସରକାର ଆଶା କରୁଛନ୍ତି। ଏହି ମର୍ମରେ ଚାଷୀଙ୍କ ପାଖକୁ ଏକ ପ୍ରସ୍ତାବ ପଠାଯାଇଛି। ମଣ୍ଡି, ବ୍ୟବସାୟୀ ପଞ୍ଜୀକରଣ ଓ ଅନ୍ୟାନ୍ୟ ବିଷୟକୁ ନେଇ ଚାଷୀଙ୍କ ମନରେ ରହିଥିବା ଆଶଙ୍କା ଦୂର କରିବାକୁ ସରକାର ପ୍ରସ୍ତୁତ ବୋଲି ଉକ୍ତ ପ୍ରସ୍ତାବରେ କୁହାଯାଇଛି।

ନଡ଼ାପୋଡ଼ି ଓ ବିଦ୍ୟୁତ ପ୍ରସଙ୍ଗରେ ସରକାର ଆଲୋଚନା ପାଇଁ ପୂର୍ବରୁ ରାଜି ହୋଇଥିଲେ, ତେବେ କୃଷକ ସଂଗଠନଗୁଡ଼ିକ ଆଇନ ପ୍ରତ୍ୟାହାର ଦାବିରେ ଅଟଳ ରହିଥିବାରୁ ୯ ଥର ଆଲୋଚନା ବିଫଳ ହେଲାଣି ବୋଲି ତୋମାର କହିଛନ୍ତି। ନଡ଼ାପୋଡ଼ି ଅଧାଦେଶରେ ଥିବା ଜରିମାନା ବ୍ୟବସ୍ଥା ଏବଂ ବିଦ୍ୟୁତ୍(ସଂଶୋଧନ)ବିଲ୍-୨୦୧୯ ପ୍ରତ୍ୟାହାର କରିନେବାକୁ ସରକାର ରାଜି ହୋଇଥିବା କୃଷିମନ୍ତ୍ରୀ କହିଥିଲେ।



ନରେନ୍ଦ୍ର ସିଂ ତୋମାର

କୃଷକ ସଂଗଠନ ଓ ସରକାରଙ୍କ ମଧ୍ୟରେ ଆଲୋଚନା ଫଳପ୍ରଦ ହେଉ ନ ଥିବା ଅନୁଭବ କରି ସୁପ୍ରିମକୋର୍ଟ ୪ ଜଣିଆ ବିଶେଷଜ୍ଞ କମିଟି ଗଢ଼ିବାକୁ ପ୍ରସ୍ତାବ ଦେଇଥିଲେ ହେଁ ସେଥିରେ କୃଷକ ସଂଗଠନ ସହମତ ନୁହନ୍ତି। ଉକ୍ତ କମିଟିରୁ ଜଣେ ସଦସ୍ୟ ଓହରି ଯାଇଥିବାବେଳେ ଅନ୍ୟ ୩ ଜଣଙ୍କୁ ବାଦ୍ ଦେବା ଲାଗି ଚାଷୀ ସଂଗଠନ ପକ୍ଷରୁ ଦାବି କରାଯାଇଛି।

## ଫେସ୍‌ବୁକ୍, ଟୁଇଟର ଅଧିକାରୀଙ୍କୁ ସମନ

ନୂଆଦିଲ୍ଲୀ, ୧୭।୧

ସୋସିଆଲ ମିଡିଆ କମ୍ପାନୀ ଫେସ୍‌ବୁକ୍ ଓ ଟୁଇଟର୍‌ର ଅଧିକାରୀମାନଙ୍କୁ ସୂଚନା ପ୍ରଯୁକ୍ତି ସମ୍ପର୍କିତ ସଂସଦୀୟ କମିଟି ରବିବାର ସମନ ଜାରି କରିଛି। ସେମାନଙ୍କୁ ୨୧ରେ ହାଜର ହେବା ଲାଗି କୁହାଯାଇଛି। ନାଗରିକମାନଙ୍କ ଅଧିକାରର ସୁରକ୍ଷା ଓ ସୋସିଆଲ୍ ତଥା ଅନ୍‌ଲାଇନ ନ୍ୟୁଜ୍ ମିଡିଆ ପ୍ଲାଟଫର୍ମଗୁଡ଼ିକର ଅପବ୍ୟବହାର ରୋକିବା ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ଉପରୋକ୍ତ ଦୁଇ କମ୍ପାନୀର ପ୍ରତିନିଧିମାନେ ସଂସଦୀୟ କମିଟିକୁ ଜଣାଇବେ ବୋଲି ଲୋକ ସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କ ଅଧକ୍ଷତାରେ ୩୧ ସଦସ୍ୟ ବିଶିଷ୍ଟ ସଂସଦୀୟ ଷ୍ଟାଣ୍ଡିଂ କମିଟି ବୈଠକ ୨୧ ତାରିଖ ଅପରାହ୍ଣ ୪ଟାରେ ବସିବ।



## ଅର୍ଣ୍ଣବଙ୍କ ହ୍ୱାଟ୍ସଆପ୍ ଚାଟ୍ ଲିକ୍‌କୁ ନେଇ ଝଡ଼

ନୂଆଦିଲ୍ଲୀ, ୧୭।୧

ରିପବ୍ଲିକ୍ ଟିଭି ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀ ଏବଂ ଟେଲିଭିଜନ ରେଟିଂ ସଂସ୍ଥା ବିଏଆର୍‌ସିର ପୂର୍ବତନ ସିଇଓ ପାର୍ଥୋ ଦାସଗୁପ୍ତାଙ୍କ ମଧ୍ୟରେ ହୋଇଥିବା ହ୍ୱାଟ୍ସଆପ୍ ଚାଟିଂର ସ୍କ୍ରିନ୍‌ଶଟ୍ ସୋସିଆଲ ମିଡିଆରେ ଲିକ୍ ଘଟଣାକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଅର୍ଣ୍ଣବଙ୍କ ଚାଟ୍ ଲିକ୍ ଭିତିରି ଷଡ଼ଯନ୍ତ୍ର ଓ ଦେଶର ନିରାପତ୍ତା ସମ୍ପର୍କିତ ତଥ୍ୟ ପ୍ରଘଟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଭାଜପାର ଚ୍ୟାନେଲଗୁଡ଼ିକ ଏହି ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି।

ବାଲାକୋଟ ଏୟାର ଷ୍ଟ୍ରାଇକ୍‌ର ଦୁଇ ତିନି ଦିନ ପୂର୍ବରୁ ଅର୍ଣ୍ଣବ ଓ ଦାସଗୁପ୍ତାଙ୍କ ମଧ୍ୟରେ ଏ ସମ୍ପର୍କରେ ପୂର୍ବରୁ ସେମାନେ ଚାଟିଂ କରିଥିଲେ ବୋଲି ଜଣାପଡ଼ିଛି। ସେହିପରି ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ପର୍କରେ ଚାଟିଂ ହୋଇଥିଲା। ଏଥିରେ ପିଏମ୍‌ଓ (ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ) ସମ୍ପର୍କରେ ଏକାଧିକ ଥର ଉଲ୍ଲେଖ କରାଯାଇଥିବାରୁ ବିରୋଧୀ ଦଳ ଏହାର ତଦନ୍ତ ଦାବି କରିଛି। ଟିଆର୍‌ପି ଦୁର୍ନୀତି ମାମଲାରେ ମୁମ୍ବାଇ ପୋଲିସ ଦାଖଲ କରିଥିବା ୩,୬୦୦ ପୃଷ୍ଠାର ଅତିରିକ୍ତ ଚାର୍ଜଶିଟ୍‌ରେ ହ୍ୱାଟ୍ସଆପ୍ ଚାଟିଂ ସମ୍ପର୍କରେ ଉଲ୍ଲେଖ ରହିଛି। ଘଟଣାର ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ କରିବା ଲାଗି ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ ଏବଂ କଂଗ୍ରେସ ଏମ୍‌ପି ମନୀଷ ତିୱାରୀ ଆହ୍ୱାନ ଦେଇଛନ୍ତି। ନିର୍ଦ୍ଦିଷ୍ଟ ଗଣମାଧମରେ



**ତଦନ୍ତ ଦାବି କଲେ ବିରୋଧୀ**

ପ୍ରକାଶିତ ରିପୋର୍ଟ ଯଦି ସତ୍ୟ ହୋଇଥାଏ, ତେବେ ବାଲାକୋଟ ଏୟାରଷ୍ଟ୍ରାଇକ୍ ଏବଂ ୨୦୧୯ ସାଧାରଣ ନିର୍ବାଚନ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ନିର୍ବାଚନ ଉଦ୍ଦେଶ୍ୟରେ ଜାତୀୟ ନିରାପତ୍ତାକୁ ବିପନ୍ନ କରାଯାଇଥିଲା କି ବୋଲି ତିୱାରୀ ଟୁଇଟ୍ କରିବା ସହ ଏହାର ଜେପିସି ତଦନ୍ତ ଆବଶ୍ୟକ ବୋଲି କହିଛନ୍ତି। ଏହି ପ୍ରସଙ୍ଗରେ ଚିଦାମ୍ବରମ୍ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଟାର୍ଗେଟ କରିଛନ୍ତି। ଯଦି ବାଲାକୋଟ ଆକ୍ରମଣ ଘଟଣାକୁ ରାଜନାଥଙ୍କ ବନ୍ଧୁ ତଥା ସାମ୍ବାଦିକ ୩ ଦିନ ପୂର୍ବରୁ ଜାଣିଥିବା ଠିକ୍, ତେବେ ସେମାନଙ୍କ ସୂତ୍ର ଏହି ତଥ୍ୟକୁ ପାକିସ୍ତାନ ପାଇଁ କାର୍ଯ୍ୟ କରୁଥିବା ସୂଚନାଦାତାଙ୍କୁ ଯେ ଜଣାଇ ନ ଥିବ ଏହାର କ'ଣ ଗ୍ୟାରେଣ୍ଟି ଅଛି ବୋଲି ଚିଦାମ୍ବରମ୍ ପ୍ରଶ୍ନ କରିଛନ୍ତି।

## ବାଇଡେନ୍ ପ୍ରଶାସନରେ ୨୦ ଭାରତୀୟ

ୱାଶିଂଟନ୍, ୧୭।୧

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ ତାଙ୍କ ପ୍ରଶାସନରେ ୨୦ ଭାରତୀୟ ଆମେରିକୀୟଙ୍କୁ ସାମିଲ ପାଇଁ ଚୟନ କରିଛନ୍ତି। ସେମାନଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ୧୩ ରହିଛି। ହ୍ୱାଇଟ୍ ହାଉସ୍‌ର ଗୁରୁତ୍ୱପୂର୍ଣ୍ଣ ପଦବୀରେ ୧୭ ଜଣ ଭାରତୀୟ ବଂଶୋଦ୍ଭବ ରହିବେ। ଆମେରିକାର ସମୁଦାୟ ଜନସଂଖ୍ୟାର ଏକ ପ୍ରତିଶତ ହେଉଛନ୍ତି ଭାରତୀୟ-ଆମେରିକୀୟ। ତେଣୁ କୌଣସି ବିଦେଶ ପ୍ରଶାସନରେ ଏହି ଛୋଟ ସମୁଦାୟର ଏତେ ସଂଖ୍ୟକ ଲୋକ ନିଯୁକ୍ତ ହେବା ପ୍ରଥମ।

ପ୍ରଥମ ଥର ପାଇଁ ଭାରତୀୟ ମୂଳ ଏବଂ ଆଫ୍ରିକାନ ଆମେରିକୀୟ କମଳା ହାରିସ୍(୫୬) ଉପରାଷ୍ଟ୍ରପତି ଭାବେ ଶପଥ ନେବେ। ସେ ମଧ ପ୍ରଥମ ଆଫ୍ରିକୀୟ-ଆମେରିକୀୟ ହେବେ ଯିଏ ଶକ୍ତିଶାଳୀ ଦେଶର ଏହି ଗୁରୁ ଦାୟିତ୍ୱ ତୁଲାଇବେ। ସେହିପରି ଏହି ତାଲିକାରେ ରହିଛନ୍ତି ନୀରା ଟାଣ୍ଡେନ। ତାଙ୍କୁ ହ୍ୱାଇଟ୍ ହାଉସ୍ ପରିଚାଳନା ଓ ବଜେଟ ନିର୍ଦ୍ଦେଶକ ପଦ ପାଇଁ ନାମିତ କରାଯାଇଛି। ଡ. ବିବେକ ମୂର୍ତ୍ତି ୟୁଏସ୍ ସର୍ଜନ ଜେନେରାଲ ଭାବେ ଚୟନ ହୋଇଛନ୍ତି। ବନିତା ଗୁପ୍ତାଙ୍କୁ ଜେନେରାଲ ଡିପାର୍ଟମେଣ୍ଟ ଅଫ୍ ଜଷ୍ଟିସ୍‌ରେ ଆସୋସିଏଟ ଆର୍ଟର୍ଣ୍ଣି ମନୋନୀତ କରାଯାଇଛି। ବୈଦେଶିକ ସେବା ଅଧିକାରୀ ଉଜ୍ରା ଜେୟାଙ୍କୁ ନାଗରିକ ସୁରକ୍ଷା, ଗଣତନ୍ତ୍ର ଏବଂ ମାନବିକ ଅଧିକାର ପାଇଁ ବୈଦେଶିକ ସଚିବ ଚୟନ କରାଯାଇଛି। ଆମେରିକାର ପ୍ରଥମ ମହିଳା ହେବାକୁ ଯାଉଥିବା ଡ. ଜିଲ ବାଇଡେନଙ୍କ ନୀତି ନିର୍ଦ୍ଦେଶକ ପାଇଁ ମନୋନୀତ ହୋଇଛନ୍ତି ମାଲା ଆଡିଗା। ଗରିମା ବର୍ମା ପ୍ରଥମ ମହିଳାଙ୍କ କାର୍ଯ୍ୟାଳୟର ଡିଜିଟାଲ ନିର୍ଦ୍ଦେଶକ ଏବଂ ସାବ୍ରିନା ସିଂଙ୍କୁ ସେହି କାର୍ଯ୍ୟାଳୟର ଡେପୁଟି ପ୍ରେସ ସଚିବ ଭାବରେ ନିଯୁକ୍ତ କରାଯାଇଛି। କଶ୍ମୀରର ଆୟେଶା ଶାହାଙ୍କୁ ହ୍ୱାଇଟ୍ ହାଉସ୍ ଡିଜିଟାଲ ଷ୍ଟ୍ରାଟେଜିର ପାର୍ଟନରଶିପ୍ ମ୍ୟାନେଜର ଏବଂ ସମୀରା ଫେଜିଲିଙ୍କୁ ଭାରତୀୟ-ଆମେରିକୀୟ କମ୍ୟୁନିଟି ଏବଂ ଅର୍ଥନୈତିକ ବିକାଶ ବିଶେଷଜ୍ଞ ହ୍ୱାଇଟ୍ ହାଉସ୍‌ରେ ଜାତୀୟ ଅର୍ଥନୈତିକ ପରିଷଦର ଡେପୁଟି ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଆମେରିକା ଜାତୀୟ ଅର୍ଥନୈତିକ ପରିଷଦର ଡେପୁଟି ନିର୍ଦ୍ଦେଶକ ଭାବେ ଭାରତ ରାମମୂର୍ତ୍ତି ମଧ ରହିଛନ୍ତି। ଗୌତମ ରାଘବାନ, ବିନୟ ରେଡ୍ଡି, ବେଦାନ୍ତ ପଟେଲ, ତରୁଣ ଛାବରା, ସୁମୋନା ଗୁହା, ଶାନ୍ତି କଲାଥିଲ, ସୋନିଆ ଅଗ୍ରୱାଲ, ବିଦୁର ଶର୍ମା, ନେହା ଗୁପ୍ତା, ରିମା ଶାହାଙ୍କୁ ମଧ ବାଇଡେନ ପ୍ରଶାସନରେ ଗୁରୁଦାୟିତ୍ୱ ମିଳିଛି।



ଗରିମା ବର୍ମା



ଉଜ୍ରା ଜେୟା



ବନିତା ଗୁପ୍ତା



ମାଲା ଆଡିଗା



ବିବେକ ମୂର୍ତ୍ତି



ନୀରା ଟାଣ୍ଡେନ

- ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ୧୭
- ୧୩ ମହିଳା ସାମିଲ

# ଧରିତ୍ରୀ
DHARITRI

ସୋମବାର, ଜାନୁୟାରୀ ୧୮/୨୦୨୧ | Monday, January 18/2021 | ପୃଷ୍ଠା-୧




**ନୂଆ ଲୁକ୍‌ରେ ସୋନମ କପୁର**

ଫ୍ରେଞ୍ଚ ଫ୍ୟାଶନ ଡିଜାଇନର ଷ୍ଟିଫନଙ୍କ ଗାଉନ୍‌ରେ ସୋନମ କପୁରଙ୍କ ନୂଆ ଲୁକ୍ ଭାଇରାଲ।


୧୨ ୧୦


**ପଦାର୍ପଣରେ ସୁନ୍ଦରଙ୍କ ଅର୍ଦ୍ଧଶତକ**

ଭାରତର ୱାଶିଂଟନ ସୁନ୍ଦର ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କ ପଦାର୍ପଣ ଟେଷ୍ଟ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି।



# ଭାରତ ପାଇଁ ସତର୍କ ଘଣ୍ଟି

**ମହାମାରୀ କରୋନା ମୁଣ୍ଡ ପରେ ମୁଣ୍ଡ ଗଡ଼ାଇ ଚାଲିଥିବାବେଳେ ସମସ୍ତଙ୍କ ଅପେକ୍ଷା ଥିଲା ଟିକାକୁ। ସଂକ୍ରମଣର ପ୍ରାୟ ବର୍ଷେ ପରେ ଆମେରିକା, ବ୍ରିଟେନ, ରୁଷିଆ, ଚାଇନା ସମେତ ବିଶ୍ୱର ବିଭିନ୍ନ ଦେଶକୁ ଭାକ୍ସିନ୍ ଆସିଛି। କୋଭିଡ୍ ମହାମାରୀ ବିରୋଧରେ ଏହାକୁ ସଞ୍ଜୀବନୀ ବିବେଚନା କରାଯାଉଥିବାବେଳେ ଘାତକ ସାଜିଛି କେତେକ ଟିକା। ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଦିଆଯାଇଥିବା କୋଭିଡ୍ ଭାକ୍ସିନ୍ ଏବେ ଜୀବନ ନେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଭାରତରେ ମଧ୍ୟ ବିବାଦ ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ପ୍ରସ୍ତୁତ କୋଭିଶିଲ୍ଡ ଓ ଭାରତ ବାୟୋଟେକ୍‌ର କୋଭାକ୍ସିନ୍‌କୁ ମଞ୍ଜୁରୀ ଦେଇଛନ୍ତି। କୋଭାକ୍ସିନ୍‌ର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ ହୋଇ ନ ଥିବାରୁ ଲୋକଙ୍କ ଶରୀରରେ ଏହାର ପ୍ରୟୋଗକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। କେବଳ ବିରୋଧୀ ନୁହନ୍ତି, ବିଶେଷଜ୍ଞମାନେ ମଧ୍ୟ ବିଦେଶରେ ଭାକ୍ସିନ୍ ଗ୍ରହୀତାଙ୍କ ବଢ଼ିଚାଲିଥିବା ମୃତ୍ୟୁସଂଖ୍ୟାକୁ ନେଇ ଭାରତ ଅଧିକ ସତର୍କ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଛନ୍ତି।**



- **ଆମେରିକାରେ ଟିକା ନେଇ ୫୫ ଗଲେଣି**
- **ନରୱେରେ ମୃତ୍ୟୁସଂଖ୍ୟା ୨୯କୁ ବୃଦ୍ଧି**
- **ଇସ୍ରାଏଲ୍‌ରେ ପକ୍ଷାଘାତ ଶିକାର ୧୩ ଜଣ**

**ନୂଆଦିଲ୍ଲୀ, ୧୭।୧**

କରୋନା ମହାମାରୀ ସାରା ବିଶ୍ୱରେ ୨୦ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ନେଇଥିବାବେଳେ ୯ କୋଟି ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ମହାମାରୀକୁ ରୋକିବା ଲାଗି ଲକ୍‌ଡାଉନ୍ ଓ ଅନ୍ୟାନ୍ୟ କଟକଣା ଯୋଗୁ ଅଧିକାଂଶ ସଂକ୍ରମିତ ଦେଶ ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏଭଳି ବିପତ୍ତିରୁ ରକ୍ଷା ପାଇବା ପାଇଁ ଟିକା ଏକମାତ୍ର ସାହା ବୋଲି ବିବେଚନା କରାଯାଇଥିଲା। ତେଣୁ ଟିକା ପ୍ରସ୍ତୁତି ଲାଗି ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ସାଧାରଣତଃ ଟିକା ପ୍ରସ୍ତୁତି ଲାଗି ବର୍ଷ ବର୍ଷ ଲାଗୁଥିବାବେଳେ ଜରୁରୀ ଆବଶ୍ୟକତା ପୂରଣ କରିବାକୁ ଯାଇ କେତେକ କମ୍ପାନୀ ତରବରିଆ ଭାବେ ମାସ କେଇଟାରେ କୋଭିଡ୍ ଟିକା ପ୍ରସ୍ତୁତ କରିଦେଲେ। ପରୀକ୍ଷା ବେଳେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଜାଣିବା ପାଇଁ ଯଥେଷ୍ଟ ସମୟ ଦିଆଗଲାନାହିଁ। ଟିକାକରଣ ପରେ ଏବେ କେତେକ ଦେଶରେ ଏହାର ବିପଜ୍ଜନକ ପାର୍ଶ୍ୱ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଟିକା ନେଇ ଆମେରିକା, ନରୱେ ଓ ଅନ୍ୟ କେତେକ ଦେଶରେ ଅନେକ ଲୋକଙ୍କ ମୃତ୍ୟୁ ହେଲାଣି ଓ କେତେଜଣ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଫଳରେ କୋଭିଡ୍ ଟିକା ପାଇଁ ଲୋକଙ୍କ ମଧ୍ୟରେ ଯେଉଁଭଳି ଆଗ୍ରହ ଦେଖାଦେବା କଥା ତାହା ନାହିଁ। ଏପରିକି ଅଧିକାଂଶ ଲୋକ ଟିକା ନେବାକୁ ଭୟ କରୁଛନ୍ତି। ଭାରତ ସରକାର ଦୁଇଟି ସ୍ୱଦେଶୀ ଟିକାକୁ ମଞ୍ଜୁରୀ ପ୍ରଦାନ କରିବା ପରେ ଶନିବାରଠାରୁ ଟିକାଦାନ ଅଭିଯାନ ଆରମ୍ଭ ହୋଇଛି। ତେବେ ବିଦେଶରେ ଟିକାର ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ଭାରତ ପାଇଁ ସତର୍କ ଘଣ୍ଟି ବୋଲି କୁହାଯାଉଛି।

ଆମେରିକା ସଂଘୀୟ ବ୍ୟବସ୍ଥାକୁ ଦିଆଯାଇଥିବା ଏକ ରିପୋର୍ଟ ଅନୁଯାୟୀ ସେଠାରେ ଫାଇଜର ଓ ମଡର୍ନା ଟିକା ନେଇ ବର୍ତ୍ତମାନ ସୁଦ୍ଧା ୫୫ ଜଣ ପ୍ରାଣ ହରାଇଲେଣି। ଫେଡେରାଲ ଡାଟାବେସ୍ ଭାକ୍ସିନ୍ ଆଡ୍‌ଭର୍ସ ଇଭେଣ୍ଟ ରିପୋର୍ଟିଂ ସିଷ୍ଟମ (ଭିଏଇଆର୍‌ଏସ୍)ରେ ଉକ୍ତ ରିପୋର୍ଟ ଫାଇଲ୍ କରାଯାଇଛି। କେତେକ ମାମଲାରେ ଟିକା ନେବାର କିଛିଦିନ ମଧ୍ୟରେ ରୋଗୀଙ୍କ ମୃତ୍ୟୁ ଘଟୁଛି। କଲୋରାଡୋରେ ଜଣେ ୬୬ ବର୍ଷୀୟ ବ୍ୟକ୍ତି ମଡର୍ନା ଟିକା ନେଇ କୋମା ଅବସ୍ଥାକୁ ଚାଲିଯାଇଛନ୍ତି। ☞ପୃଷ୍ଠା-୨

## କୋଭାକ୍ସିନକୁ ଭୟ

**ନୂଆଦିଲ୍ଲୀ, ୧୭।୧**

କରୋନା ସଂକ୍ରମଣ ରୋକିବା ପାଇଁ ଦେଶରେ ଶନିବାରଠାରୁ ଟିକାକରଣ ଆରମ୍ଭ ହୋଇଥିବାବେଳେ କେତେଜଣ ବ୍ୟକ୍ତି ଭାକ୍ସିନ ନେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ପ୍ରଥମ ଦିନରେ ୩ ଲକ୍ଷ ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କୋଭିଡ୍ ଯୋଦ୍ଧାଙ୍କୁ ଟିକା ଦେବା ପାଇଁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଟିକା ନେଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୨ ଲକ୍ଷ ଛୁଇଁପାରିଲା ନାହିଁ। ଦେଶରେ ଟିକା ନେଇଥିବା ୪୪୭ ଜଣଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ☞ପୃଷ୍ଠା-୨

# ସୁପ୍ରିମକୋର୍ଟର ୨ ମହିଳା ବିଚାରପତିଙ୍କୁ ହତ୍ୟା

- **କାବୁଲରେ ଆତଙ୍କବାଦୀଙ୍କ ବର୍ବରତା**
- **ଶାନ୍ତି ଆଲୋଚନା ବେଳେ ହାଇପ୍ରୋଫାଇଲ ବ୍ୟକ୍ତିଙ୍କୁ ଟାର୍ଗେଟ୍ କରୁଛି ତାଲିବାନ୍**

**କାବୁଲ, ୧୭।୧**

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ଆତଙ୍କବାଦୀମାନେ ବର୍ବରତାର ସୀମା ଲଂଘିଛନ୍ତି। ରାଜଧାନୀ କାବୁଲରେ ସେମାନେ ରବିବାର ସୁପ୍ରିମକୋର୍ଟର ୨ ଜଣ ମହିଳା ବିଚାରପତିଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଏହି ଆକ୍ରମଣରେ ମହିଳା ବିଚାରପତିଙ୍କ କାର୍ ଡ୍ରାଇଭରଙ୍କ ସମେତ ଆଉ ଜଣେ କର୍ମଚାରୀ ଆହତ ହୋଇଛନ୍ତି। ତାଲିବାନ ଓ ଆଫଗାନିସ୍ତାନ ମଧ୍ୟରେ ଶାନ୍ତି ଆଲୋଚନା ଚାଲିଥିବାବେଳେ ଏହା ହେଉଛି ଆତଙ୍କବାଦୀଙ୍କ ପକ୍ଷରୁ ସଦ୍ୟତମ ଘାତକ ଆକ୍ରମଣ। ଏହି ହତ୍ୟାକାଣ୍ଡକୁ ନେଇ ସାରା ଦେଶ ସ୍ତବ୍ଧ ହୋଇଯାଇଛି।

କାତାରରେ ତାଲିବାନ୍ ଓ ଆଫଗାନିସ୍ତାନ ମଧ୍ୟରେ ଶାନ୍ତି ଆଲୋଚନା ଚାଲିଥିବା ସତ୍ତ୍ୱେ କାବୁଲରେ ଆତଙ୍କବାଦୀଙ୍କ ସଂହାରଲୀଳା ଜାରି ରହିଛି। ବିଶେଷକରି ହାଇପ୍ରୋଫାଇଲ୍ ବ୍ୟକ୍ତିମାନଙ୍କୁ ଟାର୍ଗେଟ କରି ହତ୍ୟା କରିବାର ଧାରା ବଜାୟ ରହିଥିବାରୁ ରାଜଧାନୀରେ ଆତଙ୍କର ବାତାବରଣ ଖେଳିଯାଇଛି। ଏହି କ୍ରମରେ ୨ ମହିଳା ବିଚାରପତି ରବିବାର ସକାଳେ କୋର୍ଟର ଏକ କାର୍‌ରେ ଅଫିସକୁ ଯାଉଥିବାବେଳେ ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଥିଲା। ପୋଲିସ ଡିଷ୍ଟ୍ରିକ୍ଟ ୪ର ତିଆମନି ଅଞ୍ଚଳରେ ଅଜ୍ଞାତ ବନ୍ଧୁକଧାରୀମାନେ ଆସି ସେମାନଙ୍କ କାର୍‌କୁ ଆଖିବୁଜା ଗୁଳିବର୍ଷା କରିଥିଲେ। ଭୟ ଓ ଆତଙ୍କରେ ଯିଏ ଯୁଆଡ଼େ ଧାଇଁବାରେ ଲାଗିଥିଲେ। ଗୁଳିମାଡ଼ରେ ଦୁଇ ମହିଳା ବିଚାରପତି ଟଳିପଡ଼ିଥିବାବେଳେ ତାଙ୍କ ଡ୍ରାଇଭର ଓ ଅନ୍ୟ ଜଣେ କର୍ମଚାରୀ ଗୁରୁତର ହୋଇଥିବା ଜଣାପଡ଼ିଛି।

ସୁପ୍ରିମକୋର୍ଟ ମୁଖପାତ୍ର ଅହମ୍ମଦ ଫହିମ କାୱିମ୍ କହିଛନ୍ତି, ଦେଶର ସର୍ବୋଚ୍ଚ ଅଦାଲତରେ ୨୦୦ରୁ ଉର୍ଦ୍ଧ୍ୱ ମହିଳା ବିଚାରପତି କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ଏହି ଦୁଇ ମହିଳା ବିଚାରପତି ଅନ୍ୟତମ। କିନ୍ତୁ ସେ ଉଭୟଙ୍କ ନାମ ପ୍ରକାଶ କରିନାହାନ୍ତି। ୨୦୧୭ ଫେବୃଆରୀରେ ☞ପୃଷ୍ଠା-୨






# ଝିଅକୁ ହତ୍ୟା ପାଇଁ ସୁପାରି

- ମା', ସୁପାରିକିଲର ଗିରଫ
- ହତ୍ୟା ପାଇଁ କରାଯାଇଥିଲା ୫୦ ହଜାର ଟଙ୍କାର ଡିଲ୍

**ବାଲେଶ୍ୱର ଅଫିସ, ୧୭।୧**

ବାଲେଶ୍ୱର ସଦର ଥାନା ନଗ୍ରମ ବେଲନାଳ ପୋଲ ତଳେ ଗତ ୧୩ତାରିଖରେ ଜଣେ ମହିଳାଙ୍କ ମୃତଦେହ ଜବତ ଘଟଣାର ରହସ୍ୟ ଉନ୍ମୋଚନ ହୋଇଛି। ଉକ୍ତ ମହିଳାଙ୍କୁ ହତ୍ୟା ପାଇଁ ତାଙ୍କ ମା' ସୁପାରି ଦେଇଥିବା ପୋଲିସ ରବିବାର ପର୍ଦ୍ଦାଫାଶ୍ କରିଛି। ହତ୍ୟା ପାଇଁ ୫୦ ହଜାର ଟଙ୍କା ଡିଲ୍ ହୋଇଥିଲା। ସୁପାରିକିଲର ୮ ହଜାର ଟଙ୍କା ଅଗ୍ରୀମ ନେଇ ଏହି ହତ୍ୟାକାଣ୍ଡ ଭିଆଇଥିବା ପୋଲିସ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଛି। ଏହି ହତ୍ୟାକାଣ୍ଡରେ ୪ଜଣ ସମ୍ପୃକ୍ତ ଥିବା ବେଳେ ପୋଲିସ ମୃତ ମହିଳାଙ୍କ ମା' ସୁକାନ୍ତି ଗିରି ଓ ସୁପାରିକିଲର ପ୍ରମୋଦ ଜେନାଙ୍କୁ ଗିରଫ କରିଛି। ପ୍ରମୋଦଙ୍କ ଘର ବସ୍ତା ଥାନା ରାଇସୁଆଁ ଗ୍ରାମରେ। ମୃତ ମହିଳା ହେଲେ ଶିବାନୀ ନାୟକ। ଦୀର୍ଘ ୧୦ବର୍ଷ ହେଲା ସେ ସ୍ୱାମୀଙ୍କଠାରୁ ଅଲଗା ହୋଇ ମୌଦା ଗ୍ରାମସ୍ଥିତ ବାପଘରେ ☞ପୃଷ୍ଠା-୨

## ଘନକୁହୁଡ଼ି: ୫ ଜିଲାକୁ ୟେଲୋ ୱାର୍ନିଂ

**୫ ଡିଗ୍ରୀରେ ଫୁଲବାଣୀ**

**ଭୁବନେଶ୍ୱର, ୧୭।୧(ବ୍ୟୁରୋ):** ରାଜ୍ୟରେ କିଛିଦିନ ଧରି ଉଭାନ ହୋଇଥିବା ଶୀତ ଲେଉଟିବା ପରେ ଥଣ୍ଡା ଅନୁଭୂତ ହେଉଛି। ଏଥିସହ ଭୋର୍ ସମୟରୁ ଘନକୁହୁଡ଼ି ମାଡ଼ି ଆସିବା ସହ ବହୁ ସମୟ ପର୍ଯ୍ୟନ୍ତ ଆଚ୍ଛାଦିତ ହୋଇରହୁଛି। ଏବେ ରାଜ୍ୟର ଅଧିକାଂଶ ଜିଲାରେ ଘନକୁହୁଡ଼ି ଦେଖିବାକୁ ମିଳୁଛି। ସୋମବାର ମଧ୍ୟ ଘନକୁହୁଡ଼ି ହେବ ଓ ସେଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ୫ଟି ଜିଲାକୁ ସତର୍କ କରାଯାଇଛି। ଏହି ଜିଲାଗୁଡ଼ିକ ହେଲା ବୌଦ୍ଧ, ନୟାଗଡ଼, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଦେଶ ନା ଅର୍ଣ୍ଣବ**

**ଆଜିର ମନ୍ତବ୍ୟ**

" ୨୦୨୪ ମେ' ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇବାକୁ ଚାଷୀ ପ୍ରସ୍ତୁତ।
–ରାକେଶ ଟିକାୟତ, ବିକେୟୁ ନେତା




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................



ଟିଟୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୁବତୀ ନାରୀକି ବାପଘର ପିତା**
**ଟୋକୀଙ୍କି ପିତା ଯେ ବୁଢ଼ା ଘଇତା।**

ଝିଅଟି ଯେବେ ଘରଯୋଗ୍ୟା ହୁଏ, ସେତେବେଳେ ତା'ର ବିବାହ କରିଦିଆଯିବା ଉଚିତ ହୋଇଥାଏ। ଯୁବାବସ୍ଥାରେ ବାପଘର ଆଉ ତାକୁ ଭଲ ଲାଗିନଥାଏ। ବିବାହ ସମୟରେ ବର ଓ କନ୍ୟାଙ୍କ ବୟସ ମଧ୍ୟରେ ଅଧିକ ଫରକ ରହିବା ଅନୁଚିତ, ଅନ୍ୟଥା ପରସ୍ପର ମଧ୍ୟରେ ବୁଝାମଣା ଭଲ ରହିପାରିନଥାଏ। ବୟସାଧିକ୍ୟ ପୁରୁଷ ତରୁଣୀ ନାରୀକୁ ପସନ୍ଦ ହେଉନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାହାକୁ ବଳରେ ହାରି**
**ତାକୁ କଳରେ ମାରି।**

ଶାରୀରିକ ଦକ୍ଷତା ଅପେକ୍ଷା ମାନସିକ ଦକ୍ଷତା ବହୁ ଗୁଣରେ ଶ୍ରେଷ୍ଠ। ଯେଉଁଠି ବଳ କାମ କରିନଥାଏ, ସେଇଠି ବୁଦ୍ଧି କାମରେ ଆସିଥାଏ। ଯାହାର ବୁଦ୍ଧି ଥାଏ, ତାର ସବୁବେଳେ ଜିତାପଟ ହୋଇଥାଏ। କଳ କୌଶଳ ଖଞ୍ଜି ବଳବାନ ବ୍ୟକ୍ତିଙ୍କୁ ଖାଲରେ ପକେଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଗତବର୍ଷ ତୁଳନାରେ ୨୨ ପ୍ରତିଶତ ବଢ଼ିଲା ଧାନ ସଂଗ୍ରହ

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟରେ ଖରିଫ ଧାନ ସଂଗ୍ରହ କାର୍ଯ୍ୟ ଚାଲିଥିବା ବେଳେ ରବିବାର ସୁଦ୍ଧା ମୋଟ ୩୫ ଲକ୍ଷ ୬ ହଜାର ୧୮୩ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି। ଏହା ଗତବର୍ଷ ବର୍ତ୍ତମାନ ସୁଦ୍ଧା ସଂଗ୍ରହ ହୋଇଥିବା ଖରିଫ ଧାନ ତୁଳନାରେ ୨୨ ପ୍ରତିଶତ ଅଧିକ। ଗତବର୍ଷ ଏହି ତାରିଖରେ ମୋଟ ୨୮ ଲକ୍ଷ ୮୧ ହଜାର ୪୭୫ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା । ନାମ ପଞ୍ଜୀକରଣ କରିଥିବା ଚାଷୀମାନେ ଯେପରି ସହଜରେ ଓ ସୁବିଧାରେ ପ୍ୟାକ୍ସ/ଲ୍ୟାମ୍ପସ୍/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକରେ ସେମାନଙ୍କ ଧାନ ବିକ୍ରି କରିପାରିବେ, ସେଥିଲାଗି ବିଭାଗୀୟ ଅଧିକାରୀମାନେ ସମସ୍ତ ପଦକ୍ଷେପ ନେବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଭାଗ ଦ୍ୱାରା ନାମ ପଞ୍ଜୀକରଣ କରିଥିବା ଚାଷୀଙ୍କ ଠାରୁ ପି- ପାସ୍ ଓ ଆଗୁଆ ଟୋକେନ୍ ପ୍ରଦାନ ମାଧ୍ୟମରେ ଖରିଫ ଧାନ ସଂଗ୍ରହ କରାଯାଉଛି । ଏହା ସହିତ କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱକୁ ଅନୁପାଳନ କରି ଧାନ ସଂଗ୍ରହ କରାଯାଉଛି । ଚଳିତ ଖରିଫରେ ଏ ପର୍ଯ୍ୟନ୍ତ ଅଧିକ ଧାନ ସଂଗ୍ରହ ହୋଇଥିବା ଜିଲଗୁଡ଼ିକ ମଧ୍ୟରେ ବରଗଡ଼ରେ ୬,୬୫,୦୪୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ଯାହା ଗତବର୍ଷ ଏହି ତାରିଖରେ ସଂଗୃହୀତ ଧାନ ତୁଳନାରେ ୧୩ ପ୍ରତିଶତ ଅଧିକ । ବଲାଙ୍ଗୀର ଜିଲାରେ ୨,୮୪,୪୯୩ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି । ଏହା ଗତବର୍ଷ ତୁଳନାରେ ୪୦ ପ୍ରତିଶତ ଅଧିକ । ସେହିପରି କଳାହାଣ୍ଡିରେ ୪,୧୨,୬୪୯ ମେଟ୍ରିକ ଟନ, କୋରାପୁଟରେ ୨,୧୧୨୧୭, ଗଞ୍ଜାମରେ ୧,୧୪,୩୨୫, ନବରଙ୍ଗପୁରରେ ୧,୩୫,୬୩୮, ନୂଆପଡ଼ାରେ ୧,୨୦,୯୦୭, ସମ୍ବଲପୁରରେ ୩,୩୭,୨୩୩ ଏବଂ ମାଲକାନଗିରିରେ ୧,୦୩,୦୮୨ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି । ଗତବର୍ଷ ଏହି ସମୟ ତୁଳନାରେ କଳାହାଣ୍ଡିରେ ୧୬ ପ୍ରତିଶତ, କୋରାପୁଟରେ ୧୭, ନବରଙ୍ଗପୁରରେ ୪୭, ନୂଆପଡ଼ାରେ ୩୩, ସମ୍ବଲପୁରରେ ୩୪, ସୁବର୍ଣ୍ଣପୁରରେ ୧୯, ସୁନ୍ଦରଗଡ଼ରେ ୨୭ ଓ ମାଲକାନଗିରିରେ ୧୭ ପ୍ରତିଶତ ଅଧିକ ଖରିଫ ଧାନ ସଂଗ୍ରହ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଝିଅକୁ ହତ୍ୟା ...

ରହିଆସୁଥିଲେ। ସେ ଗାଁରେ ଏକ ଦୋକାନ କରି ଚଳୁଥିଲେ। ପୋଲିସ ସୂଚନା ଅନୁଯାୟୀ ଶିବାନୀ ଦୋକାନରେ ମଦ ବିକ୍ରି କରିବା ସହ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ରହୁଥିଲେ। ଏହାକୁ ନେଇ ଶିବାନୀ ଓ ତାଙ୍କ ମା'ଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗିରହିଥିଲା। ଶେଷରେ ଝିଅର କାର୍ଯ୍ୟରେ ଅତିଷ୍ଠ ହୋଇ ମା' ସୁକାନ୍ତି ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରି ପ୍ରମୋଦଙ୍କୁ ସୁପାରି ଦେଇଥିଲେ। ୧୨ତାରିଖ ସନ୍ଧ୍ୟାରେ ସୁପାରିକିଲର ପ୍ରମୋଦ ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ଦୋକାନ ପାଖରେ ପହଞ୍ଚି ଶିବାନୀଙ୍କୁ ବୁଲିବା ବାହାନାରେ ଡାକି ଏକ କାର୍‌ରେ ବସାଇ ନେଇଥିଲେ। ପ୍ରଥମେ ସେମାନେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଭିମୁଖେ କିଛି ଦୂର ପର୍ଯ୍ୟନ୍ତ ଯାଇଥିଲେ। ସେମାନଙ୍କ ପାଖରେ ଥିବା ମଦକୁ ୩ ଜଣ ମିଶି ଗାଡି ଭିତରେ ବସି ପିଇଥିଲେ। କିଛି ସମୟ ପରେ ସେମାନେ ପୁଣି ଖୁଲାଡିକୁ ଫେରିଆସି ସେଠାରେ ମଧ୍ୟ ମଦ୍ୟପାନ କରିଥିଲେ। ମଧ୍ୟରାତ୍ରି ସମୟରେ ସେମାନେ ମୌଦା ଗ୍ରାମକୁ ଫେରିବା ବେଳେ ବେଲନାଳ ପୋଲ ନିକଟରେ ଗାଡ଼ି ଅଟକାଇଥିଲେ। ସେଠାରେ ନିଶାଗ୍ରସ୍ତ ଅବସ୍ଥାରେ ଥିବା ଶିବାନୀଙ୍କୁ ଏକ ଇଟାରେ ଛେଚି ହତ୍ୟା କରିଥିଲେ। ଏହାପରେ ସେମାନେ ଶିବାନୀଙ୍କୁ ପୋଲ ତଳକୁ ଫିଙ୍ଗିଦେଇ ପଳାଇଯାଇଥିଲେ। ପରଦିନ ଶିବାନୀଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତଦେହ ଉଦ୍ଧାର ପରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଭାଇ ଆଶିଷ କୁମାର ଗିରି ଥାନାରେ ଅଭିଯୋଗ କରିଥିଲେ। ଏନେଇ ସଦର ଥାନାରେ ପୋଲିସ ଏକ ମାମଲା (ନଂ.୧୪/୨୧) ରୁଜୁ କରି ଫରେନସିକ ଟିମ୍ ସହାୟତାରେ ତଦନ୍ତ ଚଳାଇଥିଲା। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ, ସଦର ଥାନା ଅଧିକାରୀ କ୍ଷମା ସାଗର ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

### ସୁପ୍ରିମକୋର୍ଟର ୨ ମହିଳା ...

ଆତଙ୍କବାଦୀମାନେ ଆଫଗାନିସ୍ତାନ ସୁପ୍ରିମକୋର୍ଟକୁ ଟାର୍ଗେଟ କରିଥିଲେ। ଜଣେ ଆତଙ୍କବାଦୀ ଆତ୍ମଘାତୀ ବିସ୍ଫୋରଣ କରିବାରୁ ଅଦାଲତର ୨୦ କର୍ମଚାରୀ ନିହତ ଓ ୪୧ ଆହତ ହୋଇଥିଲେ। ନିକଟରେ ରାଜଧାନୀ କାବୁଲ ସମେତ ଅନ୍ୟ ସହରଗୁଡ଼ିକରେ ସ୍ପଷ୍ଟ ଦିବାଲୋକରେ ରାଜନେତା, ଖବରଦାତା, ଅଧିକାର କର୍ମୀ, ଡାକ୍ତର ଓ ଆଇନଜୀବୀମାନଙ୍କୁ ହତ୍ୟା କରାଯାଇଛି। ସେହିପରି ଗତ ୧୨ ତାରିଖରେ ଆତଙ୍କବାଦୀମାନେ ୨ ମହିଳା ସେନା ଅଧିକାରୀଙ୍କୁ ହତ୍ୟା କରିଥିଲେ। ଏଥିପାଇଁ ଆଫଗାନ ସରକାର ତାଲିବାନ୍‌କୁ ଦାୟୀ କରିଥିବାବେଳେ ଆତଙ୍କବାଦୀ ସଙ୍ଗଠନ ଏହାକୁ ଖଣ୍ଡନ କରିଛି। ସଦ୍ୟ ଆକ୍ରମଣ ପାଇଁ ମଧ୍ୟ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିନାହିଁ। ଏଥିରେ ତାଲିବାନ୍‌ର ସମ୍ପୃକ୍ତି ନାହିଁ ବୋଲି ଏହାର ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ କହିଛନ୍ତି। ପ୍ରକାଶ ଯେ, ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟ ପ୍ରତ୍ୟାହାର ପାଇଁ ପେଣ୍ଟାଗନ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଥିଲା। ପେଣ୍ଟାଗନର କହିବା ଅନୁସାରେ, ଆଫଗାନିସ୍ତାନରେ ମାତ୍ର ୨,୫୦୦ ଆମେରିକୀୟ ସୈନ୍ୟ ରହିବେ, ଯାହାକି ଦୁଇ ଦଶନ୍ଧି ମଧ୍ୟରେ ସର୍ବନିମ୍ନ। ଉକ୍ତ ଘୋଷଣାର ମାତ୍ର ୨ ଦିନ ପରେ ଏହି ଆକ୍ରମଣ ହୋଇଛି।

### ଘନକୁହୁଡ଼ି: ୫ ଜିଲାକୁ ...

କନ୍ଧମାଳ, ପୁରୀ ଓ କଳାହାଣ୍ଡି। ସେହିପରି କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ଅନୁଗୋଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ଗଞ୍ଜାମ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ୬ ସ୍ଥାନରେ ପାରଦ ୧୦ଡିଗ୍ରୀ ତଳେ ରହିଥିଲା। ଫୁଲବାଣୀରେ ସର୍ବନିମ୍ନ ୫ଡିଗ୍ରୀ ଥିବାବେଳେ ଦାରିଙ୍ଗବାଡ଼ିରେ ୮.୦, ଝାରସୁଗୁଡ଼ା ୮.୨, ବଲାଙ୍ଗୀର ୯.୦, ବୌଦ୍ଧ ୯.୦, ସୋନପୁର ୯.୮ ଓ ସୁନ୍ଦରଗଡ଼ରେ ୧୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

### ଭାରତ ପାଇଁ ...

ସାଉଥ ଡାକୋଟାରେ ଜଣେ ୯୩ ବର୍ଷୀୟ ଗତ ୪ ତାରିଖରେ ଫାଇଜର ଟିକା ନେବା ପରେ ତାଙ୍କ ଶ୍ୱାସକ୍ରିୟା ବନ୍ଦ ହୋଇଯାଇଥିଲା। ନରୱେରେ ଫାଇଜର ଟିକା ନେଇ ଶନିବାର ସୁଦ୍ଧା ୨୯ ଜଣଙ୍କ ଜୀବନ ଗଲାଣି ଓ ୭୫ରୁ ଅଧିକ ଲୋକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଡିସେମ୍ବର ୨୭ରୁ ସେଠାରେ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୫,୦୦୦ରୁ ଅଧିକ ଲୋକ ଟିକା ନେଇଛନ୍ତି। ୮୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଟିକା ବିପଦ ସୃଷ୍ଟି କରିଥିବା କୁହାଯାଉଥିଲା। ତେବେ ଶନିବାର ପ୍ରାଣ ହରାଇଥିବା ୬ ଜଣଙ୍କ ବୟସ ୭୫ରୁ ୮୦ ମଧ୍ୟରେ ବୋଲି ଜଣାପଡ଼ିଛି। ଫଳରେ କେଉଁ ବୟସ ବର୍ଗର ଲୋକଙ୍କୁ ଟିକା ଦିଆଯିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଇସ୍ରାଏଲ୍‌ରେ ଟିକା ନେଇଥିବା ୧୩ ଜଣ ମୁଖ ପକ୍ଷାଘାତର ଶିକାର ହୋଇଛନ୍ତି। ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଅନେକ ଲୋକଙ୍କଠାରେ ଦେଖାଦେଇଥିବା ସେଠାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପାରାଲିସିସ୍ ଭଲ ହେବା ପରେ ଟିକାର ଦ୍ୱିତୀୟ ଡୋଜ୍ ଦେବାକୁ ସରକାର ପରାମର୍ଶ ଦେଉଥିବାବେଳେ ବିଶେଷଜ୍ଞମାନେ ଭୟ କରୁଛନ୍ତି। ଇସ୍ରାଏଲ୍‌ରେ ଡିସେମ୍ବର ୨୦ରୁ ଟିକାକରଣ ଆରମ୍ଭ ହୋଇଥିଲା। ସେଠାରେ ୬୦ ବର୍ଷ ଓ ତଦୂର୍ଦ୍ଧ୍ୱ ୭୨ ପ୍ରତିଶତ ଲୋକ ଟିକା ନେଇସାରିଛନ୍ତି। ବ୍ରିଟେନରେ ଫାଇଜର ଟିକାର ପରୀକ୍ଷା ବେଳେ ୪ ଜଣ ସ୍ୱେଚ୍ଛାସେବୀଙ୍କ ମୁହଁରେ ପକ୍ଷାଘାତ ହୋଇଥିଲା। ଏହା ବ୍ୟତୀତ ଅନ୍ୟ କେତେକ ଦେଶରେ ମଧ୍ୟ ଟିକାର ପ୍ରତିକୂଳ ପ୍ରଭାବ ଅନୁଭୂତ ହୋଇଛି। ଏଭଳି ପାର୍ଶ୍ୱ ପ୍ରତିକ୍ରିୟାକୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିବା ସହ ଅଧିକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି।

### କୋଭାକ୍ସିନକୁ ଭୟ...

ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ପକ୍ଷରୁ ପ୍ରସ୍ତୁତ କୋଭିଶିଲ୍ଡ ଟିକା ନେବା ଲାଗି ଅଧିକାଂଶ ଲୋକଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଭାରତ ବାୟୋଟେକ୍‌ର କୋଭାକ୍ସିନ ତୃତୀୟ ପର୍ଯ୍ୟାୟ ପରୀକ୍ଷା ହୋଇ ନ ଥିବାରୁ ଏହାକୁ ଗ୍ରହଣ କରିବାକୁ କେତେକ ସ୍ଥଳେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଥିବା ଦେଖାଯାଇଛି। ଫଳରେ ଜୁଲାଇ ସୁଦ୍ଧା ୩୦ କୋଟି ଲୋକଙ୍କୁ ଟିକା ପ୍ରଦାନ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ଆଶଙ୍କା ସୃଷ୍ଟି ହୋଇଛି। ନୂଆଦିଲ୍ଲୀସ୍ଥିତ ରାମମନୋହର ଲୋହିଆ ହସ୍ପିଟାଲର ଡାକ୍ତରମାନେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ସମ୍ପୂର୍ଣ୍ଣ ସ୍ୱଦେଶୀ ଟିକା 'କୋଭାକ୍ସିନ' ପରିବର୍ତ୍ତେ ଅକ୍ସଫୋର୍ଡ-ଆଷ୍ଟ୍ରାଜେନିକାର 'କୋଭିଶିଲ୍ଡ' ପଠାଇବାକୁ ପତ୍ର ଲେଖି ଅନୁରୋଧ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପୂର୍ବସମସ୍ୟା ଆଜି ହଠାତ୍ ସମାଧାନ ହୋଇଯିବ। କୃତ୍ତିକା ନକ୍ଷତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ । ବନ୍ଧୁଙ୍କ ସହାୟତାରେ ପରିବହନ ଓ ପାରିବାରିକ ସମସ୍ୟା ରହିବ ନାହିଁ । ଆର୍ଥିକ, ସାମାଜିକ ଓ ବୈଷୟିକ କ୍ଷେତ୍ରରେ ଉପକୃତ ହେବେ। ଶୁଣାକଥାକୁ ବିଶ୍ୱାସ କରି ବିବ୍ରତ ହୋଇପାରନ୍ତି।

**ବୃଷ** ଯେକୌଣସି କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରହିବା ଭଲ। ବ୍ୟବସାୟରେ କିଛି ଅସୁବିଧା ନ ଥିଲେ ମଧ୍ୟ ବେପାର ସନ୍ତୋଷଜନକ ହେବନାହିଁ। ମୃଗଶିରା ନକ୍ଷତ୍ରର ଅନ୍ୟମନସ୍କ କିମ୍ବା ଅସାବଧାନତା ହେତୁ ଧନହାନି ଘଟିପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବ।

**ମିଥୁନ** ତରବରିଆ ପଦକ୍ଷେପ ନେଲେ ସମସ୍ୟା ବଢିଯାଇପାରେ। ପୂର୍ବରୁ ଥିବା ମାଲିମକଦ୍ଦମା, ଆଗାମୀ ପ୍ରମୋଶନ ଓ ଅଯଥା ଟେନ୍ସନ ସୃଷ୍ଟି ହୋଇ ମନକୁ ଭାରାକ୍ରାନ୍ତ କରିପାରେ। ଆଜିର କର୍ମକ୍ଷେତ୍ରରେ ଅର୍ଥଲାଭ ସହ ସହଯୋଗ, ସୁଖ ସମ୍ମାନ ଊଣା ହେବ ନାହିଁ। ପୁନର୍ବସୁର ଅତି ନିକଟତମ ବନ୍ଧୁଙ୍କ କୁଟିଳତା ଅତିଷ୍ଠ କରିପାରେ।

**କର୍କଟ** ଅପୂରଣୀୟ ଆଶା ପୂରଣର ଅନୁକୂଳ ବାତାବରଣ ସୃଷ୍ଟି ହେବ। ପୁଷ୍ୟା ନକ୍ଷତ୍ର ସକାଶେ ଆତ୍ମୀୟମାନେ ଶତ୍ରୁତା କଲେ ବି କିଛି ଅସୁବିଧା ହେବନି। ପରିବାରରୁ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟ ତ୍ୱରାନ୍ୱିତ କରିବେ। ଦୂର ଯାତ୍ରା, ବନ୍ଧୁ ମିଳନ, ଆନୁଷ୍ଠାନିକ କାମ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ ।

**ସିଂହ** ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତି ସୃଷ୍ଟି ହୋଇପାରେ । ଅଭାବ ଓ କେତେକ ପାରିବାରିକ ଅସୁବିଧା ଓ ଅସାମ୍ୟତା କର୍ମକ୍ଷେତ୍ରକୁ ବିଳମ୍ବିତ କରିବ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ । ପୂର୍ବାଫାଲଗୁନୀ ନକ୍ଷତ୍ର କ୍ରନିକ୍ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି।

**କନ୍ୟା** ପ୍ରତ୍ୟେକ କାମ ମନ ମୁତାବକ ନ ହେବା ଯୋଗୁଁ କ୍ଷୁବ୍ଧ ହୋଇପାରନ୍ତି। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ କଳ୍ପନାପ୍ରବଣ ହୋଇପାରନ୍ତି। ହସ୍ତା ନକ୍ଷତ୍ରର ଆଜି ଦିନଟିରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ତୁଳା** ପ୍ରତିବନ୍ଧକ ଲାଗି ରହିବା କାରଣରୁ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ। କଳା, ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ପରୋକ୍ଷ ଶତ୍ରୁତା ପ୍ରତି ସତର୍କ ନ ରହିଲେ ବିବାଦ ଘେରରେ ପଡିବେ। ସ୍ୱାତୀ ନକ୍ଷତ୍ର ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ତରରେ ଅସନ୍ତୁଷ୍ଟ ରହିବେ।

**ବିଛା** ଦୀର୍ଘଦିନର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୋଇପାରେ । କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ରରେ ଥିବା ସମସ୍ୟା ସମାଧାନ ପାଇଁ ଅନ୍ୟର ସାହାଯ୍ୟ ଲୋଡ଼ିବେ। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ଶିଳ୍ପ ଓ ବାଣିଜ୍ୟରେ ଉନ୍ନତିର ବାଧା ସୃଷ୍ଟିହେବ। ଅନୁରାଧା ନକ୍ଷତ୍ର ସାମାଜିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ନେଲେ କ୍ଷତିରେ ପଡିବେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି, ଅବଶ୍ୟ ବିଶେଷ କିଛି ଗୁରୁତର ଅବସ୍ଥା ଆସିବ ନାହିଁ। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗି ରହିବେ ଏବଂ କିଛିନା କିଛି ସମସ୍ୟା ସୃଷ୍ଟି କରିପାରନ୍ତି। ଶିଳ୍ପ, ବାଣିଜ୍ୟରେ ଲାଭାଂଶ ବଢିପାରେ, ମାତ୍ର ସନ୍ତୁଷ୍ଟ ହୋଇ ପାରିବେ ନାହିଁ । ମୂଳା ନକ୍ଷତ୍ର ପଡୋଶୀଙ୍କ କଥାରେ ପଡ଼ି ଭୁଲ୍ କରିପାରନ୍ତି।

**ମକର** ସ୍ୱାସ୍ଥ୍ୟସମସ୍ୟା, ବ୍ୟବସାୟ, ଯାତ୍ରା ସମ୍ବନ୍ଧୀୟ କେତେକ ଚିନ୍ତା ମନକୁ ବ୍ୟାକୁଳିତ କରିପାରେ। ଶ୍ରବଣାର ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ଲାଗି ରହିବ। ପରିବହନରେ ଆଖିଦୃଷ୍ଟିଆ ସଫଳତା ପାଇବେ ନାହିଁ। ଅବଶ୍ୟ ପୂଜା ସାମଗ୍ରୀ, ଷ୍ଟେସନେରି ଜିନିଷର ବ୍ୟବସାୟ, ହୋଟେଲ ବ୍ୟବସାୟରେ ସଫଳତା ହାସଲ କରିବେ।

**କୁମ୍ଭ** ଶତଭିଷା ନକ୍ଷତ୍ର କଠିନ ପରିଶ୍ରମଜନିତ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ଅସମର୍ଥିତ ସୂତ୍ରରୁ ହଠାତ୍ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ ଓ ଅର୍ଥଲାଭ ହେବ । କେତେକ ଘରୋଇ କଥାରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବାରୁ ଭାବପ୍ରବଣତା ବୃଦ୍ଧିପାଇବ।

**ମୀନ** ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ ମିଳିବ । ଉତ୍ତରଭାଦ୍ରବ ନକ୍ଷତ୍ର ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସାବଧାନ ରୁହନ୍ତୁ । ଅଫିସ୍‌ରେ ସହକର୍ମୀଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ । ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ ।

ଆଜି ପୌଷ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ସୋମବାର, ଜାନୁୟାରୀ ୧୮ତାରିଖ, ବରଗଡରେ ୧୧ ଦିନ ବ୍ୟାପୀ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ। ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬.୨୮ମି. ଗତେ ଘ.୦୭.୫୭ମି. ମଧ୍ୟେ, ଘ.୧୦.୫୧ମି. ଗତେ ଘ.୦୧.୦୨ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୩.୪୪ମି. ଗତେ ଘ.୦୫.୨୨ମି. ମଧ୍ୟେ ମାହେନ୍ଦ୍ର ବେଳ। ସକାଳ ଘ.୦୭.୫୦ମି. ଗତେ ଘ.୦୯.୧୨ମି. ମଧ୍ୟେ ରାହୁ କାଳ।



# classifieds Everyday

**0674-2580101, 2549302**

automobile

**SALE**

2Nos. TATA Tipper/ Dumper (6 wheeler) in working condition, 2005 (model), 9437002266, Bhubaneswar. D-19620

real estate

**SALE**

ଭୁବନେଶ୍ୱର ପାହାଳ **NH side** ଘରବାରି **yellowzone fully developed demarcated** ବାସୋପଯୋଗୀ **plot road, electricity** ଥାଇ ତୁରନ୍ତ ଘର କରନ୍ତୁ। **PUJA- 6371970725.** D-70162

**Bhubaneswar Chintamaniswar Station** ପାଖରେ **yellowzone** ଘରବାରି **plot** ବିକ୍ରିହେବ। **9861302460, 6370621085.** D-70159

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? **9040744989, 6371364640.** D-70160

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70094

ଭୁବନେଶ୍ୱର ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ ତୁରନ୍ତ ଘର କଲାଭଳି ବାସଉପଯୋଗୀ ଜାଗା **30' road, electric** ସୁବିଧା ଥାଇ **@ 9,00,000** ମିଳୁଛି। **9777566675.** D-70149

Bhubaneswar ସୁନ୍ଦରପଦା Xavier University ନିକଟରେ 2000sqft. plot 6,50,000/- (32 plot available) LIPSA. 9938016295. D-70151

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ **800mtr 100ft** ପିଚୁରୋଡ୍‌କୁ ଲାଗି **30'**ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ **boundary plot** ବିକ୍ରିହେବ। **9439116553.** D-70147

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

**Bhubaneswar Sum Hospital Gurukul** ପାଖରେ **yellowzone gharabari plot** ବିକ୍ରି କରାଯାଉଅଛି। **9439206202.** D-70150

କଟକ **Highcourt**ରୁ **8K.M.** ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ **200mtr** ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **6372930002.** D-70148

ଭୁବନେଶ୍ୱର **Sum Hospital** ରୁ **6K.M. distance NH**କୁ ଲାଗି **boundary, electricity, Patta, gharabari and Water connection** ସହ **30'** ରାସ୍ତା ଥାଇ **sqft. 1200/- plot** ମିଳୁଛି। **9090963952.** D-70154

**Plot Hanspal sqft.-750/, Rangabazar sqft. 899/-, Madanpur sqft. 760/-, Sundarpada sqft. 199/. 9437522338.** D-19563

ଘରବାରି ପାଚେରି **Scheduledcaste plot Trinath Bazar** ନଖରା ୧୨୦୦ବର୍ଗଫୁଟ ୯,୬୦,୦୦୦/- ଅରୁଗୁଳ **station 2000sqft. 4,40,000/-, 9439006524, 9861281504.** D-69361

ଭୁବନେଶ୍ୱର ସୁନ୍ଦରପଦା **Hi-Tech** ଛକ ପାଖରେ ଘରବାରି **boundary wall plot** ମିଳୁଅଛି। **8338932027.** D-70156

**6,00,000/-** ଟଙ୍କା ଦେଇ **Bhubaneswar new Railway station** ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। **First possession/ registration. 9937349112.** D-70163

healthcare

Refreshing your mind & body with best therapy at Lotus SPA. 8018234866. D-70411

Revitalize your self with our ayurvedic massage and refreshment, Call: 7381239385. D-70091

Newly open SPA offer @799/-, positively health benefits, Jaydev Bihar. 7846814019. D-59974

Experience full body massage with expert therapists. Call: 7377048581. D-70092

Newly open full body massage ladies and gents. 9337349409. D-70412

Swarna SPA newly open positively health benefits with expert therapist. 9556978408. D-70097

Rejuvenate and Ayurvedic full body massage by smart therapist. 9348123330. D-70098

Ayurvedic full body massage by experienced (M/F) therapist. 7008773793, 8018656899. D-59976



## AFFIDAVIT

By virtue of Executive Magistrate, Jharsuguda I declare that, my name is wrongly mentioned as Md Raish Alam instead of Md Raish Aalam in my Lamp Handling Certificate and First Aid Certificate. Md Raish Alam and Md Raish Aalam both are same and one person. Hence forth I shall be known as Md Raish Aalam and my father shall be known as Md Samiuddin for all purposes. D-69831

By virtue of an affidavit sworn in the Court of Executive Magistrate, Rajgangpur I hereby declare that, previously I was known as Pradeep Kumar Xosla S/o Mansukh Xosla and it was recorded in all my documents,but now I want to change my surname from Xosla to Xess and henceforth I shall be known as Pradeep Kumar Xess S/o Mansukh Xess for all times and all purposes. D-19630

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

We, Shri Sailesh Kumar Patnaik, aged about 42 years, S/o- Late Nrusingha Charan Patnaik and Smt. Krushnapriya Patnaik, aged about 74 years, W/o- Late Nrusingha Charan Patnaik, residing at plot No.- 1121/3, Jagamohan Nagar, P.O./P.S.- Khandagiri, Bhubaneswar-30, Dist- Khordha do hereby declare by this advertisement that we are the recorded owners of the property as mentioned below, whice we had inherited by the virtue of being the legal heirs of late Nrusingha Charan Patnaik. We are mortgaging the said property before SBI, Chandaka IIC Branch, Bhubaneswar. However, the ROR's of the said property have been lost, bearing the following numbers. 1. Mut. ROR of Khata No.- 384/ 1024, 2. Con. ROR of Khata No.- 384/ 221, 3. Mut. ROR of Khata No.- 242/ 110 and the same has been reported at the local PS vide FIR SL. No.- 92/12/1/21. The said documents are genuine and original. Therefore, as per Bank's circular, as the said documents are lost, it is for the sake of interest of the Bank as well as proof of documents, if any party has any claim or rights towards the said schedule of property as mentioned below, he or she or those persons may make any objection before SBI, Chandaka IIC Branch, Bhubaneswar within 15 days from the publication of this notice. Schedule of the property: Mouza: Uttarmundamuhan, Tahasil/ DSRO- Jatni, Dist- Khurda, status:- Stithiban, Kissam- Gharabari, Khata No.- 384/1024, Plot No.- 442/2538, 443/2359 and 445. D-70414

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୫୧,୦୬,୦୩୭ | ୨୦,୩୩,୫୪୭ | ୬,୭୯,୨୬,୪୩୫ |
| ଭାରତ | ୧,୦୫,୬୬,୭୨୦ | ୧,୫୨,୩୬୯ | ୧,୦୨,୦୪,୩୪୦ |
| ଓଡ଼ିଶା | ୩,୩୩,୩୧୦ | ୧୯୦୦(+୫୩) | ୩,୨୯,୫୪୬ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ରାଜ୍ୟରେ କରୋନା ମୃତ୍ୟୁ ୧୯୦୦ ଛୁଇଁଲା

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଇଛି। ଶେଷ ୨୪ଘଣ୍ଟାରେ ୨୩ ଜିଲାରୁ ୧୮୩ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ସଂକ୍ରମଣ ୩,୩୩,୩୧୦ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଦୈନିକ ମୃତ୍ୟୁ ସଂଖ୍ୟା ମଧ୍ୟ କମିଛି। ଦିନକରେ ଆଉ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକ ଜଣକ ଭୁବନେଶ୍ୱରର ଜଣେ ୫୨ବର୍ଷୀୟ ପୁରୁଷ। ଏହାକୁ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୯୦୦ ଛୁଇଁଛି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରେ ୩୩୪ ଜଣ ଥିବାବେଳେ ଗଞ୍ଜାମରେ ୨୪୮, ସୁନ୍ଦରଗଡ଼ ୧୭୧, କଟକ ୧୪୦, ପୁରୀରେ ୧୧୭ଜଣ ରହିଛନ୍ତି। ବାକିସବୁ ଜିଲାରେ ମୃତ୍ୟୁ ସଂଖ୍ୟା ୧୦୦ ତଳକୁ ରହିଥିବାବେଳେ ଦେବଗଡ଼ରେ ସର୍ବନିମ୍ନ ୫ଜଣଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷରେ ରବିବାର ଆଉ ୨୨୮ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବାରୁ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୩,୨୯,୫୪୬କୁ ବୃଦ୍ଧି ପାଇଛି। ଏବେ ୧,୮୧୧ଜଣ ସକ୍ରିୟ ରୋଗୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ସୁନ୍ଦରଗଡ଼ରେ ସର୍ବାଧିକ ୨୩୦ଜଣ ରହିଥିବାବେଳେ ସମ୍ବଲପୁର ୧୯୦, ବରଗଡ଼ ୧୩୭, ଅନୁଗୋଳ ୧୩୪, ଝାରସୁଗୁଡ଼ା ୧୨୩ ଓ ପୁରୀରେ ୧୧୩ଜଣ ସକ୍ରିୟ ରୋଗୀ ରହିଛନ୍ତି। ବାକିସବୁ ଜିଲାରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ଶହେ ତଳକୁ ରହିଛି।



କ୍ୟାପିଟାଲ ହାଇସ୍କୁଲ ପରିସରରେ ୫-ଟି ସଚିବ ଭି. କେ. ପାଣ୍ଡିଆନ୍ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ପ୍ରଧାନ ଶିକ୍ଷୟିତ୍ରୀ ସୋନାମିକା ରାୟଙ୍କ ସହ ଆଲୋଚନା କରୁଛନ୍ତି।

# ୫ ସ୍କୁଲ ପରିଦର୍ଶନ କଲେ ‘୫-ଟି’ ସଚିବ

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅନ୍ତର୍ଗତ ୫ଟି ହାଇସ୍କୁଲ୍ ପରିଦର୍ଶନ କରିଛନ୍ତି ‘୫-ଟି’ ସଚିବ ଭି. କେ. ପାଣ୍ଡିଆନ୍। ତାଙ୍କ ସହ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ମଧ୍ୟ ଉପସ୍ଥିତ ଥିଲେ। ୟୁନିଟ୍-୬, ୟୁନିଟ୍-୧, କ୍ୟାପିଟାଲ ହାଇସ୍କୁଲ୍, ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଆଇଆର୍‌ସି ଭିଲେଜ ହାଇସ୍କୁଲରେ ସଚିବ ପାଣ୍ଡିଆନ୍ ଶିକ୍ଷକ ଓ ଏସ୍‌ଏମ୍‌ସି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସ୍କୁଲରେ ବିଜ୍ଞାନ ପରୀକ୍ଷାଗାର, ସ୍ମାର୍ଟ କ୍ଲାସ୍ ରୁମ୍, ଲାଇବ୍ରେରୀ ରିଡିଙ୍ଗ୍ ରୁମ୍, ଖେଳକୁଦ ସୁବିଧା କିପରି ରହିଛି ଏବଂ ୧୦ମ ପରୀକ୍ଷା ଫଳ କିପରି ହୋଇଛି ସେ ସଂକ୍ରାନ୍ତରେ ସଚିବ ସେମାନଙ୍କୁ ପଚାରି ବୁଝିଥିଲେ। ଫଳାଫଳ କିଭଳି ଭଲ କରାଯାଇପାରିବ, ରାଜ୍ୟ ସରକାରଙ୍କ ‘ମୋ ସ୍କୁଲ୍’ କାର୍ଯ୍ୟକ୍ରମ କେତେ ସକ୍ରିୟ ରହିଛି ଏବଂ ଏହି ଅଭିଯାନରେ କ’ଣ କରାଯାଉଛି ସେ ସଂକ୍ରାନ୍ତରେ ମଧ୍ୟ ଜାଣିବାକୁ ଚାହିଁଥିଲେ। କେତେକ ସ୍କୁଲରେ ‘ମୋ ସ୍କୁଲ୍’ କାର୍ଯ୍ୟକ୍ରମ ପ୍ରଭାବଶାଳୀ ଥିବା ଅବଗତ ହୋଇଥିଲେ। ଶିକ୍ଷାଦାନ ବ୍ୟବସ୍ଥାକୁ ଶିକ୍ଷାର୍ଥୀ ଅନୁକୂଳ, ପ୍ରେରଣାଦାୟୀ ଏବଂ ବିଜ୍ଞାନଭିତ୍ତିକ କରିବା ଲାଗି ସ୍କୁଲ୍ ପରିବେଶର ସାମଗ୍ରିକ ଉନ୍ନତି ପାଇଁ ଆଉ କ’ଣ କରାଯାଇ ପାରିବ ବୋଲି ସେନେଇ ସଚିବ ଉପସ୍ଥିତ ଶିକ୍ଷକ ଓ ଏସ୍‌ଏମ୍‌ସି ସଦସ୍ୟଙ୍କ ମତ ନେଇଥିଲେ।

# ଆଜିଠୁ ଟିକାକରଣ କେନ୍ଦ୍ର ସଂଖ୍ୟା ବଢ଼ିବ

## ମେଡିକାଲ କଲେଜରେ ୫ଟି ସେସନରେ ଦିଆଯିବ ଟିକା

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

କରୋନା ମହାମାରୀକୁ ହରାଇବା ପାଇଁ ଓଡ଼ିଶାରେ ଶନିବାରଠାରୁ ଟିକାକରଣ ଆରମ୍ଭ ହୋଇଛି। ରବିବାର ଟିକା ପ୍ରଦାନ ବନ୍ଦ ଥିବାବେଳେ ସୋମବାରଠାରୁ ପୁଣି ଆରମ୍ଭ ହେବ। ତେବେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଟିକାକରଣ କେନ୍ଦ୍ର ସଂଖ୍ୟାକୁ ବୃଦ୍ଧି କରାଯାଇଛି। ଏଣିକି ସମସ୍ତ ଘରୋଇ ଓ ସରକାରୀ ମେଡିକାଲ କଲେଜରେ ୫ଟି ସେସନରେ ଟିକାକରଣ ହେବ। ପ୍ରତି ସେସନରେ ୨ଶହ ଜଣଙ୍କୁ ଟିକା ଦିଆଯିବ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟରେ ଦୁଇଟି ସେସନରେ ଟିକାକରଣ କରାଯିବ। ଏହିସବୁ ସ୍ଥାନରେ ୨ଶହ ଜଣଙ୍କୁ ଟିକା ଦିଆଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେହିଭଳି ସୋମବାରଠାରୁ ୫ ବଦଳରେ ୬ଜଣ ଭାକ୍ସିନ ଇନ୍‌ଚାର୍ଜ ରହିବେ। କିନ୍ତୁ ପିଏଚ୍‌ସି ଓ ସିଏଚ୍‌ସି ଟିକାକରଣ କେନ୍ଦ୍ରରେ ପୂର୍ବ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଟିକାକରଣ କରାଯିବ। ଟିକାକରଣର ପ୍ରଥମ ଦିନରେ ରାଜ୍ୟରେ ୧୩ ହଜାର ୯୮୦ ଲୋକଙ୍କୁ ଟିକା ଦିଆଯାଇଛି। ଆସନ୍ତା ୨୫ ତାରିଖ ସୁଦ୍ଧା ସାରା ରାଜ୍ୟରେ ୩ ଲକ୍ଷ ୨୮ ହଜାର ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ଢେଙ୍କାନାଳ, ସାଲେପୁର ଓ ରାୟଗଡ଼ାରେ କେତେଜଣଙ୍କଠାରେ ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିଲା। ନର୍ଭସ୍‌ନେସ୍ ପାଇଁ ଏହା ହୋଇଥିଲା ଓ ପରବର୍ତ୍ତୀ ସମୟରେ ସବୁକିଛି ଠିକ୍ ହୋଇଯାଇଥିଲା। ଏହା ଉପରେ ବିଭାଗ ନଜର ରଖିଛି ବୋଲି ସଚିବ ପାଣିଗ୍ରାହୀ କହିଛନ୍ତି।

# କେନାଲରେ ଶହେ ଫୁଟ୍ ତଳକୁ ଖସିଲା କାର

## ଜଣେ ମୃତ, ୨ ଆହତ

ଜୟପୁର, ୧୭।୧(ନି.ପ୍ର.)

୩ଜଣ ସାଙ୍ଗ କାର ନେଇ କୋରାପୁଟ ଜିଲାର ଲମତାପୁଟ ଅଞ୍ଚଳକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ଫେରିବା ସମୟରେ ଘଟିଲା ଦୁର୍ଘଟଣା। ପୁରୁଣାଗଡ଼ ଦେଇ ଯାଇଥିବା କୋଲାବ କେନାଲ ଭିତରକୁ ଭାରସାମ୍ୟ ହରାଇ କାରଟି ଖସିପଡିଥିଲା। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗଦାଧର ସାହୁ। ସେ ଜୟପୁରରେ ଏକ ଘରୋଇ କମ୍ପାନୀରେ ଡିଏସ୍‌ଓ ରୂପେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ଭୁବନେଶ୍ୱରରେ ବୋଲି ଜଣାପଡିଛି। ଆହତ ୨ଜଣ ଜୟପୁର ଅଞ୍ଚଳର।

ଖବରରୁ ଜଣାପଡିଛି, ରବିବାର ଜୟପୁର ଅଞ୍ଚଳର ଗଦାଧର, ପ୍ରଫୁଲ୍ଲ ମଲ୍ଲିକ ଓ ତାଙ୍କର ଜଣେ ସହଯୋଗୀ ମିଶି ଲମତାପୁଟ ଅଞ୍ଚଳକୁ କାର (ଓଡି୧୦ଇ-୮୩୭୯) ଯୋଗେ ପିକ୍‌ନିକ୍ କରିବାକୁ ଯାଇଥିଲେ। ଅପରାହ୍ନରେ ସେମାନେ ଜୟପୁର ଫେରୁଥିଲେ। ପୁରୁଣାଗଡ଼ ଦେଇ ଯାଇଥିବା କୋଲାବ କେନାଲ ନିକଟରେ ଏକ ସ୍କୁଟିକୁ ସାଇଡ ଦେବା ବେଳେ କାରଟି ଭାରସାମ୍ୟ ହରାଇ କେନାଲ ଭିତରକୁ ଶହେ ଫୁଟ ତଳକୁ ଖସି ପଡିଥିଲା। କେନାଲ ପାଣିରେ କାରଟି ସମ୍ପୂର୍ଣ୍ଣ ବୁଡି ଯାଇଥିଲା। ଖବରପାଇ ଘଟଣା ସ୍ଥଳରେ ଓଡ୍ରାଫ ଟିମ୍, ଦମକଳ ବିଭାଗ କର୍ମଚାରୀ ଓ ଜୟପୁର ଟାଉନଥାନା ପୋଲିସ ପହଞ୍ଚି କାରକୁ ଖୋଜିବା ଆରମ୍ଭ କରିଥିଲେ। କାର ପାଣିରେ ସମ୍ପୂର୍ଣ୍ଣ ବୁଡିଯାଇଥିବାରୁ ଏହାକୁ ଠାବ କରିବା କଷ୍ଟକର ହୋଇଥିଲା। ଶେଷରେ କାରକୁ ଠାବ କରି ପ୍ରଥମେ ପ୍ରଫୁଲ୍ଲ ଓ ତାଙ୍କ ସହଯୋଗୀଙ୍କୁ ଉଦ୍ଧାର କରାଯାଇଥିଲା। ପରେ ଓଡ୍ରାଫ ଟିମ କାରର କବାଟ ଭାଙ୍ଗି ଗଦାଧରଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଗଦାଧରଙ୍କ ମୃତ୍ୟୁ ଘଟି ସାରିଥିଲା। ଘଟଣା ସ୍ଥଳରୁ ଏସ୍‌ଡିପିଓ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ପ୍ରଫୁଲ୍ଲ ଓ ତାଙ୍କ ସହଯୋଗୀଙ୍କୁ ମଧ୍ୟ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ଏସଡିପିଓ ସୂଚନା ଦେଇଛନ୍ତି।



କେନାଲ ମଧ୍ୟରୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ କାର୍‌କୁ ବାହାର କରୁଛନ୍ତି।

# ଗିରଫ ହେଲେ ଆର୍‌ଡି ସହକାରୀ ଯନ୍ତ୍ରୀ

## ନିର୍ମାଣାଧୀନ ବିଜୁ ସେତୁ ଭୁଶୁଡ଼ିବା ଘଟଣା

ଉମରକୋଟ, ୧୭।୧(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ତାଲାପଦର ନାଗୀନଦୀ ଉପରେ ନିର୍ମାଣାଧୀନ ବିଜୁ ସେତୁ ଭୁଶୁଡ଼ିବା ଘଟଣାରେ ଉମରକୋଟ ଗ୍ରାମ୍ୟ ଉନ୍ନୟନ(ଆର୍‌ଡି) ବିଭାଗର ସହକାରୀ ଯନ୍ତ୍ରୀ ଅସିତ କୁମାର ପାତ୍ର ରବିବାର ଗିରଫ ହୋଇଛନ୍ତି। ନବରଙ୍ଗପୁର ପୋଲିସ ତାଙ୍କୁ ଗିରଫ କରି ଉମରକୋଟ ପୋଲିସକୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ୧୦ତାରିଖ ସନ୍ଧ୍ୟାରେ ନିର୍ମାଣାଧୀନ ବିଜୁ ସେତୁର ଏକ ସ୍ଲାବ୍ ଭୁଶୁଡ଼ି ପଡ଼ିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ୪ର୍ଥ ଶ୍ରେଣୀ କର୍ମଚାରୀ ମହେନ୍ଦ୍ର ମାଳୀଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଅନ୍ୟ ୩ ଜଣ ଆହତ ହୋଇଥିଲେ। ଉନ୍ନୟନ କମିଶନର ପ୍ରଦୀପ ଜେନା ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୁନାବେଡ଼ା ଅଧୀକ୍ଷଣ ଯନ୍ତ୍ରୀ ପି. କେ. ଜେନା ଘଟଣାର ପ୍ରାଥମିକ ତଦନ୍ତ କରିଥିଲେ। ପରବର୍ତ୍ତୀ ସମୟରେ ଇଞ୍ଜିନିୟର ଇନ୍ ଚିଫ୍ ସୁରେଶ ମିଶ୍ର, ମୁଖ୍ୟ ଯନ୍ତ୍ରୀ ଅକ୍ଷୟ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ନବରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ସାମଲ ଏହି ଘଟଣାରେ ଠିକାଦାର ଆଶିଷ ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ସାହୁ ଓ ସହକାରୀ ଯନ୍ତ୍ରୀ ଅସିତ କୁମାର ପାତ୍ରଙ୍କ ନାମରେ ଉମରକୋଟ ଥାନାରେ ଏତଲା ଦେଇଥିଲେ। ଏହାପରେ ଗିରଫ ଭୟରେ ୩ଜଣ ଫେରାର ହୋଇଥିଲେ। ରବିବାର ସକାଳେ ନବରଙ୍ଗପୁର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସହକାରୀ ଯନ୍ତ୍ରୀ ପାତ୍ରଙ୍କୁ ରାୟଗଡ଼ା ଜିଲାର ଟିକିରି ଅଞ୍ଚଳରୁ ଗିରଫ କରି ଉମରକୋଟ ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରିଛି। ପାତ୍ରଙ୍କ ଗିରଫ ନେଇ ନବରଙ୍ଗପୁର ଥାନାଧିକାରୀ ତାରିକ୍ ଅହମ୍ମଦ ଏବଂ ଉମରକୋଟ ଏସ୍‌ଡିପିଓ ହେମନ୍ତ କୁମାର ପାଢ଼ୀ ସୂଚନା ଦେଇଛନ୍ତି।



ଗିରଫ ଯନ୍ତ୍ରୀ ଅସିତ କୁମାର ପାତ୍ର।







ଯୁଗ ଯୁଗର ଭାରତବର୍ଷ ମରିଯାଇ ନାହିଁ। କିମ୍ବା ସେ ତା'ର ଶେଷ ସୃଜନାତ୍ମକ ଶବ୍ଦଟି କହି ସାରିନାହିଁ। ସେ ବଞ୍ଚିଛି ଏବଂ ନିଜ ପାଇଁ ଓ ମଣିଷମାନଙ୍କ ପାଇଁ ତା'ର କିଛି କରିବାର ଅଛି। –ଶ୍ରୀଅରବିନ୍ଦ

# ଦେଶ ନା ଅର୍ଣ୍ଣବ

ରିପବ୍ଲିକ୍ ଟିଭି ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଟେଲିଭିଜନ୍ ରେଟିଂ ପଏଣ୍ଟ (ଟିଆରପି) ସ୍କାମ୍‌ର ତଦନ୍ତ ଚାଲିଥିବା ବେଳେ ମୁମ୍ବାଇ ପୋଲିସ ଏକ ନୂଆ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆଣିଛି। ତାହା ହେଲା ବାଲାକୋଟ୍ ଆକ୍ରମଣର ୩ ଦିନ ପୂର୍ବରୁ ଅର୍ଣ୍ଣବ ଏ ସମ୍ପର୍କରେ ଜାଣିଥିଲେ। ଏଭଳି ସମ୍ବେଦନଶୀଳ ଘଟଣାରେ ତାଙ୍କ ବିରୋଧରେ ଅଭିଯୋଗ ଆଣିବା ପୂର୍ବରୁ ମୁମ୍ବାଇ ପୋଲିସ ହାତକୁ ନିଶ୍ଚିତ ଭାବେ ସେଭଳି ତଥ୍ୟ ଆସିଥିବ। ଅର୍ଣ୍ଣବ ଓ ତାଙ୍କ ବନ୍ଧୁ ତଥା ବ୍ରଡ୍‌କାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନ୍‌ସିଲ (ବିଏଆର୍‌ସି)ର ପୂର୍ବତନ ସିଇଓ ପାର୍ଥ ଦାସଗୁପ୍ତାଙ୍କ ମଧ୍ୟରେ ଏହି ବିଷୟ ଉପରେ ହୋଇଥିବା ହ୍ୱାଟ୍‌ସଆପ୍ ବାର୍ତ୍ତା ଆଦାନପ୍ରଦାନ ଏବେ ଭାଇରାଲ ହୋଇଛି। ଟିଆର୍‌ପି ଉପରେ ଉଠିଥିବା ବିବାଦର ତଦନ୍ତ କରୁଥିବା ମୁମ୍ବାଇ ପୋଲିସ ଅର୍ଣ୍ଣବଙ୍କ ହ୍ୱାଟ୍‌ସଆପ୍ ଯାଞ୍ଚ କରିବା ପରେ ଦୁଇ ଜଣଙ୍କ ମଧ୍ୟରେ ହୋଇଥିବା କଥୋପକଥନ ବିଷୟରେ ଜାଣିବାକୁ ପାଇଛି। ହ୍ୱାଟ୍‌ସଆପ୍ ଚାଟିଂ ବେଳେ ବାଲାକୋଟ୍ ଆକ୍ରମଣକୁ ୩ ଦିନ ଥିବା ବେଳେ ଅର୍ଣ୍ଣବ ଲେଖିଥିଲେ ଯେ, ଖୁବ୍ ଶୀଘ୍ର ଏକ ବଡ଼ ଘଟଣା ଘଟିବାକୁ ଯାଉଛି। ସେପଟେ ପାର୍ଥ ପଚାରିଥିଲେ–'ଦାଉଦ୍'। ଅର୍ଣ୍ଣବ ଲେଖିଥିଲେ–ନା, ସାର୍ ପାକିସ୍ତାନ। ଏତିକି ସଙ୍କେତରୁ ପାର୍ଥ ସବୁ ବୁଝିଯାଇ ପୁଣି ଲେଖିଥିଲେ–ଏହି ଋତୁ ସେହି ବଡ଼ ବ୍ୟକ୍ତିଙ୍କ ପାଇଁ ଏକ ଶୁଭବାର୍ତ୍ତା ଦେଉଛି ଓ ସେ ନିର୍ବାଚନ ନିଶ୍ଚିତ ଜିତିବେ। ଏତିକି କଥାବାର୍ତ୍ତାରୁ ସମସ୍ତେ ବୁଝିପାରିବେ ଯେ କେଉଁ ପ୍ରସଙ୍ଗକୁ ନେଇ ଦୁଇ ବନ୍ଧୁ ଆଲୋଚନା କରିଥିଲେ। ଏଠାରେ ମନେପକାଇ ଦିଆଯାଇପାରେ ଯେ, ୨୦୧୯ ସାଧାରଣ ନିର୍ବାଚନ ବାଲାକୋଟ୍ ଆକ୍ରମଣକୁ ମାତ୍ର କିଛି ମାସ ବାକି ଥିଲା ଏବଂ ଏହା ପରେ ନିର୍ବାଚନରେ ଭାଜପା ବିପୁଳ ସଂଖ୍ୟାରେ ଭୋଟ୍ ପାଇ ସରକାର ଗଠନ କରିଥିଲା।

ସୂଚନା ଦିଆଯାଇପାରେ ଯେ, ଜମ୍ମୁ ଓ କଶ୍ମୀରର ପୁଲ୍‌ୱାମା ଜିଲା ଜାତୀୟ ରାଜପଥ ଦେଇ ଭାରତୀୟ ସୈନ୍ୟଙ୍କୁ ନେଇ ଯାଉଥିବା ଗାଡ଼ି ଉପରେ ୧୪ ଫେବୃୟାରୀ ୨୦୧୯ରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ସେଥିରେ ୪୦ ଜଣ ଯବାନ ଶହୀଦ ହୋଇଥିଲେ। ଏହା ପରେ ଭାରତ ସରକାର ପ୍ରତିଆକ୍ରମଣ କରିବା ଲାଗି ଯୋଜନା କରିଥିଲା। ଫଳରେ ୨୬ ଫେବୃୟାରୀରେ ଭାରତୀୟ ସେନାର ଯୁଦ୍ଧ ବିମାନ ପାକିସ୍ତାନର ବାଲାକୋଟ୍ ଉପରେ ବୋମାମାଡ଼ କରିଥିଲା। ଏଥିରେ ଅସଂଖ୍ୟ ଆତଙ୍କବାଦୀ ପ୍ରାଣ ହରାଇଥିଲେ ଓ ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିଦିଆଯାଇଥିଲା ବୋଲି ଭାରତ ସରକାର ଘୋଷଣା କରିଥିଲେ। ଅବଶ୍ୟ ଉକ୍ତ ଦାବିର ସତ୍ୟାସତ୍ୟ ଉପରେ ପ୍ରଶ୍ନ ଉଠାଯାଇଥିଲା।

ମୁମ୍ବାଇ ପୋଲିସ ଦେଶର ସବୁଠାରୁ ସ୍ମାର୍ଟ ଓ ଶ୍ରେଷ୍ଠ ଆରକ୍ଷୀ ବଳ ଭାବେ ପରିଚିତ। ଅର୍ଣ୍ଣବ ଓ ପାର୍ଥଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପରୁ ଯେତିକି ତଥ୍ୟ ପଦାକୁ ଆସିଛି ସେଥିରୁ ଜଣାପଡ଼ିଛି ଯେ, ଭାରତର ଅତି ସମ୍ବେଦନଶୀଳ ସାମରିକ ତଥ୍ୟ ଅର୍ଣ୍ଣବଙ୍କ ହାତକୁ ଯାଉଥିଲା। ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଚିନ୍ତାର ବିଷୟ। ଗୋଟିଏ ଦେଶ କେବେ ଓ କେଉଁଠି ଅନ୍ୟ ଦେଶ ଉପରେ ଆକ୍ରମଣ କରିବାକୁ ଯାଉଛି, ତା'ଠାରୁ ଗୋପନୀୟ ସୂଚନା ଆଉ କିଛି ନ ହୋଇ ପାରେ। ସେଭଳି ତଥ୍ୟ ପଦାରେ ଆଲୋଚିତ ହେବା ଦେଶର ନିରାପତ୍ତା ପ୍ରତି ଘୋର ବିପଦ। ଧରିନିଆଯାଉ ବାଲାକୋଟ୍ ଆକ୍ରମଣ ପୂର୍ବରୁ ଏହି କଥୋପକଥନର କିୟଦଂଶ ଯଦି ପାକିସ୍ତାନ କାନରେ ବାଜିଥାଆନ୍ତା, ତା'ହେଲେ ଭାରତର ଆକ୍ରମଣ ପାଇଁ ସେହି ପଡ଼ୋଶୀ ଦେଶ ଅପେକ୍ଷା କରି ବସି ନ ଥାଆନ୍ତା। ପୂର୍ବରୁ ଜଣେ ମହିଳା ସାମ୍ବାଦିକାଙ୍କ କାର୍ଗିଲ ଯୁଦ୍ଧରୁ ସିଧାସଳଖ ରିପୋର୍ଟିଂ ସେତେବେଳେ ସମାଲୋଚନାର ଶିକାର ହୋଇଥିଲା। କାରଣ ଏଥିଯୋଗୁ ଭାରତୀୟ ସେନାର ଗତିବିଧି ଓ ସମ୍ପୃକ୍ତ ଭୌଗୋଳିକ ଅଞ୍ଚଳ ବିଷୟରେ ପାକିସ୍ତାନ ସେନାକୁ ସହଜରେ ରିପୋର୍ଟ ମାଧ୍ୟମରେ ଜଣାପଡ଼ିଯାଉଥିଲା। ତେବେ ଅର୍ଣ୍ଣବଙ୍କ କଥା ସମ୍ପୂର୍ଣ୍ଣ ଭିନ୍ନ। ଯେଉଁ ସରକାରୀ ସୂତ୍ରରୁ ତାଙ୍କ ପାଖକୁ ଖବର ଆସିଥିବ, ଅର୍ଣ୍ଣବ ଏବଂ ତାଙ୍କୁ ଏହି ତଥ୍ୟ ଜଣାଇଥିବା ସୂତ୍ର ଉଭୟେ ଦେଶଘାତୀ କାର୍ଯ୍ୟ କରୁଛନ୍ତି ବୋଲି ଧରିବାକୁ ହେବ। ସମସ୍ତଙ୍କୁ ଜଣା ଅର୍ଣ୍ଣବଙ୍କ ରିପବ୍ଲିକ୍ ଟିଭିର ଆଭିମୁଖ୍ୟ। ବାଲାକୋଟ୍ ଆକ୍ରମଣ ବେଳେ ଓ ତା'ପରବର୍ତ୍ତୀ ସମୟରେ ରିପବ୍ଲିକ୍ ଯେଉଁଭଳି ଅତିରଞ୍ଜିତ ଓ ଅସମର୍ଥିତ ସୂତ୍ରରୁ ଖବର ପ୍ରକାଶ କରି ଲୋକଙ୍କ ମତକୁ ପ୍ରଭାବିତ କରୁଥିଲା, ତାହା ଲୁଚା କଥା ନୁହେଁ। ଆଜିର ଭାରତରେ ଅନେକ ଗଣମାଧ୍ୟମ ସଂସ୍ଥା କୌଣସି ଦଳ ବା ବ୍ୟକ୍ତି ପାଇଁ ପ୍ରୀତି ରଖି ଖବର ପ୍ରସାରଣ କରୁଛନ୍ତି। ସାମ୍ବାଦିକତା ଦୃଷ୍ଟିକୋଣରୁ ଏହା ଅତି ଲଜ୍ଜାଜନକ ଓ ଅନୈତିକ। ଅନ୍ୟପକ୍ଷରେ ଦେଶର ସୁରକ୍ଷା ସହ ସାଲିସ ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରସଙ୍ଗ। ଏଥିରେ ତିଳେମାତ୍ର କ୍ଷମାର ସ୍ଥାନ ନାହିଁ। ଏଭଳି ଅପରାଧ ବିରୋଧରେ ହାଲୁକା କାର୍ଯ୍ୟାନୁଷ୍ଠାନ ହେଲେ ଭବିଷ୍ୟତରେ ଦେଶର ନିରାପତ୍ତା ଓ ସାର୍ବଭୌମତ୍ୱ ବିପଦରେ ପଡ଼ିବ। ଟିଆର୍‌ପି ଘଟଣାରେ ଅର୍ଣ୍ଣବଙ୍କୁ ଜାମିନ ଦେବା ପାଇଁ ସୁପ୍ରିମ୍‌କୋର୍ଟ ବାରମ୍ବାର ଅର୍ଜେଣ୍ଟ୍ ହିୟରିଂ ବା ଜରୁରୀ ଶୁଣାଣି କରିଥିବା ଦେଖାଯାଇଥିଲା। ଏବେ ଦେଶର ସୁରକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ଅଦାଲତ କେଉଁଭଳି ତତ୍ପରତା ଦେଖାଉଛନ୍ତି, ତାହା ଜନସାଧାରଣଙ୍କ ଦେଖିବା ବାକି ରହିଲା। ଏଥିରେ ଦେଶର ସୁରକ୍ଷା ନା ଅର୍ଣ୍ଣବ ଗୋସ୍ୱାମୀ ଓ ତାଙ୍କ ବନ୍ଧୁମାନଙ୍କର ସ୍ୱାର୍ଥ ଅଧିକ ଗୁରୁତ୍ୱ ରଖିବ, ତାହା ବଡ଼ ପ୍ରଶ୍ନ।



# ଆହାର ଓ ଆରୋହଣ

ସୁଧିରାଜ ରାଉତ

''ଅନେକଥର ଶୁଣିଛି ଯେଉଭଳି ଅନ୍ନ ସେଭଳି ମନ। ପ୍ରକୃତରେ ଏହା କ'ଣ ସତ୍ୟ ?'' ବନ୍ଧୁଙ୍କ ପ୍ରଶ୍ନରେ ହସି କହିଲି – ପ୍ରକୃତରେ ଏ ଉକ୍ତି ବିଜ୍ଞାନର ନିୟମଟିଏ ନୁହେଁ, ଦର୍ଶନର ଦିଗବାରେଣୀ ଯନ୍ତ୍ରଟିଏ। ଭାରତୀୟ ଦର୍ଶନ କହେ – ଏ ବିଶ୍ୱର ସମସ୍ତ ଉପାଦାନ ତିନୋଟି ଗୁଣର ଭିନ୍ନ ଭିନ୍ନ ଅନୁପାତର ସମଷ୍ଟି । ଯେଭଳି ଇଲେକ୍ଟ୍ରନ୍, ପ୍ରୋଟନ୍, ନିଉଟ୍ରନ୍‌ର ଭିନ୍ନ ଭିନ୍ନ ଅନୁପାତରେ ସକଳ ବସ୍ତୁ ସୃଷ୍ଟି ଠିକ୍ ସେହିଭଳି ଆମ ଜୀବନ ଏବଂ ସମସ୍ତ ଉପାଦାନ ସତ୍ତ୍ୱ, ରଜ, ତମ ତିନୋଟି ଗୁଣକୁ ନେଇ ସୃଷ୍ଟ। ଏହି ତିନୋଟି ଗୁଣରୁ ଯେଉଁଗୁଣର ଅନୁପାତ ବା ପ୍ରଭାବ ଅଧିକ ସେହି ବ୍ୟକ୍ତି ଅବା ସେହି ବସ୍ତୁ ଉକ୍ତ ଗୁଣର ହୋଇଥାଏ । ଆମେ କେଉଁ ଗୁଣର ଏହା ବୁଝିବାକୁ ଦୂରବୀକ୍ଷଣ, ଅଣୁବୀକ୍ଷଣର ଆବଶ୍ୟକତା ନାହିଁ । ପୁଳାଏ ଦର୍ଶନ ବିଜ୍ଞାନ ବହିର ବି ଆବଶ୍ୟକ ନାହିଁ। ଏହା ବୁଝିବା ଖୁବ୍ ସହଜ। ମନେକର ସୁନ୍ଦର ଫୁଲଟିଏ ଫୁଟିଛି, ତାହାକୁ ଦେଖି ଯଦି ଜଣକ ମନରେ କୌଣସି ପ୍ରତିକ୍ରିୟା ସୃଷ୍ଟି ହେଉନାହିଁ, ତା' ଭାବ ପୋଖରୀରେ ସାମାନ୍ୟ ତରଙ୍ଗଟିଏ ଖେଳିଯାଉନାହିଁ,ଏହା ବୁଝିବାକୁ ହେବ ମହୋଦୟ ତମଗୁଣ ସମ୍ପନ୍ନ। ଫୁଲଟିକୁ ଦେଖି ଯଦି ଇଚ୍ଛା ହେଉଛି ଫୁଲଟି ମୋ ବଗିଚାରେ ଥାନ୍ତା କି, ମୋ ଝରକା ପାଖେ ଥାଇ ମୋତେ ଚାହିଁ ହସୁଥାନ୍ତାକି... ମହାଶୟ ରଜଗୁଣ ସମ୍ପନ୍ନ। ସତ୍ତ୍ୱ ଗୁଣ ବ୍ୟକ୍ତି ଫୁଲକୁ ଦେଖି ବିମୁଗ୍ଧହୁଏ, ଆନନ୍ଦିତହୁଏ, ନିଜେ ଫୁଲଭଳି ହୋଇ ଉଠିବାକୁ ପ୍ରେରଣା ସାଉଁଟେ, ମାଳୀକୁ ଫୁଲ ବିଷୟରେ ଜ୍ଞାନ ପଚାରି ବସେ। ଆଉ ଏକ ଉଦାହରଣ ନେଇପାରିବା – ଜଣେ ବ୍ୟକ୍ତିକୁ ଶୁଭ କାର୍ଯ୍ୟଟିଏ ଦିଆ ହୋଇଛି କରିବାକୁ, ସେ ଭାବୁଛି ହଁ କରିବି ତ ଏତେ ବ୍ୟସ୍ତ କାହିଁକି। କଲୁ କି? ପଚାରିଲେ, ଟିକେ କରି ପୁଣି କାମକୁ ପକେଇ ରଖିବା ଏହା ତମ ସ୍ୱଭାବ। ରଜ ସ୍ୱଭାବ କହେ – ମୁଁ ଏ କାମ କାହିଁକି କରିବି ? ତୁମେ କିଏ ମୋତେ ଏହା କହିବାକୁ ? ମୋତେ ଏଥିରୁ ମିଳିବ କ'ଣ ? ଆଉ ସତ୍ତ୍ୱ ସ୍ୱଭାବୀ ବ୍ୟକ୍ତି କାର୍ଯ୍ୟଟି ଏଭଳି କରେ ସତେ ଅବା ମୟୂରଟିଏ ନାଚୁଛି, ପୂନେଇଁ ଜହ୍ନ ସତେ ଉଇଁଛି। ... ଏଥର ଏଇସବୁ ଗୁଣ ଓ ସ୍ୱଭାବକୁ ନେଇ ଆମେ ନିଜେ ଆକଳନ କରିପାରିବା ଆମେ କେଉଁ ଗୁଣର।

ସାଧାରଣତଃ ଏହା ଘଟେ ଆମେ ଯେଉଁ ଗୁଣ ବା ସ୍ୱଭାବର ସେହି ଗୁଣଯୁକ୍ତ ଖାଦ୍ୟପ୍ରତି ଖୁବ୍ ଆକର୍ଷଣ ରହିଥାଏ। ଆମେ ଯଦି ଅବସ୍ଥାପିତ ଗୁଣରୁ ଭିନ୍ନଗୁଣକୁ ରୂପାନ୍ତରିତ ହେବାକୁ ଚାହୁଁ ତେବେ ଆମକୁ ନାନାବିଧ ସାଧନ ସହ ସେଇ ଗୁଣର ଖାଦ୍ୟ ଆହରଣ ନିଶ୍ଚୟ ଖୁବ୍ ସାହାଯ୍ୟ କରିବ। ଯେଉଁ ଆହାର ଆମ ମଧ୍ୟରେ ପ୍ରଶାନ୍ତି ଆଣେ, ପ୍ରଫୁଲ୍ଲତା ଆଣେ, ଆରୋଗ୍ୟ ଆଣେ, ସଚେତନତା ବଢ଼ାଏ, ଶାନ୍ତି– ସମତା–ସମନ୍ୱୟ ଭାବ ବିକଶିତ କରାଏ ... ତାହା ସତ୍ତ୍ୱ ଆହାର, କାରଣ ଏଇ ସବୁ ସତ୍ତ୍ୱ ଗୁଣ। ଶୁଦ୍ଧ, ସତେଜ, ସହଜ ନିରାମିଷ ବ୍ୟଞ୍ଜନ। ଫଳ, ସବୁଜ ପରିବା, କ୍ଷୀର, ସଜଦହି ଇତ୍ୟାଦି ସାତ୍ତ୍ୱିକ ଆହାର। ଯେଉଁ ଖାଦ୍ୟ ଆମ ମଧ୍ୟରେ ଉତ୍ତେଜନା ବଢ଼ାଏ, କ୍ରୋଧ ଈର୍ଷା ବଢ଼ାଏ, କାମନା ବାସନା ବଢ଼ାଏ, କ୍ଷମତା ଅଧିକାର ଭୋଗ ବଢ଼ାଏ, ଏହା ରାଜସିକ ଖାଦ୍ୟ। ଅଧିକ ତୈଳଯୁକ୍ତ, ଅଧିକ ଘୃତ ଯୁକ୍ତ, ଅତ୍ୟଧିକ ରାଗ, ମସଲା, ମାଛ ଅଣ୍ଡା ଇତ୍ୟାଦି ଏହି ଗୁଣର। ତମଗୁଣ ଖାଦ୍ୟ ଆମ ମଧ୍ୟରେ ଆଳସ୍ୟ ତାମସିକ ବଢ଼ାଏ, ନିଦ୍ରା ଅଚେତନା ବଢ଼ାଏ, ଚୌର୍ଯ୍ୟପ୍ରବୃତ୍ତି ବଢ଼ାଏ, ରୋଗ ଭୟ ବଢ଼ାଏ... ସେଗୁଡ଼ିକ ମୌଳିକତଃ ପଶୁମାଂସ, ମଦ୍ୟ, ବାସି, ପଚା ଖାଦ୍ୟ। ଏଇ ଶ୍ରେଣୀରେ ସବୁ ପ୍ରକାର ପକେଟ୍ ଖାଦ୍ୟ ମଧ୍ୟ ଅନ୍ତର୍ଭୁକ୍ତ।

ବର୍ତ୍ତମାନ ଯଦି କେହି ଜଣେ ରାଜସିକ ଗୁଣ ପରିତ୍ୟାଗ କରି ସାତ୍ତ୍ୱିକ ଗୁଣ ପ୍ରାପ୍ତ ହେବାକୁ ଚାହେଁ ଏଥିପାଇଁ ସାତ୍ତ୍ୱିକ ଆହାର ଖାଇବା ସହ ଆହାର ପ୍ରସ୍ତୁତି ଏବଂ ଖାଇବା ସମୟର ମନୋଭାବ ଏସବୁ ପ୍ରତି ଧ୍ୟାନ ଦେଲେ ଏହା ଅଧିକ ପ୍ରଭାବଶାଳୀ ହୋଇପାରିବ। ଜଣେ ବନ୍ଧୁ କହୁଥିଲେ ଆଜିର ମଣିଷ ଏତେ ଅର୍ଥସର୍ବସ୍ୱ କାହିଁକି ? ଆମେ ଖାଉଥିବା ଖାଦ୍ୟ ଏହାର ଏକ ବଡ଼ କାରଣ। ଗାଁ ହେଉ ଅବା ସହର, ବେପାରି ହେଉ ଅବା କୃଷକ ପ୍ରତିଟି ଖାଦ୍ୟ ସାମଗ୍ରୀ ପଛରେ ଆଜି ଅର୍ଥ ହିଁ ସବୁକିଛି ହୋଇ ରହିଛି ସେହି ଅର୍ଥ ଉପାର୍ଜନ ମନୋଭାବର ଖାଦ୍ୟ ଖାଇ ଆଜି ଆମ ସଭିଙ୍କର ଏ ଅବସ୍ଥା। ମନପଡୁଛି ଶ୍ରୀଅରବିନ୍ଦ ଆଶ୍ରମର ଜଣେ ବରିଷ୍ଠ ସାଧକଙ୍କ କଥା ''ଆଶ୍ରମ ପ୍ରାରମ୍ଭକାଳରେ ଶ୍ରୀମା ଏକ ନିର୍ଦ୍ଦିଷ୍ଟ ସମୟରେ ସୁପ୍ ବଣ୍ଟନ କରୁଥିଲେ। ଏହି ସୁପ୍ ଆମ ସଭିଙ୍କ ମଧ୍ୟରୁ କେତେ ଯେ ଅଚେତନା, ଆବର୍ଜନା, ଅଳିଆ କାଢି ସଫା କରି ଦେଉଥିଲା ଏହା ଶବ୍ଦରେ କହିବା କଷ୍ଟ...''। ତେଣୁ କୁହାଯାଇଛି ଖାଦ୍ୟ ପ୍ରସ୍ତୁତି ଏବଂ ବିତରଣର ମନୋଭାବ ଖାଦ୍ୟର ଗୁଣକୁ ପ୍ରଭାବିତ କରିଥାଏ। ଆମ ସଭିଙ୍କ ଘରେ ପ୍ରାୟ ଏହା ଘଟେ – ପନିର ନିଜେ ସାତ୍ତ୍ୱିକ ଆହାର କିନ୍ତୁ ଏହାକୁ ଅନେଶତ ଭାଗ ପ୍ରସ୍ତୁତକାରୀ ଖୁବ୍ ରାଜସିକ କରିଦିଅନ୍ତି। ଏଇଭଳି ଆମେ ସହଜ, ସରଳ ସବୁଜ ପରିବା ସବୁକୁ ରାଜସିକ ତାମସିକ କରି ଖାଇ ଥାଉ। ଏଥିପ୍ରତି ଧ୍ୟାନଦେବା ଖୁବ୍ ଆବଶ୍ୟକ। ଏଥର ଖାଇବାର ମନୋଭାବ ପାଖକୁ ଆସିବା ସାତ୍ତ୍ୱିକ ଆହାର ଖାଉ ଖାଉ ମହାଶୟ ଯଦି ଭାବନ୍ତି – ହେ ଏଗୁଡ଼ା କ'ଣ ଖାଦ୍ୟ, ଏଗୁଡ଼ା କ'ଣ ମଣିଷ ଖାଆନ୍ତି। ଏଇ ରାଜସିକ ଭାବ ସତ୍ତ୍ୱ ଆହାରର ସତ୍ତ୍ୱ ଗୁଣକୁ ନଷ୍ଟ କରିଦିଏ। ମୀରାର ମନୋଭାବ ବିଷକୁ ଅମୃତ କରିଦିଏ ଆଉ ଆମର ମନୋଭାବ ଅମୃତକୁ ବିଷ କରିଦିଏ। ଅତଏବ ଖାଇବାର ମନୋଭାବ ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କହି ରଖୁଛି ଏଇ ସବୁ ନିୟମକୁ ବିଜ୍ଞାନର ତରାଜୁରେ ଓଜନ କରିବ ନାହିଁ, ଦର୍ଶନର ଚକ୍ଷୁରେ ଦେଖିବ ଏବଂ ମନେରଖିବ ବିଜ୍ଞାନ ଭଳି ଦର୍ଶନ ମଧ୍ୟ ସତ୍ୟ।

କୌଣସି ପରିସ୍ଥିତିରେ ମଧ୍ୟ ମାଂସ ଆହାର କରନ୍ତୁ ନାହିଁ। ଏହା ଘୋର ତମଗୁଣ। ସତେ ଅବା ପୁଳାଏ ଆବର୍ଜନା, ଅଳିଆ, ଅନ୍ଧାର, ପଶୁକୁ ନିଜ ମଧ୍ୟକୁ ଘେନି ଆସିବା। ମାନବୀୟ ଚେତନାରେ ପଶୁ ଚେତନାକୁ କଲମି କରିଦେବା। ଶୁଭ ଜୀବନ, ଶୁଦ୍ଧ ଜୀବନ, ନୀରୋଗ ଜୀବନ ନିଜ ମଧ୍ୟରୁ ନିଜେ ଫିଙ୍ଗି ଦେବା। ଜୀବନର ସମସ୍ତ ଉତ୍ତରଣ ଆରୋହଣ ପଥକୁ ଅବରୋଧ କରିଦେବା। ମନ ପଡୁଛି ଜୀବନ ଆରୋହଣ ଆମ୍ରଲିପିଟିଏ – ଜଣେ ସମୃଦ୍ଧ, ପ୍ରତିଷ୍ଠିତ ଭଦ୍ର ବ୍ୟକ୍ତି ବୁଦ୍ଧଙ୍କୁ ଦେଖାକରି ଆସନ୍ତେ, ତଥାଗତ ଅନେକ ସମୟ ବ୍ୟକ୍ତିଙ୍କ ମୁହଁକୁ ପ୍ରଫୁଲ୍ଲ ନୟନରେ ଚାହିଁରହିଲେ। ମହାଶୟ ବିଦାୟ ନେବାପରେ, ବୁଦ୍ଧ ଶିଷ୍ୟମାନଙ୍କୁ ଚାହିଁ କହିଲେ – ଏ ସୁଗୁଣ ମହାନୁଭବ ଜଣକ ପୂର୍ବଜନ୍ମରେ ଏକ ହସ୍ତୀ ଥିଲେ। ଥରେ ଜଙ୍ଗଲରେ ନିଆଁ ଲାଗିଲା, ହସ୍ତୀ ଏବଂ ସବୁ ପଶୁ ସୁରକ୍ଷିତ ସ୍ଥାନକୁ ଧାଇଁବାକୁ ଲାଗିଲେ। ହସ୍ତୀ ଗୋଟିଏ ଗଛମୂଳେ ଅଟକି ନିଜ ଗୋଡ଼ ତଳେ ବିନ୍ଧ କଣ୍ଟାକୁ ଗୋଡ଼ ଟେକି ଶୁଣ୍ଢରେ କାଢିବାକୁ ପ୍ରୟାସ କରୁଥିବା ବେଳେ ଠେକୁଆଟିଏ ଧାଇଁ ଆସି, ଥକିଆସି ଉକ୍ତ ଗୋଡ଼ ରଖିବା ସ୍ଥାନରେ ଅଟକି ଥକା ମାରିଲା। ହାତୀ ଏବେ ଗୋଡ଼ ରଖି ଦେଲେ ଥକି ବସିଥିବା ଠେକୁଆର ପ୍ରାଣ ହାନିହେବ। ନିଆଁ ମାଡ଼ି ଆସୁଥାଏ ହସ୍ତୀ ଗୋଡ଼ ରଖିପାରୁ ନ ଥାଏ ।ଶେଷରେ ସନ୍ତୁଳନ ହରାଇ ହସ୍ତୀ ପଡ଼ିଗଲା, ଠେକୁଆ ଚାଲିଗଲା, ନିଆଁ ଆବୋରି ନେଲା ହସ୍ତୀକୁ। ତଥାଗତ ପ୍ରଣାମ ମୁଦ୍ରାରେ କହିଲେ ସେଦିନର ସେଇ ଦୟା, କରୁଣା, ତ୍ୟାଗ ତାଙ୍କୁ ଆରୋହଣ ଦେଇ ସଦ୍‌ଗୁଣ ମଣିଷ କରି ଜନ୍ମ ଦେଲା। ଜୀବନର ଏ ଉତ୍ତରଣ, ଆରୋହଣ କାହାଣୀ ଆମ ସଭିଙ୍କୁ ପ୍ରଶ୍ନ କରୁଛି ଆମେ ଆମର ଲାଳସା ପାଇଁ, ବାସନା ଲାଗି ଯେଉଁ ପଶୁପକ୍ଷୀଙ୍କୁ ନିତ୍ୟମାରି ଖାଉଛୁ ତାହା ଆମକୁ କିଭଳି ଜୀବନ ଦେବ?

ଇନ୍ଦ୍ରାବତୀ, ନବରଙ୍ଗପୁର
ମୋ: ୯୮୬୧୯୬୯୬୭୮



# କରୋନା ବେଳେ ସ୍ରଷ୍ଟା ମାନସ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

୯/୧୧ ଏକ ବିଶ୍ୱବିଦିତ ଦୁର୍ଘଟଣାର ଶିରୋନାମା ବହନ କରେ। ଯୁକ୍ତରାଷ୍ଟ୍ରର ନ୍ୟୁୟର୍କସ୍ଥିତ ମାନହଟନଠାରେ ଯେଉଁ ଆକର୍ଷଣୀୟ ଓ ବ୍ୟସ୍ତତମ ଟୁଇନ୍ ଟାୱାର ଥିଲା, ୨୦୦୧ ମସିହା ସେପ୍ଟେମ୍ବର ୧୧ ତାରିଖ ମଙ୍ଗଳବାର ସକାଳେ ୱାହାବୀ ଅଲକାଏଦା ଆତଙ୍କବାଦୀଙ୍କ ବିମାନ ଆକ୍ରମଣରେ ଧୂଳିସାତ୍ ହୋଇଗଲା। ଏଥିରେ ୨୯୭୭ ଜଣ ମୃତ ଓ ୨୫ ହଜାରରୁ ଅଧିକ ବ୍ୟକ୍ତି ଆହତ ହୋଇଥିଲେ। ଅତି କମ୍‌ରେ ଦଶ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଥିଲା। ମାନବ ଇତିହାସରେ ଏହା ଥିଲା ସର୍ବାଧିକ ଭୟଙ୍କର ଆତଙ୍କବାଦୀ ଆକ୍ରମଣ। ଏହାର କୁପ୍ରଭାବରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ସହ ଆର୍ଥିକ ଓ ସାଂସ୍କୃତିକ କ୍ଷେତ୍ର ବିପର୍ଯ୍ୟସ୍ତ ହେଲା ଯୁକ୍ତରାଷ୍ଟ୍ରରେ। ଏହି ମର୍ମନ୍ତୁଦ ଘଟଣାର ଦୁଇ ମାସ ପରେ ସେଠାକାର ନିବାସୀମାନଙ୍କ ମାନସିକ ସ୍ଥିତି ସମ୍ପର୍କରେ ଏକ ସର୍ଭେ କରାଯାଇଥିଲା। ଏହାର ଆଲୋଚନା ନ୍ୟୁ ଇଂଲଣ୍ଡ ଜର୍ନାଲ ଅଫ ମେଡିସିନ, ୩୪୫(୨୦), ନଭେମ୍ବର ପନ୍ଦର ୨୦୦୧ରେ ପ୍ରକାଶିତ। ବିଭିନ୍ନ ଅନୁଧ୍ୟାନରୁ ସ୍ପଷ୍ଟ ଯେ, ଲୋକମାନେ (ପିଟିଏସ୍‌ଡି ଅର୍ଥାତ୍ ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ୍ ଡିଜଅର୍ଡର) ବିପର୍ଯ୍ୟୟ ପରବର୍ତ୍ତୀ ଚାପଜନିତ ବିଶୃଙ୍ଖଳା ଦ୍ୱାରା ପୀଡ଼ିତ।

ଟୁଇନ୍ ଟାୱାର ଆକ୍ରମଣର ଦୁଇ ମାସ ଭିତରେ ଗୋଟିଏ ଅନୁଧ୍ୟାନକାରୀ ଦଳ ଯୁକ୍ତରାଷ୍ଟ୍ରର ୨୭୩୩ ଜଣଙ୍କର ମାନସିକ ସ୍ଥିତି ପରୀକ୍ଷା କରି ଜାଣିପାରିଲେ ଯେ, ନ୍ୟୁୟର୍କର ଶତକଡା ୧୧.୨ ପିଟିଏସ୍‌ଡି ଦ୍ୱାରା ପୀଡିତ ହୋଇଥିବା ବେଳେ ସେଇ ଦେଶର ଅବଶିଷ୍ଟ ଅଞ୍ଚଳରେ ଏହି ହାର ଥିଲା ଶତକଡା ୪। ଅର୍ଥାତ୍ ଘଟଣା ସ୍ଥଳଠାରୁ ଦୂରବର୍ତ୍ତୀ ସ୍ଥାନରେ ଥିବା ବ୍ୟକ୍ତିମାନେ ଅପେକ୍ଷାକୃତ ଭାବେ କମ୍ ପରିମାଣରେ ମାନସିକ ବ୍ୟାଧିଗ୍ରସ୍ତ। ଲକ୍ଷ୍ୟ କରିବା କଥା ଯେ, ନ୍ୟୁୟର୍କ ସିଟିରେ ଧ୍ୱଂସଲୀଳା ସଂଘଟିତ ହୋଇଥିଲା। କିନ୍ତୁ ସାଂପ୍ରତିକ କୋଭିଡ୍–୧୯ କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ହୋଇ ରହି ନାହିଁ। ଏହି ସଂକ୍ରମଣ ସାରା ବିଶ୍ୱକୁ କବଳିତ କରିଛି। ପୁଣି ଏହାର ଯେ ଶୀଘ୍ର ବିଲୋପ ଘଟିବ, ସେମିତି ସୂଚନା ମିଳୁନାହିଁ। ବରଂ ଏହି ଭୂତାଣୁ ରୂପାନ୍ତରିତ ହୋଇ ନୂଆ ନୂଆ ଅବତାରରେ ଆବିର୍ଭୂତ ହେଉଚି। ତେଣ ପିଟିଏସ୍‌ଡିର କୁପ୍ରଭାବରୁ ସହଜେ ମୁକ୍ତି ମିଳିବ ନାହିଁ। ଫଳରେ ମାନବ ସମାଜ ନିରାଶ, ଉଦ୍‌ବିଗ୍ନ, ଚାପଗ୍ରସ୍ତ, ଅସ୍ଥିର ଇତ୍ୟାଦି ବିଭିନ୍ନ ନକାରାତ୍ମକ କାରକ ଦ୍ୱାରା ଅହରହ ଜର୍ଜରିତ। ଉକ୍ତ ମାନସିକ ବିଶୃଙ୍ଖଳାର ପ୍ରତିକ୍ରିୟା ଅଧିକାଂଶ କ୍ଷେତ୍ରରେ ଅଧୋଗତି ଘଟାଏ। କିନ୍ତୁ କେତେକ ବ୍ୟକ୍ତିଙ୍କୁ ସତ୍‌ପଥରେ ମଧ୍ୟ ନେଇଥାଏ। ଅବଶ୍ୟ ମୋଟାମୋଟି ଭାବେ ଯେ କୌଣସି ବ୍ୟକ୍ତି ହେଉ ନା କାହିଁକି, ସେ ପରିବର୍ତ୍ତିତ ହୁଏ, ଯଦିଚ ପରିଣାମ ଭିନ୍ନ।

ଏକଦା ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତି ତାଙ୍କର ଏକମାତ୍ର ସନ୍ତାନକୁ ହରାଇଲେ। ଦଶଦିଗ ଶୂନ୍ୟ ହୋଇ ସେ ହୁଏତ ମ୍ରିୟମାଣ ହୋଇପାରନ୍ତି ଏବଂ ଚରମ ପଦକ୍ଷେପ ସ୍ୱରୂପ ଆତ୍ମହତ୍ୟା ମଧ୍ୟ କରିପାରନ୍ତି। କିନ୍ତୁ ଦେଖାଯାଏ ଯେ, ଏମିତି ପିଟିଏସ୍‌ଡିରେ ଆକ୍ରାନ୍ତ ହୋଇ ମଧ୍ୟ ଜଣେ ବ୍ୟକ୍ତି ସଡ଼କ ଦୁର୍ଘଟଣା ଏଡାଇବା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ନିଷ୍ଠାପର ଉଦ୍ୟମ ଆରମ୍ଭ କଲେ। ତେଣୁ ବିପର୍ଯ୍ୟୟର ପ୍ରତିକ୍ରିୟା ଏକାନ୍ତ ବ୍ୟକ୍ତିଗତ।

ଠିକ୍ ସେମିତି ସ୍ରଷ୍ଟା ମାନସ। ହୁଏତ ମାନସିକ ଚାପ ଦ୍ୱାରା ଅବସାଦଗ୍ରସ୍ତ ହୋଇ କେହି କେହି ସାହିତ୍ୟିକ ଲେଖନୀକୁ ପରିହାର କରିପାରନ୍ତି। କିନ୍ତୁ ଅନ୍ୟ କେତେକ ଲେଖକଙ୍କୁ ଏହି କରୋନା କାଳ ଅଧିକ ଉଜ୍ଜୀବିତ କରେ। ଏହା ଏକ ଦ୍ରବକ ପରି କାମ କରେ। ନିମ୍ନରେ ଏମିତି ବିପର୍ଯ୍ୟୟ ବେଳେ ସକ୍ରିୟ ଥିବା କେତେକ ଲେଖକଙ୍କ କାର୍ଯ୍ୟ କଳାପ ଉପରେ ଆମେ ଦୃଷ୍ଟି ନିବଦ୍ଧ କରିବା।

୧୯୫୭ରେ ବ୍ରିଟେନରେ ଜନ୍ମଗ୍ରହଣ କରିଥିବା ପିକୋ ଆୟାର ଜଣେ ପ୍ରସିଦ୍ଧ ଭ୍ରମଣଶୀଳ ଔପନ୍ୟାସିକ ଓ ପ୍ରାବନ୍ଧିକ। ତାଙ୍କର ଦୁଇଟି ଉଲ୍ଲେଖନୀୟ ବହି ହେଉଛି 'ଭିଡିଓ ନାଇଟ ଇନ କାଠମାଣ୍ଡୁ' ଓ 'ଦା ଲେଡି ଆଣ୍ଡ ଦା ମଙ୍କ'। ତାଙ୍କ ରଚନାବଳୀର ବିଶେଷତ୍ୱ ହେଉଛି ଭ୍ରମଣଭିତ୍ତିକ ପ୍ରତ୍ୟକ୍ଷ ଅନୁଭୂତି। ୨୦୦୦ ମସିହାରେ ରଚିତ 'ଦା ଗ୍ଲୋବାଲ ସୋଲ'ରେ ଗୋଟିଏ ଆନ୍ତର୍ଜାତିକ ବିମାନବନ୍ଦର ତାଙ୍କ ମୁଖ୍ୟ ଚରିତ୍ର ହୋଇଛି। ଭୂଟାନ, ନେପାଳ, ଇଥିଓପିଆ, କ୍ୟୁବା, ଆର୍ଜେଣ୍ଟିନା, ଜାପାନ, ଉତ୍ତର କୋରିଆ ଇତ୍ୟାଦି ବିଦେଶ ସମ୍ବନ୍ଧରେ କାହାଣୀ ତାଙ୍କ ପୁସ୍ତକଗୁଡ଼ିକରେ ସ୍ଥାନିତ। ନିଜ ସମ୍ପର୍କରେ ସେ କହନ୍ତି–''ମୁଁ ଜଣେ ବହୁରାଷ୍ଟ୍ରୀୟ ବ୍ୟକ୍ତି। ଏହି ବହୁଦେଶୀୟ ପୃଥିବୀରେ ଅଧିକରୁ ଅଧିକ ରାଷ୍ଟ୍ର ବିମାନବନ୍ଦର ପରି ବହୁଭାଷୀ ଓ ବିଶ୍ରାମହୀନ। ଲୋକଙ୍କ ପାଇଁ ଫୋନ ଯେମିତି, ବିଭିନ୍ନ ବିମାନ ଧରିବା ମୋ ପାଇଁ ସେମିତି ସ୍ୱାଭାବିକ। ପଢୁଥିବା ପିଲା ସ୍କୁଲକୁ ଯିବା ପରି ମୁଁ ମୋ ବ୍ୟାଗ ଦିନରାତି ଧରି ବିମାନରୁ ବିମାନ ଚଢୁଛି।'' ସଦାସର୍ବଦା ଭ୍ରମଣଶୀଳ ଜଣେ ଲେଖକ କରୋନା କାଳରେ ଯେମିତି ଏକପ୍ରକାର ଗୃହବନ୍ଦୀ ଭାବେ ଚବିଶ ଘଣ୍ଟା ରହିବାକୁ ବାଧ୍ୟ, ତାଙ୍କ ମନୋଭାବ କ'ଣ– ତାହା କୌତୁହଳଜନକ ମନେହୁଏ। ୯ ନଭେମ୍ବର ୨୦୨୦ରେ ସେ ଏକ ସାକ୍ଷାତ୍‌କାର ବେଳେ ଯାହା କହିଥିଲେ, ତା'ର ସାରାଂଶ ପ୍ରଣିଧାନଯୋଗ୍ୟ: ''ମୁଁ ଛଅବର୍ଷ ପୂର୍ବେ 'ଦା ଆର୍ଟ ଅଫ ଷ୍ଟିଲନେସ' ନାମକ ଗୋଟିଏ ବହି ଲେଖିଥିଲି। ସେଥିରେ 'କେଉଁ ଜାଗାକୁ ମଧ୍ୟ ନ ଯିବାର ସାହସିକତା' ଶୀର୍ଷକ ଗୋଟିଏ ଅଧ୍ୟାୟ ରହିଛି। ମୋ ଅସରନ୍ତି ଭ୍ରମଣ ବେଳେ ମୁଁ ଥରେ ଥରେ ଅନୁଭବ କରେ ଯେ, ମୋ ଜୀବନ ନିୟନ୍ତ୍ରଣହୀନ। ଆମେ ଅନ୍ଧ ପରି ଓ ଅନ୍ୟମନସ୍କ ହୋଇ ଏପଟେସେପଟେ ଦୌଡୁଛେ। ମନର ଏହି ତାଡନା ମୋତେ କିଛି ନ ବୁଲି ଚୁପଚାପ ରହିବାକୁ ଇଙ୍ଗିତ ଦେଉଥାଏ। ବର୍ତ୍ତମାନ ଏହି ସଂକ୍ରମଣ ସମୟ ଏମିତି ଶାନ୍ତ ଓ ସ୍ଥିର ମନରେ ମୋର ଭ୍ରମଣ–ଅନୁଭୂତି ଉପରେ ଚିନ୍ତା କରିବା ସୁଯୋଗ ଦେଇଛି। ତା'ର ଅର୍ଥ ବୁଝିବାକୁ ପ୍ରେରିତ କରିଛି।''

ମୋର 'ଆଟମନ ଲାଇଟ' ବହିରେ ମୁଁ ଲେଖିଛି ଯେ, କହିବା ଅପେକ୍ଷା ନୀରବତା ଅଧିକ ବିଷୟ କହେ। କହିଲେ କିଛି ବାକି ରହିଯିବା ଭଳି ଲାଗେ। କିନ୍ତୁ ଚୁପ୍‌ଚାପ ଏହି ଜଞ୍ଜାଳରୁ ମୁକ୍ତ। ବାସ୍ତବିକ ଅନୁପସ୍ଥିତି 'ଉପସ୍ଥିତି' ଠାରୁ ଅଧିକ ଶକ୍ତିଶାଳୀ। ଏହି ପରିପ୍ରେକ୍ଷୀରେ ମୋତେ ଲାଗେ ଯେ, ବିଭିନ୍ନ ବିଳାସ ସାମଗ୍ରୀ ପରିପୂର୍ଣ୍ଣ ଆକର୍ଷଣୀୟ ହୋଟେଲ ପ୍ରକୋଷ୍ଠ ଗୋଟିଏ ମାତ୍ର ଗୋଲାପ ଫୁଲ ଥିବା ଧଳା ସାଦାସିଧା ରୁମଠାରୁ ଢେର ନିକୃଷ୍ଟ ଏବଂ ମନୋଜ୍ଞ ଭାବେ ବେଶ୍ ପରିପୂର୍ଣ୍ଣ।

ପ୍ରକୃତି କବି ୱିଲିଅମ ୱାର୍ଡସୱାର୍ଥ (ଜନ୍ମ କୋକେର–ମାଉଥ, ୟୁକେ–୧୭୭୦, ଦେହାନ୍ତ ୧୮୫୦) ଟୁ ଡାଫୋଡିଲସ ବୋଲି ଗୋଟିଏ କାଳଜୟୀ କବିତା ପାରିପାର୍ଶ୍ୱିକ ଯୁଗ ସ୍ୱାଭାବିକ ଥିବା ବେଳେ ଲେଖିଥିଲେ। ସେଥିରେ କବି ଲେଖିଛନ୍ତି ଯେ, ସେ ମେଘ ପରି ବିନା ଲକ୍ଷ୍ୟରେ ଏକା ବୁଲୁଥିବା ବେଳେ ଡାଫୋଡିଲସ୍ ନାମକ ଛୋଟ ହଳଦିଆ ଫୁଲରେ ପରିପୂର୍ଣ୍ଣ ଗୋଟିଏ ବଗିଚା ଦେଖି ଆନନ୍ଦରେ ଅଭିଭୂତ ହୋଇଗଲେ। ଏହାକୁ ଭିତ୍ତି କରି ସେ ଉକ୍ତ କବିତା ରଚନା କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ସେ ତାଙ୍କ କଂକ୍ରିଟ ବାସଭବନର ଶୟନ କକ୍ଷରେ ଚୁପଚାପ ଗଡପଡ ହେଉଥିବା ବେଳେ ଡାଫୋଡିଲସର ମନୋରମ ଦୃଶ୍ୟ ମନେପକାଇ ସ୍ୱର୍ଗୀୟ ଆନନ୍ଦ ଅନୁଭବ କରୁଥିଲେ। ବାହାର ଦୁନିଆରେ ଭ୍ରମଣଶୀଳ ଜଣେ ସ୍ରଷ୍ଟା ଘରୁ ନ ବାହାରି ମଧ୍ୟ ତା'ର ଲେଖନୀର ସଦ୍ ବିନିଯୋଗ କରିପାରେ। ସୃଜନର ଆନନ୍ଦ ଲଭିପାରେ। ତେଣୁ କୋଭିଡ କଟକଣାମାନ ଜଣେ ସ୍ରଷ୍ଟାକୁ ନିଷ୍କ୍ରିୟ ବା ସ୍ଥାଣୁ କରିବାକୁ ବାଧ୍ୟ– ଏହା ଏକ ନକାରାତ୍ମକ ଦୁର୍ଭାବନା ମାତ୍ର । କରୋନାର ଧମକ ଚମକ ତା' ପାଇଁ ଅଲଂଘ୍ୟ ନୁହେଁ।

ମୋ–୯୦୭୮୭୪୩୮୪୩

## ଏଇ ଭାରତରେ

ଜଣେ କି ଦି ଜଣ ନୁହେଁ, ୧୭୦୦ ରିକ୍ସାଚାଳକଙ୍କୁ ଅଧିକ ରୋଜଗାରର ବାଟ ଦେଖାଇଛନ୍ତି ନବୀନ କ୍ରିଷ୍ଣ। ବାରାଣସୀର ନବୀନ ତାଙ୍କ କାରବାର ୨୦୧୫ରେ ଏସ୍‌ଏମ୍‌ଭି ଗ୍ରୀନ ସଲ୍ୟୁସନ ଗଠନ କରି ଗରିବ ରିକ୍ସା ଚାଳକଙ୍କ ଭାଗ୍ୟ ବଦଳାଇବାରେ ଲାଗିଛନ୍ତି । ସେ ରିକ୍ସା ଚାଳକମାନଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିଛନ୍ତି, ଯେଉଁଥିରେ ସେମାନେ ଏହି ସଂସ୍ଥା ମାଧ୍ୟମରେ ଅଟୋରିକ୍ସା କିଣି ଅଧିକ ରୋଜଗାର କରିବାକୁ ସକ୍ଷମ ହେଉଛନ୍ତି। ଦିନସାରା ରିକ୍ସା ଟାଣି ପରିବାର ପ୍ରତିପୋଷଣ କରିପାରୁ ନ ଥିବା ଲୋକମାନେ ଏବେ ମାସକୁ ଇ–ଅଟୋରିକ୍ସାରୁ ୧୦ରୁ ୧୫ ହଜାର ଲାଭ ପାଉଛନ୍ତି । ନବୀନ ବନାରସ ହିନ୍ଦୁ ୟୁନିଭର୍ସିଟିରେ ପଢୁଥିବା ବେଳେ ସେଠାରେ ରିକ୍ସା ଟାଣୁଥିବା ଲୋକମାନଙ୍କ ଦୁଃଖ ଦେଖି ତାହା କିଭଳି ଦୂର ହେବ ସେଥିପାଇଁ ଏକ ଯୋଜନା ପ୍ରସ୍ତୁତ କରିଥିଲେ, ଯାହା ପର ମୁହୂର୍ତ୍ତରେ ଏସ୍‌ଏମ୍‌ଭି ପ୍ରତିଷ୍ଠା କରିବାକୁ ପ୍ରେରଣା ଯୋଗାଇଥିଲା । ନବୀନ ଗରିବ ରିକ୍ସା ଚାଳକଙ୍କୁ ଲୋନ କରିବାଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସହଯୋଗ କରୁଛନ୍ତି। ସବୁଠୁ ବଡ଼ କଥା ଗରିବ ରିକ୍ସା ଚାଳକ ପରିବାରଗୁଡିକର ରୋଜଗାର ବଢ଼ାଇବା ସହ ସହରର ପ୍ରଦୂଷଣ କମାଇବାର ଲକ୍ଷ୍ୟ ନେଇ ଆଗେଇଥିବା ନବୀନ କୃଷି ଶ୍ରମିକମାନଙ୍କୁ ବି ସାହାଯ୍ୟ କରୁଛନ୍ତି । ଏହି ଅଭିଯାନକୁ ସେ ଆଲ୍ଲାହାବାଦ, ଲକ୍ଷ୍ନୌ ଓ ଦିଲ୍ଲୀକୁ ମଧ୍ୟ ସଂପ୍ରସାରଣ କରିଛନ୍ତି । ଏସ୍‌ଏମ୍‌ଭି ସହରର ବିଭିନ୍ନ ସ୍ଥାନରେ ବ୍ୟାଟେରି ଚାର୍ଜ କରିବାର ବ୍ୟବସ୍ଥା କରିଛନ୍ତି, ଯାହା ଦ୍ୱାରା ଚାଳକମାନେ ଉପକୃତ ହେଉଛନ୍ତି । ୨୦୩୦ ସୁଦ୍ଧା ୩୦ ପ୍ରତିଶତ ତିନିଚକିଆ ଇ–ରିକ୍ସା ଚଳାଇବାର ଯେଉଁ ଯୋଜନା ରଖିଛନ୍ତି, ସେଥିରେ ନବୀନଙ୍କ ପ୍ରୟାସ ନିଶ୍ଚିତ ଭାବେ ସହାୟକ ହୋଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜାନୁୟାରୀ ୧୯୯୬

- ରୁଷ୍ ସୈନ୍ୟ ଓ ଚେଚେନୀୟ ବିଦ୍ରୋହୀଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଥିବା ବେଳେ ଦଳେ ସଶସ୍ତ୍ର ବ୍ୟକ୍ତି ତୁର୍କୀର ବନ୍ଦର ନିକଟରୁ ରୁଷିଆ ଆସୁଥିବା ଜାହାଜକୁ ଅପହରଣ କରିନେଇଛନ୍ତି।
- ସର୍ବମାନେ ଅକ୍ତିଆର କରିଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଫ୍ରାନ୍ସ ସୈନ୍ୟମାନେ ନିଜ ନିୟନ୍ତ୍ରଣକୁ ନେଇଛନ୍ତି।
- ଇନ୍ଦିରା ଗାନ୍ଧୀ ହତ୍ୟା ପରବର୍ତ୍ତୀ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଅଦାଲତରେ ହାଜର ହେବାପାଇଁ ଦିଲ୍ଲୀର ଅତିରିକ୍ତ ସେସନ୍ସ ଜଜ୍ ବରିଷ୍ଠ କଂଗ୍ରେସ ନେତା ଏଚ୍.କେ.ଏଲ୍. ଭାଗତଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି।

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 4 | | | | | 2 | | 0 | | | |
| | | B | 5 | | | 9 | 1 | | | | | 4 | 2 | |
| | A | | 3 | | | 5 | 7 | | | | | | | E |
| 7 | D | C | | | 1 | | 8 | | | | | | 6 | |
| E | | 3 | | | 8 | 4 | 6 | | D | 1 | 5 | C | 7 | |
| | | | | | | 7 | | | | 2 | A | | | 1 |
| | | | | | 7 | 6 | | | E | | C | B | 4 | |
| | | | | 3 | | E | C | 2 | 4 | | | 5 | | |
| 3 | | A | 0 | B | | | | | | | | 6 | | |
| | B | | 2 | | | | 0 | | | | 3 | | | 8 |
| | | | | C | | | | | 6 | | | | D | 4 |
| | | 4 | | | A | | | | C | | | E | | |
| 8 | | | 9 | E | | | B | | | | 1 | | C | |
| | | | | 7 | | | | | | A | 2 | | | 0 |
| | | 7 | 1 | | B | | 5 | | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | C | 9 | 8 | D | 2 | A | E | 0 | B | 7 | 3 | 5 | 4 | 1 |
| D | 3 | A | C | 7 | 4 | B | 1 | 2 | 5 | 0 | 8 | E | 9 | 6 |
| 8 | 4 | 2 | B | 3 | 9 | 5 | D | 6 | C | E | 1 | A | 7 | 0 |
| B | 0 | 1 | 5 | E | A | C | 7 | 9 | 4 | 6 | D | 3 | 2 | 8 |
| 5 | E | 7 | 6 | 0 | 1 | 8 | 3 | 4 | 9 | A | 2 | B | D | C |
| 1 | 6 | B | 7 | C | E | 4 | 5 | A | 2 | 3 | 9 | 0 | 8 | D |
| 2 | 8 | 4 | 1 | A | D | 0 | C | B | E | 5 | 7 | 9 | 6 | 3 |
| 9 | D | 3 | 0 | 5 | B | 6 | 2 | E | 8 | 1 | 4 | C | A | 7 |
| E | A | 0 | 9 | 4 | 3 | 7 | 8 | 1 | D | C | 6 | 2 | 5 | B |
| C | 7 | 5 | 2 | 6 | 8 | 3 | 9 | D | A | B | 0 | 1 | E | 4 |
| 7 | 1 | E | 4 | 8 | 0 | D | B | 5 | 3 | 2 | A | 6 | C | 9 |
| 3 | 5 | D | A | 1 | C | E | 6 | 8 | 7 | 9 | B | 4 | 0 | 2 |
| 4 | 9 | 6 | 3 | 2 | 5 | 1 | A | 7 | 0 | 8 | C | D | B | E |
| A | B | 8 | D | 9 | 6 | 2 | 0 | C | 1 | 4 | E | 7 | 3 | 5 |
| 0 | 2 | C | E | B | 7 | 9 | 4 | 3 | 6 | D | 5 | 8 | 1 | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସେଲ୍‌ଫି ଓ ଯୁବ ନିରାପତ୍ତା

ମହାଶୟ,

ଏହି ଆଧୁନିକ ସମାଜରେ ସ୍ମାର୍ଟଫୋନ ପ୍ରତି ଆଜିର ଯୁବ ସମାଜ ଏକ ପ୍ରକାର ଅଧିକରୁ ଅଧିକ ଆକୃଷ୍ଟ ହୋଇ ପଡ଼ିଛନ୍ତି। ବିଶେଷ କରି ନାବାଳକଙ୍କଠାରୁ ସାବାଳକ ଗୋଷ୍ଠୀ ପର୍ଯ୍ୟନ୍ତ ପ୍ରାୟ ସବୁ ଶ୍ରେଣୀର ଯୁବଗୋଷ୍ଠୀଙ୍କୁ ସ୍ମାର୍ଟଫୋନ ନିଶା ଘାରିଛି। ଶିଶୁ ଏବଂ ଯୁବକମାନେ ଦିନରାତି ସ୍ମାର୍ଟଫୋନ ଧରି ସେଲଫି ନେବାରେ ମସଗୁଲ ହୋଇ ସମୟ ବିତାଉଛନ୍ତି। ଫଳ ସ୍ୱରୂପ ସେମାନଙ୍କର ସେହି ସମୟରେ ସ୍ଥାନ, କାଳ, ପାତ୍ର କୌଣସି ବିବେଚନା ରଖୁନାହାନ୍ତି। ସେଲଫି ଉଠାଇବା ପାଇଁ ସେମାନେ ବହୁ ବିପଦସଙ୍କୁଳ ସ୍ଥାନ ମଧ୍ୟ ପ୍ରକାରାନ୍ତରେ ବାଛି ନେଉଛନ୍ତି। ଫଳତଃ ସେଲଫି ପୋଜ ଉଠାଇବାକୁ ଯାଇ କିଏ ଟ୍ରେନ ତଳେ କଟି ପଙ୍ଗୁ ହୋଇଯାଉଛି ତ, କେହି ଘରର ଛାତ କିମ୍ବା ଗଛ ଉପରୁ ପଡ଼ି କ୍ଷତାକ୍ତ ହେବାର ବହୁ ଦୃଷ୍ଟାନ୍ତ ରହିଛି। ନିକଟରେ ପୁରୁଣା କଟକ କୁମ୍ଭୀଝର ଜଳପ୍ରପାତର ସନ୍ନିକଟରେ ରହି ନିଜର ସେଲଫି ପୋଜ ନେଇ ଫଟୋ ଉଠାଉଥିବା ସମୟରେ ଜଣେ ନାବାଳକ ଜଳପ୍ରପାତରେ ପଡ଼ି ଭାସିଯାଇ ପ୍ରାଣ ହରାଇଥିବା ଘଟଣା ଅତୀତ ଦୁଃଖଦ। ନାବାଳକ ଏବଂ ସାବାଳକ ମାନଙ୍କର ଗୁରୁଜନମାନେ ଯଥେଷ୍ଟ ସଚେତନ ହେବା ନିହାତି ଆବଶ୍ୟକ। ସରକାର ମଧ୍ୟ ଏହି ସ୍ମାର୍ଟଫୋନ୍ ବ୍ୟବହାରକାରୀମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ନିୟମ କାନୁନ୍ ପ୍ରଣୟନ କରିବା ଅତ୍ୟନ୍ତ ଜରୁରୀ ମନେହୁଏ। କାରଣ ଏଠାରେ ଶିଶୁ ଏବଂ ନାବାଳକ ଗୋଷ୍ଠୀ ଯୁବବର୍ଗଙ୍କ ପାଇଁ ସରକାର ତମାଖୁ ଏବଂ ସିଗାରେଟ ସେବନରେ ଅଙ୍କୁଶ ଲଗାଇବାଟା ଏକ ଉଦାହରଣ ସଦୃଶ।

–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତଥାପି ଧରା ଜଡ଼ତା ରାଶି
ଗଳାରେ ମୋର ଲଗାଏ ଫାଶୀ
ଚଳଇଁ ଶତ ଯାତନା ବହି
ଫିଟଇ ନାହିଁ ମୁଖ,
ଡାହୁକ ଡାକେ ଡାକଇ ସାରୀ ଶୁକ!
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ବରିଷ୍ଠ ଫଟୋ ଖବରଦାତାଙ୍କ ମାତୃବିୟୋଗ



**ଭୁବନେଶ୍ୱର, ୧୭ା୧ (ବ୍ୟୁରୋ):** ଧରିତ୍ରୀରେ କାର୍ଯ୍ୟରତ ବରିଷ୍ଠ ଫଟୋ ଖବରଦାତା ମନୋରଞ୍ଜନ ମିଶ୍ରଙ୍କ ମା' ସବିତାଙ୍କ ରବିବାର ମଧ୍ୟାହ୍ନ ୧୨ଟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ତାଙ୍କ ଘର ପୁରୀ ଜିଲା ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଧାନକୁଟୀସାହିରେ। ଆଦର୍ଶ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସେ ସହଧର୍ମିଣୀ। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା, ପରୋପକାରୀ ଥିଲେ। ଶେଷଦର୍ଶନ କରିବାକୁ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବନ୍ଧୁବାନ୍ଧବ ଆସିଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ଚିତ୍ତରଞ୍ଜନ, ମଝିଆଁ ପୁଅ ମନୋରଞ୍ଜନ, ସାନପୁଅ ହୃଦୟରଞ୍ଜନ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀ, ନାତି ଉପସ୍ଥିତ ଥିଲେ। ତାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି। ବଡପୁଅ ଚିତ୍ତରଞ୍ଜନ ମୁଖାଗ୍ନି ଦେଇଥିଲେ।

## ଖରସ୍ରୋତା ନଦୀକୂଳରେ କୁମ୍ଭୀର, ଲୋକେ ଛାନିଆ



**ଯାଜପୁର ଟାଉନ,୧୭ା୧ (ଡି.ଏନ.ଏ.):** ଯାଜପୁର ବ୍ଲକ ଶିମିଳିଆ ପଞ୍ଚାୟତ ନଖେଇ ଖରସ୍ରୋତା ନଦୀକୂଳରେ ରବିବାର ଏକ କୁମ୍ଭୀର ଦେଖିବାକୁ ମିଳିଛି। ନଦୀକୂଳରେ କୁମ୍ଭୀର ଶୋଇଥିବା ଦେଖି ସ୍ଥାନୀୟ ଲୋକେ ଛାନିଆ ହୋଇ ପଡ଼ିଛନ୍ତି। କୁମ୍ଭୀରର ଲମ୍ବ ୫ ଫୁଟ୍‌ରୁ ଊର୍ଦ୍ଧ୍ୱ ହେବ। ନଦୀପଠାକୁ ଚାଷୀମାନେ କାମ କରିବାକୁ ଯାଉଥିବାରୁ ତୁରନ୍ତ କୁମ୍ଭୀରକୁ ଏଠାରୁ ସ୍ଥାନାନ୍ତର କରିବାକୁ ଦାବି ହେଉଛି। ତେବେ ବନବିଭାଗ ଘଟଣାସ୍ଥଳକୁ ଆସି କୁମ୍ଭୀରକୁ ଘଉଡ଼ାଇ ଦେଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ଯଦି କୁମ୍ଭୀର କିଛି କ୍ଷତି ଘଟାଏ ସେଥିପାଇଁ କିଏ ଦାୟୀ ରହିବେ ବୋଲି ବନବିଭାଗକୁ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଏଠାରେ ବିଭିନ୍ନ ସମୟରେ କୁମ୍ଭୀର ଦେଖାଦେଉଥିବାରୁ ଲୋକଙ୍କ ମଧ୍ୟରେ ଭୟ ବଢ଼ିଯାଇଛି। ଏଦିଗରେ ବନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# 'ବିଚାରପତିଙ୍କ ମନିଟରିଂ ତଦନ୍ତ ଆବେଦନ ଅଗ୍ରାହ୍ୟ ହୋଇଥିଲା'

**ବଲାଙ୍ଗୀର ଅଫିସ, ୧୭ା୧**

ହାଇକୋର୍ଟରେ ଜଣେ କାର୍ଯ୍ୟରତ ବିଚାରପତିଙ୍କ ମନିଟରିଂରେ ବହୁଚର୍ଚ୍ଚିତ ପରୀ ହତ୍ୟା ଘଟଣାର ଏସ୍‌ଆଇଟି ତଦନ୍ତ ପାଇଁ ରାଜ୍ୟ ସରକାର ଅନୁରୋଧ କରିଥିଲେ। ହେଲେ ସେହି ନିବେଦନକୁ ଉଚ୍ଚ ଅଦାଲତ ୨୦୨୦ ଡିସେମ୍ବର ୧ରେ ଅଗ୍ରାହ୍ୟ କରି ଦେଇଥିଲେ। କୋର୍ଟ ରାଜ୍ୟ ସରକାରଙ୍କ ନିବେଦନକୁ ଅଗ୍ରାହ୍ୟ କରିବା ଘଟଣାକୁ ଇତିମଧ୍ୟରେ ଦେଢ ମାସ ବିତି ଯାଇଛି। ହେଲେ ସେହି ତଥ୍ୟକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସାର୍ବଜନୀନ କରାଯାଇ ନାହିଁ। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ଏ ନେଇ ଅଧିକ ତଥ୍ୟ ମିଳିବା ପରେ ପ୍ରକୃତ କଥା ସାମ୍ନାକୁ ଆସିଛି। ଏହି ନୂତନ ତଥ୍ୟରେ ହାଇକୋର୍ଟ ମନିଟରିଂରେ ଏସ୍‌ଆଇଟି ତଦନ୍ତକୁ ନେଇ ରହିଥିବା ରାଜ୍ୟବ୍ୟାପୀ ଦ୍ୱନ୍ଦ୍ୱର ଅବସାନ ଘଟିଛି ବୋଲି ପଣ୍ଡା କହିଛନ୍ତି। ବର୍ତ୍ତମାନ ତଦନ୍ତରତ ଏସ୍‌ଆଇଟି ହାଇକୋର୍ଟଙ୍କ ମନିଟରିଂରେ ନୁହେଁ ବୋଲି ସ୍ପଷ୍ଟ ହୋଇଛି।

ବହୁଚର୍ଚ୍ଚିତ ପରୀ ହତ୍ୟା ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଜାରି ରହିଛି। ଏହି ଘଟଣାରେ ହାଇକୋର୍ଟ ମନିଟରିଂରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍‌ଆଇଟି)କୁ ନେଇ ରାଜ୍ୟ ସରକାରଙ୍କ ଚିଠି ସଂକ୍ରାନ୍ତରେ ଉପରୋକ୍ତ ତଥ୍ୟ ମିଳିଛି। ଏ ନେଇ ହାଇକୋର୍ଟଙ୍କ ଜନସୂଚନା ଅଧିକାରୀ ଅଧିକ ତଥ୍ୟ ଦେଇଥିବା ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ପଣ୍ଡା ରବିବାର ଏକ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି। ବଲାଙ୍ଗୀର ସିଭିଲ କୋର୍ଟ ମ୍ୟାନେଜରଙ୍କ ଜରିଆରେ ପାଇଥିବା ତଥ୍ୟକୁ ପଣ୍ଡା ପୁଣି ଥରେ ସାର୍ବଜନୀନ କରିଛନ୍ତି। ହାଇକୋର୍ଟ ଜନସୂଚନା ଅଧିକାରୀ ତଥା ଅତିରିକ୍ତ ଡେପୁଟି ରେଜିଷ୍ଟ୍ରାର ବି. ଦାଶ ଚିଠି ନଂ. ଆରଟିଆଇ-୧୩/୨୦୨୦/୬୯୬-ତା୧୬ା୧ା୨୦୨୧ରିଖରେ ସୂଚନା କର୍ମୀ ପଣ୍ଡାଙ୍କୁ ପୂର୍ବ ସୂଚନାର ରେଫରେନ୍ସ ଭାବେ ଅଧିକ ତଥ୍ୟ ପ୍ରଦାନ କରିଛନ୍ତି।

କୋର୍ଟଙ୍କ ଦ୍ୱାରା ଅଗ୍ରାହ୍ୟ ହେଲା ପରେ ରାଜ୍ୟ ସରକାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସୁପାରିଶ କରିପାରିଥାନ୍ତେ। ହେଲେ ସେପରି କରାଯାଇ ନାହିଁ। ଗତ ଜାନୁୟାରୀ ୬ରେ ହାଇକୋର୍ଟ ଜନସୂଚନା ଅଧିକାରୀ ଦେଇଥିବା ତଥ୍ୟକୁ ନେଇ ୧୫ତାରିଖ ଦିନ ପଣ୍ଡା ଏକ ଖବରଦାତା ସମ୍ମିଳନୀ କରିଥିଲେ। ହାଇକୋର୍ଟ ମନିଟରିଂରେ ତଦନ୍ତ ପାଇଁ ରାଜ୍ୟ ସରକାର ପ୍ରଦାନ କରିଥିବା ଅନୁରୋଧ ପତ୍ର ବା ଚିଠି ହାଇକୋର୍ଟ ପାଇ ନ ଥିବା ଆରଟିଆଇ ତଥ୍ୟରେ ଉଲ୍ଲେଖ ରହିଥିବା ଜଣାଇଥିଲେ। ଏଭଳି ତଥ୍ୟ ସାର୍ବଜନୀନ ହେବା ପରେ ରାଜ୍ୟବ୍ୟାପୀ ଏହାକୁ ନେଇ ଆଲୋଚନା ସରଗରମ ହୋଇଥିଲା। କିନ୍ତୁ ହାଇକୋର୍ଟ ମନିଟରିଂ ଏସ୍‌ଆଇଟିକୁ ନେଇ ସରକାରଙ୍କ ନିବେଦନକୁ କୋର୍ଟ ଅଗ୍ରାହ୍ୟ କରି ସରକାରଙ୍କୁ ଜଣାଇ ଦେଇଥିବା ବିଷୟ ରବିବାର ପଣ୍ଡା ସ୍ପଷ୍ଟ କରିଛନ୍ତି।

**ପରୀ ହତ୍ୟା ମାମଲାରେ ଏସ୍‌ଆଇଟି ପ୍ରସଙ୍ଗ**

- ହାଇକୋର୍ଟଙ୍କ ପକ୍ଷରୁ ମିଳିଲା ନୂଆ ତଥ୍ୟ
- ସାର୍ବଜନୀନ କରି ନ ଥିଲେ ରାଜ୍ୟ ସରକାର

## ସିବିଆଇ ତଦନ୍ତ ଦାବି ଦୋହରାଇଲା ଭାଜପା

**ଭୁବନେଶ୍ୱର, ୧୭ା୧(ବ୍ୟୁରୋ)**

ନୟାଗଡ଼ ଜିଲା ପରୀ ହତ୍ୟା ମାମଲାର ତଦନ୍ତ କରୁଥିବା ଏସ୍‌ଆଇଟିକୁ ମନିଟରିଂ କରିବା ପାଇଁ ରାଜ୍ୟ ସରକାର କରିଥିବା ଆବେଦନକୁ ହାଇକୋର୍ଟଙ୍କ ଗତ ଡିସେମ୍ବର ୧ରେ ଅଗ୍ରାହ୍ୟ କରିଦେଇଥିଲେ। ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ଏ ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିବା ପରେ ଏହାକୁ ନେଇ ଶାସକ ଦଳ ଉପରେ ବର୍ଷିଛନ୍ତି ବିରୋଧୀ ଦଳନେତା ପ୍ରଦୀପ୍ତ କୁମାର ନାଏକ। ସେ ଟୁଇଟ୍ କରି କହିଛନ୍ତି, ପରୀ ହତ୍ୟା ମାମଲାରେ ରାଜ୍ୟ ସରକାର ହାଇକୋର୍ଟଙ୍କ ନାମକୁ ବ୍ୟବହାର କରି ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ପ୍ରଥମରୁ ଭାଜପା ଏହି ଘଟଣାରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ନେଇ ପ୍ରଶ୍ନ ଉଠାଇଆସିଛି। ସରକାରଙ୍କ ଏସ୍‌ଆଇଟି ତଦନ୍ତର ଉଦ୍ଦେଶ୍ୟ କ'ଣ ଥିଲା ତାହା ସାମ୍ନାକୁ ଆସୁଛି। ସରକାର ଏସ୍‌ଆଇଟି ତଦନ୍ତ ତଦାରଖ ନେଇ କୌଣସି ଚିଠି ଦେଇ ନ ଥିବା ଏବେ ହାଇକୋର୍ଟ ସ୍ପଷ୍ଟ କଲେ। ପରୀ ହତ୍ୟା ଘଟଣାରେ ଜଣେ ନାବାଳକଙ୍କୁ ବଳପୂର୍ବକ ସାବାଳକ ଦର୍ଶାଇବାକୁ ପ୍ରୟାସ କରାଯାଇଥିଲା। ପୋକ୍‌ସୋ କୋର୍ଟ ଏହାକୁ ଖାରଜ କରିଛନ୍ତି। ଏସବୁ ଘଟଣା ଏସ୍‌ଆଇଟିର ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାର ନିରପେକ୍ଷ ତଦନ୍ତ ଲାଗି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଉ ବୋଲି ପ୍ରଦୀପ୍ତ ଦାବି କରିଛନ୍ତି। ସେହିପରି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ପରୀ ହତ୍ୟା ଘଟଣାରେ ତଦନ୍ତ କରୁଥିବା ଏସ୍‌ଆଇଟି କୋର୍ଟ ମନିଟରିଂ ବୋଲି କହି ରାଜ୍ୟ ସରକାର ବାରମ୍ବାର ଭ୍ରମିତ କରିଛନ୍ତି। ଏସ୍‌ଆଇଟି ତଦନ୍ତ ହାଇକୋର୍ଟ ମନିଟରିଂରେ ହୋଇପାରିବ ନାହିଁ ବୋଲି ସରକାର ଦେଢ଼ମାସ ପୂର୍ବରୁ ଜାଣିଥିଲେ। ତଥାପି ଏହାକୁ ଶାସକ ଦଳର ବରିଷ୍ଠ ନେତା, ମନ୍ତ୍ରୀ, ଏମ୍‌ପି ଏସ୍‌ଆଇଟି 'କୋର୍ଟ ମନିଟରିଂ' ବୋଲି କହିବା ଧର୍ତ୍ତବ୍ୟ ଅପରାଧ ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ଦୋଷୀଙ୍କ ଦୋଷ ଲୁଚାଇବାକୁ ବିଜେଡି ଢାଲ ସାଜିଥିବାବେଳେ କଂଗ୍ରେସ ମୁଖପାତ୍ରମାନେ ମଧ୍ୟ ବିଭିନ୍ନ ସମୟରେ ଶାସକ ଦଳ କଥାରେ ହଁ ମିଳାଇଥିଲେ। ଏହି ଘଟଣାର ସିବିଆଇ ତଦନ୍ତ ସହ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କୁ ବହିଷ୍କାର କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି।



କଟକ ଗଡ଼ଗଡ଼ିଆ ଘାଟ ନିକଟ ମହାନଦୀ କୂଳରେ ରବିବାର ସକାଳେ ଘନ କୁହୁଡ଼ି ମଧ୍ୟରେ ବିହଙ୍ଗରତ ବଗ।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ନିରଞ୍ଜନ

### 'ବିପିଏଲ ତାଲିକାଭୁକ୍ତଙ୍କୁ ଟିକା ମିଳୁ'

**ଭୁବନେଶ୍ୱର,୧୭ା୧(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ରବିବାର ଏକ ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁସ୍ୱାସ୍ଥ୍ୟ କାମନା କରିବା ସହିତ ରାଜ୍ୟରେ ଆରମ୍ଭ ହୋଇଥିବା ଟିକାକରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଧନ୍ୟବାଦ ଦେଇଛନ୍ତି। ଏହି କରୋନା ଟିକାକରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ମଧ୍ୟ ସେ ଧନ୍ୟବାଦ ଦେଇଛନ୍ତି। ଏହାସହିତ ରାଜ୍ୟର ସମସ୍ତ ବିପିଏଲ ତାଲିକାଭୁକ୍ତ ବ୍ୟକ୍ତିବିଶେଷ ଏବଂ ବୟସ୍କ ନାଗରିକଙ୍କ ପାଇଁ କରୋନା ଟିକା ମାଗଣାରେ ଉପଲବ୍ଧ କରାଯାଉ। ଫଳରେ ଏହି ବର୍ଗର ସମସ୍ତ ବ୍ୟକ୍ତିବିଶେଷ ଉପକୃତ ହୋଇପାରିବେ ବୋଲି ନିରଞ୍ଜନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

**। ପିକ୍‌ନିକ୍ ସ୍ପଟ୍ ।**

## କରଞ୍ଜେଇ ପୀଠ



ଗଞ୍ଜାମ ସହରରେ ରହିଛି ବହୁ ଦେବୀପୀଠ ଓ ପିକ୍‌ନିକ୍ ସ୍ପଟ୍, ସେଥିମଧ୍ୟରୁ ଶେରଗଡର କରଞ୍ଜେଇ ପୀଠ ଅନ୍ୟତମ। କରଞ୍ଜେଇ ଓ ପାକିଡି ପାହାଡ ମଝିରେ ରହିଛି ଏହି ମନୋରମ ସ୍ଥଳ। କିମ୍ବଦନ୍ତୀ ଅନୁଯାୟୀ ମୁନିଋଷିମାନେ ଏହି ପାହାଡରେ ତପସ୍ୟା କରି ସିଦ୍ଧିଲାଭ କରୁଥିଲେ। ମୟୂର ଓ କୃଷ୍ଣସାର ମୃଗଙ୍କ ବିହାର ସହ ଘନ ବନରାଜି ଓ ପାର୍କ ଏଠାକୁ ଆସିବାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ବର୍ଷସାରା ଏଠାକୁ ପର୍ଯ୍ୟଟକ ଆସି ପ୍ରକୃତିକୁ ମନଭରି ଉପଭୋଗ କରନ୍ତି। ପିକ୍‌ନିକ୍ ପାଇଁ ଏଠାରେ ସମସ୍ତ ବ୍ୟବସ୍ଥା ରହିଛି। ପୀଠଟି ଜାତୀୟ ରାଜପଥ ନଂ.୫୯ କଡରେ ଥିବାରୁ ଏଠାକୁ ଯିବାକୁ ଅସୁବିଧା ହୁଏ ନାହିଁ। ସନ୍ଧ୍ୟା ପର୍ଯ୍ୟନ୍ତ ଏଠାରୁ ଫେରିବା ପାଇଁ ମଧ୍ୟ ବସ୍ ମିଳିବ। ଜାତୀୟ ରାଜପଥଠାରୁ ମାତ୍ର ୫୦୦ ମିଟର ଦୂରରେ ରହିଛି ଏହି ସ୍ପଟ୍। କରଞ୍ଜେଇ ପାହାଡ ନାମ ଅନୁଯାୟୀ ଏହି ପୀଠର ନାମ ରଖାଯାଇଛି। ଇକୋ ଟୁରିଜମ୍ ସାଙ୍ଗକୁ ବନ ବିଭାଗର ନର୍ସରୀ ଓ ବିଶ୍ରାମଗୃହ ବ୍ୟବସ୍ଥା ଅଛି। ବିଶେଷ କରି ମା' କରଞ୍ଜେଇ ଠାକୁରାଣୀ ମନ୍ଦିର ତରଫରୁ ପର୍ଯ୍ୟଟକଙ୍କ ପାଇଁ ବ୍ୟାପକ ସୁବିଧା କରାଯାଇଛି। ଅଞ୍ଚଳର ବିଭିନ୍ନ ସରକାରୀ, ବନ୍ଧୁ ମିଳନ କାର୍ଯ୍ୟକ୍ରମ ଏଠାରେ ହୁଏ। ଚାରିଆଡେ ମୟୂରଙ୍କ ବିଚରଣ ପିଲାଠାରୁ ବୟସ୍କ ସମସ୍ତଙ୍କୁ ଆକୃଷ୍ଟ କରେ। ୨ ବ୍ଲକ ପ୍ରଶାସନ ଆସିକା ଓ ଶେରଗଡର ତତ୍ତ୍ୱାବଧାନରେ ଚାଲିଛି ଏହି ପୀଠ। ବିକାଶ ଦିଗରେ ବିଗତ କିଛିଦିନ ମଧ୍ୟରେ ବହୁ ପଦକ୍ଷେପ ନିଆଯାଇଥିବା କହିଛନ୍ତି କରଞ୍ଜେଇ ସମନ୍ୱୟ ସମିତି ସଭାପତି ଭଜରାମ ପଲେଇ ଓ ସଭ୍ୟ ମାଧବାନନ୍ଦ ପଣ୍ଡା। ସାମାଜିକ କର୍ମୀ ବିକୁ ନାୟକ କୁହନ୍ତି, ଏହାର ବିକାଶ ସହ ପର୍ଯ୍ୟଟକ ମାନଚିତ୍ରରେ ସ୍ଥାନ ଦେବାକୁ ବହୁବାର ପ୍ରଶାସନର ବୈଠକ ବସିଛି, ହେଲେ ଫଳ ଶୂନ। ତୁରନ୍ତ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ସେ ଦାବି କରିଛନ୍ତି।

**କେମିତି ଯିବେ**

ବ୍ରହ୍ମପୁର ରେଳଷ୍ଟେଶନରୁ କରଞ୍ଜେଇ ପୀଠର ଦୂରତା ୨୭ କି.ମି.। ବାହାରୁ ଆସୁଥିବା ପର୍ଯ୍ୟଟକ ବ୍ରହ୍ମପୁର ରେଳ ଷ୍ଟେଶନରେ ପହଞ୍ଚିବା ପରେ ଟ୍ୟାକ୍ସି ଏବଂ ବସ୍ ଯୋଗେ ଭାୟା ହିଞ୍ଜିଳିକାଟୁ ଦେଇ ଯାଇପାରିବେ। ଆସିକା ଯାଉଥିବା ସମସ୍ତ ବସ୍ କରଞ୍ଜେଇ ଛକରେ ରହିଥାଏ। ପଶ୍ଚିମ ଓଡ଼ିଶାର ଲୋକେ ଭଞ୍ଜନଗର ଦେଇ ଏହି ପୀଠକୁ ଆସିପାରିବେ। ଭଞ୍ଜନଗରରୁ ବ୍ରହ୍ମପୁର ଆସୁଥିବା ସମସ୍ତ ବସ୍ କରଞ୍ଜେଇ ପୀଠ ଦେଇ ଯାଇଥାଏ।

– ରିପୋର୍ଟ: ସୂର୍ଯ୍ୟନାରାୟଣ ଦାସ, ଶେରଗଡ଼

## ଦେଢ଼ କୁଇଣ୍ଟାଲ ରକ୍ତଚନ୍ଦନ କାଠ ଜବତ

**ପାରଳାଖେମୁଣ୍ଡି,୧୭ା୧(ଡି.ଏନ୍.ଏ.)**

ଗଜପତି ଜିଲା ମହେନ୍ଦ୍ରଗିରି ଓ ଦେବଗିରି ରେଞ୍ଜ ବନ କର୍ମଚାରୀ ଶନିବାର ବିଳମ୍ବିତ ରାତିରେ ପାଟ୍ରୋଲିଂବେଳେ ଏକ ଅଟୋରେ ଚାଲାଣ ହେଉଥିବା ଦେଢ଼କୁଇଣ୍ଟାଲ ରକ୍ତଚନ୍ଦନ କାଠ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଛି।

ପ୍ରକାଶ ଯେ, ରକ୍ତଚନ୍ଦନ କାଠ ଚୋରାଚାଲାଣ ନେଇ ବନବିଭାଗକୁ ସୂଚନା ମିଳିଥିଲା। ମହେନ୍ଦ୍ରଗିରି ରେଞ୍ଜର କବିନ୍ ପରିଚ୍ଛା ଓ ଦେବଗିରି ରେଞ୍ଜର ଅରୁଣ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିଲା। ମହେନ୍ଦ୍ରଗିରି ରେଞ୍ଜ ଜଲାଙ୍ଗ ପଟୁ ଦେବଗିରି ରେଞ୍ଜ ଗୁର୍ଜାଙ୍ଗ ଅଭିମୁଖେ ଏକ ଅଟୋ (ଏପି ୩୦ ୱାଇ-୬୪୭୮)ବିଳମ୍ବିତ ରାତିରେ ଯାଉଥିବାବେଳେ ମହେନ୍ଦ୍ରଗିରି ରେଞ୍ଜ ବନକର୍ମଚାରୀ ପିଛା କରିଥିଲେ। ଖବର ପାଇ ଉପଲଡାଠାରେ ଦେବଗିରି ରେଞ୍ଜ କର୍ମଚାରୀ ଆଗରୁ ଘେରି ଯାଇଥିଲେ। ଯାଞ୍ଚ ପରେ ଅଟୋରେ ଜରିବସ୍ତାରେ ଚନ୍ଦନକାଠ ଥିବା ଜଣାପଡିଥିଲା। ପରେ ଅଟୋ ଓ କାଠ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଆଣି ଦେବଗିରି ରେଞ୍ଜ କାର୍ଯ୍ୟାଳୟରେ ଅଟକ ରଖି ପଚରାଉଚରା ଚାଲିଛି।



ଜବତ ରକ୍ତଚନ୍ଦନ କାଠ।

# '୨୦ ବର୍ଷରେ ସରକାର କରିଛନ୍ତି ୨୦% କାମ'

## ବିଜେଡି କଳାହାଣ୍ଡି କାର୍ଯ୍ୟକ୍ରମକୁ କଂଗ୍ରେସର ସମାଲୋଚନା

**ଭୁବନେଶ୍ୱର,୧୭ା୧(ବ୍ୟୁରୋ)**

ବିଜେଡିର କଳାହାଣ୍ଡି କାର୍ଯ୍ୟକ୍ରମକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ବିଜେଡି ଶାସନକୁ ଆସିଲା ବେଳକୁ ଇନ୍ଦ୍ରାବତୀର ୮୦% କାର୍ଯ୍ୟ ସମ୍ପାଦିତ ହୋଇସାରିଥିଲା। ଗତ ୨୦ ବର୍ଷ ମଧ୍ୟରେ ଇନ୍ଦ୍ରାବତୀର ମାତ୍ର ୨୦% ଜମିକୁ ଜଳସେଚନ କରାଯାଇ ସରକାର ଏତେ ବାହାଦୁରି କାହିଁକି ନେଉଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି। କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପଞ୍ଚାନନ କାନୁନଗୋ କହିଛନ୍ତି, ଦେଶର ନମ୍ବର ୱାନ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟ ଏବେ ସୁଦ୍ଧା ଦେଶର କୌଣସି ଗୋଟିଏ ଉତ୍ପାଦନରେ ପ୍ରଥମ ୪ ରାଜ୍ୟ ଭିତରେ ସ୍ଥାନିତ ହୋଇପାରିଲା ନାହିଁ। ଓଡ଼ିଶାରେ କୃଷି ଉପଯୋଗୀ ଜମିର ପରିମାଣ ୬୪ ଲକ୍ଷ ହେକ୍ଟର ଜମି ଅର୍ଥାତ୍ ସେଥିରୁ ୨୦୧୩-୧୪ରେ ହିସାବ ଅନୁଯାୟୀ ୫୪.୨୪ଲକ୍ଷ ହେକ୍ଟର ଜମିରେ ଚାଷ ହୋଇଥିଲା। ସେଥିମଧ୍ୟରୁ ୪୩ ଲକ୍ଷ ହେକ୍ଟର ଜମିରେ ଖରିଫ୍ ଧାନ ଚାଷ ହୋଇଥାଏ। ଗୋଟିଏ ପରିବାର ପିଛା ହାରାହାରି ଗୋଟିଏ ହେକ୍ଟର ଜମି ରହିଛି। ସରକାରୀ ହିସାବରେ ଖରିଫ ଋତୁରେ ୨୨.୫୪ ଲକ୍ଷ ହେକ୍ଟର ଜମିରେ ଅର୍ଥାତ୍ ଭଲ ବର୍ଷାଥିଲେ ଏହି ପରିମାଣରେ ଜଳସେଚନ ହୁଏ। ଅନାବୃଷ୍ଟି ସମୟରେ ଆବଶ୍ୟକ ଜଳ ଅଭାବରୁ ଫସଲ କମ୍ ହୁଏ ଏବଂ ଏହି ଜଳସେଚନ ପରିମାଣ ୩୦%ରୁ କମିଯାଏ। ରବି ଋତୁରେ ମାତ୍ର ୧୩ ଲକ୍ଷ ହେକ୍ଟର ବା ୨୦% ଜମିରେ ଜଳସେଚନ ବ୍ୟବସ୍ଥା ହୁଏ। ଖରାଦିନେ ମାତ୍ର ୩% ବା ଅତିବେଶି ହେଲେ ୧.୫ ଲକ୍ଷ ହେକ୍ଟର ଜମିରେ ଜଳସେଚନ ହୁଏ। ବର୍ଷକୁ ମୋଟ ବର୍ଷା ଅନୁପାତ ହାରାହାରି ୧୫୦୦ ମି.ମି. ଓ ପ୍ରବାହିତ ଜଳରାଶି ୯୫ ବିଲିଅନ କ୍ୟୁବିକ୍ (ବିକ୍ୟୁ)ମିଟର। ଏଥିରୁ ୭ଟି ବୃହତ୍ତ ଜଳସେଚନ ପ୍ରକଳ୍ପରେ ମାତ୍ର ୧୪ ବିକ୍ୟୁ ମିଟର, ୪୦ଟି ମଧ୍ୟମ ଯୋଜନାରେ ୧.୬୩ ବିକ୍ୟୁ ମିଟର ଓ ଅନ୍ୟାନ୍ୟରେ ମାତ୍ର ୦.୮୫ ବିକ୍ୟୁ ମିଟରଏପରି ମୋଟ ୧୭.୩୪ ବିକ୍ୟୁ ମିଟର ପାଣି ରୁହେ। ଅର୍ଥାତ ୧୮ରୁ ୨୦% ପାଣି ସଂଗୃହୀତ ହୋଇ ରୁହେ ଏବଂ ସମସ୍ତ ଜଳରାଶିର ୭୨% ପାଣି ସମୁଦ୍ରକୁ ବୋହିଯାଏ। ଏହି ତଥ୍ୟକୁ ସରକାର ନିଜେ ସ୍ୱୀକାର କରିଛନ୍ତି। ଗତ ୨୦ ବର୍ଷରେ ଇନ୍ଦ୍ରାବତୀ, ହୀରାକୁଦ୍, ରେଙ୍ଗାଲି, କୋଲାବ ଆଦିର ଜଳଧାରଣ କ୍ଷମତା ବଢ଼ିଛି ନା କମିଛି ସରକାର ଏହାର ଉତ୍ତର ରଖନ୍ତୁ ବୋଲି ସେ କହିଛନ୍ତି। କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର ଓଡ଼ିଶାର ପଡ଼ୋଶୀ ରାଜ୍ୟ ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶରେ ହୋଇଥିବା ଜଳସେଚନ ଜନିତ ବିକାଶ ସହିତ ରାଜ୍ୟର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ପଡ଼ୋଶୀ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାର ଜଳସେଚନର ସ୍ଥିତି ଅତ୍ୟନ୍ତ ନଗଣ୍ୟ ଓ ରାଜ୍ୟ ସରକାର ବିଗତ ୨୦ ବର୍ଷ ଧରି ରାଜ୍ୟର ଜଳସେଚନ ବ୍ୟବସ୍ଥା ପ୍ରତି ଆଦୌ ଦୃଷ୍ଟି ଦେଇନାହାନ୍ତି। ଏହାଦ୍ୱାରା ଚାଷ ଓ ଚାଷୀକୁଳ ଉଭୟେ ଗଭୀର ଭାବରେ ପ୍ରଭାବିତ ହେଉଛନ୍ତି ବୋଲି ମହାପାତ୍ର କହିଛନ୍ତି।




ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀ।

# ୨୧ରୁ ବିନା କୋଭିଡ୍ ରିପୋର୍ଟରେ ଦର୍ଶନ

**ପୁରୀ ଅଫିସ,୧୭ା୧**

- ସହଜରେ କରିହେବ ଦାରୁଦିଅଁ ଦର୍ଶନ
- ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଙ୍କ ପାଇଁ ହେବ ସ୍ୱତନ୍ତ୍ର ଧାଡ଼ି
- ସକାଳ ୬ରୁ ପୁରୀ ସହରବାସୀ, ୭ଟାରୁ ସର୍ବସାଧାରଣ ଦର୍ଶନ

ଆସନ୍ତା ୨୧ତାରିଖରୁ ବିନା କୋଭିଡ୍ ନେଗେଟିଭ୍ ରିପୋର୍ଟରେ ଦାରୁଦିଅଁଙ୍କ ଦର୍ଶନ ଆରମ୍ଭ ହେବ। ସ୍ୱତନ୍ତ୍ର ଏସ୍‌ଓପି ମାନି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ଯାଇପାରିବେ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା କରାଯିବ ବୋଲି ପୁରୀ ଜିଲାପାଳ ସମର୍ଥ ବର୍ମା ରବିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଜିଲାପାଳ କହିଛନ୍ତି, ଏ ନେଇ ଶ୍ରୀମନ୍ଦିର ଓ ଜିଲା ପ୍ରଶାସନର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରସଙ୍ଗ ଉପରେ ମୋହର ବାଜିଛି। ପ୍ରାୟତଃ ସବୁ କଟକଣା ସମାନ ରହିଥିବାବେଳେ କେବଳ କୋଭିଡ୍ ରିପୋର୍ଟ କଟକଣାକୁ ହଟାଇ ଦିଆଯାଇଛି। ୨୧ ତାରିଖରୁ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ଲାଗି ଆଉ କୋଭିଡ୍ ନେଗେଟିଭ୍ ରିପୋର୍ଟ ଆବଶ୍ୟକ ନାହିଁ। ମାତ୍ର ପୂର୍ବଭଳି ସମସ୍ତେ କୋଭିଡ୍ ଗାଇଡ୍‌ଲାଇନ୍ ମାନିବାକୁ ବାଧ୍ୟ। ମନ୍ଦିର ପରିସରରେ ଦୀପ ଲଗାଇବା, ଭୋଗ ସାମଗ୍ରୀ ନେବା ଏବଂ ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରିବା ଆଦି ନିଷେଧ ରହିଛି। ସେହିପରି ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା କରାଯିବ। ପ୍ରଶାସନ ପକ୍ଷରୁ ପାନୀୟଜଳ ଓ ଭ୍ରାମ୍ୟମାଣ ପରିସ୍ରାଗାର ବ୍ୟବସ୍ଥା ମଧ୍ୟ ହେବ। ସକାଳ ୭ଟାରୁ ସାଧାରଣ ଦର୍ଶନ ଆରମ୍ଭ ହେବ। ପୁରୀ ସହରବାସୀ ପ୍ରମାଣପତ୍ର ସହ ସାଧାରଣ ଦର୍ଶନର ଘଣ୍ଟାଏ ଆଗରୁ ଅର୍ଥାତ୍ ସକାଳ ୬ରୁ ୭ଟା ପର୍ଯ୍ୟନ୍ତ ସିଂହଦ୍ୱାର ଦେଇ ମନ୍ଦିର ଭିତରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଅନ୍ୟ ସମୟରେ ସେମାନେ ସାଧାରଣ ଧାଡ଼ିରେ ଆସିପାରିବେ। ପ୍ରଶାସନ ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସ୍ତୁତି କରିଛି। ଏହାଠାରୁ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଆସିଲେ ଅତିରିକ୍ତ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ କିଓସ୍କୋ ବ୍ୟବସ୍ଥାକୁ ବଳବତ୍ତର ରଖାଯିବ ବୋଲି ଜଣାପଡ଼ିଛି।



ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନନ୍ଦାହାଣ୍ଡି/ତେନ୍ତୁଳିଖୁଣ୍ଟି,୧୭ା୧ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ତଥା ତେନ୍ତୁଳିଖୁଣ୍ଟି ଥାନା ଅଧୀନ ନରସିଂହଗୁଡ଼ା ଗାଁ ନିକଟ କାଜୁ ବାଡ଼ିରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଗାଁର ସୋନୁ ଜାନିଙ୍କ ପୁଅ ଦିବାକର(୨୨)। ସୂଚନା ଅନୁଯାୟୀ, ସକାଳେ ଗାଁର କିଛି ଲୋକ ପ୍ରାତଃ ଭ୍ରମଣରେ ଯାଉଥିବାବେଳେ କାଜୁ ଗଛରେ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ତେନ୍ତୁଳିଖୁଣ୍ଟି ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ମୃତ ସୋନୁ ଟ୍ରାକ୍ଟର ଚାଳକ ଥିଲେ। ଶନିବାର ରାତି ସାଢ଼େ ୮ଟାରେ ସେ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ହୋଇଥିବାବେଳେ ୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରମୋଦ କୁମାର ସୂଚନା ଦେଇଛନ୍ତି।

### ଶ୍ରୀସତ୍ୟସାଇ ବିଦ୍ୟାବାହିନୀ କେନ୍ଦ୍ରର ବାର୍ଷିକୋତ୍ସବ

ମାଲକାନଗିରି,୧୭ା୧ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଶ୍ରୀସତ୍ୟସାଇ ବିଦ୍ୟାବାହିନୀ କୋଚିଂ ସେଣ୍ଟରର ବାର୍ଷିକୋତ୍ସବ ଶିକ୍ଷାବିତ୍ ସୀମାଚଳ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ମୁଖ୍ୟବକ୍ତା ଜି. କାନାରାଜୁ, ସମ୍ମାନିତ ଅତିଥି ସାମାଜିକ କର୍ମୀ ଓମ୍ ପ୍ରକାଶ ଟାବାରି ଯୋଗଦେଇ ପିଲାମାନେ ଚରିତ୍ରବାନ୍, ଦୟାଶୀଳ, କ୍ଷମାଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଇଂରାଜୀ ଭାଷାରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଉର୍ବଶୀ ରାୟ, କିରଣ ପଡିଆମି, ଆକାଶ ରାୟ, ଲକ୍ଷ୍ମଣ ହନ୍ତାଳ, ଯୋଗେଶ ଶିଶା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଭୁ ପାନ୍, ଦେବାଲ ପୋଦାରଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷ ମନୀଷ ଦୟା, ଶିକ୍ଷୟିତ୍ରୀ ସୁଚିସ୍ମିତା ଖଟେଇ, ଅମିତା ପଟ୍ଟନାୟକ, ଶିକ୍ଷକ ଜିତେନ୍ଦ୍ର ବିଶି, ପ୍ରଦୀପ କୁମାର ମିସ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଶ୍ରୀସତ୍ୟସାଇଙ୍କ ପ୍ରାର୍ଥନା ଓ ଭଜନ କାର୍ଯ୍ୟକ୍ରମ ହୋଇଥିଲା।

### ନିଖିଳ ଉତ୍କଳ ଅଳୀୟ ସମାଜର ବନ୍ଧୁମିଳନ

ସୁନାବେଡା,୧୭ା୧(ସ୍ୱ.ପ୍ର.) ନିଖିଳ ଉତ୍କଳ ଅଳୀୟ ସମାଜ ସୁନାବେଡା ମଣ୍ଡଳ ପକ୍ଷରୁ ୩୬ତମ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ଜବାହର ଜ୍ୟୋତି ସ୍ପୋର୍ଟସ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ସମସ୍ତ ମଣ୍ଡଳ ସଭାପତି ଏବଂ ଜିଲାର କୁଳାଧିପତିଶ୍ରୀ ପ୍ରହ୍ଲାଦ ଲେଙ୍କା ଉପସ୍ଥିତ ଥିଲେ। ସୁନାବେଡା ମଣ୍ଡଳ ସଭାପତି ହରିବନ୍ଧୁ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଉପ ସଭାପତି କୃଷ୍ଣ ପ୍ରସାଦ ନାୟକ, ସମ୍ପାଦକ ସଞ୍ଜୟ କୁମାର, ଗୋପୀନାଥ ନାୟକ ପରିଚାଳନା କରିଥିଲେ।

### ୧୨୫ ଡବା କାଜୁ ଚୋରି ନେଇ ଅଭିଯୋଗ

ଜୟପୁର,୧୭ା୧(ନି.ପ୍ର. )- ଜୟପୁର ସଦରଥାନା ଅନ୍ତର୍ଗତ ରଣ୍ଡାପାଲି ନିକଟରେ ଥିବା ଏକ କାଜୁ ମିଲରୁ ୧୨୫ ଡବା କାଜୁ ଚୋରି ହୋଇଥିବା ନେଇ ସଦରଥାନାରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ଗତ ୧୫ ତାରିଖ ରାତିରେ ଭି.ଜଗନ୍ନାଥ ରାଓଙ୍କ କାଜୁ ମିଲରୁ କେତେକ ଦୁର୍ବୃତ୍ତ ୧୨୫ ଡବା ଅର୍ଥାତ ୧୨୫୦ କେଜି କାଜୁ ଚୋରି କରି ନେଇ ଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# କାଳିମେଳାରେ କଂଗ୍ରେସର ଜାତୀୟ ରାଜପଥ ଅବରୋଧ

ମାଲକାନଗିରି/କାଳିମେଳା, ୧୭ା୧ (ଡି.ଏନ.ଏ.)


ଜାତୀୟ ରାଜପଥ ଅବରୋଧ କରି ବସିଥିବା କଂଗ୍ରେସ କର୍ମକର୍ତ୍ତା ।

ମାଲକାନଗିରି ଜିଲା କାଳିମେଳା ବ୍ଲକରେ ଥିବା ସମସ୍ତ ମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରୁନି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମୟରେ ଚାଷୀଙ୍କ ସପକ୍ଷରେ ବାହାରିଛି କଂଗ୍ରେସ। ନବରଙ୍ଗପୁରର ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କ ନେତୃତ୍ୱରେ ରବିବାର ଚାଷୀ ଓ କଂଗ୍ରେସ ନେତାମାନେ ୩୨୬ ନଂ. ଜାତୀୟ ରାଜପଥ ଉପରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି । କାଳିମେଳା ବ୍ଲକ ଅଧ୍ୟକ୍ଷ ମାଲା ମାଢ଼ି, ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ, ଓଡିଶା ଯୁବ କଂଗ୍ରେସର ଯୁବ ସମ୍ପାଦକ ଦ୍ୱାରିକା ମହାପାତ୍ର, ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ, ଲକ୍ଷ୍ମୀପ୍ରିୟା ନାୟକ, କମଳା ବରାଡଙ୍କ ସମେତ ବହୁ କଂଗ୍ରେସ ନେତା ଓ ଚାଷୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି । କାଳିମେଳା ଲ୍ୟାମ୍ପ ଅଧୀନରେ ୧୩ଟି ମଣ୍ଡି ଚାଲିଛି। ଏହି ମଣ୍ଡି ପାଇଁ ୯୨୭୮ ଚାଷୀ ଧାନ ବିକ୍ରି କରିବାକୁ ଟୋକନ ଆବଶ୍ୟକ କରିଥିଲେ। ତେବେ ଏଥିରୁ ୮୬୧୮ ଜଣଙ୍କୁ ଟୋକନ୍ ମିଳିଛି। ସେମାନଙ୍କଠାରୁ ୨ଲକ୍ଷ ୭୭ହଜାର ୯୬୮ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି । ତେବେ ଧାନ କ୍ରୟ ନେଇ ସରକାରୀ ଟାର୍ଗେଟ ପୂରଣ ହୋଇସାରିଛି। ଅନେକ ଚାଷୀ ଟୋକନ ପାଇ ମଧ୍ୟ ମଣ୍ଡିରେ ଧାନ ବିକ୍ରି କରିପାରି ନ ଥିବା କାଳିମେଳା ଲ୍ୟାମ୍ପ ଏମ୍‌ଡି ସରୋଜ ସୁନ୍ଦରରାୟ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ କେତେକ ଚାଷୀ ମଣ୍ଡି କାର୍ଡ ପାଇଥିଲେ ସୁଦ୍ଧା ଟୋକନ୍ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୂର୍ବତନ ଏମ୍‌ପି ମାଝି ଧାନ କିଣା ବିକାକୁ ନେଇ ସରକାର ଓ ପ୍ରଶାସନକୁ ସମାଲୋଚନା କରିଛନ୍ତି। ତୁରନ୍ତ ସରକାର ଚାଷୀଙ୍କ ପାଇଁ ଧାନ କିଣା ଟାର୍ଗେଟ ବଢାଇ ଧାନ କିଣିବା ପାଇଁ ସେ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଆରଏମ୍‌ସି ଧାନ ବିକ୍ରି ବାବଦକୁ କୁଇଣ୍ଟାଲ ପିଛା ୨ ପ୍ରତିଶତ ଲାଭ ପାଉଛି। ଲ୍ୟାମ୍ପ କୁଇଣ୍ଟାଲ ପିଛା ୩୧ଟଙ୍କା ୨୫ ପଇସା ଲାଭ ପାଉଛି। ଏହା ସତ୍ତ୍ୱେ ଏହି ଦୁଇ ସଂସ୍ଥା ଚାଷୀଙ୍କୁ ମଣ୍ଡିରେ ବିଭିନ୍ନ ସୁବିଧା ସୁଯୋଗ ଦେଉ ନାହାନ୍ତି। ଚାଷୀ ଧାନର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି । ମଣ୍ଡିକୁ ସରକାର ତରବରିଆ ଭାବେ ବନ୍ଦ କରି ଦେଇଥିବାରୁ ଚାଷୀ ସେମାନଙ୍କର ଶହ ଶହ କୁଇଣ୍ଟାଲ ଧାନ ବିକ୍ରି କରିପାରିନାହାନ୍ତି। ଏହି ସମସ୍ୟା ସମାଧାନ ନ ହେଲାଯାଏ ଆନ୍ଦୋଳନ ଚାଲୁ ରହିବ । ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବନ୍ଦ କରାଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି । ଆନ୍ଦୋଳନ ସ୍ଥଳରେ ବିଡିଓ ଉମା ଶଙ୍କର ଦଳାଇ, ତହସିଲଦାର ଆଲୋକ କୁମାର ଅନୁଗୁଳିଆ ଓ ଆଇଆଇସି ସୁରଜ କୁମାର ଝାଙ୍କର ପହଞ୍ଚି ଆନ୍ଦୋଳନକାରୀ ନେତା ଏବଂ ଚାଷୀଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା ସେମାନେ ଆନ୍ଦୋଳନରୁ ହଟି ନ ଥିଲେ । ଫଳରେ ୩୨୬ ନଂ. ଜାତୀୟ ରାଜପଥରେ ଦୀର୍ଘ ୧୦ଘଣ୍ଟା ଧରି ଜୟପୁର-ମୋଟୁ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ଅନ୍ୟପକ୍ଷରେ ମାଲକାନଗିରି ଜିଲା ପାଇଁ ୧୦ ଲକ୍ଷ ୫୪ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଜିଲାରେ ୧୦ ଲକ୍ଷ ୩୧ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଚାଷୀଙ୍କ ଧାନ କ୍ରୟ ପାଇଁ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି। ମଞ୍ଜୁରି ମିଳିଲେ ଧାନ କ୍ରୟ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥ କହିଛନ୍ତି। ସୂଚନାଯୋଗ୍ୟ ନଭେମ୍ବର ୩୦ରେ ମଣ୍ଡି ଶୁଭାରମ୍ଭ ବେଳେ ଜିଲାପାଳ କୌଣସି ଚାଷୀଙ୍କ ଧାନ ରହିବ ନାହିଁ । ସମସ୍ତ ଚାଷୀଙ୍କ ସବୁ ଧାନ କ୍ରୟ କରାଯିବ ବୋଲି କହିଥିଲେ । ମାତ୍ର ଦେଢ଼ ମାସ ଚାଲି ଏବେ ମଣ୍ଡି ବନ୍ଦ ହୋଇଯାଇଛି। ଚାଷୀଙ୍କ ସବୁ ଧାନ ପ୍ରଶାସନ କିଣିପାରିନାହିଁ। ଅନେକ ଚାଷୀଙ୍କ ବର୍ତ୍ତମାନ ସୁଦ୍ଧା ଟୋକନ ଆସିନାହିଁ। କେବଳ କାଳିମେଳା ମଣ୍ଡିରେ ପ୍ରାୟ ୭ ହଜାର ବସ୍ତା ଧାନ ପଡ଼ି ରହିଛି।

ଫଟୋ: କଂଗ୍ରେସ ପକ୍ଷରୁ ଜାତୀୟ ରାଜପଥ ଅବରୋଧକରିକରାଯାଉଥିବା ଆନ୍ଦୋଳନ।

**ମଣ୍ଡିରୁ ଧାନ ନ ଉଠିବାରୁ ପ୍ରତିବାଦ**

- ମଣ୍ଡିରୁ ଧାନ ନ ଉଠିବା ଯାଏ ଜାରି ରହିବ ଆନ୍ଦୋଳନ
- ୧୦ ଘଣ୍ଟା ଧରି ଜୟପୁର-ମୋଟୁ ଯୋଗାଯୋଗ ଠପ୍
- ଟୋକନ ପାଇ ଅନେକ ଚାଷୀ ଧାନ ବିକିପାରିନାହାନ୍ତି: ଲ୍ୟାମ୍ପ ଏମ୍‌ଡି

## ଲକ୍ଷ୍ମୀପୁର ବିଡିଓ ବହିଷ୍କୃତ



ଲକ୍ଷ୍ମୀପୁର,୧୭ା୧(ଡି.ଏନ.ଏ.)

କୋରାପୁଟ ଜିଲା ଲକ୍ଷ୍ମୀପୁର ବିଡିଓ ଦିଲ୍ଲୀପ ପଟ୍ଟନାୟକଙ୍କୁ ଚାକିରିରୁ ରାଜ୍ୟ ସରକାର ବହିଷ୍କୃତ କରିଛନ୍ତି। ସେ ପୁରୀ ଜିଲା ପିପିଲିରେ ଅତିରିକ୍ତ ତହସିଲଦାର ରୂପେ କାର୍ଯ୍ୟରତ ଥିବା ବେଳେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା। ଏହାର ତଦନ୍ତ କରାଯାଇ ତାଙ୍କୁ ୯।୧୧।୨୦୦୯ରେ ନିଲମ୍ବିତ କରାଯାଇଥିଲା। ଏହା ବିରୋଧରେ ସେ ଟ୍ରିବ୍ୟୁନାଲର ଆଶ୍ରୟ ନେଇଥିଲେ। ପରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ କାରଣ ଦର୍ଶାଇବାକୁ ରାଜ୍ୟ ସରକାର ବାରମ୍ବାର ନୋଟିସ ଜାରି କରିଥିଲେ ମଧ୍ୟ ସେ ଏହାର ଉତ୍ତର ଦେଇ ନ ଥିଲେ। ୨୦୧୮।୨୦୧୮ରୁ ଏଯାଏ ତାଙ୍କୁ ବାରମ୍ବାର ନୋଟିସ ଜାରି କରି ଏହାର ଜବାବ ରଖିବାକୁ ସରକାର ସୁଯୋଗ ଦେଇଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଫଳରେ ଶେଷରେ ବାଧ୍ୟ ହୋଇ ସରକାର ତାଙ୍କୁ ବହିଷ୍କୃତ କରିଛନ୍ତି। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଧାନ ଉଠାଇବା ନେଇ ଆନ୍ଦୋଳନ ଚେତାବନୀ ଦେଲା ଭାଜପା

ଜୟପୁର,୧୭ା୧(ନି.ପ୍ର. )

ମାଲକାନଗିରି ଜିଲା କାଳିମେଳାରେ କଂଗ୍ରେସ ପକ୍ଷରୁ ମଣ୍ଡିରୁ ଚାଷୀଙ୍କ ଧାନ ଉଠାଇବା ନେଇ ରବିବାର ଆନ୍ଦୋଳନ ହୋଇଥିବା ବେଳେ କୋରାପୁଟ ଜିଲା ଜୟପୁରରେ ଚାଷୀଙ୍କ ଧାନ ମଣ୍ଡିରୁ ଶୀଘ୍ର ଉଠାଅ, ନଚେତ ଜିଲାପାଳ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ଅଫିସ ଯାଏ ଆନ୍ଦୋଳନ କରାଯିବ ବୋଲି ଭାଜପା ଚେତାବନୀ ଦେଇଛି। ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ଏହା ପ୍ରକାଶ କରିଛି। ଜିଲା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ ଉପସଭାପତି ବଳଭଦ୍ର ମାଝି, ମଣ୍ଡି ଚାଲ ଅଭିଯାନର ଅବିଭକ୍ତ କୋରାପୁଟ ଜିଲା ସଂଯୋଜକ ପବିତ୍ର ମୋହନ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌତମ ସାମନ୍ତରାୟ, ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ବିପଦ ଭଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅବିଭକ୍ତ କୋରାପୁଟ ଜିଲାରେ ମଣ୍ଡି ବୋଲି କିଛି ନାହିଁ । ବିଜେଡି କାର୍ଯ୍ୟାଳୟ, ଖୋଲା ପଡିଆ, ପଞ୍ଚାୟତ କାର୍ଯ୍ୟାଳୟଠାରେ ମଣ୍ଡି ଚାଲିଛି। ମାତ୍ର ମଣ୍ଡିର ବିକାଶ ପାଇଁ ପ୍ରତ୍ୟେକ ବର୍ଷ ଆରଏମ୍‌ସି ଓ ଲ୍ୟାମ୍ପକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଆସୁଛି । ଏହାକୁ ଚାଷୀଙ୍କ ହିତରେ ବିନିଯୋଗ ନ କରି ଚାଷୀଙ୍କୁ ଶୋଷଣ କରାଯାଉଛି ବୋଲି ଭାଜପା ଅଭିଯୋଗ କରିଛି। ପ୍ରତ୍ୟେକ ବର୍ଷ ଅକ୍ଟୋବର ପୂର୍ବରୁ ଜିଲାମାନଙ୍କରେ ପ୍ରକ୍ୟୁରମେଣ୍ଟ କମିଟି ବୈଠକ ଜିଲାପାଳ ଓ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ହୋଇଥାଏ । ଜିଲାରେ ଏକର ପିଛା ଉତ୍ପାଦନକୁ ଭିତ୍ତି କରି ସେହିବର୍ଷର ଧାନ ସଂଗ୍ରହର ଲକ୍ଷ୍ୟ ସ୍ଥିର ହୋଇଥାଏ । ଏବେ ଜିଲା ସ୍ତରରୁ ଏହି ନିଷ୍ପତ୍ତି ନ ହୋଇ ରାଜ୍ୟ ସ୍ତରରେ ନିଷ୍ପତ୍ତି ହୋଇ ଜିଲାଗୁଡିକୁ ଧାନ ସଂଗ୍ରହର ପରିମାଣ ସମ୍ପର୍କରେ କୁହାଯାଉଛି । ଏହି କାରଣରୁ ଅଣ ଜଳସେଚିତ ଜମିରୁ ଏକର ପିଛା ୧୩ କୁଇଣ୍ଟାଲ ଓ ଜଳସେଚିତ ଜମିରୁ ଏକର ପିଛା ୧୯ କୁଇଣ୍ଟାଲ ଧାନ କ୍ରୟ ବ୍ୟବସ୍ଥା ରହିଛି । ଉତ୍ପାଦିତ ବଳକା ଧାନ ଚାଷୀ କ'ଣ ଦଲାଲକୁ ବିକ୍ରି କରିବ କି ବୋଲି ଭାଜପା ପ୍ରଶ୍ନ ଉଠାଇଛି।

## ବିଷଖାଇ ଆତ୍ମହତ୍ୟା

ପଟ୍ଟାଙ୍ଗୀ,୧୭ା୧(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସୁଙ୍କି ଫାଣ୍ଡି ଅଧୀନ ସୁଙ୍କି ପଞ୍ଚାୟତ ଗେମେଲପାଡୁ ଗ୍ରାମର ଜଣେ ବ୍ୟକ୍ତି ବିଷଖାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ରଡା ଚିନାୟା। ଶୁକ୍ରବାର ଚାଷଜମିରୁ କାମ ସାରି ଚିନୟା ଘରକୁ ଫେରିଥିଲେ। ଏହି ସମୟରେ କୌଣସି କଥା ନେଇ ପରିବାର ଲୋକଙ୍କ ତାଙ୍କର ପାଟିତୁଣ୍ଡ ହୋଇଥିଲା।ପରେ ସେ ଘରୁ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ଗ୍ରାମ ଠାରୁ କିଛି ଦୂରରେ ଚିନାୟାଙ୍କୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର କରି ପଟ୍ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଚିନୟାଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ମାନସିକ ଭାରସାମ୍ୟ ହରାଇ ସେ ଏପରି କରିଥିବା ପରିବାର ଲୋକେ କହିଛନ୍ତି। ୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୪୦ ବସ୍ତା ଧାନ ଜଳିଗଲା

ଏମଭି ୭୯,୧୭ା୧(ଡି.ଏନ.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକ ଅନ୍ତର୍ଗତ ଗୁଟାଗୁଡା ଗ୍ରାମ ନିକଟରେ ରବିବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ଚାଷ ଜମିରେ ନିଆଁ ଲାଗି ପ୍ରାୟ ୪୦ ବସ୍ତା ଧାନ ପୋଡିଯାଇଛି। ପଡିଆ ଗ୍ରାମର ମୁଗୁଲା ଶ୍ରୀନୁଙ୍କ ଧାନ ଖଳାରେ ଅଚାନକ ନିଆଁ ଲାଗିଯାଇଥିଲା। କୌଣସି ପ୍ରକାରେ ନିଆଁକୁ ଆୟତ କରି ହୋଇ ନ ଥିଲା। ଖବରପାଇ ଅଗ୍ନିଶମ ବିଭାଗ ଅଧିକାରୀ ଶିଶିରକାନ୍ତ ସିଂଙ୍କ ନେତୃତ୍ୱରେ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେତେବେଳକୁ ୪୦ବସ୍ତା ଧାନ ପୋଡି ପାଉଁଶ ହୋଇଯାଇଥିଲା। ସ୍ଥାନୀୟ ଆର୍‌ଆଇ ଚିନ୍ମୟ ମହାପାତ୍ର ମଧ୍ୟ ଘଟଣା ସମ୍ପର୍କରେ ଜାଣିବା ପରେ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ମୁଗୁଲା ତାଙ୍କ ଅମଳ ଧାନରୁ କିଛି ପଡିଆ ମଣ୍ଡିରେ ବିକ୍ରି କରିଥିଲେ। ଅବଶିଷ୍ଟ ଧାନ ୨୮ରେ ବିକ୍ରି କରିବାର ଥିଲା। ଅଗ୍ନିକାଣ୍ଡ ଯୋଗୁ ତାଙ୍କର ଏ ଆଶା ମଉଳି ଯାଇଛି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ନବରଙ୍ଗପୁର ଜିଲାରେ କରାଯିବ ପୁଦିନା, ବେଣାଚେର ଚାଷ

ନବରଙ୍ଗପୁର,୧୭ା୧(ବି.ପ୍ର.)

ନବରଙ୍ଗପୁର ଜିଲାରେ ପରୀକ୍ଷା ମୂଳକଭାବେ ଜାପାନୀ ପୁଦିନା ତଥା ପିପରମେଣ୍ଟ ଚାଷ ଶୀଘ୍ର ଆରମ୍ଭ ହେବ। ଏ ନେଇ ରବିବାର କେନ୍ଦ୍ରୀୟ ଔଷଧୀୟ ଓ ସୁଗନ୍ଧି ଫସଲ ଅନୁଷ୍ଠାନ(ଲକ୍ଷ୍ନୌ) ପକ୍ଷରୁ ମେନ୍ଥା ସକର(ବିହନ) ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗଦେଇ ଚାଷୀଙ୍କୁ ବିହନ ପ୍ରଦାନ କରିଛନ୍ତି। ଜିଲାର ଆମ୍ବାଦୋଳା, ଧାରଣାବେଡ଼ା, ତୁରାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ଦିଗି ଓ କଙ୍କାଗୁଡ଼ାଠାରେ ୫ ଏକର ଜମିରେ ଏହି ଚାଷ ଆରମ୍ଭ ହେବ। ସିମକ୍ରାନ୍ତି ଓ ସିମକୋସି କିସମର ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ବିହନରୁ ଚାରା ପ୍ରସ୍ତୁତ କରି ଫେବୃୟାରୀ ୧୫ସୁଦ୍ଧା ଜମିରେ ଲଗାଯିବାର କାର୍ଯ୍ୟକ୍ରମ ରହିଛି। ମେନ୍ଥା ପତ୍ରରୁ ତେଲ ବାହାର କରି ଏହାକୁ ବଜାରରେ ଲିଟର ୮ଶହରୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଇ ପାରିବ ବୋଲି ସିମାପ୍‌ର ମୁଖ୍ୟ ବୈଜ୍ଞାନିକ ଅଜିତ ଶାସନୀ କହିଛନ୍ତି। ଏହି ତେଲ ଔଷଧୀୟ, ଟୁଥ୍‌ପେଷ୍ଟ, ଶ୍ୱାସ ଜନିତ ସମସ୍ୟା ପାଇଁ ଔଷଧରେ ବ୍ୟବହାର ହୋଇପାରିବ। ଏହା ବ୍ୟତୀତ ଜିଲାପାଳ ୫ଚାଷୀଙ୍କୁ ସିମ ବୃଦ୍ଧି କିସମର ବେଣାଚେର ପ୍ରଦାନ କରିଛନ୍ତି। ବେଣାଚେର ତେଲରୁ ପ୍ରାକୃତିକ ସୁଗନ୍ଧି ସାବୁନ, ସାମ୍ପୋ, ଧୂପକାଠି ତିଆରିରେ ସହାୟକ ହେବ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିନିଯୋଗରେ ଦେଶର ୧୨ ଗବେଷଣା ସଂସ୍ଥା ନବରଙ୍ଗପୁର ଜିଲାରେ ଆର୍ଥିକ ଓ ସାମାଜିକ ଉନ୍ନତି ନିମନ୍ତେ କାର୍ଯ୍ୟ କରୁଛନ୍ତି। ବେଣାଚେର ଓ ମିଣ୍ଟ୍ ଚାଷ ଦ୍ୱାରା ଜିଲାର ଚାଷୀ ଅଧିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି କୁହାଯାଇଛି।



ଚାଷ ପାଇଁ ବେଣାଚେର ନିଆଯାଉଛି ।

# ସରକାରୀ ଟଙ୍କାରେ ମରାମତି କଲା ବ୍ଲକ୍ ପ୍ରଶାସନ

ବିଷମକଟକ,୧୭ା୧


ମରାମତି ହୋଇଥିବା କ୍ୱାର୍ଟର୍ସ ।

ଅନ୍ୟ ସ୍ଥାନକୁ ବଦଳି ପରେ ଜଣେ ଜିଆର୍‌ଏସ୍(ଗ୍ରାମ ରୋଜଗାର ସେବକ) ସରକାରୀ କ୍ୱାର୍ଟର୍ସ ଛାଡ଼ି ଯିବାବେଳେ କବାଟ, ଝରକା, ବିଦ୍ୟୁତ୍ ତାର ଏବଂ ସିଲିଂ ଆଦି ସାଙ୍ଗରେ ନେଇଯାଇଥିଲେ। ଏ ବିଷୟରେ ବିଡିଓ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ହେଲେ ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ବ୍ଲକ୍ ପ୍ରଶାସନ ପକ୍ଷରୁ ସରକାରୀ ଟଙ୍କାରେ ଉକ୍ତ ଭଙ୍ଗା କ୍ୱାର୍ଟର୍ସକୁ ମରାମତି କରାଯାଇଥିବା ଜଣାପଡ଼ିଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ରେ ଘଟିଛି ଏପରି ଘଟଣା।

ସୂଚନାଯୋଗ୍ୟ, ବିଷମକଟକ ବ୍ଲକ୍‌ରେ କାର୍ଯ୍ୟରତ ଜିଆର୍‌ଏସ୍ ଟୁକୁନା ପାଣିଗ୍ରାହୀ ସ୍ଥାନୀୟ ବ୍ଲକ୍ କଲୋନିସ୍ଥିତ ସରକାରୀ କ୍ୱାର୍ଟର୍ସରେ ରହିଆସୁଥିଲେ। ୨୦୨୦ ଅକ୍ଟୋବରରେ ତାଙ୍କର ମୁନିଗୁଡ଼ା ବ୍ଲକ୍‌କୁ ବଦଳି ହୋଇଥିଲା। ଏହାପରେ ତାଙ୍କୁ କ୍ୱାର୍ଟର୍ସ ଛାଡ଼ିବାକୁ ନିର୍ଦ୍ଦେଶ ହୋଇଥିଲା। ତେବେ କ୍ୱାର୍ଟର୍ସ ଛାଡ଼ିବାବେଳେ ସେ କ୍ୱାର୍ଟର୍ସର ଝରକା, କବାଟ, ବିଦ୍ୟୁତ୍ ତାର ସବୁ ଉପାଡ଼ି ନେଇଯାଇଥିଲେ ; ଯଦ୍ୱାରା କ୍ୱାର୍ଟର୍ସଟି ଭାଙ୍ଗି ନଷ୍ଟ ହୋଇଯାଇଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେବେ କ୍ୱାର୍ଟର୍ସରେ କବାଟ, ଝରକା ସବୁ ସେ ନିଜେ ଲଗାଇଥିବାବେଳେ ଏ ବାବଦକୁ ଟଙ୍କା ମିଳି ନ ଥିବାରୁ ସେ ଝରକା, କବାଟ ନେଇଗଲେ ବୋଲି ସମ୍ପୃକ୍ତ ଜିଆର୍‌ଏସ୍ ସେ ସମୟରେ ନିଜ ପ୍ରତିକ୍ରିୟାରେ କହିଥିଲେ। ତେବେ ଏହା ନିୟମ ବିରୋଧୀ କାର୍ଯ୍ୟ ହୋଇଥିଲେ ମଧ୍ୟ ବ୍ଲକ୍ ପ୍ରଶାସନ ତରଫରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସରକାରୀ ଟଙ୍କା ବ୍ୟୟ କରି କ୍ୱାର୍ଟର୍ସ ମରାମତି ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଅନୁଯାୟୀ ମରାମତି କାର୍ଯ୍ୟ ମଧ୍ୟ କରାଯାଇଛି। ତେବେ କେଉଁ ପରିସ୍ଥିତିରେ ବଦଳି ଜିଆର୍‌ଏସ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ସରକାରୀ ଟଙ୍କାରେ ମରାମତି କାର୍ଯ୍ୟ କରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ନେଇ ବିଷମକଟକ ବିଡିଓ ଆଲବର୍ଟ ଲାକାଡ଼ାଙ୍କୁ ପଚାରିବାରୁ ସେ କହିଛନ୍ତି, ଗୃହ ମରାମତି ବାବଦକୁ ବ୍ୟୟ ହୋଇଥିବା ଟଙ୍କା ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କ ଠାରୁ ଆଦାୟ କରାଯିବ।

**କ୍ୱାର୍ଟର୍ସରୁ କବାଟ, ଝରକା ଉପାଡ଼ି ନେଇଥିଲେ ଜିଆର୍‌ଏସ୍**

## ଏମ୍‌ଭି ୫୩ ଚାମ୍ପିୟନ

**ଜୟ ମା' କାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

କୋରୁକୋଣ୍ଡା, ୧୭ା୧(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତୁମୁସାପଲି ପଞ୍ଚାୟତର ଏମ୍‌ଭି-୨୨ ଖେଳ ପଡିଆଠାରେ ଜୟ ମା' କାଳୀ କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ୭ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏମ୍‌ଭି-୫୩ ଦଳ ୮ ଉଇକେଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏମ୍‌ଭି-୯ ସହ ଏମ୍‌ଭି-୫୩ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା । ଏମ୍‌ଭି ୫୩ ଦଳ ୮ ଉଇକେଟରେ ବିଜୟୀ ହୋଇଥିଲା। ବିଜୟୀ ଦଳର ସୁଜିତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଦୀପଙ୍କରଙ୍କୁ ମ୍ୟାନ ଅଫ ଦି ସିରିଜ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୃଷ୍ଣପଦ ସରକାର, ସମ୍ମାନିତ ଅତିଥି ରୂପେ ଅଶୋକ ପରିଡ଼ା ଯୋଗ ଦେଇଥିଲେ। ସଂଯୋଜକ ପ୍ରଭାତ ବିଶ୍ୱାସ ପରିଚାଳନା କରିଥିଲେ। ୭ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଭାଗ ନେଇଥିଲେ। ବିଜୟୀ ଓ ରନର୍ସଅପ୍ ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଏମ୍‌ଭି୭୯, ୧୭ା୧(ଡି.ଏନ.ଏ.)



ପୋଲିସ ପକ୍ଷରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

ଡାକବାଜି ଯନ୍ତ୍ର ଦ୍ୱାରା ଗାଁକୁ ଗାଁ ବୁଲି ଲୋକଙ୍କୁ ନୂତନ ଟ୍ରାଫିକ ନିୟମ ସମ୍ପର୍କରେ ବୁଝାଉଛନ୍ତି ଏମ୍‌ଭି-୭୯ ଥାନା ଅଧିକାରୀ । ଚାରିଚକିଆ ଯାନ ତଥା ବାଇକ ଚାଳକଙ୍କ ପାଇଁ ଲାଗୁ ହୋଇଥିବା ନୂତନ ନିୟମ ନେଇ ଲୋକଙ୍କୁ ଅବଗତ କରିବା ଲାଗି ରବିବାର ପୋଲିସ ପକ୍ଷରୁ ଏକ ବାଇକ୍ ରାଲି କରାଯାଇଥିଲା। ଚାରିଚକିଆ ଗାଡ଼ି ଚଳାଇବା ବେଳେ ସିଟ୍ ବେଲ୍ଟ ବାନ୍ଧିବା, ବାଇକ୍ ଚଳାଇବା ସମୟରେ ହେଲମେଟ ପିନ୍ଧିବା, ମଦ ପିଇ ଗାଡି ଚାଳନା ନ କରିବା ଏବଂ ଗାଡି ଚାଳନା ବେଳେ ଗାଡିର ସମସ୍ତ କାଗଜପତ୍ର ପାଖରେ ରଖିବା ପାଇଁ ଜନସାଧାରଣଙ୍କୁ ବୁଝାଇଥିଲେ। ସଚେତନତା ସତ୍ତ୍ୱେ ଯଦି କେହି ଆଇନ ଅମାନ୍ୟ କରନ୍ତି ତେବେ ତାଙ୍କଠାରୁ ନିୟମ ଅନୁଯାୟୀ ଚାଲାଣ କଟାଯିବ ବୋଲି ଥାନା ଅଧିକାରୀ ଜହନ ଖୁଜୁର ସୂଚନା ଦେଇଥିଲେ।

# ଫସିଲେ ଅଧିକାରୀ, ଖସିଲେ ଭେଣ୍ଡର

ନବରଙ୍ଗପୁର,୧୭ା୧(ବି.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍‌ରେ ସ୍ୱଚ୍ଛ ଭାରତ ମିଶନ ଅଭିଯାନ ମାଧ୍ୟମରେ ବ୍ୟକ୍ତିଗତ ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଛି। ଏ ନେଇ ହିତାଧିକାରୀଙ୍କ ସମେତ କଂଗ୍ରେସ ଦଳ ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କ ଥାନାରେ ଅଭିଯୋଗ ପରେ ପ୍ରଶାସନ ଚେତିଥିଲା। ପ୍ରଶାସନର ତଦନ୍ତ ରିପୋର୍ଟକୁ ଆଧାର କରି ସରକାର ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଓ କନିଷ୍ଠ ଯନ୍ତ୍ରୀ ସୁନୀଲ୍ କୁମାର ସାମଲକୁ ନିଲମ୍ବନ କରାଯାଇଛି। ହେଲେ ପାଇଖାନା ନିର୍ମାଣ କାର୍ଯ୍ୟରେ ଯେଉଁମାନେ ମୁଖ୍ୟ ଦାୟିତ୍ୱରେ ଥିଲେ ସେମାନେ ଏବେ ମୁକ୍ତଭାବେ ବୁଲୁଥିବା ଅଭିଯୋଗ ହେଉଛି। ଦୁର୍ନୀତିରେ ଅଧିକାରୀ ଫସିଥିବାବେଳେ ଭେଣ୍ଡରମାନେ ଖସଯାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକରେ ୨୩ ପଞ୍ଚାୟତରେ ୩୧ହଜାର ୨୧୨ ପାଇଖାନା ନିର୍ମାଣ ହୋଇଛି। ଏବାବଦକୁ ୩୭ କୋଟି ୪୫ ଲକ୍ଷ ୪ ହଜାରଟଙ୍କା ଖର୍ଚ୍ଚ ଝରିଗାଁ ବ୍ଲକ୍‌କୁ ଅନୁଦାନ ଆସିଛି। ତେବେ ସେଥିମଧ୍ୟରୁ ୭୦ଭାଗ ପାଇଖାନା ଅଧାପନ୍ତରିଆ ପଡ଼ିଛି। ଟାଙ୍କି କିମ୍ବା ଗର୍ତ୍ତ ନ ଥିବା ଜଣାପଡ଼ିଛି। ହାଲୁକା ଇଟାରେ ନିର୍ମାଣାଧୀନ ପାଇଖାନା କାନ୍ଥ ମଧ୍ୟ ଭୁଶୁଡ଼ିଲାଣି। ଏପରିକି ହିତାଧିକାରୀଙ୍କ ନାଁ ଥାଇ ପାଇଖାନା ନିର୍ମାଣ ହୋଇନାହିଁ । ପାଇଖାନା ନିର୍ମାଣ ପାଇଁ ୬୨ ଭେଣ୍ଡର କାର୍ଯ୍ୟ କରୁଥିଲେ। ଭେଣ୍ଡରମାନେ ଚତୁରତାର ସହ ଚକ୍ରାନ୍ତ କରି ବ୍ଲକ୍‌ରୁ ବିଲ୍ କରି ପାଇଖାନା ଟଙ୍କା ନେଇଯାଇଥିବା ଅଭିଯୋଗ ଉଠୁଛି। ସରକାରୀ କାର୍ଯ୍ୟରେ ହୋଇଥିବା ଦୁର୍ନୀତିରେ ସୁରକ୍ଷା ଅଧିକାରୀ ଏବଂ ଭେଣ୍ଡର ସମାନ ଦୋଷୀ ବୋଲି କୁହାଯିବା ସହ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ତେବେ କେବଳ ଝରିଗାଁ ବ୍ଲକ୍ ନୁହେଁ, ପାଇଖାନା ନିର୍ମାଣରେ ଜିଲାର ୧୦ବ୍ଲକ୍‌ରେ ଦୁର୍ନୀତି ହୋଇଥିବା ପୂର୍ବତନ ଏମ୍‌ପି ତଥା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ କଂଗ୍ରେସ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ସୋମବାର, ଜାନୁୟାରୀ ୧୮, ୨୦୨୧



## ସଂକ୍ଷେପରେ

### କୁକୁଡା ଗାଲିରେ ଚଢ଼ାଉ, ୬ ଗିରଫ

ବୈପାରୀଗୁଡା,୧୭।୧ (ଡି.ଏନ୍.ଏ.)- ବୈପାରୀଗୁଡା ପୋଲିସ ଶନିବାର ଅପରାହ୍ନରେ ପାଖନାଗଡାଠାରେ ଚାଲିଥିବା ଏକ କୁକୁଡା ଗାଲି ଉପରେ ଚଢାଉ କରି ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ଗଞ୍ଜା କୁକୁଡା, ଖେଳରେ ବ୍ୟବହୃତ ପାଲି ଓ ଗୋଟି, ୨ ହଜାର ୫ ଶହ ଟଙ୍କା, ଗୋଟିଏ ବାଇକ୍ ଓ ୫ଟି ସାଇକେଲ ଜବତ କରାଯାଇଥିବା ଥାନା ଅଧିକାରୀ ରଘୁନାଥ ମାଝି କହିଛନ୍ତି।

### କୋରାପୁଟ: ଚୋରି ଘଟଣାରେ ଜଡ଼ିତ ୨ ଗିରଫ

କୋରାପୁଟ,୧୭।୧(ସ୍ୱ.ପ୍ର.)- କୋରାପୁଟ ସହରରେ ବହୁ ଚୋରି ଘଟଣାରେ ଜଡିତ ୨ଜଣଙ୍କୁ ରବିବାର ଟାଉନ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ କୋରାପୁଟ ଟିକିରାସାହି ଅଞ୍ଚଳର କାର୍ତ୍ତିକ ଖିଲ (୨୨) ଓ ପୁରୁଣା କୋରାପୁଟ ଅଞ୍ଚଳର ଆଦିତ୍ୟ ଖରା(୨୩)। ସେମାନଙ୍କଠାରୁ ସୁନା ଅଳଙ୍କାର, ମୋବାଇଲ ଫୋନ ଓ ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିବା



ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ଗୁଣନିଧି ମଲ୍ଲିକ କହିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ୪ଟି ସୁନାଚେନ, ୩ ଯୋଡା ସୁନା କାନଫୁଲ, ୩ଟି ସୁନା ମୁଦି, ଗୋଟିଏ ଲାପ୍‌ଟପ, ଗୋଟିଏ ଟ୍ୟାବ, ୮ଟି ମୋବାଇଲ, ୨ କେଜି ଓଜନର ୧,୨,୫ ଟଙ୍କିଆ କଏନ, ଲୁଟ୍‌ରେ ବ୍ୟବହୃତ ଲୁହା ସାମଗ୍ରୀ, ଗୋଟିଏ ସାଇକେଲ ଏବଂ ଏକ ସ୍କୁଟି (ଓଆର ୧୦ ବି-୫୧୪୦) ରହିଛି। କାର୍ତ୍ତିକଙ୍କ ନାମରେ ୧୨ଟି ଲୁଟ ଓ ଚୋରି ମାମଲା ରହିଛି। ତାଙ୍କ ନେତୃତ୍ୱରେ ଏକ ଲୁଟେରା ଗ୍ୟାଙ୍ଗ କାମ କରୁଥିବା ପୋଲିସ ଜେରାବେଳେ ଜାଣିବାକୁ ପାଇଛି । ସେହିପରି ଆଦିତ୍ୟ ସହରରେ ଗତ ମାସକ ମଧ୍ୟରେ ହୋଇଥିବା ୪ଟି ଚୋରି ଘଟଣାରେ ଜଡିତ ଥିବା ଜଣାପଡିଛି। ଚୋରି କରି ଆଣିଥିବା ଏକ ଲାପ୍‌ଟପକୁ ମିଶନ କମ୍ପାଉଣ୍ଡ ଅଞ୍ଚଳରେ ବିକ୍ରି କରିବାକୁ ଉଭୟେ ଯୋଜନା କରୁଥିବାବେଳେ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରି ସେମାନଙ୍କୁ ଧରିଥିବା ଏସଡିପିଓ ମଲ୍ଲିକ କହିଛନ୍ତି। କାର୍ତ୍ତିକ ଗତବର୍ଷ ଏକ ଚୋରି ଘଟଣାରେ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ବାହାରି ପୁଣି ସେ ବିଭିନ୍ନ ଚୋରି ମାମଲାର ନେତୃତ୍ୱ ନେଇ ଚୋରି କରୁଥିଲେ। ଟାଉନ ଥାନାରେ ୩୧୬/୨୦, ୨/୨୧, ୩/୨୧ ଓ ୧୭/୨୧ରେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି । ଏହି ଖବରଦାତା ସମ୍ମିଳନୀରେ କୋରାପୁଟ ଟାଉନ ଥାନା ଅଧିକାରୀ ପଟ୍ଟନାୟକ, ଅତିରିକ୍ତ ଥାନା ଅଧିକାରୀ ଶଙ୍କର ପ୍ରସାଦ ମାଝି, ଏସଆଇ ସୁଦର୍ଶନ ଅଧିକାରୀ, ଯଶୋବନ୍ତ ସାଲେମା ପ୍ରମୁଖ ଉପସ୍ଥିତ ଥିଲେ ।

### ଶତାଧିକ କଂଗ୍ରେସ ଲୋକ ପ୍ରତିନିଧି ବିଜେଡିରେ ସାମିଲ

କୋରାପୁଟ,୧୭।୧(ସ୍ୱ.ପ୍ର) -ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନିଙ୍କ ନେତୃତ୍ୱରେ ରବିବାର ଦଶମନ୍ତପୁର ବ୍ଲକର ଆଡମଣ୍ଡା ମାଲକାନାଗିରି ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତୃମଣ୍ଡଳୀ ତଥା ପୂର୍ବତନ ସରପଞ୍ଚ, ସମିତିସଭ୍ୟଙ୍କ ସହ କଂଗ୍ରେସର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନରେ ଆକର୍ଷିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଏ. ମାଲକାନାଗିରି ପଞ୍ଚାୟତର ସରପଞ୍ଚ ନିୟତି ଗିରେମ ଓ ଉପସଭାପତି ନାରାୟଣ ବିଶୋୟୀ, ବ୍ଲକ ସଭାପତି ମହେନ୍ଦ୍ର କୁଲଦୀପ, ଜିଲା ସାଧାରଣ ସମ୍ପାଦକ ବିଦ୍ୟାଧର ସାହୁ, ଜିଲା ଯୁବ ଛାତ୍ର ଜନତା ର ସମ୍ପାଦକ ଅରୁଣ କୁମାର ରଥିନାୟକ ପ୍ରମୁଖ ଉପସ୍ଥିତ ରହି ନବାଗତଙ୍କୁ ସ୍ୱାଗତ କରିଥିଲେ ।

### ଟ୍ରେନ୍‌ରେ କଟି ବୃଦ୍ଧ ମୃତ

ମୁନିଗୁଡ଼ା,୧୭।୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ରେଳ ଷ୍ଟେଶନ ନିକଟ ଆଦର୍ଶ ବିଦ୍ୟାଳୟ ସନ୍ନିକଟରେ ଟ୍ରେନ୍‌ରେ କଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗତିଗୁଡ଼ାର ଧନମଣି ପଲକିଆ(୬୩)। ରେଳ ଧାରଣା ପାର ହେବା ସମୟରେ ଦୁର୍ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି। ମୁନିଗୁଡ଼ା ଜିଆର୍‌ପି ଟିମ୍ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଥିବା ସୂଚନା ମିଳିଛି। ଏ ନେଇ ଜିଆର୍‌ପି ଥାନାରେ ୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସିଲ୍ ହେଲା ବେଆଇନ ଡେଣ୍ଟାଲ କ୍ଲିନିକ୍, ପାଥୋଲାବ୍

ଚନ୍ଦାହାଣ୍ଡି,୧୭।୧(ଡି.ଏନ୍.ଏ.)–



ଅଧିକାରୀମାନେ ବେଆଇନ୍ ଡେଣ୍ଟାଲ କ୍ଲିନିକ୍‌କୁ ସିଲ୍ କରୁଛନ୍ତି ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ମାଲଗାଁ ରୋଡ୍‌ରେ ଦୀର୍ଘ ବର୍ଷରୁ ବେଆଇନ ଭାବେ ଚାଲିଥିବା ସୁମୋ ଡେଣ୍ଟାଲ କ୍ଲିନିକକୁ ରବିବାର ପ୍ରଶାସନ ସିଲ୍ କରିଛି। ନବରଙ୍ଗପୁର ଉପ ଜିଲାପାଳ ଭାସ୍କର ରାଇତ, ତହସିଲଦାର ହୃଦାନନ୍ଦ ସିଂ ମାଝି, ବିଡ଼ିଓ ଧର୍ମରାଜ ମାଝୀ, ଚନ୍ଦାହାଣ୍ଡି ଗୋଷ୍ଠୀ ଚିକିତ୍ସାଧିକାରୀ ଡା. ସଂଗ୍ରାମ କେଶରୀ ସାହୁ ଓ ପୋଲିସ ଟିମ୍ ଚଢ଼ାଉ କରି କ୍ଲିନିକ୍ ସିଲ୍ କରିଛନ୍ତି। ସେହିପରି କିଛି ଦିନ ହେଲା ବନ୍ଦ ରହିଥିବା ମାଲଗାଁ ରୋଡ୍‌ସ୍ଥିତ ଏମ୍‌ଏସ୍‌ଏସ୍ ଫାର୍ମା ଏବଂ ବ୍ଲକ୍ ସମ୍ମୁଖରେ ଥିବା ପଦ୍ମଗନ୍ଧା ପାଥୋଲୋଜି କ୍ଲିନିକ ଉପରେ ଚଢ଼ାଉ କରାଯାଇଥିବାବେଳେ ପଦ୍ମଗନ୍ଧା ଲ୍ୟାବ୍‌କୁ ସିଲ୍ କରାଯାଇଥିବା ଜଣାପଡ଼ିଛି।

ପ୍ରଶାସନର ଏହି ଚଢ଼ାଉ ପରେ ଚନ୍ଦାହାଣ୍ଡି ଅଞ୍ଚଳରେ ବେଆଇନଭାବେ ଚାଲିଥିବା କ୍ଲିନିକ୍ ଏବଂ ଗାଁ ଗାଁ ବୁଲି ବେଆଇନ ଭାବେ ଚିକିତ୍ସା କରୁଥିବା କ୍ୱାକ୍‌ଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଚନ୍ଦାହାଣ୍ଡି ଅଞ୍ଚଳରେ ଚାଲିଥିବା ସମସ୍ତ ବେଆଇନ କ୍ଲିନିକ୍ ଓ କ୍ୱାକ୍‌ମାନଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କ ଫଟୋ ଉଠାଯିବା ସହ ସମସ୍ତଙ୍କ ରେକର୍ଡ ରଖି ଜିଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଚନ୍ଦାହାଣ୍ଡି ଗୋଷ୍ଠୀ ଚିକିତ୍ସାଧିକାରୀ ଡା. ସାହୁ ପ୍ରକାଶ କରିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ କଠୋର ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହେଉଛି। ସୂଚନାଯୋଗ୍ୟ, ଚନ୍ଦାହାଣ୍ଡି ମାଲଗାଁ ରୋଡ୍‌ଠାରେ ଦୀର୍ଘ ବର୍ଷରୁ ଚାଲିଥିବା ସୁମୋ ଡେଣ୍ଟାଲ କ୍ଲିନିକ୍‌ରେ ଦାନ୍ତ ଚିକିତ୍ସା, କୃତ୍ରିମ ଦାନ୍ତ ରୋପଣ, ଦାନ୍ତ ଫିଲିଂ କରାଯାଉଥିଲା। ତେବେ ରୋଗୀ ସେଠାରେ ଚିକିତ୍ସିତ ହୋଇ ଅଧିକ ଖର୍ଚ୍ଚାନ୍ତ ହେବା ସହ ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ନାନା ସମସ୍ୟାର ସମ୍ମୁଖୀନ ମଧ୍ୟ ହେଉଥିବା ଅଭିଯୋଗ ହେଉଥିଲା। ସେହିପରି ପଦ୍ମଗନ୍ଧା ଲ୍ୟାବ୍‌ରେ ମଧ୍ୟ ରୋଗୀଙ୍କ ରକ୍ତ, ମଳ, ମୂତ୍ର ପରୀକ୍ଷା ସହ ବେଆଇନଭାବେ ସରକାରୀ କାର୍ଯ୍ୟ ପାଇଁ ବ୍ଲଡ୍ ଗ୍ରୁପ ରିପୋର୍ଟ ପ୍ରଦାନ କରାଯାଉଥିଲା। ଏମ୍‌ଏସ୍‌ଏସ୍ ଫାର୍ମା ଲୋକଙ୍କ ସରଳତାର ସୁଯୋଗ ନେଇ ନିମ୍ନମାନର ଔଷଧ ସହ ବେନିୟମ ଭାବେ ଚିକିତ୍ସା ଚଳାଇଥିଲା। ଜିଲା ପ୍ରଶାସନର ନୋଟିସ୍ ପରେ ଏହାକୁ ବନ୍ଦ କରିଦିଆଯାଇଥିଲା। ଓଡ଼ିଶା କ୍ଲିନିକାଲ ଆକ୍ଟ ୧୯୯୮-୧୯୯୪ ଏବଂ ୨୦୦୬ ଏକ୍ଟ ଅନୁଯାୟୀ ସମସ୍ତ କ୍ଲିନିକ୍ ପଞ୍ଜୀକରଣ ହେବାସହ ପ୍ରତେକ ବର୍ଷ ନବୀକରଣ କରାଯିବା ନିୟମ ରହିଛି । କାଗଜପତ୍ର ଦାଖଲ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସୁମୋ ଡେଣ୍ଟାଲ କ୍ଲିନିକ, ପଦ୍ମଗନ୍ଧା ପାଥୋଲୋଜି ଏବଂ ଏମ୍‌ଏସ୍‌ଏସ୍ ଫାର୍ମାକୁ ବାରମ୍ବାର ନୋଟିସ କରାଯିବା ସତ୍ତ୍ୱେ ସେମାନେ କାଗଜପତ୍ର ଦାଖଲ ନ କରିବାରୁ ରବିବାର ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିବା ଉପ ଜିଲାପାଳ ସୂଚନା ଦେଇଛନ୍ତି ।

# ଫେବୃୟାରୀ ୨୪ରେ ପଦ୍ମପୁର (ଖ) ଜୋନ୍ ଜିଲା ପରିଷଦ ଉପନିର୍ବାଚନ

ଗୁଣପୁର/ପଦ୍ମପୁର, ୧୭।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍(ଖ) ଜୋନ୍ ଜିଲା ପରିଷଦ ଉପ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାପରେ ୩ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏହି ଜୋନ୍‌ର ସଭ୍ୟ ତଥା ଜିଲା ପରିଷଦ ଅଧ୍ୟକ୍ଷ ଥିବା ପୁରୁଷୋତ୍ତମ ଗମାଙ୍ଗଙ୍କ ୨୦୧୯ ଡିସେମ୍ବର ୨୪ରେ ମୃତ୍ୟୁ ପରେ ଏହି ସ୍ଥାନ ଖାଲି ପଡ଼ିଥିଲା। ଏହାପରେ ରାଜ୍ୟ ନିର୍ବାଚନ କମିଶନ ନିର୍ବରଚନ କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି। ସ୍ଥାନୀୟ ସ୍ତରରେ ଜାନୁୟାରୀ ୨୨ରେ ନିର୍ବାଚନ ଅଧିକାରୀ ବିଜ୍ଞପ୍ତି ପ୍ରକାଶ କରିବେ। ୨୮, ୨୯ ଏବଂ ଫେବୃୟାରୀ ୧ ତିନି ଦିନ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ହେବ। ଗୁଣପୁର ଉପଜଲିପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରାଯିବ। ଫେବୃୟାରୀ ୨ରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ୩ରେ କାଏମ୍ ପ୍ରାର୍ଥୀ ପତ୍ର ତାଲିକା ପ୍ରକାଶ ପାଇବ। ସେହିପରି ୫ରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଏବଂ ସେହିଦିନ ଅପରାହ୍ନରେ ଚଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଫେବୃୟାରୀ ୨୪ରେ ସକାଳ ୭ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ୨୫ରେ ଭୋଟ ଗଣତି ହେବ। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଫେବୃୟାରୀ ୧୩ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହୋଇଥିଲା। ଏଥିରେ କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ବିଜୟୀ ହୋଇଥିଲେ।

ବିଗତ ନିର୍ବାଚନରେ ରାୟଗଡ଼ା ଜିଲାର ପଦ୍ମପୁର ବ୍ଲକ୍‌ର 'ଖ ' ଜୋନ୍ ଖବର ଚର୍ଚ୍ଚାର ବିଷୟ ହୋଇଥିଲା। ଗୁଣପୁରର ସେତେବେଳର ବିଜେଡି ବିଧାୟକ ତ୍ରିନାଥ ଗମାଙ୍ଗଙ୍କ ଠାରୁ ରାମନାଗୁଡା ବ୍ଲକ ଅଧ୍ୟକ୍ଷ ଥିବା ତଥା କଂଗ୍ରେସ ନେତା ପରଷୋତ୍ତମ ଗମାଙ୍ଗ ଏବଂ ନିଲମ୍ବିତ କଂଗ୍ରେସ ନେତା ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଗମାଙ୍ଗ ଓ ବ୍ଲକ୍ ଉପାଧ୍ୟକ୍ଷ ଗୋଦାବରୀଙ୍କ ପାଇଁ ଏହା ସମ୍ମାନର ପ୍ରଶ୍ନ ହୋଇଥିଲା। ପଦ୍ମପର 'ଖ' ଜୋନ୍ ପାଇଁ ପ୍ରଥମେ ବିଜୟ ଗମାଙ୍ଗ କଂଗ୍ରେସ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ହେଲେ ଶେଷ ଦିନ ପୁରୁଷୋତ୍ତମ ଗମାଙ୍ଗ କଂଗ୍ରେସ ଟିକଟ ଦାଖଲ କରି ସେଠାରେ ସେ ପ୍ରାର୍ଥୀ ହୋଇଥିଲେ। ବହୁ ଟାଣୁଆ ପ୍ରାର୍ଥୀଙ୍କ ସହ ନିର୍ବାଚନ ମଇଦାନକୁ ଓହ୍ଲାଇ ସେ ଜିଲା ପରିଷଦ ଅଧ୍ୟକ୍ଷ ହୋଇଥିଲେ। ୨୦୧୨ରେ ଏହି ଆସନ କଂଗ୍ରେସ ଦଳ ହାତକୁ ନେଇଥିବାବେଳେ ୨୦୧୭ରେ ମଧ୍ୟ କଂଗ୍ରେସ ଏଠାରୁ ବାଜିମାତ କରିଥିଲା। ହେଲେ ପୁରୁଷୋତ୍ତମଙ୍କ ମୃତ୍ୟୁପରେ ଏଠାରେ ରାଜନୈତିକ ସମୀକରଣ ସମ୍ପୂର୍ଣ୍ଣ ବଦଳିଯାଇଛି।

# ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା କାର୍ଯ୍ୟର ଅନୁଧ୍ୟାନ

ରାୟଗଡ଼ା ଅଫିସ,୧୭।୧




ଜଳ ବିଭାଜିକା ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ।

**ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ମିଶନ ନିର୍ଦ୍ଦେଶକଙ୍କ ରାୟଗଡ଼ା ଗସ୍ତ**

ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ୨ ଦିନିଆ ରାୟଗଡ଼ର ଜିଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଗତ ୧୬ ତାରିଖରେ ରାୟଗଡ଼ାର ଖୁବ ହିକଟା ପଞ୍ଚାୟତ ଅଧୀନ ପୁଞ୍ଜାପାଇ ଗ୍ରାମକୁ ଯାଇ ପୋଖରୀ ପରିଦର୍ଶନ କରିଥିଲେ। ଲିଜା ଏସ୍‌ଏଚ୍‌ଜିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧ଲକ୍ଷ ୨୭ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ନନ୍ଦ ମାଣ୍ଡାଙ୍ଗୀ କ୍ଷେତ ପୋଖରୀ ପରିଦର୍ଶନ କରିଥିଲେ। ଏହି ପୋଖରୀ ଦ୍ୱାରା ଜମିରେ ଆର୍ଦ୍ରତା ବଢ଼ିବା ସହ ଚାଷୀ ସମନ୍ୱିତ କୃଷି ପଦ୍ଧତି ଆପଣାଇ ଲାଭବାନ ହୋଇପାରିବେ। ସେହିପରି କୁଟୁଲି ପଞ୍ଚାୟତର ବଡ଼ ମାଣଧରା ଗ୍ରାମରେ ଜଗତଜନନୀ ଏସ୍‌ଏଚ୍‌ଜି ତତ୍ତ୍ୱାବଧାନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିର୍ମିତ କରଣ ମିଣିଆକା ତୈଳ ମିଣିଆକା, ବନାଇ ମିଣିଆକାଙ୍କ ୩କ୍ଷେତ ପୋଖରୀ ଓ ଜମି ଉନ୍ନତିକରଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସମନ୍ୱିତ କୃଷି ପଦ୍ଧତି ଦ୍ୱାରା ଗୋଷ୍ଠୀ କିପରି ଲାଭବାନ ହେବେ ସେ ନେଇ ଆଲୋଚନା ହୋଇଥିଲା। ଏହାଦ୍ୱାରା ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବ ବୋଲି କୁହାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଏସ୍‌ଏଚ୍‌ଜି ଏବଂ ବିଭାଗୀୟ କ୍ଷେତ୍ର କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେହିଭଳି କୋଲନରା ବ୍ଲକ୍ କାର୍ତ୍ତିକଗୁଡ଼ା ପଞ୍ଚାୟତର ଗେରାପୁଟ ଗ୍ରାମର ଭୈରବ ଜଳ ବିଭାଜିକାରେ ହୋଇଥିବା ଜଳ ଅମଳ ପ୍ରକଳ୍ପ ପରିଦର୍ଶନ କରି ତାଉଡୁ ଦଣ୍ଡସେନାଙ୍କ ଦ୍ୱାରା କରାଯାଇଥିବା ସମନ୍ୱିତ କୃଷି ପଦ୍ଧତିର ଅନୁଧ୍ୟାନ କରିଥିଲେ। ଦଣ୍ଡସେନାଙ୍କ କାର୍ଯ୍ୟକୁ ନିର୍ଦ୍ଦେଶକ ପ୍ରଶଂସା କରିବା ସହ ଏହିଭଳି କୃଷି ପଦ୍ଧତି ସମସ୍ତ କ୍ଷେତ ପୋଖରୀରେ ଅନୁକରଣ କରିବା ପାଇଁ କ୍ଷେତ କର୍ମଚାରୀ ଓ ହିତାଧିକାରୀଙ୍କୁ କହିଥିଲେ। ପରେ କାର୍ତ୍ତିକଗୁଡ଼ାରେ ବିଜୁ କେବିକେ ଯୋଜନାରେ ହୋଇଥିବା ଜଳ ଅମଳ ପ୍ରକଳ୍ପ ପରିଦର୍ଶନ କରି ଉପସ୍ଥିତ ଚାଷୀଙ୍କୁ ଜଳ ଅମଳର ପ୍ରକଳ୍ପକୁ ଠିକ୍ ପରିମାଣରେ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଥେରୁବାଲି ପଞ୍ଚାୟତର ବୁର୍ଜୁଗୁଡ଼ାରେ କରାଯାଇଥିବା ୨ଜଳ ଅମଳ ପ୍ରକଳ୍ପ କାର୍ଯ୍ୟ ଦେଖିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ମଲିକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଚୈଧୁରୀ, ସହକାରୀ ଯନ୍ତ୍ରୀ ଅନିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସମ୍ମିଳନୀ

କୋରାପୁଟ,୧୭।୧(ସ୍ୱ.ପ୍ର)

ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କୋରାପୁଟ ଜିଲା ଶାଖା ପକ୍ଷରୁ ରବିବାର ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମକେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ୨୧ ତମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଂଘର ରାଜ୍ୟ ଉପଦେଷ୍ଟା ହରିହର ଶତପଥୀଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲା ସଭାପତି ଦୁର୍ଯ୍ୟୋଧନ ନାୟକ ଅଧ୍ୟକ୍ଷତା କରିଥିଲେ। ଦକ୍ଷିଣାଞ୍ଚଳ ରାଜ୍ୟ ଉପସଭାପତି ଧୀରେନ କୁମାର ପଣ୍ଡା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ଜାବେଦ ଅଖତାର, ସମ୍ମାନିତ ଅତିଥିଭାବେ ରାଜ୍ୟ ଯୁଗ୍ମ ସମ୍ପାଦକ ଅରୁଣ କୁମାର ଦାସ, ସାଙ୍ଗଠନିକ ସମ୍ପାଦକ ସୁଧାଂଶୁ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ଦେବାନନ୍ଦ ବେହେରା ବିବରଣୀ ପାଠ କରିଥିଲେ। ସମ୍ମିଳନୀରେ ସଂଘର ବିଭିନ୍ନ ଦାବି ସମ୍ପର୍କରେ ଗୋଆଲୋଚନା ହୋଇଥିଲା। ଆରଏସିପିଏସ ଯେଉଁ କର୍ମଚାରୀମାନଙ୍କର ଜିଲାସ୍ତରରେ ହୋଇପାରିନାହିଁ, ସେମାନେ କିପରି ତୁରନ୍ତ ଏହା ପାଇବେ ସେନେଇ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଗସ୍ତ ଖର୍ଚ୍ଚଦରମା ସହିତ ପ୍ରଦାନ କରିବା, କଣ୍ଟିଜେନସି ଦେବା ବ୍ୟବସ୍ଥା କରିବା, ବର୍ତ୍ତମାନ ଜିଲାର ସମସ୍ତ ତହସିଲରେ ଲ୍ୟାପଟପ, ପ୍ରିଣ୍ଟର ଓ ସ୍କାନର ପ୍ରଦାନ କରାଯାଇଛି। ମାତ୍ର ଗୃହ ନ ଥିବା ଓ ବିଦ୍ୟୁତ ସଂଯୋଗ ନଥିବାରୁ ଅନ୍‌ଲାଇନ କାର୍ଯ୍ୟକୁ ତରାନ୍ୱିତ ହୋଇପାରୁନାହିଁ । ଏଥିସହ ସଂଘର ଅନ୍ୟାନ୍ୟ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ସଂଘର ନୂତନ ଜିଲାସ୍ତରୀୟ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିଲା । ସଭାପତି ଭାବେ ଦେବୀ ପ୍ରସାଦ ପଣ୍ଡା, ଉପସଭାପତି ଭାବେ ଭେଙ୍କଟେଶ୍ୱର ନାଇଡୁ ଓ ଜ୍ଞାନରଞ୍ଜନ ବିଶ୍ୱାଳ, ଜିଲା ସମ୍ପାଦକ ଭାବେ ରମେଶ କୁମାର ନାୟକ, ଯୁଗ୍ମ ସମ୍ପାଦକ ଭାବେ ସୁରଜ କୁମାର ପଣ୍ଡା, ସାଙ୍ଗଠନିକ ସମ୍ପାଦକ ଅକ୍ଷୟ କୁମାର କ୍ଷେତ୍ରୀ, କାର୍ଯ୍ୟାଳୟ ସମ୍ପାଦକ ଭାବେ ଏ.ବି. ପାତ୍ରିଆ, ମହିଳା ସମ୍ପାଦିକା ସବିତା ପାତ୍ର, କୋଷାଧ୍ୟକ୍ଷ ରଘୁନାଥ ଖଟେଇ, ପ୍ରସାର ସମ୍ପାଦକ ନିରୁପମା ସାହୁ, ଉପଦେଷ୍ଟା ହରିହର ଶତପଥୀ ଓ ଗୌରୀ ଶଙ୍କର ରାଓ, ସମୀକ୍ଷକ ଭାବେ ଆର. ପ୍ରଭାକର ରାଓ ଓ ପ୍ରଦୀପ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା ।

# ଦାବି ପୂରଣ ନାହିଁ ତ ଟିକା ନାହିଁ



ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ କର୍ମୀମାନେ।

ଗୁଣପୁର,୧୭।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଜଗନ୍ନାଥପୁର ସିଏଚ୍‌ସି ଅଧୀନସ୍ଥ ବହୁମୁଖୀ ସ୍ୱାସ୍ଥ୍ୟ ଏବଂ ପରିଦର୍ଶକ ସଂଘର କର୍ମୀମାନେ ସୋମାବାର ହେବାକୁ ଥିବା ଦ୍ୱିତୀୟ ଦ୍ୱିତୀୟ ଦିନରେ ଟିକା ନେବେନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶନିବାର ଜଗନ୍ନାଥପୁର ସିଏଚ୍‌ସିରେ ଏକ ବୈଠକରେ ସ୍ଥିର କରିଛନ୍ତି। ଏଥିସହ ସେମାନେ କଳାବ୍ୟାଜ ପରିଧାନ କରି ଟିକାକରଣ କାର୍ଯ୍ୟରେ ସାମିଲ ହେବେ କହିଛନ୍ତି। କରୋନା ସମୟରେ ଜୀବନକୁ ବାଜି ଲଗାଇ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ହେଲେ ସରକାର ସେମାନଙ୍କୁ ଅବହେଳା ଏବଂ ଅଣଦେଖା କରୁଛନ୍ତି। ସେମାନଙ୍କ ଦାବି ମଧ୍ୟରେ ରହିଛି ହେଲ୍‌ଥ କ୍ୟାଡର ପର୍ନଗଠନ ଏବଂ ପଦୋନ୍ନତି। ଦାବି ପୂରଣ ନ ହେଲେ ଟିକା ନେବେନାହିଁ ବୋଲି ସେମାନେ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି।

# ଉଚ୍ଚଶିକ୍ଷା ନେଇ ମେଧାବୀ ଛାତ୍ରଙ୍କୁ ସହାୟତା କଲେ ବିନୋଦ

ମାଲକାନଗିରି,୧୭।୧ (ଡି.ଏନ୍.ଏ.)



ତୁଳସୀରାମଙ୍କ ସହ ଆଲୋଚନା କରୁଛନ୍ତି ବିନୋଦ।

ଗରିବଙ୍କ ଦୁଃଖର ସାଥୀ ପାଲଟିଥିବା ବିନୋଦ ପୁଣି ଜଣେ ଗରିବ ଛାତ୍ରଙ୍କୁ ଉଚ୍ଚ ଶିକ୍ଷା ଲାଭ ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ବୁରୁଦି ଗ୍ରାମର ସୁନିଲ ମାଡ଼କାମିଙ୍କ ପୁଅ ତୁଳସୀରାମ ମାଡ଼କାମି ଜଣେ ମେଧାବୀ ଛାତ୍ର। ମାଲକାନଗିରି ମଡେଲ ଡିଗ୍ରୀ କଲେଜରେ ଯୁକ୍ତ ୩ ବିଜ୍ଞାନରେ ଶତକଡ଼ା ୮୨ ପ୍ରତିଶତ ମାର୍କ ରଖି ପାସ କରିଛନ୍ତି। ଏହା ପରେ ସେ ଭୁବନେଶ୍ୱରସ୍ଥିତ ଆଇଆଇଟି ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତର ପଢୁଥିବା ବେଳେ ୪ର୍ଥ ସେମିଷ୍ଟାରରେ ପୁନଃ ପ୍ରବେଶ ପାଇଁ ତାଙ୍କ ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିଲା। ଅର୍ଥ ଅଭାବରୁ ଅଧାରୁ ପାଠ ଛାଡ଼ିବା ଭଳି ପରିସ୍ଥିତି ଉପୁଜିଥିଲା । ଏହି ଖବର ପାଇ ସାମାଜିକ କର୍ମୀ ବିନୋଦ ତୁଳସୀରାମଙ୍କ ସହ ଯୋଗାଯୋଗ କରି ତାଙ୍କୁ ଆଗକୁ ପାଠ ପଢ଼ା ଜାରି ରଖିବାକୁ ପରାମର୍ଶ ଦେଇ ୧୫ ହଜାର ଟଙ୍କା ସହାୟତା ଦେଇଛନ୍ତି।

# ମଣ୍ଡିରେ ପଡିଛି ୮୫ ହଜାର କୁଇଣ୍ଟାଲ ଧାନ



ମଣ୍ଡିରେ ପଡି ରହିଥିବା ଧାନ।

ବୈପାରୀଗୁଡା,୧୭।୧ (ଡି.ଏନ୍.ଏ)

ବୈପାରୀଗୁଡା ବ୍ଲକର ବିଭିନ୍ନ ମଣ୍ଡିରେ ଚାଷୀମାନେ ୧୧ରୁ ଧାନ ବସ୍ତା ରଖିଥିବା ବେଳେ ଏଯାଏ ଧାନ ଉଠାଯାଉନାହିଁ। ଶୀତ କାକରରେ ଚାଷୀ ଧାନ ଜଗି ରହିଛନ୍ତି। ଜିଲା ପ୍ରଶାସନର ନିର୍ଦ୍ଦେଶରେ ଶନିବାର ଏକ କମିଟି ବ୍ଲକର ସମସ୍ତ ମଣ୍ଡିକୁ ଯାଇ ଏକ ସର୍ଭେ କରି ଜିଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି। ସ୍ଥାନୀୟ ଯୋଗାଣ ନିରୀକ୍ଷକଙ୍କ ସୂଚନା ଅନୁସାରେ ମଣ୍ଡିରେ ଏବେ ପ୍ରାୟ ୮୫ ହଜାର କୁଇଣ୍ଟାଲ ଧାନ ପଡିରହିଛି । ଆମେ ରିପୋର୍ଟ ପଠାଇଛୁ। ପ୍ରଶାସନ ପକ୍ଷରୁ କିଛି ଉତ୍ତର ଆସିନାହିଁ । ଅନ୍ୟପକ୍ଷରେ ଧାନ ଉଠୁ ନ ଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ଶନିବାର ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଶୀଘ୍ର ମଣ୍ଡିରୁ ସେମାନଙ୍କ ଧାନ ନ ଉଠିଲେ ସେମାନେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ସ୍ୱିଲ୍‌ବାଇ ଟିମ୍ ବିଜୟୀ

ଚିତ୍ରକୋଣ୍ଡା,୧୭।୧(ଡି.ଏନ.ଏ.)–

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ୟୁଥ ଆଣ୍ଡ ସ୍ପୋର୍ଟସ କ୍ଲବ ପକ୍ଷରୁ ରବିବାର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିମେଳା ମାଟିବନ୍ଧ ଯୋଜନା ପ୍ରକଳ୍ପର ଏସଡିଓ ଉମା ଶଙ୍କର ସାହୁ, ସମ୍ମାନିତ ଅତିଥି ଭାବେ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପାଣି ଏବଂ ରେଫରି ପଙ୍କଜ ସ୍ୱାଇଁ ଉପସ୍ଥିତ ଥିଲେ। ଚିତ୍ରକୋଣ୍ଡା ବ୍ୟାଙ୍କଲାଇନ ଛକଠାରେ ହୋଇଥିବା ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ସ୍ୱିଲ୍‌ବାଇ ଓ ଅପରେଟ କଲୋନୀ ଟିମ୍ ମଧ୍ୟରେ ହୋଇଥିଲା। ସ୍ୱିଲ୍‌ବାଇ ଭଲିବଲ ଟିମ୍ ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଭାଗ ନେବେ। ୨୫ରେ ଫାଇନାଲ ମ୍ୟାଚ ହେବ। ୨୬ରେ ଚାମ୍ପିୟନ ଟିମ୍ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ୟୁଥ୍ କ୍ଲବ ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ କ୍ଲବ ସଦସ୍ୟ ନାରାୟଣ ଦାଶ, ଗଣେଶ ଖରା, ଗୁରୁ ତନ୍ତି, ଶ୍ରୀକାନ୍ତ ଖଣ୍ଡାଗିରି, ତ୍ରିନାଥ ଖରା ଓ ଦୀପକ କୁଶପାତିଆ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ମ୍ୟାଚର ଖେଳାଳି।

# ଗଛକଟାକୁ ନେଇ ବନ ବିଭାଗ-ଗ୍ରାମବାସୀ ମୁହାଁମୁହିଁ

କୋରାପୁଟ,୧୭।୧(ସ୍ୱ.ପ୍ର.)



ଗ୍ରାମବାସୀ ଅଟକ ରଖିଥିବା କାଠ ବୋଝେଇ ଟ୍ରକ୍।

**ବନ ବିଭାଗର କାଠ ବୋଝେଇ ଟ୍ରକ୍ ଅଟକ**

ପୂର୍ତ୍ତ ବିଭାଗ ପକ୍ଷରୁ କୋରାପୁଟ ବ୍ଲକର ମସ୍ତିପୁଟଠାରୁ ଦଶମନ୍ତପୁର ବ୍ଲକର ଆଡମଣ୍ଡା ଯାଏ ରାସ୍ତା ନିର୍ମାଣ ଲାଗି ପାର୍ଶ୍ୱରେ ଥିବା ପୁରୁଣା ଗଛକଟାକୁ ନେଇ ରବିବାର ଅପରାହ୍ନରେ କୋରାପୁଟ ବନ ବିଭାଗ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଗ୍ରାମବାସୀ ଏହି କାଠକଟାକୁ ବିରୋଧ କରିବା ସହିତ କଟା କାଠକୁ ନେଇ ଯାଉଥିବା ବନ ବିଭାଗର ଏକ ଟ୍ରକକୁ ଅଟକ ରଖିଛନ୍ତି। ଖବରରୁ ଜଣାପଡିଛି ପୂର୍ତ୍ତ ବିଭାଗ ମସ୍ତିପୁଟ, ମହାଦେଇପୁଟ ଦେଇ ଆଡମଣ୍ଡା ଯାଏ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। ରାସ୍ତା ପ୍ରଶସ୍ତ ନେଇ ରାସ୍ତା ପାର୍ଶ୍ୱବର୍ତ୍ତୀ ଥିବା ମସ୍ତିପୁଟ ପଞ୍ଚାୟତ ଓ ମହାଦେଇପୁଟ ପଞ୍ଚାୟତର ପ୍ରାୟ ୮ଟି ପୁରୁଣା ଆମ୍ବଗଛ କଟାଯିବା ନେଇ ପୂର୍ତ୍ତ ବିଭାଗ କୋରାପୁଟ ବନ ବିଭାଗକୁ ଅନୁମତି ମାଗିଥିଲା । ବନ ବିଭାଗ ମଧ୍ୟ ଗଛକାଟିବାକୁ ଅନୁମତି ଦେଇଥିଲା। ସେହି ଅନୁସାରେ ଏହି ଦୁଇ ପଞ୍ଚାୟତର ପ୍ରାୟ ୮ଟି ପୁରୁଣା ଗଛକୁ କଟାଯାଇଥିଲା । ଗଛକୁ ଛୋଟ ଛୋଟ ଖଣ୍ଡ କରି ବନ ବିଭାଗ ଏକ ଟ୍ରକରେ ଡିପୋକୁ ନେଉଥିବାବେଳେ ମହାଦେଇପୁଟ ପଞ୍ଚାୟତର ନାଏବ ସରପଞ୍ଚ ଶିବ ଗୋଲରିଙ୍କ ସମେତ ବହୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ସେମାନେ କାଠକୁ ନେଇ ଯାଉଥିବା ବନବିଭାଗ ଅଧିକାରୀଙ୍କୁ ଏହି କାଠ ଆମ ପଞ୍ଚାୟତର। ଏହାକୁ ପଞ୍ଚାୟତକୁ ଦେବା ପାଇଁ ଦାବି କରିଥିଲେ । ବନ ବିଭାଗ ଅଧିକାରୀ ଗ୍ରାମବାସୀଙ୍କ କଥାକୁ ନ ଶୁଣି ଟ୍ରକ ନେଇଯିବାକୁ ଚେଷ୍ଟା କଲାବେଳେ ଗ୍ରାମବାସୀ ଏହି ଟ୍ରକକୁ ପଞ୍ଚାୟତ ନିକଟରେ ଅଟକ ରଖିଛନ୍ତି। ଖବର ଲେଖା ହେଲା ବେଳକୁ ରାତି ସାଢେ ୯ଟା ବେଳକୁ ଘଟଣା ସ୍ଥଳରେ କୋରାପୁଟ ରେଞ୍ଜର ଆର. କୁମାର ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରୁଥିବା ଜଣାଯାଇଛି। ସେହିପରି ଏହି ଗଛ କଟାକୁ ନେଇ ଏକଟାଗୁଡା ଗ୍ରାମର କେତେକ ଗ୍ରାମବାସୀ ସଦର ଥାନାର ଅଭିଯୋଗ କରିଛନ୍ତି। ଏନେଇ କୋରାପୁଟ ରେଞ୍ଜର ଆର. କୁମାରଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ନେଇ ସରକାରୀ ଜମିରେ ଥିବା ଏହି ଗଛ ସବୁ କଟାଯାଇଛି । ମାତ୍ର ସ୍ଥାନୀୟ ମହାଦେଇପୁଟ ପଞ୍ଚାୟତବାସୀ ଏହି କାଠ ତାଙ୍କ ପଞ୍ଚାୟତର ଦାବି କରିବା ନିରର୍ଥକ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ସହ ୪ କରୋନା ପଜିଟିଭ

କୋଣାର୍କ,୧୭ା୧(ଡି.ଏନ୍.ଏ.): ଦୀର୍ଘ ୯ ମାସ ପରେ ରାଜ୍ୟରେ ସ୍କୁଲ ଓ କଲେଜ ଖୋଲାଯାଇ ଶିକ୍ଷାଦାନ ଆରମ୍ଭ କରାଯାଇଥିଲା। ହେଲେ ସ୍କୁଲ ଖୋଲିବାର କିଛିଦିନ ମଧ୍ୟରେ ପୁରୀ ଜିଲା କୋଣାର୍କର ଏକ ବିଦ୍ୟାଳୟରେ ୪ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। କୋଣାର୍କରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉଚ୍ଚ ବିଦ୍ୟାଳୟ ଖୋଲାଯିବାରୁ ଛାତ୍ରୀଛାତ୍ର ଓ ଶିକ୍ଷକ ଆସିଥିଲେ। ପ୍ରତିଦିନ ସମସ୍ତଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଥିବାବେଳେ ଗତ କିଛିଦିନ ତଳେ ଏହି ସ୍କୁଲରୁ ୨ ଛାତ୍ରୀଛାତ୍ରଙ୍କ ସମେତ ଜଣେ ଶିକ୍ଷକ ଓ ଜଣେ କର୍ମଚାରୀ ପଜିଟିଭ ଚିହ୍ନଟ ହୋଇଛନ୍ତି। ଛାତ୍ରଜଣକ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ଛାତ୍ରୀ ଜଣକ ସୁନ୍ଦରଗଡ ଜିଲାର ବୋଲି ଜଣାପଡିଛି। ତେବେ ଏହି ବିଦ୍ୟାଳୟରେ ପ୍ରାୟ ୧୦୦ଜଣ ଛାତ୍ରୀଛାତ୍ର ଛାତ୍ରାବାସରେ ରହୁଥିବା ବେଳେ କରୋନା ଆକ୍ରାନ୍ତ ହୋଇଥିବା ୪ଜଣ ସଙ୍ଗରୋଧରେ ଅଛନ୍ତି ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାଶ ପ୍ରକାଶ କରିଛନ୍ତି।

### ପୋଲ ବାଡ଼ାରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

ଧର୍ମଶାଳା,୧୭ା୧(ଡି.ଏନ.ଏ.): ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ନୂତନ ବ୍ରିଜ ଉପରେ ରବିବାର ରାତ୍ରିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଯଖୁପୁରା ଥାନା ଅଧୀନ ମାନପୁର ଗ୍ରାମର କୁନା ମଲିକ(୫୫)। ଗୁରୁତର ହେଲେ ଅକ୍ଷୟ ମଲିକ (୪୦)। ରାତି ପ୍ରାୟ ୯ଟାରେ ଉଭୟେ ବାଇକ୍‌ରେ ଜେନାପୁର ବ୍ରିଜ ଅତିକ୍ରମ କରୁଥିବା ବେଳେ ଭାରସାମ୍ୟ ହରାଇ ବାଡ଼ାରେ ପିଟି ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ କୁନାଙ୍କ ମୃତ୍ୟୁ ଘଟିଛି। ଗୁରୁତର ଅକ୍ଷୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ପୋଲିସ ଏସ୍ଆଇ ନିଲମ୍ବିତ, ଏଏସ୍ଆଇ ଗିରଫ

## ଲାଞ୍ଚ ଓ କର୍ତ୍ତବ୍ୟରେ ଅବହେଳା
## ପୁରୀ ଏସ୍‌ପିଙ୍କ କାର୍ଯ୍ୟାନୁଷ୍ଠାନ

ପୁରୀ ଅଫିସ,୧୭ା୧

ଲାଞ୍ଚ ନେବା ଓ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିବା ପୁରୀ ଜିଲା ପୋଲିସର ୨ଜଣ ଅଧିକାରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଏ ସଂକ୍ରାନ୍ତରେ ରବିବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କନୱର ବିଶାଳ ସିଂ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି ଯେ, ଜଣେ ଫୁଡ୍ ଭେଣ୍ଡରଙ୍କଠାରୁ ୭ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ କୃଷ୍ଣପ୍ରସାଦ ଥାନା ଏଏସ୍ଆଇ ଈଶ୍ୱର ଚନ୍ଦ୍ର ଗୁମାନସିଂଙ୍କୁ ଗିରଫ କରାଯାଇଛି। ସେହିପରି ପୁରୀ ସଦର ଥାନାର ଏସ୍ଆଇ ଅତସୀ ଜେନାଙ୍କୁ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବନ କରାଯାଇଛି। ପୁରୀ ସଦର ଥାନାର ମହିଳା ଏସ୍ଆଇ ଜେନା ଆଇଆଇସିଙ୍କ ବିନା ଜ୍ଞାତସାରରେ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୧୪ ହଜାର ଟଙ୍କା ଓ ୩ଟି ମୋବାଇଲ ଜବତ ହୋଇଥିଲା। ତେବେ ଜବତ ଟଙ୍କା ଓ ମୋବାଇଲ ସମ୍ପର୍କରେ ଏସ୍ଆଇ ଜେନା ଆଇଆଇସି କିମ୍ବା ଥାନାର କୌଣସି କର୍ମଚାରୀଙ୍କୁ ଜଣାଇ ନ ଥିଲେ। ସମ୍ପୃକ୍ତ ଦୁଇ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ସାମ୍ନାକୁ ଆସିବା ପରେ ସଦର ଏସ୍‌ଡିପିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତ ରିପୋର୍ଟ ମିଳିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।


ଏସ୍ଆଇ ଅତସୀ ଜେନା


ଏଏସ୍ଆଇ ଈଶ୍ୱର ଚନ୍ଦ୍ର ଗୁମାନସିଂ

# ନୂଆ ରୂପ ପାଇବ ପୁରୀ ରାଜଭବନ

- ଶିଳାନ୍ୟାସ କଲେ ରାଜ୍ୟପାଳ
- ବିମାନବନ୍ଦର ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ପ୍ରଶଂସା

ପୁରୀ ଅଫିସ,୧୭ା୧

ଆସନ୍ତା ରଥଯାତ୍ରା ପୂର୍ବରୁ ପୁରୀ ରାଜଭବନ ନୂଆ ରୂପ ପାଇବ। ଗତ ଫନୀ ମହାବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଐତିହାସିକ ପୁରୀ ରାଜଭବନର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ ଏବେ ପ୍ରକ୍ରିୟା ଆରମ୍ଭ ହୋଇଛି। ରବିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁରୀ ଗସ୍ତରେ ଆସି ରାଜଭବନ ପୁନଃନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଏହି ପୁନଃନିର୍ମାଣ କାର୍ଯ୍ୟ ପାଇଁ ୨.୯ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ଆସନ୍ତା ୪ ମାସ ମଧ୍ୟରେ ଏହା ପ୍ରସ୍ତୁତ ହେବ ବୋଲି ସୂଚନା ମିଳିଛି। ଏହି ଅବସରରେ ସ୍ଥାନୀୟ ସର୍କିଟ ହାଉସଠାରେ ପ୍ରଶାସନ ପକ୍ଷରୁ ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ଶିଳାନ୍ୟାସ ପରେ ରାଜ୍ୟପାଳ କହିଛନ୍ତି, ପୁରୀରେ ଫନୀ ଲ୍ୟାଣ୍ଡଫଲ୍ କରିବା ପରେ ରାଜଭବନ କ୍ଷତିଗ୍ରସ୍ତ ହୋଇଥିଲା। ମୁଁ ପରିଦର୍ଶନ କରି ଏହାର ସ୍ଥିତି ପରଖିଥିଲି। ଏବେ ଏହାର ପୁନଃନିର୍ମାଣ ଲାଗି ଶିଳାନ୍ୟାସ ହୋଇଛି। ଆସନ୍ତା ରଥଯାତ୍ରା ପୂର୍ବରୁ ରାଜଭବନ ପୁଣି ନିଜର ପୁରୁଣା କଳେବରକୁ ଫେରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିପରି ପୁରୀରେ ବିମାନ ବନ୍ଦର ନିର୍ମାଣ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରସ୍ତାବକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ପୁରୀରେ ବିମାନ ବନ୍ଦର ପ୍ରତିଷ୍ଠା ହେଲେ ପର୍ଯ୍ୟଟନ କ୍ଷେତ୍ରରେ ପୁରୀ ସାରା ଦେଶରେ ଏକ ଅଗ୍ରଣୀ ସହରରେ ପରିଣତ ହେବ। ପର୍ଯ୍ୟଟନ ଶିଳ୍ପ ଓ ଅର୍ଥନୈତିକ ପ୍ରଗତି ପାଇଁ ପୁରୀରେ ବିମାନ ବନ୍ଦର ନିର୍ମାଣର ପ୍ରସ୍ତାବ ଅତ୍ୟନ୍ତ ଉତ୍ତମ। ସେହିଭଳି ପୁରୀରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକୁ ସେ ପ୍ରଶଂସା କରି କହିଛନ୍ତି, ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଶ୍ରୀକ୍ଷେତ୍ରକୁ ବିଶ୍ୱ ପର୍ଯ୍ୟଟନର ଏକ ପ୍ରମୁଖ ଅଂଶ କରିବା ପାଇଁ ରାଜ୍ୟ ସରକାରଙ୍କ ଯେଉଁ ନିରନ୍ତର ଉଦ୍ୟମ ଦରକାର ହେଉଥିଲା ସରକାର ସେ ସବୁ କରୁଛନ୍ତି ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସଚିବ ପ୍ରମୋଦ ମେହେର୍ଦ୍ଦା, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଳ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନ ପୁନଃନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି। ପାର୍ଶ୍ୱରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀ।

## ପିସିସି ସଭାପତିଙ୍କୁ ଆକ୍ରମଣ ଉଦ୍ୟମ

କେନ୍ଦୁଝର,୧୭ା୧(ସ୍ୱ.ପ୍ର)

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ କେନ୍ଦୁଝର ଟାଉନ ଥାନା ଅଧୀନ କାଶୀପୁର ନିକଟରେ ରବିବାର ରାତିରେ ଆକ୍ରମଣ ଉଦ୍ୟମ କରାଯାଇଛି। ୪ରୁ ୫ ଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଓଭରଟେକ୍ କରି ଅଟକାଇବା ସହ ଆକ୍ରମଣ କରିବାକୁ ପ୍ରୟାସ କରିଥିଲେ। ସୁରକ୍ଷା କର୍ମୀ ରାଜେଶ ସିଂ ଓ ଡ୍ରାଇଭର ପିସିସି ସଭାପତିଙ୍କୁ ସୁରକ୍ଷା ଦେବାକୁ ଆଗେଇ ଆସିବା ବେଳେ ଦୁର୍ବୃତ୍ତମାନେ ସେମାନଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ଏନେଇ ସୁରକ୍ଷାକର୍ମୀ ସିଂ ଟାଉନଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଦଫା ୩୪୧, ୨୯୪, ୩୨୩, ୩୦୭, ୪୨୭, ୫୦୬ ଓ ୩୪ ଆଇପିସିରେ ମାମଲା (ନଂ.୨୯/୨୧) ରୁଜୁ କରିଥିବା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି। ଜିଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର କୁହନ୍ତି, ଖବର ପାଇଲା ପରେ କଂଗ୍ରେସ କର୍ମୀଙ୍କ ସହିତ ସେ ଘଟଣାସ୍ଥଳକୁ ଯାଇଥିଲେ। ସେଠାରୁ ଆକ୍ରମଣକାରୀମାନେ ଟାଉନ ଅଭିମୁଖେ ପଳାଇ ଯାଇଥିଲେ। ଜଣେ ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଥିବା ସେ କହିଛନ୍ତି। ତେବେ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଅବରୋଧ କରାଯାଇଥିବା ସୂଚନା ମିଳିଛି।

# ୧୨ବର୍ଷ ବୟସରେ ଅନ୍ତର୍ଜାତୀୟ ଲେଖକ

## ମେମୋୟ ମିଶ୍ରଙ୍କ 'ବିଙ୍ଗ୍ ବ୍ୟାଡ୍ ଇଜ୍ ବିଙ୍ଗ୍ ଗୁଡ୍' ପୁସ୍ତକ ଉନ୍ମୋଚିତ



ଲେଖକ ମେମୋୟ ମିଶ୍ରଙ୍କ ଉପସ୍ଥିତିରେ ମନ୍ତ୍ରୀ ସମୀର ରଞ୍ଜନ ଦାସ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୭ା୧(ବ୍ୟୁରୋ)

ଅନ୍ତର୍ଜାତୀୟସ୍ତରରେ ଲୋକପ୍ରିୟତା ହାସଲ କରିଥିବା କିଶୋର ଲେଖକ ମେମୋୟ ମିଶ୍ରଙ୍କ ପୁସ୍ତକ 'ବିଙ୍ଗ୍ ବ୍ୟାଡ୍ ଇଜ୍ ବିଙ୍ଗ୍ ଗୁଡ୍'କୁ ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉନ୍ମୋଚନ କରିଛନ୍ତି। ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ମେମୋୟ ଖୁବ୍ କମ୍ ବୟସରୁ ଜଣେ ଲେଖକ ହେବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି। ମେମୋୟ ଓଡ଼ିଶାର ଶିଶୁ ଓ କିଶୋରଙ୍କ ପାଇଁ ଆଦର୍ଶ ଓ ଓଡ଼ିଶାର ଗୌରବ ବୋଲି ମନ୍ତ୍ରୀ କହିଛନ୍ତି। ପୁସ୍ତକ ଉନ୍ମୋଚନ ସମୟରେ ମନ୍ତ୍ରୀ ସମସ୍ତ ଶିଶୁ ଓ କିଶୋରଙ୍କୁ ନିଜ ବହି ମାଧ୍ୟମରେ ଲେଖକ ଦେଇଥିବା ବାର୍ତ୍ତା ପଢ଼ି ଶୁଣାଇଥିଲେ। ଏଥିସହ ଲେଖକଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ବାର୍ତ୍ତା ପଢ଼ିଥିଲେ ମନ୍ତ୍ରୀ। ମେମୋୟ ମାତ୍ର ୧୨ ବର୍ଷ ବୟସରେ ସପ୍ତମ ଶ୍ରେଣୀରେ ପଢୁଥିବାବେଳେ 'ବିଙ୍ଗ୍ ବ୍ୟାଡ୍ ଇଜ୍ ବିଙ୍ଗ୍ ଗୁଡ୍' ପୁସ୍ତକ ରଚନା କରିଥିଲେ। ଏହି ପୁସ୍ତକ ଲଣ୍ଡନର ପ୍ରକାଶକ ଅଷ୍ଟିନ୍ ମାକେୱେଲଙ୍କ ଦ୍ୱାରା ୨୦୧୯ରେ ୟୁରୋପ, ଆମେରିକା, କାନାଡ଼ା ଏବଂ ଅଷ୍ଟ୍ରେଲିଆରେ ପୁସ୍ତକ ଏବଂ ଇ-ପୁସ୍ତକ ଭାବେ ପ୍ରକାଶିତ ହୋଇଥିଲା। ପୁରୀ ଜିଲା ବୀରପୁରୁଷୋତ୍ତମପୁର ନିବାସୀ ଚିନ୍ମୟୀ ଓ ଡ. ଦୁଃଖିଶ୍ୟାମ ମିଶ୍ରଙ୍କ ପୁଅ ହେଉଛନ୍ତି ମେମୋୟ। ସେ ପିଲାଦିନରୁ ଅନେକ କାଳ୍ପନିକ କ୍ଷୁଦ୍ର ଗଳ୍ପ, ଚିତ୍ରାଙ୍କନରେ ମୃଗତୃଷ୍ଣା, ଅନୁଭୂତି ଓ ନିଜର ବିଚାର ଲେଖି ପ୍ରତିଭାର ପରିଚୟ ଦେଇଛନ୍ତି।

# ମାଙ୍କଡ଼ ମାର୍ମୋସେଟ୍‌ର ୨ ଶାବକ ଜନ୍ମ



ନବଜାତକ ସହ ମା'।

ବାରଙ୍ଗ,୧୭ା୧(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରହୁଥିବା ସବୁଠାରୁ କ୍ଷୁଦ୍ରମାଙ୍କଡ଼ ମାର୍ମୋସେଟ ରବିବାର ୨ଟି ଶାବକ ଜନ୍ମ ଦେଇଛି। ଶାବକଦ୍ୱୟକୁ ଜନ୍ମ କରିସାରିବା ପରେ ଗୋଟିକୁ ମା' ଗ୍ରହଣ ନ କରିପାରିବା ଘଟଣା କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଫଳରେ ଯେଉଁଟିକୁ ମା' ଗ୍ରହଣ କରି ନ ଥିଲା ସେହି ନବଜାତକକୁ ୫୫ନଂ ଏନ୍‌କ୍ଲୋଜରରେ ଥିବା ମା'ଠାରୁ ଅଲଗା କରି କର୍ତ୍ତୃପକ୍ଷ ଲାଳନପାଳନ କେନ୍ଦ୍ରରେ ତାକୁ ଛାଡ଼ିଛନ୍ତି। ଆଜିଠାରୁ ସେ ମା' ବିନା ଲାଳନପାଳନ କେନ୍ଦ୍ରର କର୍ମଚାରୀଙ୍କ ଦାୟିତ୍ୱରେ ରହିବା ଆରମ୍ଭ କରିଥିବାବେଳେ ଅନ୍ୟ ନବଜାତକଟି ମା' ସହ ଏନକ୍ଲୋଜରରେ ରହିଛି। ଏହି ୨ ନବଜାତକକୁ ମିଶାଇ ନନ୍ଦନକାନନରେ ମାର୍ମୋସେଟ ସଂଖ୍ୟା ବୃଦ୍ଧିପାଇ ୭ରେ ପହଞ୍ଚିଛି। ସେଥିମଧ୍ୟରେ ଅଣ୍ଡିରା ୩, ମାଈ ୧ ଓ ୩ଟିର ଲିଙ୍ଗନିରୂପଣ ହୋଇପାରି ନ ଥିବା ନନ୍ଦନକାନନ ଉପ-ନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ମାଙ୍କଡ଼ ପ୍ରଜାତିର ଏହି ଛୋଟମାଙ୍କଡ଼ ମାର୍ମୋସେଟ ବ୍ରାଜିଲ ଓ ଦକ୍ଷିଣ ଆମେରିକାରେ ଦେଖାଦିଅନ୍ତି। ୨୩୦-୪୫୩ ଗ୍ରାମ ଓଜନ ବିଶିଷ୍ଟ ଏହି ମାର୍ମୋସେଟର ଲମ୍ବ ୧୦୫-୩୦୫ମିମି ହୋଇଥିବାବେଳେ ଶରୀରର ଲମ୍ବଠାରୁ ଲାଞ୍ଜର ଲମ୍ବ ବଡ଼ ହୋଇଥାଏ। ଏମାନଙ୍କର ଲାଞ୍ଜ ୧୮୦-୪୦୫ ଲମ୍ବ ବିଶିଷ୍ଟ ହୋଇଥାଏ। ୧୦-୧୪ ମାସରେ ଯୌନ ପରିପକ୍ୱତା ହାସଲ କରି ୧୪୨-୧୫୦ଦିନ ଭ୍ରୂଣଧାରଣ କରି ଥରକେ ଦୁଇଟି ଛୁଆ ଜନ୍ମ କରିଥାନ୍ତି। ମଦୁରାଇର ଏକ ଘରୋଇ ସଂସ୍ଥାଠାରୁ ହଳେ ମାର୍ମୋସେଟ ୨୦୧୯ ମାର୍ଚ୍ଚ ୭ରେ କିଣା ହୋଇ ନନ୍ଦନକାନନକୁ ଆସିଥିଲା।

# ଏନ୍ଆଇପିଏମ୍ ଉତ୍କଳ ଚାପ୍ଟରର ନୂତନ ଅଧ୍ୟକ୍ଷ ରାଧାଶ୍ୟାମ

ଭୁବନେଶ୍ୱର,୧୭ା୧(ବ୍ୟୁରୋ)


ରାଧାଶ୍ୟାମ ମହାପାତ୍ର

ରାଧାଶ୍ୟାମ ମହାପାତ୍ର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପର୍ସୋନେଲ ମ୍ୟାନେଜମେଣ୍ଟ (ଏନ୍ଆଇପିଏମ୍) ଉତ୍କଳ ଚାପ୍ଟରର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରବିବାର ଭୁବନେଶ୍ୱରଠାରେ ଏନ୍ଆଇପିଏମ୍ ଉତ୍କଳ ଚାପ୍ଟରର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ମହାପାତ୍ର ସର୍ବସମ୍ମତିକ୍ରମେ ଚାପ୍ଟରର ଅଧ୍ୟକ୍ଷ ମନୋନୀତ ହୋଇଛନ୍ତି। ସେ ବର୍ତ୍ତମାନ ନ୍ୟାଶନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ (ନାଲ୍‌କୋ)ରେ ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ କାର୍ଯ୍ୟରତ। ଶକ୍ତି, ତୈଳ ଏବଂ କୋଇଲା ଶିଳ୍ପ ଆଦି କ୍ଷେତ୍ରରେ ବିଭିନ୍ନ ପଦପଦବୀରେ ତାଙ୍କର ତିନି ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି। ସେ ମାନବ ସମ୍ବଳ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସୁଚାରୁ ରୂପେ ନିର୍ବାହ କରି ଆସିଛନ୍ତି। ନ୍ୟାଶନାଲ ହାଇଡ୍ରୋ ପାୱାର୍ କର୍ପୋରେଶନ୍ ଲିମିଟେଡ୍ (ଏନ୍ଏଚ୍‌ପିସି) ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍ (ଇଆଇଏଲ୍) ଏବଂ ସେଣ୍ଟ୍ରାଲ୍ କୋଲ୍ ଫିଲ୍ଡ୍ସ ଲିମିଟେଡ୍ (ସିସିଏଲ୍-କୋଲ୍ ଇଣ୍ଡିଆ ଲିମିଟେଡର ଏକ ସବ୍‌ସିଡିୟାରୀ) ରାଞ୍ଚିଠାରେ ତାଙ୍କର କାର୍ଯ୍ୟକାଳ ସମୟରେ ସେ ଉତ୍ପାଦକ କାର୍ଯ୍ୟ ସଂସ୍କୃତିର ଶୁଭାରମ୍ଭ କରିଥିଲେ। ମହାପାତ୍ର ପୂର୍ବରୁ ଏନ୍ଆଇପିଏମ୍‌ର ଅନେକ ପଦପଦବୀରେ କାର୍ଯ୍ୟ କରିଆସିଛନ୍ତି। ସେ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ରାଞ୍ଚି ଚାପ୍ଟରର ଅଧ୍ୟକ୍ଷ ଏବଂ ଏନ୍ଆଇପିଏମ୍ ଜାତୀୟ ପରିଷଦର ଆଞ୍ଚଳିକ ସଭାପତି (ପୂର୍ବାଞ୍ଚଳ) ଭାବେ ଦୁଇଥର ଦାୟିତ୍ୱ ନିର୍ବାହ କରିଛନ୍ତି। ଉଲ୍ଲେଖଯୋଗ୍ୟ ୨୦୧୬ରେ ମହାପାତ୍ର ଅଧ୍ୟକ୍ଷ ଥିବାବେଳେ ଏନ୍ଆଇପିଏମ୍ ରାଞ୍ଚି ଚାପ୍ଟର ଏକକାଳୀନ ୧୧୩ ଜଣ ଆଜୀବନ ସଦସ୍ୟ ଗ୍ରହଣ କରିଥିଲା, ଯାହା କୌଣସି ଏକ ବୃତ୍ତିଗତ ସଂସ୍ଥା ପାଇଁ ଉଲ୍ଲେଖନୀୟ ସଫଳତା।

# ଆଜିଠାରୁ ରାଜାରାଣୀ ସଙ୍ଗୀତ ଉତ୍ସବ

ଭୁବନେଶ୍ୱର,୧୭ା୧(ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସହଯୋଗରେ ପ୍ରତିବର୍ଷ ଆୟୋଜିତ ହେଉଥିବା ରାଜାରାଣୀ ସଙ୍ଗୀତ ଉତ୍ସବ ସୋମବାରଠାରୁ ଆରମ୍ଭ ହେବ। ଏହି ସଙ୍ଗୀତ ଉତ୍ସବ ୨୦ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ରାଜାରାଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରତିଦିନ ଗୋଟିଏ କଣ୍ଠ ସଙ୍ଗୀତ ସହ ତିନିଦିନରେ ତିନୋଟି ଶାସ୍ତ୍ରୀୟ ସଙ୍ଗୀତର ଶୈଳୀ ଗାନ କରାଯିବ। ପ୍ରଥମ ସନ୍ଧ୍ୟାରେ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ, ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶୀ ଏବଂ ଉଦ୍‌ଯାପନୀ ସନ୍ଧ୍ୟାରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯିବ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ସଙ୍ଗୀତ ଓ ବାଦ୍ୟଶିଳ୍ପୀମାନେ ଏଥିରେ ଅଂଶଗ୍ରହଣ କରି ଶ୍ରୋତାଙ୍କ ପାଇଁ ମନ୍ତ୍ରମୁଗ୍ଧକର ସଙ୍ଗୀତ ପରିବେଷଣ କରିବେ। ପ୍ରଥମ ସନ୍ଧ୍ୟାରେ ନୂଆଦିଲ୍ଲୀର ସୁଧା ରଘୁରମଣ୍‌ଙ୍କ ପରିବେଷଣରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ସେ କର୍ଣ୍ଣାଟକୀ ଶୈଳୀରେ କଣ୍ଠ ସଙ୍ଗୀତ ପରିବେଷଣ କରିବେ। ଡ. ସଙ୍ଗୀତା ଗୋସାଇଁ ଏବଂ ଅନୁଜା ତାରିଣୀ ମିଶ୍ର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିବେ।

# ଜଙ୍ଗଲ ପରିଚାଳନାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ

## କାମ୍ପା ବୈଠକ

- ଜଙ୍ଗଲ ସମ୍ପତ୍ତିର ଡାଟାବେସ୍ ପ୍ରସ୍ତୁତି ନିର୍ଦ୍ଦେଶ
- ୨୦୨୧-୨୨ ପାଇଁ ୯୦୩ କୋଟି ଅନୁମୋଦିତ

ଭୁବନେଶ୍ୱର, ୧୭ା୧(ବ୍ୟୁରୋ)

ଜଙ୍ଗଲ ପରିଚାଳନାରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟର ମାନ୍ୟତା ମିଳିଛି। ଆଇଏସ୍ଏଫ୍ଆର୍ ରିପୋର୍ଟ-୨୦୧୯ ଅନୁସାରେ ଟେକ୍ନୋଲୋଜି ପ୍ରୟୋଗ ମାଧ୍ୟମରେ ଜଙ୍ଗଲ ଓ ଜଙ୍ଗଲ ପରିଚାଳନାର ବିଭିନ୍ନ ପାରାମିଟରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବରେ ଆକଳନ କରାଯାଇଛି। ଏ ନେଇ ରାଜ୍ୟସ୍ତରୀୟ କ୍ଷତିପୂରଣ ବୃକ୍ଷରୋପଣ ପାଣ୍ଠି ପରିଚାଳନା ଓ ଯୋଜନା ପ୍ରାଧିକରଣ (କାମ୍ପା) ବୈଠକରେ ଏହି ମତପ୍ରକାଶ ପାଇଛି। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ଲଣ୍ଡା ପାହାଡ଼ (ବାଲ୍ଡ ହିଲ୍)ରେ ବୃକ୍ଷରୋପଣ ସହିତ ପୁନଃନିର୍ମାଣ କାର୍ଯ୍ୟ କରି ଗ୍ରୀନ୍ କଭରେଜ ବୃଦ୍ଧି ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସମସ୍ତ ଜଙ୍ଗଲ ସମ୍ପତ୍ତିର ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତ କରିବା, ନିୟମିତ ଅପଡେଟ୍ ସହିତ ପବ୍ଲିକ୍ ଡୋମେନରେ ଅପ୍‌ଲୋଡ୍ କରିବାକୁ କହିଛନ୍ତି। ସ୍ୱାସ୍ଥ୍ୟ ଓ ଜରୁରୀକାଳୀନ ସେବା ସହଜରେ ଉପଲବ୍ଧ ହେବା ପାଇଁ ଜଙ୍ଗଲ ରାସ୍ତାକୁ ଗତିଶୀଳ କରିବା ଲାଗି ବିଭାଗକୁ ୩ ବର୍ଷର ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ କୁହାଯାଇଛି। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ବୃକ୍ଷରୋପଣ ପ୍ରକଳ୍ପରେ ଗ୍ରୀନ୍ କଭରର ପୂର୍ବ ଓ ପରର ତୃତୀୟପକ୍ଷ ମୂଲ୍ୟାଙ୍କନ କରିବାକୁ ପରାମର୍ଶ ଦେଇଛନ୍ତି। ପିସିସିଏଫ୍ ସନ୍ଦିପ ତ୍ରିପାଠୀ କହିଛନ୍ତି, ରିପୋର୍ଟ ଅନୁସାରେ ଓଡ଼ିଶାରେ ୨୦୧୭ରୁ ୧୯ ମଧ୍ୟରେ ୨୭୪ ବର୍ଗକିମି ଜଙ୍ଗଲ ବୃଦ୍ଧି ହୋଇଛି। ଏହା ବ୍ୟତୀତ ବୃକ୍ଷର ଆବରଣ କ୍ଷେତ୍ର ମଧ୍ୟ ୬୫୫ ବର୍ଗ କିମି ବୃଦ୍ଧି ପାଇଛି। ଜଙ୍ଗଲ ପରିଚାଳନାରେ ଓଡ଼ିଶା ଜାତୀୟ ସ୍ତରରେ ଷଷ୍ଠ ସ୍ଥାନରେ ରହିଛି। ଏହି ଅବସରରେ ୨୦୨୧-୨୨ବର୍ଷ ପାଇଁ ୯୦୩.୩୯ କୋଟି ଟଙ୍କା ଅନୁମୋଦିତ ହୋଇଛି। ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା, କାମ୍ପାର ସିଇଓ ଉମା ନନ୍ଦୁରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଦିନକରେ ସରିଲା ଡଲଫିନ୍ ଗଣନା

## ଫଳାଫଳ ଅଘୋଷିତ

ବ୍ରହ୍ମଗିରି,୧୭ା୧(ଡି.ଏନ୍.ଏ.)




ଚିଲିକାରେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ଇରୱାଡି ଡଲ୍‌ଫିନର ଗଣନା ରବିବାର କରାଯାଇଥିଲା। ବନ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ମିଳିତ ଉଦ୍ୟମରେ ଗୋଟିଏ ଦିନରେ ଗଣନା କାର୍ଯ୍ୟ ସରିଥିଲେ ମଧ୍ୟ ଫଳାଫଳ ଅଘୋଷିତ ରହିଛି। ଇରୱାଡି ଡଲ୍‌ଫିନ ପାଇଁ ଚିଲିକା ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏହି ବିରଳ ଡଲ୍‌ଫିନଙ୍କ ସୁରକ୍ଷା ପାଇଁ ସରକାର ଗୁରୁତ୍ୱ ଦେବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ପ୍ରତିବର୍ଷ ଏମାନଙ୍କ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଗଣନା କରାଯାଉଛି। ରବିବାର ସକାଳ ୬ଟା ୩୦ରୁ ଗଣନା ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ଗଣନା କାର୍ଯ୍ୟରେ ବନ ବିଭାଗ କର୍ମଚାରୀ, ସିଡିଏ କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ଓୟୁଏଟିର ଛାତ୍ର ଓ ପରିବେଶବିତ୍‌ମାନେ ସାମିଲ ଥିଲେ। ଏମାନେ ୧୮ଟି ଦଳରେ ବିଭକ୍ତ ହୋଇ ଚିଲିକାର ନର୍ଦ୍ଦନ ସେକ୍ଟର, ସେଣ୍ଟ୍ରାଲ ସେକ୍ଟର ଓ ବାହ୍ୟ ନାଳି ଅଞ୍ଚଳକୁ ଯାଇ ଗଣନା କରିଥିଲେ। ଟ୍ରାନ୍ସେକ୍ଟ ସର୍ଭେ ମେଥଡ୍‌ରେ ଜିପିଏସ୍, ବାଇନା କୁଲାର, ରେଞ୍ଜ ଫାଇଣ୍ଡର ମାଧ୍ୟମରେ ଡଲ୍‌ଫିନର ଗତିବିଧି ଅନୁଧ୍ୟାନ କରାଯାଇ ଗଣନା ହୋଇଥିଲା। କିନ୍ତୁ ଘନକୁହୁଡି ଯୋଗୁ ଗଣନା କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଗଣନାକାରୀ ଦଳର ସଦସ୍ୟମାନେ କହିଛନ୍ତି। ବାଲୁଗାଁ ରେଞ୍ଜରୁ ୧୦ ଗଣନାକାରୀ ଦଳ ନର୍ଦ୍ଦନ ସେକ୍ଟର, ସେଣ୍ଟ୍ରାଲ ସେକ୍ଟର କାଳିଜାଇ, ନଳବଣ, ନଈରି ଆଦି ଅଞ୍ଚଳ ଓ ସାତପଡ଼ା ରେଞ୍ଜରୁ ୮ଟି ଦଳ ନର୍ଦ୍ଦନ ସେକ୍ଟରର ଗୋଟିଏ ଚ୍ୟାନେଲ ଓ ବାହ୍ୟ ଚିଲିକା ଅଞ୍ଚଳ ଯାଇ ଗଣନା କରିଥିଲେ। ସମସ୍ତ ଗଣନା କାର୍ଯ୍ୟ ସରିଥିଲେ ମଧ୍ୟ ୨ଟି ରେଞ୍ଜର ଗଣତି ସଂଖ୍ୟାକୁ ମିଶାଇ ପରବର୍ତ୍ତୀ ସମୟରେ ଏହାର ଫଳାଫଳ ଘୋଷଣା କରାଯିବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି।

ଗତବର୍ଷ ଚିଲିକାରେ ଡଲଫିନ ସଂଖ୍ୟା ୧୫୬ ରହିଥିଲା। କିନ୍ତୁ ଶୁକ୍ରବାର ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କରାଯାଇଥିବା ସର୍ବେକ୍ଷଣ ରିପୋର୍ଟରେ ସର୍ବେକ୍ଷଣକାରୀ ଦଳ ସେହିଦିନ ଚିଲିକାରେ ୧୫୬ ଡଲ୍‌ଫିନ ଦେଖିଥିବା ରିପୋର୍ଟ ଦେଇଥିଲେ। ହେଲେ ରବିବାର ଗଣନା ସମୟରେ ଚିଲିକାରେ ଏହି ସଂଖ୍ୟା କେତେ ରହିଛି ଚୂଡ଼ାନ୍ତ ରିପୋର୍ଟ ଘୋଷଣା ପରେ ସ୍ପଷ୍ଟ ହେବ। ଏହି ଗଣନାକାରୀ ଦଳରେ ସିଡିଏର ଏସିଏଫ୍ ବିନୋଦ ଆଚାର୍ଯ୍ୟ, ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ମାଇକେଲ ପିଟର, ବିଶ୍ୱଜିତ ପରିଡ଼ା, ମନୋଜ ଦାସ, ମିନାକୁମାରୀ ନାୟକ, ରୋଟାରୀ ଶ୍ରୀକ୍ଷେତ୍ର ପୁରୀର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୃଦ୍ଧି ପାଇଛି ଏଟିଏଫ୍ ଦର

**ନୂଆଦିଲ୍ଲୀ,୧୭।୧:** ଦେଶରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ରେକର୍ଡ ସ୍ତରକୁ ଡେଇଁ ଯାଇଛି। ଗତ ଦୁଇ ଦିନ ହେଲା ତୈଳ କମ୍ପାନୀଗୁଡ଼ିକ ତେଲ ଦରକୁ ଅପରିବର୍ତ୍ତିତ ରଖିଥିଲେ ମଧ୍ୟ ବିମାନ ଇନ୍ଧନ ବା ଏଟିଏଫ୍ ମୂଲ୍ୟକୁ ପୁଣି ଥରେ ବଢ଼ାଇ ଦେଇଛନ୍ତି। ବିମାନ ଇନ୍ଧନ ଦରରେ ୨.୯୬% ବୃଦ୍ଧି କରାଯାଇଛି। ଗତ ଡିସେମ୍ବର ମାସଠାରୁ କ୍ରମାଗତ ଭାବେ ୪ର୍ଥ ଥର ପାଇଁ ବିମାନ ଇନ୍ଧନ ଦର ବୃଦ୍ଧି ହୋଇଛି। ଫଳରେ ଦିଲ୍ଲୀରେ କିଲୋଲିଟର ପିଛା ବିମାନ ଇନ୍ଧନ ଦର ୧୫୧୨ ଟଙ୍କା ୩୮ ପଇସା ବୃଦ୍ଧି କରାଯିବା ଫଳରେ ଏହା ୫୨,୪୯୧ ଟଙ୍କା ୧୬ ପଇସାକୁ ଛୁଇଁଛି। ଏହା ପୂର୍ବରୁ ଡିସେମ୍ବର ୧ରେ ବିମାନ ଇନ୍ଧନ ଦରରେ ୭.୬%, ଡିସେମ୍ବର ୧୬ରେ ୬.୩% ଏବଂ ଜାନୁୟାରୀ ୧ରେ ୩.୬୯% ଏଟିଏଫ୍ ଦର ବୃଦ୍ଧି କରାଯାଇଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ସହିତ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ବିଚାରକୁ ନେଇ ପ୍ରତିମାସ ୧ ତାରିଖ ଓ ୧୬ ତାରିଖରେ ବିମାନ ଇନ୍ଧନ ଦର ସଂଶୋଧନ କରାଯାଇଥାଏ ବୋଲି ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି।

### ଶେୟାର ବଜାରରେ ନିବେଶ କରିବ ଇଏସ୍ଆଇ

**ନୂଆଦିଲ୍ଲୀ,୧୭।୧:** କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି) ତା'ର ପ୍ରାୟ ୯୧ ହଜାର କୋଟି ଟଙ୍କାର କିଛି ଅଂଶକୁ ଷ୍ଟକ୍ ବଜାର ଓ କର୍ପୋରେଟ୍ ବଣ୍ଡ୍ ବଜାରରେ ନିବେଶ କରିବା ବିଷୟରେ ସରକାର ବିଚାର କରୁଛନ୍ତି। ବର୍ତ୍ତମାନ ସମୟରେ କମ୍ ସୁଧ ମିଳୁଥିବା ଫିକ୍ସଡ୍ ଡିପୋଜିଟ୍ ଭାବେ ଏହି ଟଙ୍କା ରହିଛି। ଅଧିକ ରିଟର୍ନ ମିଳିବା ଆଶା ଥିବା ସ୍ଥାନରେ ସେହି ପାଣ୍ଠି ନିବେଶ କରିବାକୁ ସରକାର ଯୋଜନା କରିଛନ୍ତି। ଫଳରେ ଏହି ନିବେଶରୁ ଅଧିକ ରିଟର୍ନ ମିଳିଲେ ସେହି ଟଙ୍କାରେ ନିଗମ ଏହାର ସଦସ୍ୟମାନଙ୍କୁ ଆହୁରି ଉନ୍ନତ ସୁବିଧା ଯୋଗାଇପାରିବ। ବର୍ତ୍ତମାନ ସମୟରେ ନିଗମ ଏହାର ପାଣ୍ଠିକୁ ସରକାରୀ ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ ଭାବେ ଓ ସରକାରୀ ଉଦ୍ୟୋଗର ବଣ୍ଡ ଆକାରରେ ନିବେଶ କରୁଛି। ଇଏସ୍ଆଇ ଅଧୀନରେ ୪୧ ନିୟୁତ ବୀମାଭୁକ୍ତ ହିତାଧିକାରୀ ଅଛନ୍ତି। ହିତାଧିକାରୀଙ୍କ ପରିବାରବର୍ଗଙ୍କୁ ସାମିଲ କରାଗଲେ ଇଏସ୍ଆଇର ମୋଟ ହିତାଧିକାରୀଙ୍କ ସଂଖ୍ୟା ହେଉଛି ୧୩.୨୪ କୋଟି। ଇଏସ୍ଆଇସିର ପାଣ୍ଠିକୁ ମ୍ୟୁଚୁଆଲ୍ ଫଣ୍ଡ, କର୍ପୋରେଟ୍ ବଣ୍ଡ୍, ଘରୋଇ କ୍ଷେତ୍ରର ବ୍ୟାଙ୍କ ଜାରି କରୁଥିବା କମର୍ସିଆଲ୍ ପେପର ଓ ଇକ୍ୱିଟି ଆଦିରେ ନିବେଶ କରିବା ବିଷୟରେ ବିଚାରବିମର୍ଶ ଚାଲିଛି। ଫଳରେ ମାସିକ ୨୧ ହଜାର ଟଙ୍କାରୁ କମ୍ ଦରମା ପାଉଥିବା କର୍ମଚାରୀମାନଙ୍କ ବେତନର ଏକ ନିର୍ଦ୍ଦିଷ୍ଟ ଭାଗ ଇଏସ୍ଆଇସିରେ ଜମା କରାଯାଏ। ଶିଳ୍ପ କାରଖାନାଗୁଡ଼ିକରେ କାର୍ଯ୍ୟ କରୁଥିବା ଅନେକ ଶ୍ରମିକ ଏହା ଅଧୀନରେ ରହିଛନ୍ତି। ଇଏସ୍ଆଇସି ଏହାର ସଦସ୍ୟ ଓ ସେମାନଙ୍କ ପରିବାରକୁ ଚିକିତ୍ସା ସୁବିଧା ଯୋଗାଇ ଦେଉଛି।

# ଶ୍ରମ ଶକ୍ତିରେ ଅଧିକ ବୟସ୍କ

**ନୂଆଦିଲ୍ଲୀ,୧୭।୧**



■ ବେରୋଜଗାରରେ ଯୁବପିଢ଼ିଙ୍କ ସଂଖ୍ୟା ବୃଦ୍ଧି ପାଉଛି

ବର୍ତ୍ତମାନ ସମୟରେ ବେକାରି ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଏହି ସମୟରେ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଦେଶରେ ବେକାର ହୋଇ ରହିଥିବା ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ଯୁବପିଢ଼ିଙ୍କ ସଂଖ୍ୟା ଢେର ଅଧିକ ରହିଛି। କରୋନା ମହାମାରୀ ପରେ ଅର୍ଥନୀତିରେ ହେଉଥିବା ସୁଧାର ପାଇଁ ଏହା ଶୁଭ ସଙ୍କେତ ନୁହେଁ ବୋଲି ଘରୋଇ ସଂସ୍ଥା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନମି (ସିଏମ୍ଆଇଇ) ପକ୍ଷରୁ ସୂଚନା ଦିଆଯାଇଛି। ଦେଶର ଶ୍ରମ ଶକ୍ତିରେ ଅଧିକ ବୟସ୍କ ରହିବା ନେଇ ସିଏମ୍ଆଇଇ ମଧ୍ୟ ଅଧିକ ଚିନ୍ତା ପ୍ରକଟ କରିଛି। ମହାମାରୀ ସମୟରେ ଯେଉଁ ବେକାରି ସମସ୍ୟା ସୃଷ୍ଟି ହୋଇଛି ତାହା ମୁଖ୍ୟତଃ ସହରାଞ୍ଚଳରେ ରହିଥିବା ଜଣାପଡିଛି। ଫଳରେ ବେକାର ହୋଇପଡ଼ିଥିବା ଲୋକମାନଙ୍କ ମଧ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ପାସ୍ କରିଥିବା ଯୁବକ,ଯୁବତୀ ଏବଂ ବେତନଭୋଗୀ ଲୋକଙ୍କ ସଂଖ୍ୟା ଅଧିକ ରହିଛି। ସର୍ଭେ ରିର୍ପୋଟ ଅନୁସାରେ ବେକାରି ସଂଖ୍ୟାରେ ୪୦ ବର୍ଷରୁ କମ୍ ବୟସର ଲୋକମାନଙ୍କ ହାର ୬୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ୨୦୧୯-୨୦ ରେ ତାହା ୫୬% ରହିଥିଲା। ବର୍ତ୍ତମାନ ସମୟରେ ଶ୍ରମ ଶକ୍ତିରେ ଯୁବପିଢ଼ିଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଜଣାପଡିଛି। ଫଳରେ ଏକ ବୟସ୍କ ଶ୍ରମ ଶକ୍ତିକୁ ନେଇ ଦେଶର ଅର୍ଥନୀତିରେ ସୁଧାର ଆଣିବା ସହଜ ହେବ ନାହିଁ ବୋଲି ସିଏମ୍ଆଇଇ ମତ ରଖିଛି। ଯେଉଁମାନଙ୍କ ବୟସ ୨୦ ବର୍ଷ ପାଖାପାଖି ସେମାନଙ୍କ ମଧ୍ୟରୁ ୮୦% ବେକାର ହୋଇଥିବା ବେଳେ ୩୦ ବର୍ଷରୁ କମ ବୟସ ୪୮% ଲୋକ ବେକାର ହୋଇ ରହିଛନ୍ତି। ୨୦୧୯-୨୦ରେ ବେକାରି ଲୋକଙ୍କ ମଧ୍ୟରୁ ୩୨% ସହରାଞ୍ଚଳରେ ରହିଥିବା ବେଳେ ୨୦୨୦-୨୧ ବର୍ଷର ଡିସେମ୍ବର ସୁଦ୍ଧା ସେଥିରେ ସେହି ଅନୁପାତ ୩୪%ରେ ପହଞ୍ଚିଛି। ସାଧାରଣରେ ଏକ ବିଶ୍ୱାସ ରହିଛି ଯେ ସହରାଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଥାଏ। ଯଦି ସେଠାରେ ଏତେ ଅଧିକ ସଂଖ୍ୟକ ବେକାରି ରହିବ ତେବେ ଏହା ଅର୍ଥନୀତି ପାଇଁ ଭଲ ନୁହେଁ ବୋଲି ସିଏମ୍ଆଇଇ ପକ୍ଷରୁ ସର୍ଭେ ରିର୍ପୋଟରେ କୁହାଯାଇଛି। ଦେଶର ମୋଟ ଶ୍ରମ ଶକ୍ତିରେ ମହିଳାଙ୍କ ସଂଖ୍ୟା ମଧ୍ୟ ମାତ୍ର ୧୧% ରହିଥିବା ବେଳେ ମହିଳାଙ୍କ ମଧ୍ୟରେ ବେକାରି ହାର ୫୨% ରହିଛି। ସେହିଭଳି ବିମୁଦ୍ରୀକରଣ ସମୟରେ ଅନେକ ମହିଳା ବେକାରି ହୋଇ ପଡ଼ିଥିଲେ। ଏହାର ପରବର୍ତ୍ତୀ ସମୟରେ କରୋନା ମହାମାରୀ ଅଧିକ ମହିଳାଙ୍କ ହାତରୁ ଜୀବିକା ଛଡ଼ାଇ ନେଇଛି। ଫଳରେ ୨୦୧୯-୨୦ ତୁଳନାରେ ୨୦୨୦ ଡିସେମ୍ବର ସୁଦ୍ଧା ଦେଶର ମୋଟ ନିଯୁକ୍ତିରେ ୧୪.୭ ନିୟୁତ ହ୍ରାସ ଘଟିଛି ବୋଲି ସର୍ଭେରୁ ଜଣାପଡିଛି।

## ବେଦାନ୍ତ ଆଲୁମିନିୟମକୁ ଜାତୀୟ ଶକ୍ତି ସଂରକ୍ଷଣରେ ୨ ପୁରସ୍କାର

**ଭୁବନେଶ୍ୱର,୧୭।୧**

ଆଲୁମିନିୟମ ଓ ମୂଲ୍ୟଯୁକ୍ତ ଉତ୍ପାଦ ଭାବରେ ଭାରତର ବୃହତ୍ତମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଲିମିଟେଡ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଉପଯୁକ୍ତ ପ୍ରୟାସ, ଉନ୍ନତ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଓ ଅଭିନବ ସମାଧାନ ପନ୍ଥା ପାଇଁ ସମ୍ମାନଜନକ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୦ (ଏନଇସିଏ) ରେ ୨ଟି ପ୍ରଥମ ପୁରସ୍କାର ଲାଭ କରିଛି। ଭାରତ ସରକାରଙ୍କ ବ୍ୟୁରୋ ଅଫ ଏନର୍ଜି ଦକ୍ଷତା (ବିଇଇ) ଦ୍ୱାରା ପ୍ରତିଷ୍ଠିତ ଏନଇସିଏ ପୁରସ୍କାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଔଦ୍ୟୋଗିକ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ବ୍ୟବସାୟରେ ଅଂଶଗ୍ରହଣ ଏହାର ଉଦାହରଣ ଅଟେ। ଗତ ୧୧ ଜାନୁୟାରୀ ୨୦୨୧ରେ ଆୟୋଜିତ ଭର୍ଚୁଆଲ ପୁରସ୍କାର ବିତରଣ ଉତ୍ସବରେ ବେଦାନ୍ତ ଲିମିଟେଡର ଝାରସୁଗୁଡ଼ା (ଓଡ଼ିଶା) ସ୍ମେଲଟର-୧ ଆଲୁମିନିୟମ (ବୃହତ୍) ସେକ୍ଟରରେ ପ୍ରଥମ ପୁରସ୍କାର ଲାଭ କରିଥିବା ବେଳେ ବେଦାନ୍ତ ଲିମିଟେଡ ଲାଞ୍ଜିଗଡ଼ (ଓଡ଼ିଶା) ଆଲୁମିନିୟମ (କ୍ଷୁଦ୍ର) ସେକ୍ଟରରେ ମଧ୍ୟ ପ୍ରଥମ ପୁରସ୍କାର ଲାଭ କରିଛି। କମ୍ପାନୀର ଉଭୟ ଦୁଇଟି ଯାକ ୟୁନିଟ ପ୍ଲାଣ୍ଟ ମଧ୍ୟରେ ଦକ୍ଷତା ଶକ୍ତି ବୃଦ୍ଧି ପାଇଁ ଗତ ୩ ବର୍ଷ ଧରି ପ୍ରାୟ ୮୦ଟି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଇଛି।

ଏହି ପୁରସ୍କାର ସମ୍ପର୍କରେ ସିଇଓ-ଆଲୁମିନିୟମ ଓ ଶକ୍ତି ଏବଂ ଏମ୍‌ଡି-କମର୍ସିଆଲ, ବେଦାନ୍ତ ଲିମିଟେଡର ଅଜୟ କାପୁର କହିଥିଲେ ଯେ, "ବେଦାନ୍ତରେ ଆମେ ନିୟମିତ ଭାବରେ ଆମର ଶକ୍ତି ଉପଯୋଗିତାକୁ ବ୍ୟବହାର କରି ତାହାକୁ ଶିଳ୍ପ କାର୍ଯ୍ୟରେ ବ୍ୟବହାର କରିଥାଉ ଓ ନିର୍ଦ୍ଦିଷ୍ଟ ଶକ୍ତି ଉପଯୋଗିତାର ଉନ୍ନତି ଆଣିବାକୁ ଉଦ୍ୟମ କରୁଛୁ।

## ଷ୍ଟାଚ୍ୟୁ ଅଫ୍ ୟୁନିଟ ସହ ଯୋଡ଼ି ହେବ ୮ ନୂଆ ଟ୍ରେନ୍

**ନୂଆଦିଲ୍ଲୀ,୧୭।୧**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଗୁଜୁରାଟର କେୱାଡ଼ିଆକୁ ସଂଯୋଗ ପାଇଁ ୮ଟି ନୂଆ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ କହିଥିଲେ ଯେ, 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଏକ ସୁନ୍ଦର ଚିତ୍ର। ଦେଶର ବିଭିନ୍ନ ସ୍ଥାନରୁ ଗୋଟିଏ ଗନ୍ତବ୍ୟ ସ୍ଥଳକୁ ଏତେଗୁଡ଼ାଏ ରେଳ ଚଳାଚଳର ଶୁଭାରମ୍ଭ କରିବାରେ ବୋଧହୁଏ ଏହା ହେଉଛି ରେଳବାଇ ଇତିହାସରେ ପ୍ରଥମ ଘଟଣା। ସୂଚନାଯୋଗ୍ୟ, କେୱାଡ଼ିଆରେ ବିଶ୍ୱର ଉଚ୍ଚତମ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟ୍'ର ପ୍ରତିମୂର୍ତ୍ତି ଅବସ୍ଥାପିତ। ପ୍ରଧାନମନ୍ତ୍ରୀ କହିଲେ, 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି' ଅପେକ୍ଷା 'ଷ୍ଟାଚ୍ୟୁ ଅଫ୍ ୟୁନିଟ୍'କୁ ଅଧିକ ଦର୍ଶକ ଆସୁଛନ୍ତି। କେୱାଡ଼ିଆ ଆଉ ସାମାନ୍ୟ ସ୍ଥାନ ହୋଇ ରହିନାହିଁ। ଏହା ବିଶ୍ୱର ସବୁଠୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେବାକୁ ଯାଉଛି। ପୁରୁଣା କଥା ସ୍ମରଣ କରି ପ୍ରଧାନମନ୍ତ୍ରୀ ମୋଦି କହିଲେ, ଏକଦା ସେ 'ନ୍ୟାରୋ ଗେଜ୍' ଟ୍ରେନରେ ଯାତାୟାତ କରୁଥିଲେ। ସେ ଟ୍ରେନ୍ ଏତେ ଧୀର ବେଗରେ ଚାଲୁଥିଲା ଯେ, ସେ (ମୋଦି) ଟ୍ରେନ୍‌ଠାରୁ ଦ୍ରୁତ ବେଗରେ ଚାଲି ପାରୁଥିଲେ। ତାଙ୍କ ଜୀବନର ବହୁଳାଂଶ ସେ ନର୍ମଦାରେ ବିତାଇଛନ୍ତି। ଏବେ ସେ ଟ୍ରେନ୍ ଲାଇନ୍ 'ବ୍ରଡ୍ ଗେଜ୍'ରେ ପରିଣତ ହୋଇଗଲାଣି। ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଥିବା ଟ୍ରେନଗୁଡ଼ିକ ବାରାଣସୀ, ଦାଦର, ଅହମଦାବାଦ, ହଜରତ ନିଜାମୁଦ୍ଦିନ, ରେୱା, ଚେନ୍ନାଇ ଓ ପ୍ରତାପନଗରରୁ କେୱାଡ଼ିଆ ଅଭିମୁଖେ ଚଳାଚଳ କରିବ। ଏହାଛଡ଼ା ଆଜି ପ୍ରଧାନମନ୍ତ୍ରୀ ମୋଦି କେୱାଡ଼ିଆରେ ଅନ୍ୟ କେତେକ ରେଳବାଇ ପ୍ରକଳ୍ପ ମଧ୍ୟ ଉଦ୍‌ଘାଟନ କରିଛନ୍ତି।

## ଲାଗୁ ହୋଇପାରେ ସ୍କ୍ରାପ୍ ପଲିସି

**ନୂଆଦିଲ୍ଲୀ,୧୭।୧**

ପରିବେଶ ଓ ପ୍ରଦୂଷଣ ମାତ୍ରାକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରିବାକୁ ଯାଉଛନ୍ତି। ଫଳରେ ଦେଶରେ ଖୁବ୍‌ଶୀଘ୍ର ଲାଗୁ ହୋଇପାରେ ନୂଆ ସ୍କ୍ରାପ୍ ପଲିସି। ପୁରୁଣା ଗାଡିରୁ ନିର୍ଗତ ହେଉଥିବା ପ୍ରଦୂଷଣ ହାର କମାଇବା ପାଇଁ ଏହି ପଲିସି ଅଣାଯାଉଛି। କେନ୍ଦ୍ର ସରକାର ଏ ସମ୍ପର୍କରେ ବିଚାର କରୁଥିବା କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏହି ସୂଚନା ଦେଇଛନ୍ତି। ତେବେ ସଡକ ମନ୍ତ୍ରଣାଳୟ ପକ୍ଷରୁ ପାରିତ ହୋଇଛି, ସେହିଭଳି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏ ସମ୍ପର୍କରେ ଶେଷ ନିଷ୍ପତ୍ତି ନେଇପାରନ୍ତି। ଏହି ନୂଆ ପଲିସି ଜରିଆରେ ୧୫ ବର୍ଷରୁ ଊର୍ଦ୍ଧ୍ୱ କାର୍, ଟ୍ରକ୍ ଓ ବସ୍ ଆଦି ସମସ୍ତ ଗାଡ଼ି ରାସ୍ତାରୁ ହଟିବ ବୋଲି ସୂଚନା ମିଳିଛି।

## ଶାଲୁ ଜିନ୍ଦଲଙ୍କୁ ଇମ୍ପାକ୍ଟ ଲିଡର ପୁରସ୍କାର

**ନୂଆଦିଲ୍ଲୀ,୧୭।୧**



ଜେଏସ୍‌ପିଏଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କୁ 'ଭାରତର ଶ୍ରେଷ୍ଠ ୧୦ ଇମ୍ପାକ୍ଟ ଲିଡର' ଭାବରେ ସମ୍ମାନିତ କରାଯାଇଛି। ଇଣ୍ଡିଆ ସିଏସଆର ନେଟୱର୍କ ପକ୍ଷରୁ ୧୬ ଜାନୁୟାରୀ ୨୦୨୧ରେ ଆୟୋଜିତ ହୋଇଥିବା 'ଇଣ୍ଡିଆ ସିଏସଆର ନେତୃତ୍ୱ ସମ୍ମିଳନୀ-୨୦୨୧ରେ ଶାଲୁ ଜିନ୍ଦଲଙ୍କୁ କୋଭିଡ୍-୧୯ ମହାମାରୀ ସମୟରେ ତାଙ୍କର ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ପୁରସ୍କାର ଗ୍ରହଣ କରି ଶ୍ରୀମତୀ ଜିନ୍ଦଲ କହିଛନ୍ତି ଯେ,ଜେଏସ୍‌ପିଏଲ ଫାଉଣ୍ଡେଶନ ଭାରତ ନିର୍ମାଣ ଏବଂ ଜୀବନକୁ ସଶକ୍ତୀକରଣ କରିବାରେ ବିଶ୍ୱାସ କରେ। ଏହି ମହାମାରୀ ଯୋଗୁ ସୃଷ୍ଟି ହୋଇଥିବା ଦୁଃଖଦ ପରିସ୍ଥିତିରେ ଲୋକମାନଙ୍କର କଷ୍ଟ ଲାଘବ କରିବା ପାଇଁ ଆମେ କିଛି ପରିମାଣରେ ପ୍ରଚେଷ୍ଟା କରିଥିଲୁ। ଆଗକୁ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଲୋକମାନଙ୍କ ପାଇଁ ଆମେ ଆମ ସେବା ଜାରି ରଖିବୁ ବୋଲି ସେ ମତ ଦେଇଥିଲେ। ସେହିଭଳି ଏହି ପୁରସ୍କାର ପାଇଁ ସେ ଇଣ୍ଡିଆ ସିଏସଆର ନେଟୱର୍କକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ଲକ୍‌ଡାଉନ ଓ ଶଟ୍‌ଡାଉନ ଭଳି କଠିନ ସମୟରେ ଫାଉଣ୍ଡେଶନ ବିଭିନ୍ନ ରାଜ୍ୟ ଓ ସ୍ଥାନରେ ଲୋକମାନଙ୍କୁ ଖାଇବା ଦେବା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ସହାୟତା ଓ ଚିକିତ୍ସା ସୁବିଧା ସହିତ ବିବିଧ କାର୍ଯ୍ୟକ୍ରମ ଓ ଯୋଜନାମାନ କରି ସବୁ ବର୍ଗର ଲୋକଙ୍କ ନିକଟତର ହୋଇପାରିଥିଲା ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।

## ଟିକସ ହ୍ରାସ ଲାଗି ଅଟୋ ଶିଳ୍ପର ଦାବି

**ନୂଆଦିଲ୍ଲୀ,୧୭।୧**

ଆସନ୍ତା ସାଧାରଣ ବଜେଟ ସମୟରେ ସରକାର ବିଭିନ୍ନ ସୌଖୀନ (ଲକ୍ଜ୍ୟୁରି) କାରଗୁଡିକ ନିମନ୍ତେ କର ହ୍ରାସ କରିବେ ବୋଲି ମର୍ସିଡିଜ୍ ବେଞ୍ଜ, ଅଡି ଓ ଲମ୍ବର୍ଗିନୀ ଆଦି କମ୍ପାନୀମାନେ ସରକାରଙ୍କ ନିକଟରେ ଦାବି ଜଣାଇବା ସହ କର ହ୍ରାସ ପାଇଁ ଆଶାବ୍ୟକ୍ତ କରିଛନ୍ତି। କମ୍ପାନୀଗୁଡିକଙ୍କ କହିବା ଅନୁସାରେ ଉଚ୍ଚ ଶୁଳ୍କ ହାର ଯୋଗୁ ଦେଶରେ ପ୍ରିମିୟମ କାର ବଜାର ଆଗକୁ ବଢି ପାରୁନାହିଁ। ଫଳରେ ଏହି ସବୁ କମ୍ପାନୀଗୁଡିକ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ଗତ ବର୍ଷ କରୋନା ମହମାରୀ ଯୋଗୁ ବଜାର ପରିସ୍ଥିତି ଏକପ୍ରକାର ମାନ୍ଦାବସ୍ଥା ସହ ଜଟିଳ ହୋଇପଡ଼ିଛି। ଆଗାମୀ ବଜେଟ ସେସନରେ ସରକାର ଯଦି ବିଭିନ୍ନ ଲକ୍ଜ୍ୟୁରି କାର ଉପରେ ଅଧିକ ଟିକସ ଲାଗୁ କରିବେ ତା' ହେଲେ ଚଳିତ ବର୍ଷ ମଧ୍ୟ ବଚାର ଚାହିଦା ପ୍ରଭାବିତ ହେବା ନିଶ୍ଚିତ ବୋଲି କମ୍ପାନୀଗୁଡିକ ମତ ଦେଇଛନ୍ତି। ଏ ସମ୍ପର୍କରେ ମର୍ସିଡିଜ ବେଞ୍ଜ ଇଣ୍ଡିଆର ସିଇଓ ମାର୍ଟିନ ଶ୍ୱେଙ୍କ୍ କହିଛନ୍ତି ଯେ ସରକାର ଏପରି କୌଣସି ପଦକ୍ଷେପ ନେବା ଉଚିତ ନୁହେଁ ଯାହାଫଳରେ ଏହାର ଚାହିଦା ହ୍ରାସ କରିବ, ନଚେତ ପରେ ସମସ୍ୟା ଜଟିଳ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ବିଳାସମୟ କାର କ୍ଷେତ୍ରରେ ପ୍ରଥମରୁ ଦେଶରେ ଶୁଳ୍କ ହାର ଉଚ୍ଚ ରହିଛି। ଆମଦାନୀ ଶୁଳ୍କରୁ ଆରମ୍ଭ କରି ମାଲ ଓ ସେବା କର (ଜିଏସଟି) ଆଦି କର ଓ ଉପକର ମିଶାଇ ୨୨% ଆଦାୟ ହେଉଛି ବୋଲି ସେ ମତ ଦେଇଛନ୍ତି। ସେହିପରି ଅଡି ଇଣ୍ଡିଆ ମୁଖ୍ୟ ବଲବୀର ସିଂ ଧିଲନ ମଧ୍ୟ ଉଚ୍ଚ କର ହାର ହ୍ରାସ ହେବା ଦରକାର ବୋଲି ମତ ଦେଇଛନ୍ତି।

## ଷ୍ଟାଟସ୍ ଜରିଆରେ ସଚେତନ କରାଇଲା ହ୍ୱାଟ୍‌ସଆପ୍

**ନୂଆଦିଲ୍ଲୀ,୧୭।୧**





ହ୍ୱାଟ୍‌ସଆପ୍‌ର ନୂଆ ଫିଚର ଓ ନିୟମାବଳୀକୁ ନେଇ ଗତ କିଛିଦିନ ହେବ ୟୁଜର୍ସମାନେ (ହ୍ୱାଟ୍‌ସଆପ୍ ବ୍ୟବହାରକାରୀ) ନାନା ଦ୍ୱନ୍ଦ୍ୱରେ ପଡିଯାଇଛନ୍ତି। ୟୁଜର୍ସଙ୍କ ଗୋପନୀୟତା ପଦାରେ ପଡିଯିବାର ଗୁଜବ ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ ପାଲଟିଯାଇଛି। ଉକ୍ତ ଗୋପନୀୟତା ନୀତିରେ ପରିବର୍ତ୍ତନକୁ ନେଇ ନାନା ସମାଲୋଚନାର ଶିକାର ହେବା ପରେ ହ୍ୱାଟ୍‌ସଆପ୍ ଉକ୍ତ ନିଷ୍ପତ୍ତିରୁ ଓହରିଯାଇଛି। ଫଳରେ କମ୍ପାନୀ ବର୍ତ୍ତମାନ ପର୍ଯ୍ୟନ୍ତ ନୂତନ ନୀତିକୁ କାର୍ଯ୍ୟକାରୀ ନ କରି ସ୍ଥଗିତ ରଖିଛି ଏବଂ ଏହା ସହିତ କମ୍ପାନୀ କ୍ରମାଗତ ଭାବରେ କ୍ଷତି ନିୟନ୍ତ୍ରଣରେ ନିୟୋଜିତ ରହିଛି। ହ୍ୱାଟ୍‌ସଆପ୍ ବହୁବାର ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ପରେ ଶେଷରେ ରବିବାର ନିଜ ଷ୍ଟାଟସ୍ ଜରିଆରେ ଗୋପନୀୟତା ନୀତି ବିଷୟରେ ଲୋକଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କରିଛି। ହ୍ୱାଟ୍‌ସଆପ୍ ନିକଟରେ ଗୋପନୀୟତା ନୀତି ବଦଳାଇ ବ୍ୟବହାରକାରୀଙ୍କୁ ବିଜ୍ଞପ୍ତି ପଠାଇବା ଆରମ୍ଭ କରି କହିଛି ଯେ ହ୍ୱାଟ୍‌ସଆପ୍ ବ୍ୟବହାର କରିବାକୁ ଉପଭୋକ୍ତାମାନଙ୍କୁ ୨୦୨୧ ଫେବୃୟାରୀ ୮ ସୁଦ୍ଧା ନୂତନ ସର୍ତ୍ତାବଳୀ ଗ୍ରହଣ କରିବ ବୋଲି ଘୋଷଣା କରିଥିଲା। ଏହି ଘୋଷଣାନାମାକୁ ନେଇ ବିତର୍କ ଆରମ୍ଭ ହେଲା ଏବଂ କମ୍ପାନୀ ଉକ୍ତ ନୂଆ ନୀତି ଓ ନିୟାମବଳୀକୁ ସ୍ଥଗିତ ରଖିବାକୁ ପଡିଲା। ଫଳରେ ହ୍ୱାଟ୍‌ସଆପ୍ ୪ଟି ଷ୍ଟାଟସ୍ ପୋଷ୍ଟ ଲଗାଇ ଗୋପନୀୟତା ନୀତି ସମ୍ପର୍କରେ ସ୍ପଷ୍ଟ କରିବାକୁ ସୂଚନା ଦେଇଛି। ହ୍ୱାଟ୍‌ସଆପ୍ ପ୍ରଥମ ଷ୍ଟାଟସ୍‌ରେ କହିଛି ଯେ ଆମେ ଆପଣଙ୍କର (ବ୍ୟବହାରକାରୀ) ଗୋପନୀୟତା ପାଇଁ ପ୍ରତିବଦ୍ଧ। ଏହା ସହିତ ହ୍ୱାଟ୍‌ସଆପ୍ ଗୋପନୀୟତା ଏବଂ ସୁରକ୍ଷା ବିଷୟରେ ବିସ୍ତାରିତ ଭୁଲ ସୂଚନା ଉପରେ ସ୍ପଷ୍ଟ ସୂଚନା ଦେଇଛି। ଦ୍ୱିତୀୟ ଷ୍ଟାଟସ୍‌ରେ ହ୍ୱାଟ୍‌ସଆପ୍ ଜଣାଇଛି ସମସ୍ତ ଚାଟ୍ ଏଣ୍ଡ-ଟୁ-ଏଣ୍ଡ ଏନ୍‌କ୍ରିପଶନ ସହିତ ସୁରକ୍ଷିତ ଏବଂ ଆପଣଙ୍କ ବ୍ୟକ୍ତିଗତ ଚାଟ୍ କେହି ପଢିପାରିବେ ନାହିଁ କିମ୍ବା ଶୁଣିପାରିବେ ନାହିଁ। ତୃତୀୟରେ ହ୍ୱାଟ୍‌ସଆପ୍ ଦର୍ଶାଇଛି ଯେ ବ୍ୟବହାରକାରୀଙ୍କ ଦ୍ୱାରା ଅଂଶୀଦାର ହୋଇଥିବା ସ୍ଥାନକୁ ହ୍ୱାଟ୍‌ସଆପ୍ ପ୍ରବେଶ କରେ ନାହିଁ। ଚତୁର୍ଥ ଷ୍ଟାଟସ୍‌ରେ କହିଛି ଯେ ଏହା ଏହାର ପ୍ୟାରେଣ୍ଟ କମ୍ପାନୀ ଫେସବୁକ୍ ସହିତ ବ୍ୟବହାରକାରୀଙ୍କ ସମ୍ପର୍କକୁ ଶେୟାର କରେ ନାହିଁ। ହ୍ୱାଟ୍‌ସଆପ୍ ସେହି ଷ୍ଟାଟସ୍‌ଗୁଡିକ ସହିତ ଏକ ଲିଙ୍କ୍ ପ୍ରଦାନ କରିଛି, ଯେଉଁଥିରେ ଗୋପନୀୟତା ବିଷୟରେ ସୂଚନା ଦିଆଯାଇଛି। କମ୍ପାନୀ ଏହାର ୱେବ୍‌ସାଇଟରେ ଲେଖିଛି ଯେ ଆପଣ ଜାଣିପାରିବେ ଆପଣଙ୍କର କେଉଁ ସୂଚନା ବ୍ୟକ୍ତିଗତ ଏବଂ କେଉଁ ସୂଚନା ଆମ ପ୍ୟାରେଣ୍ଟ କମ୍ପାନୀ ଫେସବୁକ୍ ସହିତ ଅଂଶୀଦାର ହୋଇଛି।

## ଖେଳ ଖବର

### ନିଶାମଙ୍କ ଆଙ୍ଗୁଠିରେ ଅସ୍ତ୍ରୋପଚାର

**ୱେଲିଂଟନ୍, ୧୭।୧ (ପି.ଟି.)**



ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ଜିମ୍ମି ନିଶାମଙ୍କ ମଧ୍ୟମା ଆଙ୍ଗୁଠିରେ ଶନିବାର ଅସ୍ତ୍ରୋପଚାର ହୋଇଛି। କ୍ରିକେଟ ୱେଲିଂଟନ ତରଫରୁ ଏହା ଘୋଷଣା କରାଯାଇଛି। ସପ୍ତାହକ ମଧ୍ୟରେ ଜଣେ ହ୍ୟାଣ୍ଡ ସ୍ପେସାଲିଷ୍ଟଙ୍କ ଦ୍ୱାରା ତାହାର ସମୀକ୍ଷା କରାଯିବ। ନିଶାମ ଗତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଫର୍ମ ଫେରି ପାଇବା ଲାଗି ସଂଘର୍ଷ ଚଳାଇଥିଲେ। ଚଳିତ ସୁପର ସ୍ମାଶ ଟୁର୍ନାମେଣ୍ଟ ଶେଷ ଭାଗରେ ସେ ଆକ୍ସନକୁ ଫେରିବେ ବୋଲି ଆଶା କରାଯାଉଛି। ଟୁର୍ନାମେଣ୍ଟରେ ତାଙ୍କ ଦଳ ୱେଲିଂଟନ ବର୍ତ୍ତମାନ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି। ଏହି ୩୦ ବର୍ଷୀୟ ଅଲରାଉଣ୍ଡର ତାଙ୍କ ଦଳ ଏପର୍ଯ୍ୟନ୍ତ ଖେଳି ସାରିଥିବା ୬ଟି ମ୍ୟାଚ ମଧ୍ୟରୁ ୫ଟିରେ ଖେଳି ସାରିଛନ୍ତି। ସେ ୬୫ରନ ସ୍କୋର କରିଥିବାବେଳେ ୧୬.୨୫ ଆଭରେଜରେ ୮ ଉଇକେଟ ଅକ୍ତିଆର କରିଛନ୍ତି। ସେ ଶନିବାର କ୍ୟାଣ୍ଟରବରି ବିପକ୍ଷ ସୁପର ସ୍ମାଶ ମ୍ୟାଚ ଖେଳିଥିଲେ। ଦଳର ସେ ଟପ୍ ସ୍କୋରର ଭାବେ ୪୯ରନ ସଂଗ୍ରହ କରିଥିଲା। ୱେଲିଂଟନ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୫୪ ରନ କରିଥିଲା। ବୋଲିଂରେ ସେ ମହଙ୍ଗା ସାବ୍ୟସ୍ତ ହୋଇଥବଲେ। ସେ ୩.୪ ଓଭରରେ ୩୦ ରନ ଦେଇଥିଲେ। ଗତ କିଛି ମାସ ହେଲା ନିଶାମ ନିଜକୁ ଟି୨୦ କ୍ରିକେଟରେ ସୀମିତ ରଖିଥିଲେ। ସେ ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ତରଫରୁ ୧୨ ଟେଷ୍ଟ, ୬୩ ଅନ୍ତର୍ଜାତୀୟ ଦିନିକିଆ ଓ ୨୪ ଅନ୍ତର୍ଜାତୀୟ ଟି୨୦ ଖେଳି ଯଥାକ୍ରମେ ୭୦୯, ୧୨୬୮ ଓ ୨୫୦ ରନ ସଂଗ୍ରହ କରିଛନ୍ତି। ସେ ମୋଟ ୯୦ ଅନ୍ତର୍ଜାତୀୟ ଉଇକେଟ ହାସଲ କରିସାରିଛନ୍ତି।

### ଓସିଏ ମହିଳା କ୍ରିକେଟ ଲିଗ୍: ଜାନକୀ, ମାଧୁରୀ, ସୁଶ୍ରୀ ପ୍ରଭାବୀ

**ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଏକଦିବସୀୟ ମହିଳା କ୍ରିକେଟ ଲିଗ୍‌ରେ ରବିବାର ୩ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଗ୍ରୀନ୍, ରେଡ୍ ଓ ଭାଓଲେଟ୍ ଦଳ ବିଜୟ ହାସଲ କରିଛି। ଗ୍ରୀନ୍ ଦଳର ଜାନକୀ ରେଡ୍ଡୀ ୫ ଉଇକେଟ ସଫଳତା ପାଇଥିବାବେଳେ ରେଡ୍ ଅଧିନାୟିକା ମାଧୁରୀ ମେହେଟା ଶତକ ହାସଲ କରିଛନ୍ତି। ସେହିପରି ଭାଓଲେଟ୍ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୬୯ ବଲ୍‌ରୁ ୮୯ ରନର ଦ୍ରୁତ ଇନିଂସ ଖେଳି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।



ଜାନକୀ ରେଡ୍ଡୀ | ମାଧୁରୀ ମେହେଟା | ସୁଶ୍ରୀ ଦିବ୍ୟଦର୍ଶିନୀ

#### ଜାନକୀଙ୍କୁ ୫ ଉଇକେଟ

ମୂଳା ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଗ୍ରୀନ୍ ୮ ଉଇକେଟରେ ପର୍ପଲକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପର୍ପଲ ୪୮.୧ ଓଭରରେ ୧୨୭ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଅଲିପ୍ସା ବିଶ୍ୱାଳ ସର୍ବାଧିକ ୩୭ ରନ କରିଥିବାବେଳେ ପ୍ରତିପକ୍ଷ ଦଳର ଡି. ଜାନକୀ ରେଡ୍ଡୀ ନିଜ ୯.୧ ଓଭର ସ୍ପେଲ୍‌ରେ ୨ଟି ମେଡେନ ନେବାସହ ମାତ୍ର ୧୪ ରନ ଦେଇ ୫ ଉଇକେଟ ହାସଲ କରିଛନ୍ତି। କଳ୍ପନା ନାୟକ ଓ ଡି. ଲରେନ୍ସଙ୍କୁ ୨ଟି ଲେଖାଏ ଉଇକେଟ ମିଳିଛି। ୧୨୮ ରନ ବିଜୟ ଲକ୍ଷ୍ୟକୁ ଗ୍ରୀନ୍ ୩୭.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ପ୍ରଜ୍ଞା ପାରମିତା ମହାନ୍ତି ୪୪*, ସସ୍ମିତା ମଲିକ ୩୭ ଓ ଶୁଭ୍ରା ସ୍ୱାଇଁ ୩୧* ରନ କରିଥିଲେ। ପର୍ପଲର ରାନୀ ପ୍ରସାଦ ୨ଟି ଉଇକେଟ ନେଇଥିଲେ।

#### ମାଧୁରୀଙ୍କ ଶତକ

ବିକାଶ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ରେଡ୍ ୩୮ ରନରେ ୟେଲୋକୁ ହରାଇ ଦେଇଛି। ଅଧିନାୟିକା ମାଧୁରୀ ମେହେଟା(୧୦୨)ଙ୍କ ଶତକ ସହାୟତାରେ ରେଡ୍ ୫୦ ଓଭରରେ ୭ ଉଇକେଟ ହରାଇ ୧୯୮ ରନ କରିଥିଲା। ଶିଳ୍ପା ସ୍ୱାଇଁ ୩୨ ରନ କରିଥିଲେ। ବିପକ୍ଷ ଦଳର ତରନା ପ୍ରଧାନ ୩ଟି ଏବଂ ପ୍ରିୟଙ୍କା ସାହୁ ୨ଟି ଉଇକେଟ ନେଇଥିଲେ। ୧୯୯ ରନ ବିଜୟ ଲକ୍ଷ୍ୟରେ ୟେଲୋ ୪୩.୪ ଓଭରରେ ୧୬୦ ରନକରି ଅଲଆଉଟ ହୋଇ ଯାଇଥିଲା। ଅଞ୍ଜଳି ସାହୁ ସର୍ବାଧିକ ୪୩ ରନ କରିଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ରାଜଶ୍ରୀ ସ୍ୱାଇଁ ଓ ଶ୍ରୀୟା ଚକ୍ର ୨ଟି ଲେଖାଏ ଉଇକେଟ ପାଇଥିଲେ।

#### ସୁଶ୍ରୀଙ୍କ ଚମକ

କିଟ୍ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଭାଓଲେଟ୍ ୬୫ ରନରେ ଅରେଞ୍ଜକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାଓଲେଟ୍ ଅଧିନାୟିକା ସୁଶ୍ରୀଙ୍କ ଦ୍ରୁତ ଅର୍ଦ୍ଧଶତକ ଏବଂ ରଶ୍ମିତା ଚିହ୍ନାରାଙ୍କ ୬୨ ରନ ସହାୟତାରେ ୫୦ ଓଭରରେ ୫ ଉଇକେଟ ହରାଇ ୨୧୮ ରନ କରିଥିଲା। ବିପକ୍ଷ ଦଳର ରସନାରା ପରବିନ ଓ ସ୍ମୃତି ମହନ୍ତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୧୬ ରନ ଟାର୍ଗେଟ ଥିବାବେଳେ ଅରେଞ୍ଜ ପୂରା ୫୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୫୩ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୁନୀତା ମୁର୍ମୁ ସର୍ବାଧିକ ୭୦ ରନ ସ୍କୋର କରିଥିଲେ। ବିଜୟୀ ଦଳର ସୁଜାତା ମଲିକ, ପ୍ରୀତି ପ୍ରିୟଦର୍ଶିନୀ ଓ ତନ୍ମୟୀ ବେହେରା ୨ଟି ଲେଖାଏ ଉଇକେଟ ନେଇଥିଲେ।

# ଶାର୍ଦ୍ଦୁଳ-ସୁନ୍ଦରଙ୍କ ପ୍ରଶଂସନୀୟ ବ୍ୟାଟିଂ

ବ୍ରିସ୍‌ବେନ୍,୧୭।୧(ପି.ଟି.)

ପଦାର୍ପଣ କରିଥିବା ୱାଶିଂଟନ ସୁନ୍ଦର ଓ ଶାର୍ଦ୍ଦୁଳ ଠାକୁର ଦମ୍‌ଦାର ପ୍ରଦର୍ଶନ କରି ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚକୁ ଅଧିକ ରୋମାଞ୍ଚକ ଓ ମଜାଦାର କରିଛନ୍ତି। ଏହି ଦୁଇ ଟେଲ୍‌ଏଣ୍ଡର ପ୍ରଥମ ଇନିଂସରେ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ସହ ସପ୍ତମ ଉଇକେଟରେ ୧୨୩ ରନର ଭାଗୀଦାରି ସ୍ଥାପନ କରି ଶକ୍ତିଶାଳୀ ଅଷ୍ଟ୍ରେଲିଆ ବୋଲରଙ୍କୁ ନିରାଶ କରିଛନ୍ତି। ଏହି ଦୁଇଜଣଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଛି। ମ୍ୟାଚ ଆଉ ଦୁଇଦିନ ବାକିଥିବା ବେଳେ ଚତୁର୍ଥ ଦିବସ ଉପରେ ସମସ୍ତଙ୍କ ନଜର ରହିଛି। ଅତିକମ୍‌ରେ ଯଦି ଭାରତ ମ୍ୟାଚ ଡ୍ର ରଖିବାକୁ ସକ୍ଷମ ହୁଏ ତେବେ ବର୍ଡର- ଗାଭାସ୍କର ଟ୍ରଫି ଆଗାମୀ ଦୁଇବର୍ଷ ପାଇଁ ନିଜ ପାଖରେ ରଖିବ। ଅନ୍ୟପଟେ ଅଷ୍ଟ୍ରେଲିଆ ଏହି ମ୍ୟାଚ ଜିତି ସିରିଜ ହାତେଇବା ସହ ଟ୍ରଫି ହାସଲ କରିବାକୁ ପ୍ରୟାସ କରିବ।

ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆକୁ ୧୧୫.୨ ଓଭରରେ ୩୬୯ ରନରେ ଅଲଆଉଟ କରିବା ପରେ ଭାରତ ଲଢୁଆ ପ୍ରଦର୍ଶନ କରିଛି। ଭାରତ ପ୍ରଥମ ଇନିଂସ ଆରମ୍ଭ କରି ରବିବାର ତୃତୀୟ ଦିବସରେ ପ୍ରଥମ ଇନିଂସରେ ୧୧୧.୪ ଓଭରରେ ୩୩୬ ରନକରି ଅଲଆଉଟ ହୋଇଛି। ଏଥିସହ ଅଷ୍ଟ୍ରେଲିଆ ୩୩ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ ଓଭରରେ ୨୧ ରନ ସଂଗ୍ରହ କରିଛି। ଫଳରେ ମୋଟ ଉପରେ ଅଷ୍ଟ୍ରେଲିଆ ୧୦ ଉଇକେଟ ହାତରେ ରଖି ୫୪ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ଡେଭିଡ୍ ୱାର୍ନର ୨୦ ଓ ମାର୍କସ ହାରିସ୍ ୧ ରନକରି ଅପରାଜିତ ରହିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୬୨/୨ରୁ ଖେଳ ଆରମ୍ଭ କରି ଭାରତ ରବିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ଭଲ ଆରମ୍ଭକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଟେଷ୍ଟ ସ୍ପେଶାଲିଷ୍ଟ ପୂଜାରା ୮ରୁ ଖେଳ ଆରମ୍ଭ କରି ୨୫ ରନ (୯୪ ବଲ୍, ୨ ଚୌକା) କରିଥିବା ବେଳେ ଅଫ୍‌ଷ୍ଟମ ବାହର ବଲକୁ ଖେଳିବାକୁ ପ୍ରୟାସ କରିଥିଲେ। ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ସେ ଉଇକେଟକିପର ଟିମ୍ ପେନ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଅଧିନାୟକ ରାହାନେ ୨ ରନରୁ ଖେଳ ଆରମ୍ଭ କରି ୩୭ ରନ (୯୩ ବଲ୍, ୩ ଚୌକା) କରିଥିବା ବେଳେ ମିଚେଲ ଷ୍ଟାର୍କଙ୍କ ଅଫ୍ ଷ୍ଟମ୍ପ ବାହାର ବଲ୍‌କୁ ମାରି ଖେଳିବାକୁ ଚେଷ୍ଟା କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଚତୁର୍ଥ ସ୍ଲିପ୍‌ରେ ମାଥ୍ୟୁ ୱେଡ୍ ସୁନ୍ଦର କ୍ୟାଚ୍ ନେଇ ରାହାନେଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏହାପରେ ହନୁମା ବିହାରୀଙ୍କ ବଦଳରେ ଖେଳିବାର ସୁଯୋଗ ପାଇଥିବା ମୟଙ୍କ ଅଗ୍ରୱାଲଙ୍କ ପାଳି ପଡିଥିଲା। ସେ ଦ୍ରୁତଗତିରେ ରନ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ୭୫ଟି ବଲ୍ ଖେଳି ୩ ଚୌକା, ୧ ଛକା ସହ ୩୮ ରନକରିଥିବା ବେଳେ ମୟଙ୍କ ହାଲୁକା ଶଟ୍ ଖେଳିଥିଲେ। ଜୋଶ ହାଜେଲଉଡ୍‌ଙ୍କ ଅଫ୍ ଷ୍ଟମ୍ପ ବାହାର ଶର୍ଟ ଅଫ୍ ଲେନ୍ଥ ବଲକୁ ମାରି ଖେଳିବାକୁ ପ୍ରୟାସ କରିଥିଲେ ମଧ୍ୟ ବଲ୍ ସ୍ଲିପ୍‌ରେ ମୁଣ୍ଡ ଉପର ଦେଇ ଯିବା ବେଳେ ଷ୍ଟିଭ୍ ସ୍ମିଥ୍ କୌଣସ ତ୍ରୁଟି ନ କରି କ୍ୟାଚ୍ ନେଇଥିଲେ। ସିଡ୍‌ନୀ ଟେଷ୍ଟ ହିରୋ ରିଷଭ ପନ୍ତ ୨୯ ବଲ୍ ଖେଳି ୨ ଚୌକା ସହ ଦ୍ରୁତ ୨୩ ରନ ସଂଗ୍ରହ କରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ପୂର୍ବ ତ୍ରୁଟି ଦୋହରାଇଥିଲେ। ହାଜେଲଉଡ୍‌ଙ୍କ ଅଫ୍‌ଷ୍ଟମ୍ପ ବାହାର ବଲକୁ ସ୍ଲିପ୍ ଓପର ଦେଇ ମାରିବାକୁ ପ୍ରୟାସ କରିଥିଲେ। ତେବେ କାମେରନ ଗ୍ରୀନ କ୍ୟାଚ୍ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ।





ସ୍ମରଣୀୟ ଭାଗୀଦାରି ଅବସରରେ ଶାର୍ଦ୍ଦୁଳ ଠାକୁର ଓ ୱାଶିଂଟନ୍ ସୁନ୍ଦର।

## ପଦାର୍ପଣରେ ୩ ଉଇକେଟ, ଅର୍ଦ୍ଧଶତକ

ପଦାର୍ପଣରେ ଭାରତୀୟ ସ୍ପିନ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଅର୍ଦ୍ଧଶତକ ହାସଲ କରିବା ସହ ୩ ଉଇକେଟ ନେଇ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ଅଷ୍ଟ୍ରେଲିଆରେ ଦୀର୍ଘ ୭୪ ବର୍ଷ ପରେ ସେ ପ୍ରଥମ ଭ୍ରମଣକାରୀ କ୍ରିକେଟର ଭାବେ ଅର୍ଦ୍ଧଶତକ ହାସଲ କରିବା ସହ ୩ ଉଇକେଟ ଅକ୍ତିଆର କରିଛନ୍ତି। ଏହାପୂର୍ବରୁ ଭାରତର ଦତ୍ତୁ ଫାଡକର ୧୯୪୭/୪୮ ଗସ୍ତରେ ୮ ନମ୍ବରରେ ବ୍ୟାଟିଂ କରି ୫୧ ରନ ସଂଗ୍ରହ କରିବା ୩ ଉଇକେଟ ଅକ୍ତିଆର କରିଥିଲେ। ୨୦୧୮ରେ ହନୁମା ବିହାରୀ ମଧ୍ୟ ଅପରାଜିତ ୫୦ ରନ ସଂଗ୍ରହ କରିବା ସହ ୩ ଉଇକେଟ ଅକ୍ତିଆର କରିଛନ୍ତି। ସୁନ୍ଦର ତୃତୀୟ ଭାରତୀୟ କ୍ରିକେଟର ଭାବେ ଏହି ସଫଳତା ପାଇଛନ୍ତି।

## ୩୦ ବର୍ଷର ରେକର୍ଡ ଭାଙ୍ଗିଲା

ଗାବା ଗ୍ରାଉଣ୍ଡରେ ଭାରତ ପାଇଁ ସପ୍ତମ ଉଇକେଟରେ ସବୁଠାରୁ ଅଧିକ ରନ ସଂଗ୍ରହ କରି ଶାର୍ଦ୍ଦୁଳ ଠାକୁର ଓ ୱାଶିଂଟନ ସୁନ୍ଦର ୩୦ ବର୍ଷ ତଳର ରେକର୍ଡ ଭାଙ୍ଗିଛନ୍ତି। ଏହି ଯୋଡି ୬୭ ରନକରିବା ପରେ ଏହି ସଫଳତା ପାଇଥିଲେ। ଏହି କ୍ରମରେ ଏମାନେ କପିଳ ଦେବ ଓ ମନୋଜ ପ୍ରଭାକରଙ୍କ ରେକର୍ଡକୁ ପଛରେ ପକାଇଥିଲେ। ୩୦ ବର୍ଷ ତଳେ କପିଳ ଓ ମନୋଜ ଗାବାରେ ୫୮ ରନ ସଂଗ୍ରହ କରିଥିଲେ। ସେହିପରି ୨୦୧୪ରେ ମହେନ୍ଦ୍ର ସିଂ ଧୋନୀ ଓ ରବିଚନ୍ଦ୍ରନ ଅଶ୍ୱିନ ଏଠାରେ ସପ୍ତମ ଉଇକେଟରେ ୫୭ ରନ ସଂଗ୍ରହ କରିଥିଲେ। ସେହିପରି ୧୯୯୧ରେ ପ୍ରଭାକର ଓ ରବି ଶାସ୍ତ୍ରୀ ୪୯ ଓ ୧୯୬୮ରେ ଏମ୍.ଏଲ୍. ଜୟସିହ୍ମା ଓ ବାପୁ ନାଦକର୍ଣ୍ଣୀ ୪୪ ରନ ସଂଗ୍ରହ କରିଥିଲେ। ୩୮ ବର୍ଷପରେ ଏହି ଦୁଇ ଖେଳାଳି ୭ ଓ ୮ ନମ୍ବରରେ ବ୍ୟାଟିଂ କରି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ପୂର୍ବରୁ ମାଞ୍ଚେଷ୍ଟରରେ ୧୯୮୨ରେ ସନ୍ଦୀପ ପାଟିଲ ଓ କପିଳ ଦେବ ଏହି ନମ୍ବରରେ ବ୍ୟାଟିଂ କରି ଯଥାକ୍ରମେ ଅପରାଜିତ ୧୨୯ ଓ ୬୫ ରନ ସଂଗ୍ରହ କରିଥିଲେ। ସୁନ୍ଦର ୭ ନମ୍ବରରେ ବିଦେଶୀ ବ୍ୟାଟ୍ସମ୍ୟାନ ଭାବେ ଅଷ୍ଟ୍ରେଲିଆ ମାଟିରେ ସର୍ବାଧିକ ରନ୍ ସଂଗ୍ରହ କରି ୧୧୦ ବର୍ଷର ପୁରୁଣା ରେକର୍ଡକୁ ଅତିକ୍ରମ କରିଛନ୍ତି। ୧୯୧୧ରେ ଇଂଲଣ୍ଡର ଫ୍ରେଙ୍କ୍ ପୋଷ୍ଟର ସିଡ୍‌ନୀରେ ୭ ନମ୍ବରରେ ବ୍ୟାଟିଂ କରି ୫୬ ରନ ସଂଗ୍ରହ କରିଥିଲେ। ଭାରତର ତୃତୀୟ ଖେଳାଳି ଭାବେ ସୁନ୍ଦର ୭ ନମ୍ବରରେ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଛନ୍ତି।

ଠାକୁର ଓ ସୁନ୍ଦରଙ୍କ ଏହି ପାର୍ଟନରଶିପ୍ ଓ ଲଢୁଆ ପ୍ରଦର୍ଶନକୁ ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ରିକି ପଣ୍ଟିଂ, ଅଷ୍ଟ୍ରେଲିଆ ଦ୍ରୁତ ବୋଲର ଜୋଶ ହାଜେଲଉଡ୍ ପ୍ରଶଂସା କରିଛନ୍ତି। ସେହିପରି ପୂର୍ବତନ କ୍ରିକେଟର ଆର.ପି. ସିଂ, ଇଆନ ବିଶପ, ବୀରେନ୍ଦ୍ର ସେହ୍ୱାଗ ଟୁଇଟ୍ କରି ଏହି ଦୁଇ ଖେଳାଳିଙ୍କୁ ପ୍ରଶଂସା କରିଛନ୍ତି।



୫ ଉଇକେଟ ହାସଲକାରୀ ଜୋଶ୍ ହାଜେଲଉଡ୍।

### ସ୍ମରଣୀୟ ଭାଗୀଦାରି

ଏହାପରେ ଠାକୁର ଓ ସୁନ୍ଦରଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଐତିହାସିକ ଭାଗୀଦାରି। ୧୮୬ ରନରେ ୬ ଉଇକେଟ ହରାଇ ଭାରତ ସଙ୍କଟରେ ପଡିଥିବା ବେଳେ ଏହି ଦୁଇ ଖେଳାଳି ଲଢୁଆ ବ୍ୟାଟିଂ କରି ଅଷ୍ଟ୍ରେଲୀୟ ବୋଲରଙ୍କୁ କଡ଼ା ଜବାବ ଦେଇ ନିରାଶ କରିଥିଲେ। ଏହି ଯୋଡି ସପ୍ତମ ଉଇକେଟରେ ୨୧୭ଟି ବଲ୍ ଖେଳି ୧୨୩ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ ଓ ମ୍ୟାଚ୍‌ରେ ଭାରତର ପ୍ରତ୍ୟାବର୍ତ୍ତନ କରାଇଥିଲେ। ଠାକୁର ୧୧୫ଟି ବଲ୍ ଖେଳି ୯ ଚୌକା ଓ ୨ ଛକା ସହ ୬୭ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ପ୍ୟାଟ୍ କମିନ୍ସଙ୍କ ଅଫ୍‌ଷ୍ଟମ୍ପର ଗୁଡ୍ ଲେନ୍ଥ ବଲକୁ ମାରିବାକୁ ଯାଇ ବିଫଳ ହୋଇଥିଲେ। ବଲ୍ ବ୍ୟାଟ୍‌ରେ ଏଜ୍ ନେଇ ଷ୍ଟମ୍ପରେ ବାଜିଥିଲା। ବ୍ରେକ ଥ୍ରୁ ଦେବା ସହ କମିନ୍ସ ଏକ ଲଢୁଆ ଇନିଂସର ପରିସମାପ୍ତି ଘଟାଇଥିଲେ। ନବଦୀପ ସଇନୀ ୫ ରନ କରିଥିବା ବେଳେ ହାଜେଲ୍‌ଉଡଙ୍କ ବଲ୍‌ରେ ସ୍ଲିପ୍‌ରେ ସ୍ମିଥଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ୧୪୪ଟି ବଲ୍ ଖେଳି ୭ ଚୌକା ଓ ୧ ଛକା ସହ ୬୨ ରନକରି ସୁନ୍ଦର ଷ୍ଟାର୍କଙ୍କ ଶର୍ଟ ବଲ୍‌କୁ ହାଲୁକା ଭାବେ ଖେଳିଥିଲେ ଓ ଗଲିରେ ଗ୍ରୀନ୍ ତାଙ୍କ କ୍ୟାଚ୍ ନେଇଥିଲେ। ଏଥିସହ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସର ପରିସମାପ୍ତି ହୋଇଥିଲା। ଶେଷରେ ମହମ୍ମଦ ସିରାଜ ୧୦ ବଲ୍ ଖେଳି ୨ ଚୌକା ସହ ୧୩ ରନ କରିଥିବା ବେଳେ ହାଜେଲ୍‌ଉଡଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଟି. ନଟରାଜନ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାଜେଲଉଡ ସର୍ବାଧିକ ୫, ଷ୍ଟାର୍କ ଓ କମିନ୍ସ ୨ଟି ଲେଖାଏ ଓ ଅଭିଜ୍ଞ ସ୍ପିନର ନାଥନ ଲିୟନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଦୁଇ ଓପନର ରୋହିତ ଶର୍ମା ଓ ଶୁବମନ ଗିଲ୍ ଯଥାକ୍ରମେ ୪୪ ଓ ୭ ରନ ସଂଗ୍ରହ କରି ଆଉଟ ହୋଇଥିଲେ।

### ସ୍କୋରବୋର୍ଡ

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୬୯/ଅଲଆଉଟ

**ଭାରତ ପ୍ରଥମ ଇନିଂସ**

ରୋହିତ-କ-ଷ୍ଟାର୍କ-ବୋ-ଲିୟନ-୪୪
ଶୁବମନ-କ-ସ୍ମିଥ୍-ବୋ-କମିନ୍ସ-୭
ପୁଜାରା-କ-ପେନ୍-ବୋ-ହାଜେଲଉଡ୍-୨୫
ରାହାନେ-କ-ୱେଡ୍-ବୋ-ଷ୍ଟାର୍କ-୩୭
ମୟଙ୍କ-କ-ସ୍ମିଥ୍-ବୋ-ହାଜେଲଉଡ୍-୩୮
ପନ୍ତ-କ-ଗ୍ରୀନ୍-ବୋ-ହାଜେଲଉଡ୍-୨୩
ୱାଶିଂଟନ ସୁନ୍ଦର-କ-ଗ୍ରୀନ୍-ବୋ-ଷ୍ଟାର୍କ-୬୨
ଶାର୍ଦ୍ଦୁଳ-ବୋ-କମିନ୍ସ-୬୭
ସଇନି-କ-ସ୍ମିଥ୍-ବୋ-ହାଜେଲଉଡ୍-୫
ସିରାଜ-ବୋ-ହାଜେଲଉଡ୍-୧୩
ନଟରାଜନ-ନଟ ଆଉଟ-୧
ଅତିରିକ୍ତ-୧୪
ମୋଟ (୧୧୧.୪ ଓଭର/ଅଲଆଉଟ) ୩୩୬।
ଉଇକେଟ ପତନ: ୧/୧୧, ୨/୬୦, ୩/୧୦୫, ୪/୧୪୪, ୫/୧୬୧, ୬/୧୮୬, ୭/୩୦୯, ୮/୩୨୦, ୯/୩୨୮, ୧୦/୩୩୬ ।

**ବୋଲିଂ (ଅଷ୍ଟ୍ରେଲିଆ)**

ମିଚେଲ ଷ୍ଟାର୍କ ୨୩-୩-୮୮-୨
ଜୋସ୍ ହାଜେଲଉଡ୍ ୨୪.୪-୬-୫୭-୫
ପ୍ୟାଟ୍ କମିନ୍ସ ୨୭-୫-୯୪-୨
କାମେରନ ଗ୍ରୀନ୍ ୮-୧-୨୦-୦
ନାଥାନ ଲିଅନ୍ ୨୮-୯-୬୫-୧
ମାର୍ନସ ଲାବୁସେନ୍ ୧-୧-୦-୦।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ**

ମାର୍କସ ହାରିସ-ବ୍ୟାଟିଂ-୧
ଡେଭିଡ୍ ୱାର୍ନର-ବ୍ୟାଟିଂ-୨୦
ମୋଟ (୬ ଓଭର/୦ ଉଇକେଟ) ୨୧

**ବୋଲିଂ (ଭାରତ)**

ମହମ୍ମଦ ସିରାଜ ୨-୧-୧୨-୦
ଟି. ନଟରାଜନ ୩-୦-୬-୦
ୱାଶିଂଟନ ସୁନ୍ଦର ୧-୦-୩-୦।

# ଅଷ୍ଟ୍ରେଲିଆନ ଓପନ: ଲକ୍‌ଡାଉନ୍‌ରେ ଖେଳାଳି

ମୋଲବୋର୍ନ, ୧୭।୧ (ପି.ଟି.)

ଅଷ୍ଟ୍ରେଲିଆନ ଓପନ ଟେନିସ ଖେଳିବାକୁ ଆସିଥିବା ୪୭ଜଣ ଖେଳାଳି ଏବେ କଠୋର ଲକ୍‌ଡାଉନ୍‌ରେ ଅଛନ୍ତି। ଏମାନଙ୍କ ମଧ୍ୟରେ କେତେଜଣ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଅଛନ୍ତି। ସିଜନର ପ୍ରଥମ ପ୍ରମୁଖ ଟେନିସ ଟୁର୍ନାମେଣ୍ଟ ଲାଗି ଦୁଇଟି ଚାଟର୍ଡ ବିମାନରେ ଖେଳାଳି, ଷ୍ଟାଫ୍, ଅଫିସିଆଲ ଏବଂ ମିଡିଆ କର୍ମଚାରୀଙ୍କୁ ନେଇ ଆସିଥିଲା। ଦୁଇଟି ବିମାନରୁ ୪ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ଏଥିରେ ଆସିଥିବା ଖେଳାଳମାନଙ୍କୁ ଏହି ଦଶା ଭୋଗିବାକୁ ହୋଇଛି। ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା କେତେଜଣ ଖେଳାଳିଙ୍କୁ କଠୋର କ୍ୱାରାଣ୍ଟାଇନ୍‌ରେ ଅର୍ଥାତ ସେମାନଙ୍କ ହେଟେଲରୁମ୍‌ରେ ସୀମିତ ରହିବାକୁ କୁହାଯାଇଥିବାରୁ ସେମାନେ ବିରକ୍ତି ପ୍ରକାଶ କରିଛନ୍ତି। କାରଣ ଅବଶିଷ୍ଟଙ୍କୁ ଦୈନିକ ରୁମ୍ ବାହାରେ ୫ ଘଣ୍ଟା ପର୍ଯ୍ୟନ୍ତ ଅଭ୍ୟାସ ପାଇଁ ଅନୁମତି ମିଳିଛି। ଶନିବାର ୩ଜଣ ଚିହ୍ନଟ ହୋଇଥିଲେ। ଭିକ୍ଟୋରିଆ ଷ୍ଟେଟ୍ କୋଭିଡ୍ କ୍ୱାରାଣ୍ଟାଇନ୍ କମିଶନର ଏମା କାସାରଙ୍କ କହିବା ଅନୁସାରେ ଲସଆଞ୍ଜେଲ୍ସରୁ ଆସିଥିବା ବିମାନଟିରୁ ୨ଜଣ ଏବଂ ଆବୁଧାବିରୁ ଆସିଥିବା ବିମାନରୁ ଜଣେ କରୋନା ସଂକ୍ରମିତଙ୍କୁ ଠାବ କରାଯାଇଛି।

# ଲିଚ୍‌ଙ୍କୁ ୫ ଉଇକେଟ: ବିଜୟ ଦ୍ୱାରରେ ଇଂଲଣ୍ଡ

**ଗାଲେ,୧୭।୧(ଏପି):** ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଭ୍ରମଣକାରୀ ଇଂଲଣ୍ଡ ବିଜୟ ଦ୍ୱାରରେ ପହଞ୍ଚିଛି। ଶ୍ରୀଲଙ୍କା ପ୍ରଥମ ଇନିଂସରେ ୪୬.୧ ଓଭରରେ ୧୩୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସରେ ରୁଟ୍‌ଙ୍କ ଦ୍ୱିଶତକୀୟ ପାଳି ବଳରେ ୧୧୭ ଓଭରରେ ୪୨୧ ରନ କରି ଅଲଆଉଟ ହୋଇ ୨୮୬ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ଓପନର ଲାହିରୁ ଥିରିମାନେଙ୍କ ୧୧୧ ରନର ଶତକୀୟ ପାଳି ସହାୟତାରେ ୧୩୬.୫ ଓଭରରେ ୩୫୯ ରନକରି ଅଲଆଉଟ ହୋଇଥିଲା। ଫଳରେ ଇଂଲଣ୍ଡ ସମ୍ମୁଖରେ ୭୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ରବିବାର ଚତୁର୍ଥ ଦିବସ ଖେଳ ଶେଷସୁଦ୍ଧା ୧୫ ଓଭରରେ ୩ ଉଇକେଟ ହରାଇ ୩୮ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକି ଥିବା ବେଳେ ଇଂଲଣ୍ଡ ୭ ଉଇକେଟ ହାତରେ ରଖି ବିଜୟ ପାଇଁ ଆଉ ମାତ୍ର ୩୬ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଜନି ବେୟାରଷ୍ଟୋ ୧୧ ଓ ଡାନ ଲରେନ୍ସ ୭ ରନକରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ସହଜ ୩ ଉଇକେଟ ହରାଇଥିଲା।

### ସଂକ୍ଷିପ୍ତ ସ୍କୋର

ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୩୫। ଇଂଲଣ୍ଡ ପ୍ରଥମ ଇନିଂସ: ୪୨୧। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୩୫୯/ ଅଲଆଉଟ (ପେରେରା- ୬୨, ଥିରିମାନେ-୧୧୧, ମାଥ୍ୟୁସ୍- ୭୧, ଲିଚ୍-୫/୧୨୨, ଡମ୍ ବେସ- ୩/୧୦୦, ସାମ କୁରାନ- ୨/୧୩୭)। ଇଂଲଣ୍ଡ ଦ୍ୱିତୀୟ ଇନିଂସ- ୧୫ ଓଭରରେ ୩୮/୩।

# ଭୁବନେଶ୍ୱର ଚେସ୍: ହର୍ଷିତ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଘାଟିକିଆ କଳିଙ୍ଗ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଅନୁଷ୍ଠିତ ୩୪ତମ ଭୁବନେଶ୍ୱର ଓପନ ଚେସ୍‌ରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ହର୍ଷିତ ପୂରା ୭ ପଏଣ୍ଟ ପାଇଥିଲେ। ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ୬ ପଏଣ୍ଟ ପାଇ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ମହାନ୍ତି, ସ୍ଥିତିପ୍ରଜ୍ଞ ସାହୁ, ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର, ରବୀନ୍ଦ୍ର କୁମାର ଓଝା, ଦୟାନିଧି ରାଉତ, ରାଜେନ୍ଦ୍ର କୁମାର ସାହୁ (ସମସ୍ତେ ୫ ପଏଣ୍ଟ), ସୁରଜିତ ନାୟକ, ଆଦିତ୍ୟ ରଞ୍ଜନ ଦାସ, ସେକ୍ ରାଜା, ଦେବୀ ପ୍ରସାଦ ନାୟକ, ଦେବୀ ପ୍ରସାଦ ବିଶ୍ୱାଳ, ରଞ୍ଜନ ମଲିକ (ସମସ୍ତେ ୪ ପଏଣ୍ଟ) ଟପ୍-୧୪ରେ ରହି ପୁରସ୍କୃତ ହୋଇଛନ୍ତି। ଏହା ବ୍ୟତୀତ ଅଦିତି ମହାରଣା, ଅମ୍ଳାନ ସେନାପତି, ରୋହନ ମଲିକ, ଅଂଶୁମାନ ପତି, ମନସିଜ ସାମଲ, ନିୟତି ନିହାରିକା ମହାପାତ୍ର, ସାହାନା ଲେଙ୍କା, ପ୍ରଜ୍ଞାଶ୍ରୀ ଦେହୁରୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଅମନ୍ ଅଲୀଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ଦିଆ ଯାଇଥିବାବେଳେ ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଏମସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଭୁବନେଶ୍ୱର ଚେସ୍ ଆସୋସିଏଶନ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ ଏବଂ ପୂର୍ବତନ ରାଜ୍ୟ ଚାମ୍ପିୟନ ମାନସ ରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# କଳିଙ୍ଗରେ ଚୟନ ଟ୍ରାଏଲ୍ ଶେଷ

ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି)



ନୀରଜ ଚୋପ୍ରା ଓ ଶିବପାଲ ସିଂଙ୍କ ସହିତ ଓଡ଼ିଶାର ପ୍ରତିଭାସମ୍ପନ୍ନ ଆଥଲେଟ୍‌ମାନେ।

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଶନିବାର ଓ ରବିବାର ୨ ଦିନଧରି ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଚୟନ ଟ୍ରାଏଲ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ହୋଇଥିବା ୬୨ଟି ଇଭେଣ୍ଟରେ ମୋଟ ୧୫୦ ବାଳିକା ଓ ବାଳକ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀ ନ ମିଳିବାରୁ ୪ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇ ନ ଥିଲା। ୧୮ ବର୍ଷରୁ କମ୍ ବାଳକ ବିଭାଗରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୩୦୦୦ ମିଟର ରନ୍, ୧୧୦ ଓ ୪୦୦ ମିଟର ହର୍ଡଲ୍ସ, ୧୦,୦୦୦ ମିଟର ରେସ୍ ୱାକ୍, ଟ୍ରିପଲ ଜମ୍ପ, ହାଇଜମ୍ପ, ଶଟ୍‌ପୁଟ୍, ଡିସ୍କସ୍, ଜାଭେଲିନ୍, ହାମର ଥ୍ରୋ ଅନୁଷ୍ଠିତ ହୋଇଥିଲା। ସେହିପରି ୨୦ ବର୍ଷରୁ କମ୍ ବାଳକରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୫୦୦୦, ୧୦,୦୦୦ମିଟର ରେସ୍, ୧୧୦ ଓ ୪୦୦ ମିଟର ହର୍ଡଲ୍ସ, ୧୦,୦୦୦ ମିଟର ରେସ୍ ୱାକ୍, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ହାଇଜମ୍ପ, ଶଟ୍‌ପୁଟ୍, ଡିସ୍କସ୍, ହାମର ଥ୍ରୋ ଆୟୋଜିତ ହୋଇଥିଲା।

୧୮ ବର୍ଷରୁ କମ୍ ବାଳିକା ବିଭାଗରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୩୦୦୦ ମିଟର ରେସ୍, ୧୦୦ ମିଟର ହର୍ଡଲ୍ସ, ୫୦୦୦ ମିଟର ରେସ୍ ୱାକ୍, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ହାଇଜମ୍ପ, ଶଟ୍‌ପୁଟ, ଡିସ୍କସ୍, ହାମର ଥ୍ରୋ ଇଭେଣ୍ଟ ହୋଇଥିଲା। ୨୦ ବର୍ଷରୁ କମ୍ ବାଳିକା ବର୍ଗରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୩୦୦୦, ୫୦୦୦ ମିଟର ରନ୍, ୧୦୦ ଓ ୪୦୦ ମିଟର ହର୍ଡଲ୍ସ, ୧୦,୦୦୦ ମିଟର ରେସ୍ ୱାକ୍, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ହାଇଜମ୍ପ, ଡିସ୍କସ୍, ଜାଭେଲିନ୍ ଓ ହାମର ଥ୍ରୋ ଆୟୋଜିତ ହୋଇଛି। ଏଥିରେ ଅତିଶ୍ କିଣ୍ଡୋ, ଯଶବୀର ବିଲୁଙ୍ଗ୍, ସୁରେନ୍ଦ୍ର ଖାରା, ପଙ୍କଜ ମଣ୍ଡଳ, ରୋହିତ କୁମାର, ରୋଉତ୍ ସିଂ, ରିଙ୍କୁ ବାକା, ଗୋବିନ୍ଦ ପାଣ୍ଡେ, ଲାଲୁ ପ୍ରସାଦ ଭୋଇ, ସିଦ୍ଧାନ୍ତ ଭୂୟାଁ, ନିଖିଲ କୁମାର ଦାସ, ସମୀର ଲେଙ୍କା, ରତ୍ନାକର ପାଲଟାସିଂ, ରାଜେଶ କୁମାର ସ୍ୱାଇଁ, ହେମନ୍ତ ସେଠ୍, ମନୋଜ ଓରାମ, ଜିତେନ୍ଦ୍ର ମଟାରି, ଦିଲୀପ ନାଏକ, ରୂପେନ୍ଦ୍ର ହେମ୍ବ୍ରମ, ରଶ୍ମିରଞ୍ଜନ ନାୟକ, ଦେବୀ ପ୍ରସାଦ କର, ଯତୀନ୍ଦ୍ର ବାତ୍ରା, ରାଜା ସିଂ, ଯୁଗାନ୍ତର ମହାନ୍ତି, ରଶ୍ମିରଞ୍ଜନ ପାତ୍ର, ଆକାଶ ବିଡିକା, ଲାକ୍‌ରୁମନ ଶର୍ମା, ଜ୍ୟୋତି ପ୍ରକାଶ ନାୟକ, ମାରିମୁକ୍ତା ସୋରେଙ୍ଗ, ବୈଷ୍ଣବୀ ହାତୀ, ସୁସ୍ମିତା ଟିଗା, ମିଲି ମାଝି, ଇତିଶ୍ରୀ ମହନ୍ତ, ଶ୍ରାବଣୀ ମହାରଣା, ପୂଜା ପରିଡ଼ା, କାଜଲ ମାଝି, କୁସ୍ମିତା ଭୂୟାଁ, ପ୍ରାଚୀ କର୍ନା, ନେତ୍ରମଣି ସିଂ, ମନୀଷା ଦାସ, ମଧୁମିତା ଦେବ, ଶୁଭମ୍‌ଜ୍ୟୋତି ସିଂ, ପୂଜା ବେହେରା, ସୁହାନା ପରବୀନ, ମଦିନା ପଲ୍, ରଶ୍ମିଣୀ ମାଝି, ପ୍ରିୟଙ୍କା ଟପ୍ପୋ, ତେଜସ୍ୱିନୀ କିସ୍‌ପୋଟା, ମନୀଷା ମେରେଲ, ବିଷ୍ଣୁପ୍ରିୟା ନାୟକ, ମୋନିକା କୁଜୁର, ଅର୍ପିତା ପରିଡ଼ା, ସମାରି ହଞ୍ଜରିଆ ଓ ସ୍ୱେତଲିନା ନାୟକ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣର ସମ୍ଭାବନା ସୃଷ୍ଟି କରିଛନ୍ତି। ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଆସାମର ଗୁଆହାଟୀରେ ଫେବୃୟାରୀ ୬ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ନୀରଜ, ଶିବପାଲ ଉତ୍ସାହିତ କଲେ

ଟୋକିଓ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଥିବା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ଶିବପାଲ ସିଂ କଳିଙ୍ଗ ଷ୍ଟାଡିୟମରେ ଚୟନ ଟ୍ରାଏଲ ଅବସରରେ ଯୁବ ଆଥଲେଟ୍‌ଙ୍କୁ ଉତ୍ସାହିତ କରିଛନ୍ତି। ସେମାନେ ପ୍ରତିଭା ସମ୍ପନ୍ନ ଆଥଲେଟ୍‌ଙ୍କ ସହ ମିଶିବା ସହ ଆଗାମୀ ଦିନରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଛନ୍ତି। ଦୁଇ ସ୍ପୋର୍ଟ୍ସ ଆଇକନ୍‌ଙ୍କୁ ପାଖରେ ପାଇ ଯୁବ ଖେଳାଳିମାନେ ସ୍ୱାଭାବିକଭାବେ ଉତ୍ସାହିତ ହୋଇଛନ୍ତି। ନୀରଜ ଓ ଶିବପାଲ ଜାଭେଲିନରେ କ୍ୟାରିୟର ଆରମ୍ଭ କରିଥିବା ପ୍ରତିଭାଙ୍କୁ ମୂଲ୍ୟବାନ ଟିପ୍ସ ଦେବାସହ ଗୁଆହାଟୀରେ ହେବାକୁ ଯାଉଥିବା ଜାତୀୟ ଜୁନିୟର ଇଭେଣ୍ଟ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏମାନେ ଷ୍ଟାଡିୟମରେ ଉପସ୍ଥିତ ରହି ଯୁବ ପ୍ରତିଭାଙ୍କ ପ୍ରଦର୍ଶନ ଦେଖିଥିଲେ ଏବଂ ଉତ୍ସାହିତ କରିଥିଲେ। ଫଳରେ ଇଭେଣ୍ଟ ସମୟରେ ଆଥଲେଟ୍‌ମାନେ ଏଥିରେ ପ୍ରେରୀତ ହୋଇଥିଲେ।

## ଗାଁରେ ପଶିଗଲା ଭାଲୁ

କାଳିଆପାଣି,(ଡି.ଏନ.ଏ.): ଯାଜପୁର ଜିଲା ସୁକିନ୍ଦା ତହସିଲ ଅଧୀନ ଭାଲୁକିପାତଳା ଗ୍ରାମରେ ଶନିବାର ରାତ୍ରିରେ ଏକ ଭାଲୁ ପଶି ଯାଇଥିଲା। ହେଲେ ବାହାରି ପାରି ନ ଥିଲା। ରବିବାର ସକାଳେ ସୁକିନ୍ଦା ଓ ରାସୋଳ ଫରେଷ୍ଟରଙ୍କ ପକ୍ଷରୁ ଏକ ଦଳ ପହଞ୍ଚି ଭାଲୁକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ହେଲେ ଭାଲୁ ନ ବାହାରି ଗ୍ରାମ ଭିତରକୁ ପଶିଯାଇଥିଲା। ବହୁ ଚେଷ୍ଟା ପରେ ଗ୍ରାମବାସୀଙ୍କ ସହଯୋଗରେ ଅପରାହ୍ନରେ ଭାଲୁ ନୂଆପାଣି ଗାଁ ନିକଟ ଜଙ୍ଗଲ ଆଡ଼କୁ ଯାଇଥିଲା। ବନ କର୍ମଚାରୀ ଦିନତମାମ ଜଙ୍ଗଲରେ ଜଗି ରହିବା ସହ ନିକଟ ଗ୍ରାମର ଲୋକଙ୍କୁ ସଚେତନ କରାଇଥିଲେ।

## ସଂକ୍ଷେପରେ

### ସାନ ଭାଇ ତୀର ମାଡ଼ରେ ବଡ଼ ଗୁରୁତର



ଠାକୁରମୁଣ୍ଡା,୧୭।୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅନ୍ତର୍ଗତ କେନ୍ଦୁମୁଣ୍ଡି ଗାଁରେ ଘର ଭାଗ ବଣ୍ଟାକୁ ନେଇ ସାନଭାଇ ତୀର ମାଡ଼ରେ ବଡ଼ଭାଇ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସାନଭାଇଙ୍କୁ ଥାନାରେ ଅଟକ ରଖିଛି। ଶନିବାର ରାତିରେ ଗାଁର ବୁଧୁରାମ ପିଙ୍ଗୁଆ ଓ ତାଙ୍କ ସାନ ଭାଇ ଟୁବୁରୁଙ୍କ ମଧ୍ୟରେ ଘର ଭାଗବଣ୍ଟାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଟୁବୁରୁ ବଡ଼ଭାଇ ବୁଧୁରାମଙ୍କୁ ଧନୁତୀରରେ ଆକ୍ରମଣ କରିଥିଲେ। ତୀରଟି ବୁଧୁରାମଙ୍କ ଛାତିରେ ବାଜିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ପ୍ରାଚୀନ ମୂର୍ତ୍ତି ଉଦ୍ଧାର



କୁଆମରା,୧୭।୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଆମରା ଅଞ୍ଚଳରୁ ରବିବାର ୧ ଫୁଟ ୩ ଇଞ୍ଚ ଲମ୍ବର ଏକ ପ୍ରାଚୀନ ମୂର୍ତ୍ତି ଉଦ୍ଧାର ହୋଇଛି। ମୂର୍ତ୍ତିଟି କଳା ମୁଗୁନି ପଥର ବୋଲି ଅନୁମାନ କରାଯାଉଛି। କୁଆମରା ଗ୍ରାମର ନିତ୍ୟାନନ୍ଦ ବେହେରା କିଛି ଦିନ ତଳେ ସୋନ ନଦୀରୁ ଟ୍ରକ ଯୋଗେ ବାଲି ଉଠାଣ କରି ଘରବାଡ଼ିରେ ଜମା କରିଥିଲେ। ରବିବାର ଘର କାମ ପାଇଁ ବାଲି ନେବା ବେଳେ ସେଥି ମଧ୍ୟରୁ ଉକ୍ତ ମୂର୍ତ୍ତି ବାହାରିଥିଲା। ଖବର ପ୍ରଚାରିତ ହେବା ମାତ୍ରେ ଏହାକୁ ଦେଖିବା ପାଇଁ ଲୋକେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଥିଲା। ଉଲ୍ଲେଖଯୋଗ୍ୟ ଯେ, ସୋନ ନଦୀ ଗର୍ଭରୁ ରାଜରାଜୁଡ଼ା ଅମଳରୁ ପ୍ରତିଷ୍ଠିତ ମନ୍ଦିରଗୁଡ଼ିକର ଭଗ୍ନସ୍ତୂପ ଅନେକ ଥର ମିଳିଥିବା ନଜିର ରହିଛି। ୨୦୧୬ରେ ବରଡ଼ିହି ପଞ୍ଚାୟତର ଦେବଗାଁଠାରେ ଏହି ନଦୀ ମଧ୍ୟରେ ଏକ ମନ୍ଦିରର ଭଗ୍ନସ୍ତୂପ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଜୟପୁର ଓ ଦେବଗାଁ ନିକଟରେ ବହୁ ଦେବାଦେବୀଙ୍କ ମନ୍ଦିର ନଦୀ ମଧ୍ୟରେ ପୋତିହୋଇ ରହିଥିବା କୁହାଯାଇଛି। ପ୍ରତ୍ନତତ୍ତ୍ୱ ଓ ଦେବୋତ୍ତର ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ଅଧିକ ତଥ୍ୟ ମିଳି ପାରନ୍ତା ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି।

# ବିକ୍ରି ହୋଇପାରୁନି ୬ କୋଟିର ଟସର ବସ୍ତ୍ର

■ ସଙ୍କଟରେ ବୁଣାକାର ପରିବାର
■ ଦାଦନ ଖଟିବାକୁ ଗୋଡ଼ କାଢ଼ିଲେଣି

ରଞ୍ଜିତ ରାଉତ
ରସୁଲପୁର,୧୭।୧(ଡି.ଏନ.ଏ.)

କରୋନା ଯୋଗୁ ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ଗୋପାଳପୁର ଗ୍ରାମର ବୁଣାକାରମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ରୋଜଗାର ପନ୍ଥା ବନ୍ଦ ହୋଇଯାଇଛି। ଆଶାନୁରୂପ କାମଧନ୍ଦା ମଧ୍ୟ ମିଳୁନାହିଁ। ଯାହା ବି ଟସର ବସ୍ତ୍ର ବୁଣାଯାଉଛି, ସେତକ ବି ବିକ୍ରି ହୋଇପାରୁନାହିଁ। ଫଳରେ ବିଭିନ୍ନ ବୁଣାକାର ସମିତି ଅଧୀନରେ ଏବେ ଅନ୍ୟୂନ ୬କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟସର ବସ୍ତ୍ର ପଡ଼ି ରହିଛି। ବସ୍ତ୍ର ବିକ୍ରି ହୋଇ ପାରୁ ନ ଥିବାରୁ ସେମାନେ ନିରାଶ ହୋଇ ପଡ଼ିଛନ୍ତି। ତେଣୁ କେତେଜଣ ବୁଣାକାର ଦାଦନ ଖଟିବାକୁ ବାହାରିଲେଣି।

ସୂଚନା ଅନୁସାରେ, ଗୋପାଳପୁର ଗାଁରେ ୨ଟି ବୁଣାକାର କ୍ଲଷ୍ଟର ରହିଛି। କ୍ଲଷ୍ଟର ଅଧୀନରେ ୧୦୦୦ରୁ ଊର୍ଦ୍ଧ୍ୱ ପରିବାର ସାମିଲ ହୋଇଛନ୍ତି। ଉକ୍ତ ପରିବାରର ୫୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଆୟର ମୁଖ୍ୟ ଉତ୍ସ ସାଜିଛି ତନ୍ତଶାଳା। ତେବେ କରୋନା ଯୋଗୁ ଉତ୍ପାଦିତ ବସ୍ତ୍ର ବିକ୍ରି ହୋଇପାରୁ ନ ଥିବାରୁ ଘୋର ଅଭାବ ଅନଟନରେ ସେମାନେ କାଳକାଟୁଛନ୍ତି। ଏହାଛଡା ସରକାରୀ ସହାୟତା ସେମାନଙ୍କ ପାଇଁ ଉପହାସ ସଦୃଶ ହୋଇଛି। ଫନୀ କ୍ଷତିଗ୍ରସ୍ତ ବୁଣାକାର ପରିବାରକୁ ସରକାରୀ ସହାୟତା ଏପର୍ଯ୍ୟନ୍ତ ମିଳିନାହିଁ। ୨୦୧୫-୧୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୁଣାକାରଙ୍କୁ ତନ୍ତଶାଳା ସୁବିଧା ଉପଲବ୍ଧ ହେଉଥିଲା। ହେଲେ ୪ବର୍ଷ ହେବ ତନ୍ତଶାଳା ନିର୍ମାଣ ପାଇଁ ଆସୁଥିବା ଅନୁଦାନ ବନ୍ଦ ହୋଇଯାଇଛି। ଗତ ଅଗଷ୍ଟରେ ବ୍ରାହ୍ମଣୀ ନଦୀରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟାରେ ଗୋପାଳପୁର ଗାଁ ବିଶେଷ ପ୍ରଭାବିତ ହୋଇଥିଲା। ଗାଁର ଗଧବଜାର ନିକଟରେ ଘାଇ ହୋଇଥିବାରୁ ଶତାଧିକ ବୁଣାକାର ପରିବାରର ତନ୍ତଶାଳା, କଞ୍ଚାମାଲ ଓ ବସ୍ତ୍ର ନଷ୍ଟ ହୋଇଯାଇଥିଲା। ସେ ବାବଦକୁ ଏବେ ସୁଦ୍ଧା ସହାୟତା ମିଳିନାହିଁ। ସହାୟତା ଅପେକ୍ଷାରେ ବୁଣାକର ସମିତି, କ୍ଲଷ୍ଟର, ପରିବାର ରହିଛନ୍ତି।

ଗୋପାଳପୁରରୁ ଓଡ଼ିଶା ରାଜ୍ୟ ହସ୍ତତନ୍ତ ସମବାୟ ସମିତି ଲିଃ. (ବୟନିକା), ଓଡ଼ିଶା ହସ୍ତଶିଳ୍ପ ସମବାୟ ନିଗମ (ଉତ୍କଳିକା), ଓଡ଼ିଶା ଟସର ଆଣ୍ଡ୍ ସିଲ୍କ କୋ-ଅପରେଟିଭ ସୋସାଇଟ୍(ସେରିଫେଡ୍), ଫାବ୍ ଇଣ୍ଡିଆ, ସମ୍ବଲପୁରୀ ବସ୍ତ୍ରାଳୟ ପ୍ରମୁଖ ସଂସ୍ଥା ବୁଣାକାରଙ୍କ ଉତ୍ପାଦିତ ଦ୍ରବ୍ୟକୁ କ୍ରୟ କରିଥାନ୍ତି। ସେମାନଙ୍କ ମଧ୍ୟରୁ ବୟନିକା ଶତକଡ଼ା ୪୦ରୁ ୫୦ଭାଗ ଦ୍ରବ୍ୟ କ୍ରୟ କରିଥାଏ। ଚଳିତବର୍ଷ ଏହା ଶତକଡ଼ା ୨୦ଭାଗକୁ ଖସି ଆସିଛି। ଏହାଛଡ଼ା ଅନ୍ୟ ସବୁ କ୍ରୟକାରୀ ସଂସ୍ଥାଙ୍କ ପକ୍ଷରୁ ବୁଣାକାର ଉତ୍ପାଦିତ ଦ୍ରବ୍ୟ କିଣାଯିବା ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ତନ୍ତଶାଳାଗୁଡିକ ବନ୍ଦ ହୋଇଯିବା ଭଳି ସ୍ଥିତି ଉପୁଜିଛି। ଟସର ବସ୍ତ୍ର ବିଶେଷକରି ଶୀତଦିନରେ ବ୍ୟବହାର ହୋଇଥାଏ। ଶୀତଦିନରେ ମେଳା ମହୋତ୍ସବରେ ଅଧିକ ମାତ୍ରାରେ ଷ୍ଟଲ ଜରିଆରେ ଉକ୍ତ ବସ୍ତ୍ର ବିକ୍ରି କରାଯାଇଥାଏ। ଏଥର କିନ୍ତୁ ବସ୍ତ୍ର ବିକ୍ରି ହୋଇ ପାରିନାହିଁ। କରୋନାରେ ସାମଗ୍ରୀ କ୍ରୟ କରିବାକୁ ସରକାରୀ ସୁବିଧା ପ୍ରଦାନ କରାଯାଇଥିଲା। ତେବେ ଏହାକୁ କାର୍ଯ୍ୟକାରୀ କରିବାରେ ପକ୍ଷପାତିତା ହୋଇଛି ବୋଲି ବୁଣାକାର ନେତା ମକରଧ୍ୱଜ ଗୁଇଁ, ଅମୂଲ୍ୟ ସୁର, ରମେଶଚନ୍ଦ୍ର ଦାସ ପ୍ରମୁଖ ମତ ରଖିଛନ୍ତି। ଏନେଇ ବୟନିକା ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ କହିଛନ୍ତି, କରୋନା ବେଳେ ବୁଣାକାରଙ୍କୁ ବୟନିକା ପକ୍ଷରୁ କଞ୍ଚାମାଲ ଯୋଗାଇ ଦିଆଯାଇଥିଲା। ତେଣୁ ପରିବାରର ସବୁ ସଦସ୍ୟ ଘରେ ରହି କାମ କରିବାରୁ ଅଧିକ ଲୁଗା ବୁଣା ହୋଇଛି। ଚଳିତବର୍ଷ ବୟନିକା ଦେଢ଼କୋଟି ଟଙ୍କାର ବସ୍ତ୍ର କ୍ରୟ କରିସାରିଛି। ତେବେ କରୋନା ଯୋଗୁ ବଜାର ପ୍ରଭାବିତ ହୋଇଥିବାରୁ ଅଧିକ ବସ୍ତ୍ର କିଣା ଯାଇନାହିଁ ବୋଲି ସେ ମତ ରଖିଛନ୍ତି। ଏହାବାଦ୍ ଅନ୍ୟ ସବୁ ସଂସ୍ଥା ମଧ୍ୟ ପୂର୍ବଠାରୁ କମ୍ ଟସର ବସ୍ତ୍ର କ୍ରୟ କରିଥିବାରୁ ବୁଣାକାରଙ୍କ ପାଖରେ ଉତ୍ପାଦିତ ଦ୍ରବ୍ୟ ଗଚ୍ଛିତ ହୋଇରହିଛି। ଆଶାନୁରୂପ ବିକ୍ରି ହୋଇ ନ ପାରିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ବୁଣାକାର ସମିତିଗୁଡ଼ିକ ମତପ୍ରକାଶ କରିଛନ୍ତି। ସରକାର ଏ ଦିଗରେ ଦୃଷ୍ଟିଦେବାକୁ ଦାବି ହେଉଛି।



ଜଣେ ବୁଣାକାର ବସ୍ତ୍ର ତିଆରିରେ ଲାଗିଛନ୍ତି।

## ୨ ବିରଳ ପେଚା ଶାବକ ମୃତ, ୩ ଉଦ୍ଧାର



ଉଦ୍ଧାର ପେଚା ଶାବକ।

ପାପଡ଼ାହାଣ୍ଡି/ମଇଦଲପୁର/ଡାବୁଗାଁ,୧୭।୧,(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମାଝିଗୁଡ଼ା ପଞ୍ଚାୟତ ସଦର ଅଞ୍ଚଳରେ ବିରଳ ପ୍ରଜାତୀର ପେଚା ଦେଖିବାକୁ ମିଳିଛି। ଅଞ୍ଚଳର ପୂର୍ଣ୍ଣ ଗୌଡ଼ଙ୍କ ଘର ପରିସରରେ ରହିଥିବା ଏକ ସଲପ ଗଛ କୋରଡ଼ରେ ପେଚାଗୁଡ଼ିକ ଲୁଚି ରହିଥିବାବେଳେ ଘର ଲୋକେ ଜାଣିପାରି ନ ଥିଲେ। କିଛି ଦିନ ହେଲା ଗଛରୁ ଶବ୍ଦ ଆସୁଥିବା ଶୁଣି ପୂର୍ଣ୍ଣଙ୍କ ପରିବାର ଲୋକେ ସାପ ରହୁଥିବା ସନ୍ଦେହରେ ରବିବାର ଗଛଟିକୁ କାଟିଥିଲେ। ଏହି ସମୟରେ ଗଛ କୋରଡ଼ରେ ରହୁଥିବା ୫ ପେଚା ଶାବକ ତଳେ ପଡ଼ିଯାଇଥିଲେ। ଏଥିରେ ୨ଶାବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଶାବକଙ୍କୁ ସୁରକ୍ଷିତଭାବେ ଉଦ୍ଧାର କରାଯାଇଛି। ଖବର ପାଇ ଡିଏସ୍ଏଫ୍ ଏବଂ ମଇଦଲପୁର ବନ ବିଭାଗର ଟିମ୍ ପହଞ୍ଚି ତିନି ବିରଳ ପେଚା ଶାବକଙ୍କୁ ଉଦ୍ଧାରକରି ଜଙ୍ଗଲରେ ଛାଡ଼ିଛନ୍ତି।

## ବୋମା ଫୁଟି ନଣନ୍ଦ, ଭାଉଜ ଗୁରୁତର

ଛେଣ୍ଡିପଦା, ୧୭।୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଅଧୀନ ଶିମିଳିପାଳ ଜଙ୍ଗଲରେ ପୁଣିଥରେ ଶିକାର ଉଦ୍ଦେଶ୍ୟରେ ରଖାଯାଇଥିବା ବୋମା ଫୁଟିଛି। ଏଥିରେ ଛେଳି ଚରାଇବାକୁ ଯାଇଥିବା କଲ୍ୟାଣୀ ନାଏକ (୩୦) ଏବଂ ତାଙ୍କ ନଣନ୍ଦ ପକେଇ ନାଏକ (୧୫) ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନରେ ଉଭୟେ ଛେଳି ଚରାଇ ଘରକୁ ଫେରୁଥିବାବେଳେ ଶିକାରୀମାନେ ରଖିଥିବା ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ କଲ୍ୟାଣୀଙ୍କ ମୁହଁ, କାନ ସମେତ ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ପକେଇଙ୍କ ହାତରେ ଆଘାତ ଲାଗିଛି। ଏ ସଂକ୍ରାନ୍ତରେ ବିଧିବଦ୍ଧ ଭାବେ ଥାନାରେ ଅଭିଯୋଗ ହୋଇନାହିଁ। କିଛିଦିନ ତଳେ ଅନୁରୂପ ଭାବେ ବୋମା ବିସ୍ଫୋରଣରେ ଏକ ଗୋରୁ ଗୁରୁତର ହୋଇଥିଲା। ବାରମ୍ବାର ସ୍ଥାନୀୟ ଜଙ୍ଗଲରେ ଏପରି ଘଟଣା ଘଟୁଛି, ଯାହା ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି କରିଛି। ଏହାର ପ୍ରତିକାର କରିବାକୁ ସେମାନେ ଦାବି କରିଛନ୍ତି।

## ଶଙ୍ଖନଦୀରେ ବୁଡ଼ି ଯୁବକ ମୃତ

### ପିକ୍‌ନିକ୍ ହେଲା କାଳ

ବେଦବ୍ୟାସ, ୧୭।୧ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଶଙ୍ଖନଦୀର ଭାଲୁପତ୍ରାଘାଟରେ ରବିବାର ଅପରାହ୍ନ ୨ଟା ୩୦ରେ ପାଣିରେ ବୁଡ଼ି ତ୍ରିଲୋଚନ ମହାକୁଡ଼ (୨୩) ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ଘର ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମଧୁସୂଦନପାଲି ୧୧ନଂ. ୱାର୍ଡରେ।

ସକାଳ ସାଢ଼େ ୮ଟାବେଳେ ରାଉରକେଲା ଅଞ୍ଚଳର ପ୍ରାୟ ୧୦ଜଣ ସାଙ୍ଗ ବାଇକ୍ ଓ କାର ଯୋଗେ ପିକ୍‌ନିକ୍ କରିବା ନିମନ୍ତେ ଭାଲୁପତ୍ରା ନଦୀଘାଟକୁ ଯାଇଥିଲେ। ସେଠାରେ ରୋଷେଇ ସରିଲା ପରେ ଶଙ୍ଖନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ତ୍ରିଲୋଚନ ଗଭୀର ପାଣିକୁ ଚାଲିଯାଇଥିଲେ। ସେ ବୁଡ଼ି ଉବୁଟୁବୁ ହେଉଥିବାବେଳେ ଅନ୍ୟ ଜଣେ ସାଙ୍ଗ ଅଶୋକ ଗିରି ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟାକରି ବିଫଳ ହୋଇଥିଲେ। ସେ ମଧ୍ୟ ପାଣିରେ ବୁଡ଼ି ଯାଉଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଦେଖି ଉଦ୍ଧାର କରିଥିଲେ। କିନ୍ତୁ ତ୍ରିଲୋଚନଙ୍କୁ ଉଦ୍ଧାର କରିପାରି ନ ଥିଲେ। ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଓ ରାଉରକେଲା ଦମକଳ ବିଭାଗ କର୍ମଚାରୀ ପହଞ୍ଚି ତ୍ରିଲୋଚନଙ୍କୁ ଉଦ୍ଧାର କରିଥିଲେ। ଅଶୋକ ଓ ତ୍ରିଲୋଚନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତ୍ରିଲୋଚନଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଶୋକ ସୁସ୍ଥ ହୋଇ ଘରକୁ ଯାଇଛନ୍ତି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୧) ରୁଜୁ ହୋଇଛି।

## ୩୭୦ ଗ୍ରାମ ବାଲ୍ୟବିବାହ ମୁକ୍ତ

### ଦେବଗଡ଼ ଜିଲା

ଦେବଗଡ଼, ୧୭।୧(ଡି.ଏନ୍.ଏ.)

ଦେବଗଡ଼ ଜିଲାର ୩୭୦ ଗ୍ରାମ ବାଲ୍ୟବିବାହ ମୁକ୍ତ ଗ୍ରାମ ହୋଇପାରିଛି। ଜିଲାପାଳ ସୁଧାଂଶୁ ମୋହନ ସାମଲ ଏହି ଗ୍ରାମକୁ ବାଲ୍ୟବିବାହ ମୁକ୍ତ ଗ୍ରାମଭାବେ ଘୋଷଣା କରାଯିବା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। ଏହି ଗ୍ରାମଗୁଡ଼ିକ ମଧ୍ୟରେ ତିଳେଇବଣି ବ୍ଲକର ୧୧୨, ବାରକୋଟର ୧୦୫, ରିଆମାଳର ୧୫୩ ଗ୍ରାମ ରହିଛି।

ରାଜ୍ୟରେ ବାଲ୍ୟବିବାହ ହାର ୨୧.୩ ପ୍ରତିଶତ ଥିବାବେଳେ ଦେବଗଡ଼ ଜିଲାରେ ୨୩.୪ ପ୍ରତିଶତ ରହିଛି। ବିଗତ କିଛି ଦିନ ହେବ ବାଲ୍ୟବିବାହ ରୋକିବା ପାଇଁ ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ନିରବଚ୍ଛିନ୍ନ ଭାବରେ ଜନସଚେତନତା କାର୍ଯ୍ୟକ୍ରମ ଜିଲାର ପ୍ରତି ଗ୍ରାମରେ ହୋଇଆସୁଛି। ଅନ୍ୟପକ୍ଷେ କେତେଜଣ ଅମାନିଆ ଅଭିଭାବକଙ୍କୁ ସୁଧାରିବା ପାଇଁ ଜିଲା ଶିଶୁ ସୁରକ୍ଷା ଓ ଚାଇଲ୍ଡ ଲାଇନ୍ ମିଳିତ ଚଢ଼ାଉ ଅଭିଯାନ ଚଳାଇଛି। ଏହି ମିଳିତ ଚଢ଼ାଉ ଫଳରେ ୨୦୧୯ରେ ୩୯ ଓ ୨୦୨୦ରେ ୪୨ଟି ବାଲ୍ୟବିବାହ ବନ୍ଦ କରାଯାଇଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୩୦ ମସିହା ସୁଦ୍ଧା ବାଲ୍ୟବିବାହ ମୁକ୍ତ ରାଜ୍ୟ କରିବାକୁ ପ୍ରତ୍ୟେକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ରଣନୀତି ଆରମ୍ଭ କରାଯାଇଛି। ଫଳରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇସିଡ଼ିଏସ୍ ସୁପରଭାଇଜର ଓ ଚାଇଲ୍ଡଲାଇନ୍ କର୍ମକର୍ତ୍ତାଙ୍କ ଉଦ୍ୟମରେ ବ୍ଲକ, ପଞ୍ଚାୟତସ୍ତରରେ ଟାସ୍କଫୋର୍ସ ଗଠନ କରାଯାଇଛି। ସେହିପରି ବାଲ୍ୟବିବାହ ମୁକ୍ତ ଗ୍ରାମ ଅଭିଯାନକୁ ସଫଳ କରିବା ପାଇଁ ବିଭିନ୍ନ ଗ୍ରାମରେ ଟାସ୍କଫୋର୍ସ ବୈଠକରେ ଆଲୋଚନାହୋଇ ସରପଞ୍ଚଙ୍କ ଅନୁମୋଦନରେ ବ୍ଲକ ଟାସ୍କଫୋର୍ସକୁ ପଠାଯାଇଥିଲା। ବ୍ଲକ ଟାସ୍କଫୋର୍ସ ଅଧକ୍ଷ ତଥା ୩ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିୟା, ଟୁନୁ ମେହେର ଓ କୃଷ୍ଣଚନ୍ଦ୍ର ଦଳପତି ସରପଞ୍ଚଙ୍କ ନିକଟରୁ ଆସିଥିବା ପତ୍ରଗୁଡ଼ିକୁ ସମୀକ୍ଷା କରି ଜିଲା ପ୍ରଶାସନ ନିକଟକୁ ପଠାଇଥିଲେ। ଜିଲାପାଳ ସାମଲ ଗୃହୀତ ହୋଇଥିବା ଦାବିପତ୍ରଗୁଡ଼ିକ ମଧ୍ୟରୁ ତିଳେଇବଣି ବ୍ଲକର ୧୧୨, ବାରକୋଟ ବ୍ଲକର ୧୦୫, ରିଆମାଳ ବ୍ଲକର ୧୫୩ ଗ୍ରାମକୁ ବାଲ୍ୟବିବାହ ମୁକ୍ତ ଗ୍ରାମଭାବେ ଘୋଷଣା କରାଯିବା ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇଥିବାର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।




ରିଆମାଳ ବ୍ଲକର ଏକ ଗ୍ରାମ ବାଲ୍ୟବିବାହ ମୁକ୍ତ ହେବା ପରେ ପିଲାମାନେ ଖୁସିରେ ସମର୍ଥନ କରୁଛନ୍ତି।

## ମହିଳାଙ୍କୁ ଗଣବଳାତ୍କାର

ରାଇରଙ୍ଗପୁର,୧୭।୧(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଞ୍ଚଳର ଜନୈକା ବିବାହିତ ମହିଳାଙ୍କୁ ଗଣ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୦/୨୧) ରୁଜୁ କରି ସମ୍ପର୍କୀୟ ଜଣେ ଦିଅରଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ସମ୍ପର୍କୀୟ ପୁତୁରା ଫେରାର ଥିବା ପୋଲିସ କହିଛି। ଗିରଫ ଅଭିଯୁକ୍ତ ହେଲେ ମଶ ବାସ୍କେ। ରାଇରଙ୍ଗପୁର ହସ୍ପିଟାଲରେ ପୀଡ଼ିତାଙ୍କର ଡାକ୍ତରୀ ମାଇନା କରାଯାଇଛି। ଏସ୍‌ଡିପିଓ ଗାୟତ୍ରୀ ପ୍ରଧାନ ଏବଂ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପୀଡ଼ିତା ତାଙ୍କ ଘର ପଛ ପାର୍ଶ୍ୱକୁ ଶୌଚ ସକାଶେ ଯାଇଥିବା ବେଳେ ଏହାର ସୁଯୋଗ ଦେଖି ଅଭିଯୁକ୍ତ ଦ୍ୱୟ ତାଙ୍କୁ ଟେକିନେଇ ନିକଟସ୍ଥ ଏକ ଖଳାରେ ଗଣବଳାତ୍କାର କରିଥିବା ମହିଳା ଜଣକ ଥାନାରେ ଏତଲା ଦେଇଥିଲେ।

## ଘର ଭାଙ୍ଗି ଧାନ ଖାଇଗଲେ ହାତୀ

ତେଲକୋଇ,୧୭।୧(ଡି.ଏନ୍.ଏ.): କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅନ୍ତର୍ଗତ କରାମଙ୍ଗି ପଞ୍ଚାୟତର ସିନ୍ଦୁରିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ହାତୀପଲ ପଶି ଜଣଙ୍କ ଘର ଭାଙ୍ଗିବା ସହିତ ପ୍ରାୟ ୨୦ କୁଇଣ୍ଟାଲ ଧାନ ଖାଇ ନଷ୍ଟ କରିଛନ୍ତି। ଗ୍ରାମର ଧୀର ମହାକୁଡ଼ ପରିବାର ସହ ଶୋଇଥିବାବେଳେ ହାତୀପଲ ଆସି ତାଙ୍କର କ୍ଷୟକ୍ଷତି କରିଥିଲେ। ପରିବାର ଲୋକେ ଅଳ୍ପକେ ହାତୀ ଆକ୍ରମଣରୁ ବର୍ତ୍ତି ଯାଇଥିଲେ। ଖବରପାଇ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।



## ଓଡ଼ିଶା ପର୍ଯ୍ୟଟନର ବିକାଶ ପାଇଁ ବାଇକ୍ ଶୋ

ବ୍ରହ୍ମଗିରି,୧୭।୧(ଡି.ଏନ୍.ଏ.)

ଓଡ଼ିଶା ପର୍ଯ୍ୟଟନ ବିକାଶ ଓ ସଡ଼କ ସୁରକ୍ଷା ସଚେତନତା କରିବା ପାଇଁ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ସୁପର ବାଇକର୍ସ କ୍ଲବ ତରଫରୁ ରବିବାର ଏକ ବାଇକ ଶୋ ଅନୁଷ୍ଠିତ ହୋଇଯାଇଛି। ଏହି କ୍ଲବର ୧୨ଜଣିଆ ସଦସ୍ୟ ବାଇକ୍ ଶୋ ମାଧ୍ୟମରେ ସାତପଡ଼ାଠାରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଅଭିନେତା ସିଦ୍ଧାନ୍ତ ମହାପାତ୍ର କୁହନ୍ତି, ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଏହି ବାଇକ୍ ଶୋର ମୁଖ୍ୟ ପ୍ରୟାସ। ଏହି ବାଇକ୍ ଶୋ ମାଧ୍ୟମରେ ଆମେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଯାଇ ସେଠାକାର ସ୍ଥିତି ସମ୍ପର୍କରେ ପ୍ରଚାର ପ୍ରସାର କରିଥାଉ। ଏପରିକି ଆମେ ଅନ୍ୟ ରାଜ୍ୟ ଓ ଦେଶର ବାଇକ୍ ରାଇଡର୍ସମାନଙ୍କୁ ଆମ ଜାଗାକୁ ନିମନ୍ତ୍ରଣ କରିବୁ। ଏହାସହ ଆମେ ସଡ଼କ ସୁରକ୍ଷାର ସଚେତନତା ମଧ୍ୟ କରୁଛୁ ବୋଲି ସେ କହିଛନ୍ତି।



ବାଇକ୍ ଶୋ'ରେ ବାହାରିଥିବା ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଓ ଅନ୍ୟମାନେ।

## ଗଞ୍ଜାମ ଜିଲା ହେବ ଛତୁ ହବ୍

■ ୫୦୩ ଫାର୍ମ ପ୍ରତିଷ୍ଠା ଲକ୍ଷ୍ୟ
■ ପରିଚାଳନା କରିବେ ଏସ୍ଏଚ୍‌ଜି
■ ସରକାରୀ ସହାୟତା, ପ୍ରୋତ୍ସାହନ ଦିଆଯିବ

ଛତ୍ରପୁର,୧୭।୧(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଛତୁ(ମସ୍‌ରୁମ) ହବ୍ ହେବ। ଏଥିଲାଗି ଜିଲାରେ ୫୦୩ ଛତୁ ଫାର୍ମ ପ୍ରତିଷ୍ଠା କରାଯିବ। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଏଥି ପାଇଁ ଲକ୍ଷ୍ୟ ରଖାଯାଇଥିବା ଡିଆରଡିଏ ପିଡି ସିନ୍ଧେ ଦତାତ୍ରେୟ ଭାଉସାହେବ ରବିବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଉକ୍ତ ଛତୁ ଫାର୍ମ ପ୍ରତିଷ୍ଠା ଦ୍ୱାରା ବିଶେଷ କରି ଜିଲାର ଗ୍ରାମାଞ୍ଚଳରେ ଥିବା ମହିଳାମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବ ବୋଲି କୁହାଯାଇଛି। ଏଥିପାଇଁ ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ) ପକ୍ଷରୁ ଓଡିଶା ଜିବୀକା ମିଶନ (ଓଏଲଏମ୍) ଜରିଆରେ ମିଶନ ଶକ୍ତି ଅଧୀନ ମହଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ତୃଣମୂଳସ୍ତରରେ କିଭଳି ଜୀବନ ଜୀବିକା କ୍ଷେତ୍ରରେ କ୍ଷମତାଶାଳୀ ହୋଇପାରିବେ ସେନେଇ ପ୍ରୋତ୍ସାହନ ଦେବେ। ଗଞ୍ଜାମ ଏକ କୃଷି ପ୍ରଧାନ ଜିଲା, ଏଠାରେ ୮୦ ପ୍ରତିଶତ ଲୋକ କୃଷି ଓ ଏହି ଜାତୀୟ କାର୍ଯ୍ୟ ଉପରେ ନିର୍ଭର କରି ଚଳିଥାନ୍ତି। ଛତୁ ଚାଷ ପାଇଁ ଜିଲାର ଜଳବାୟୁ ବର୍ଷ ସାରା ଉନ୍ମୁକ୍ତ ରହିଛି। ଛତୁ ଫାର୍ମ ପାଇଁ ଧାନ ନଡା ଆବଶ୍ୟକ। ଏହା ଜିଲାରେ ବହୁ ପରିମାଣରେ ମିଳିଥାଏ। ପୂର୍ବରୁ ଛତୁ ଚାଷ କରି ଜିଲାର ବହୁ ମହିଳା ସଂଘ ଆର୍ଥିକ କ୍ଷେତ୍ରରେ ଲାଭବାନ ହୋଇପାରିଛନ୍ତି। ଏଥିପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ମିଶନ ଶକ୍ତି ଅଧୀନ ଥିବା ମହିଳା ସଂଘଗୁଡିକୁ ପ୍ରୋତ୍ସାହନ ଦେବାକୁ ନିଷ୍ପତି ହୋଇଛି। ଜିଲାରେ ପ୍ରଥମ ପର୍ଯ୍ୟାୟରେ ୫୦୩ ଛତୁ ଫାର୍ମ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ରେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ଛତୁ ଫାର୍ମ ପ୍ରତିଷ୍ଠା କରାଯିବ। ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ ଏହି ଫାର୍ମ ଗୁଡିକର ପରିଚାଳନା ଦାୟିତ୍ୱରେ ରହିବେ। କୋଭିଡ୍ ସହାୟତା ପ୍ୟାକେଜ୍‌ରୁ ଛତୁ ଫାର୍ମ ପାଇଁ ମହିଳା ସଂଘଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ଘୋଷଣା କରିଥିଲେ। ଏଥିସହ ଜାତୀୟ ଉଦ୍ୟାନ ମିଶନ (ଏଚ୍‌ଏନ୍‌ଏମ) ଜରିଆରେ ଛତୁ ଫାର୍ମ ଭିତ୍ତିଭୂମି ପାଇଁ ମହିଳା ସଂଘକୁ ୪୦ ପ୍ରତିଶତ ଖର୍ଚ୍ଚ ବହନ କରାଯିବ। ସରକାରଙ୍କ ପକ୍ଷରୁ ମଞ୍ଜୁରୀ ମିଳିବା ପରେ ଏହା ଉପରେ ପଦକ୍ଷେପ ନିଆଯାଇ ଉଦ୍ୟାନ ବିଭାଗ ପକ୍ଷରୁ ବୈଷୟିକ ସହାୟତା ଯୋଗାଇ ଦିଆଯିବ। ଏଥିସହ ମହିଳା ସଂଘ ଦ୍ୱାରା ପରିଚାଳିତ ସବୁଜ ଗଞ୍ଜାମ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ଛତୁ ବ୍ୟବସାୟ କରାଯିବ।



ପୂର୍ବରୁ ହୋଇଥିବା ଛତୁ ଚାଷ।



ଫିଲ୍ମ ନିର୍ମାତା ତଥା ଅଭିନେତା ମହେଶ ମାଞ୍ଜରେକରଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ମହାରାଷ୍ଟ୍ରରେ ମହେଶଙ୍କ ଗାଡ଼ିକୁ ଜଣେ ବ୍ୟକ୍ତିଙ୍କ କାର୍ ଧକ୍କା ଦେଇଥିଲା। ଏହାକୁ ନେଇ ମହେଶ ତାଙ୍କୁ ଚାପୁଡ଼ା ମାରିବା ସହ ଗାଳି ଦେଇଥିଲେ। ଏ ନେଇ ବ୍ୟକ୍ତି ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଶୁକ୍ରବାର ରାତିରେ ପୁଣେ-ସୋଲାପୁର ରାଜ୍ୟ ରାଜପଥର ଯାବତ ଗାଁ ନିକଟରେ ଘଟଣାଟି ଘଟିଛି। ହଠାତ ବ୍ରେକ ଲଗାଇବା କାରଣରୁ ଉକ୍ତ ବ୍ୟକ୍ତିଙ୍କ କାର୍‌ଟି ମହେଶଙ୍କ ଗାଡ଼ି ପଛକୁ ଧକ୍କା ଦେଇଥିଲା। ଏହାପରେ ସେ କାର୍‌ରୁ ବାହାରି ଆସି ଝଗଡ଼ା କରିଥିଲେ। ଏଭଳି ବ୍ୟବହାରକୁ ବରଦାସ୍ତ କରିବେ ନାହିଁ ବୋଲି ବ୍ୟକ୍ତିଜଣକ କହିଛନ୍ତି।

# ବନାଗ୍ନି ପାଇଁ ଉତ୍ତପ୍ତ ବିଦାୟୀ ବର୍ଷ

**କରୋନା ଭୟ, ସତର୍କତା, ସଚେତନତା ଭିତରେ କଟିଗଲା ୨୦୨୦। ପାଖାପାଖି ୫ ମାସ ଧରି ଗୃହବନ୍ଦୀ ଜୀବନ କାଟିବାକୁ ବାଧ କରିଦେଲା ଅଦୃଶ୍ୟ ଭୂତାଣୁ। ୨୦୨୧ରେ ଯଦିଓ ଟିକା ସହ କରୋନା ବିରୋଧୀ ଲଢ଼େଇକୁ ବଳ ମିଳିଛି, ତଥାପି ବିପଦ ସମ୍ପୂର୍ଣ୍ଣ ଦୂର ହୋଇନାହିଁ। କୋଭିଡ୍-୧୯ ସହିତ ବିଦାୟୀ ବର୍ଷର କ୍ୟାଲେଣ୍ଡରରେ ଯୋଡ଼ି ହୋଇଛି ଆଉ ଏକ ଅଧ୍ୟାୟ। ଲକ୍‌ଡାଉନ୍ ପାଇଁ ଗାଡ଼ିଚଳାଚଳ, କାରଖାନା ବନ୍ଦ ରହିଥିବା ସତ୍ତ୍ୱେ ଉତ୍ତପ୍ତ ବର୍ଷ ହିସାବରେ ୨୦୨୦ ଭାଙ୍ଗିଛି ୧୪୦ ବର୍ଷର ରେକର୍ଡ।**



**ନୂଆଦିଲ୍ଲୀ:** ବିଶ୍ୱସ୍ତରରେ ତାପମାତ୍ରା ରେକର୍ଡ ରଖିବା ଆରମ୍ଭ ହୋଇଥିଲା ୧୮୮୦ରୁ। ଏହାର ୧୪୦ ବର୍ଷର ଇତିହାସ ଭିତରେ ସବୁଠାରୁ ଉତ୍ତପ୍ତ ବର୍ଷ ଭାବେ ରେକର୍ଡ କରିଛି ୨୦୨୦। ଗତ ବର୍ଷ କରୋନା ଭାଇରସ୍ ଲାଗି ସାରାବିଶ୍ୱ ଲକ୍‌ଡାଉନ୍‌ରେ ରହିଥିଲା। ଯାନବାହନ ଚଳାଚଳ ହ୍ରାସ ପାଇଁ କାର୍ବନ ନିର୍ଗମନ ହ୍ରାସ ପାଇଥିଲା। ତଥାପି ଏଭଳି ଉତ୍ତାପ ବୃଦ୍ଧି ପଛରେ ବନାଗ୍ନି ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ଦାୟୀ କରିଛନ୍ତି ବୈଜ୍ଞାନିକ। ନାସାର ଗୋଡାର୍ଡ ଇନ୍‌ଷ୍ଟିଚ୍ୟୁଟ୍ ଫର ସ୍ପେସ୍ ଷ୍ଟଡିଜ୍ ଏହାର ଖୁଲାସା କରିଛି।

ବିଦାୟୀ ବର୍ଷରେ କରୋନା କାୟା ମେଲାଇ ଚାଲିଥିବାବେଳେ ବିଶ୍ୱବାସୀ ଜୀବନ ବଞ୍ଚାଇବାକୁ ସଂଘର୍ଷ ଚଳାଇଥିଲେ। ସମାନ୍ତରାଳ ଭାବେ ଭୟଙ୍କର ବନାଗ୍ନି ଅଷ୍ଟ୍ରେଲିଆ, ସାଇବେରିଆ, ପଶ୍ଚିମ ଆମେରିକୀୟ ତଟବର୍ତ୍ତୀ ଅଞ୍ଚଳରେ ତାଣ୍ଡବ ରଚିଥିଲା। ଆଟଲାଣ୍ଟିକ୍ ମହାସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ମଧ୍ୟ ଏହି ପ୍ରଚଣ୍ଡ ଅଗ୍ନିକୁ ନିର୍ବାପନ କରିପାରି ନ ଥିଲା। ଏହି ଜଙ୍ଗଲ ନିଆଁ ପ୍ରଳୟଙ୍କରୀ ରୂପ ଧାରଣ କରି ମାଡ଼ି ଚାଲିଥିଲା। ଏଥିରେ ଲକ୍ଷାଧିକ ହେକ୍ଟର ଜଙ୍ଗଲ ପାଉଁଶ ହୋଇଯାଇଥିବାବେଳେ ପରିବେଶ ସହ ଅର୍ଥ ବ୍ୟବସ୍ଥାକୁ ପହଞ୍ଚିଥିଲା ସାଂଘାତିକ କ୍ଷତି। ଗତବର୍ଷ ୫ଥର ବନାଗ୍ନି କବଳିତ ହୋଇଥିଲା କାଲିଫର୍ନିଆର ଘଞ୍ଚ ଜଙ୍ଗଲ। ୧୯୩୨ରୁ ଅଦ୍ୟାବଧି ଏଠାରେ ୬ ଥର ଜଙ୍ଗଲ ନିଆଁର ପ୍ରକୋପ ଦେଖିବାକୁ ମିଳିଛି। କେବଳ ୨୦୨୦ ବର୍ଷରେ ଏହି ସଂଖ୍ୟା ଥିଲା ୫। କାଲିଫର୍ନିଆ ବନାଗ୍ନିର ପ୍ରଭାବ ସାନ୍‌ଫ୍ରାନ୍‌ସିସ୍‌କୋ, ୱାଶିଂଟନ୍, ଓରେଗନ୍ ଆକାଶକୁ ପାଉଁଶ ଆସ୍ତରଣରେ ଆଚ୍ଛାଦିତ କରିଦେଇଥିଲା। ଅଷ୍ଟ୍ରେଲିଆ ଜଙ୍ଗଲରୁ ଆରମ୍ଭ ହୋଇଥିବା ଏହି ନିଆଁ ୨୦୧୯ ସେପ୍ଟେମ୍ବରରେ ବ୍ୟାପିବା ଆରମ୍ଭ ହୋଇଥିଲା। ଏହା ଲିଭିବାକୁ ପାଖାପାଖି ୪ ମାସ ଲାଗିଥିଲା। ଏଥିରେ ୩୦ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୩ ଲକ୍ଷ ହେକ୍ଟର ଜଙ୍ଗଲ, ପାର୍କ ପୋଡ଼ି ପାଉଁଶ ହୋଇଯାଇଥିଲା। ତେବେ ୨୦୨୦ ବର୍ଷକୁ କେତେକ ଏଜେନ୍ସି ସବୁଠାରୁ ଉତ୍ତପ୍ତ ବର୍ଷ ମାନୁଥିବାବେଳେ ଅନ୍ୟମାନେ ଏଥିରେ ସହମତ ହୋଇନାହାନ୍ତି। ସେମାନେ ୨୦୧୬କୁ ସବୁଠାରୁ ତାତିଲା ବର୍ଷର ମାନ୍ୟତା ଦେଇଛନ୍ତି। ଆମେରିକାର ନ୍ୟାଶନାଲ ଓସେନିକ୍ ଆଣ୍ଡ ଅଟମୋସ୍ଫେରିକ୍ ଆଡମିନିଷ୍ଟ୍ରେଶନ୍ (ଏନ୍‌ଓଏଏ) ମତରେ ୨୦୧୬ଠାରୁ ଗତ ବର୍ଷ ୦.୦୨ ଡିଗ୍ରୀ କମ୍ ଉତ୍ତପ୍ତ ଥିଲା। ତେବେ ଭୂମି ଏବଂ ସମୁଦ୍ରର ହାରାହାରି ତାପମାତ୍ରା ଦେଖିଲେ ୨୦୨୦ରେ ଏହା ୦.୯୮% ଅଧିକ। ତେବେ ଗାଡ଼ିମୋଟର, ଟ୍ରେନ୍, କାରଖାନା ବନ୍ଦ ରହିବା ସତ୍ତ୍ୱେ ତାପମାତ୍ରା ଅଭିବୃଦ୍ଧି ହାରକୁ ଆକଳନ କଲେ ବିଦାୟୀ ବର୍ଷକୁ ସବୁଠାରୁ ଉତ୍ତପ୍ତ ବର୍ଷ କୁହାଯାଉଛି।

ନାସା ପକ୍ଷରୁ କୁହାଯାଇଛି, ୨୫୦ ବର୍ଷ ପୂର୍ବେ ଉଦ୍ୟୋଗ ଜଗତରେ କ୍ରାନ୍ତି ଆସିଥିଲା। ଏହାର ପ୍ରଭାବରେ ସ୍ଥାପିତ ହୋଇଥିଲା ହଜାର ହଜାର ଶିଳ୍ପ ପ୍ରତିଷ୍ଠାନ। ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ କାର୍ବନ ଡାଇଅକ୍ସାଇଡ୍ ସ୍ତର ୫୦% ବୃଦ୍ଧି ପାଇଛି। ମିଥେନ ପରିମାଣ ଦୁଇଗୁଣା ହୋଇଛି। ପୃଥିବୀର ହାରାହାରି ତାପମାତ୍ରା ୧ ଡିଗ୍ରୀ ଯାଏ ବଢ଼ିଛି। ପରିବେଶ ଉତ୍ତପ୍ତ ରହୁଥିବାରୁ ପ୍ରତିବର୍ଷ ଜଙ୍ଗଲରେ ନିଆଁ ଲାଗୁଛି। ମନୁଷ୍ୟକୃତ କାର୍ଯ୍ୟକଳାପ ନ ବଦଳିଲେ ଜୀବଜଗତ ଉପରେ ବଡ଼ ବିପଦ ସୃଷ୍ଟି ହେବ ବୋଲି ନାସା ପକ୍ଷରୁ ସତର୍କ କରାଯାଇଛି।

# ନୂଆ ଲୁକ୍‌ରେ ସୋନମ କପୁର



**ମୁମ୍ବାଇ:** ବଲିଉଡ ନାୟିକା ସୋନମ କପୁର ଏବେ ସୋସିଆଲ ମିଡିଆରେ ଧୁମ ମଚାଇଛନ୍ତି। ନିଜର ଅଭିନୟ ସାଙ୍ଗକୁ ଫ୍ୟାଶନ ଷ୍ଟେଟମେଣ୍ଟକୁ ନେଇ ଅଧିକାଂଶ ସମୟରେ ଚର୍ଚ୍ଚାରେ ରୁହନ୍ତି ଏହି ଅଭିନେତ୍ରୀ। ଏଥିପାଇଁ ତାଙ୍କୁ ଫ୍ୟାଶନ ଡିଭା ବୋଲି ମଧ୍ୟ କୁହାଯାଇଥାଏ। ଏବେ କିଛିଦିନ ହେବ ନିଜର ନୂଆ ନୂଆ ଲୁକ୍‌କୁ ନେଇ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚିତ ସେ। ନିକଟରେ ସୋନମ ଏକ ଫଟୋଶୁଟ କରିଥିବା ବେଳେ ଏହାର କିଛି ଫଟୋ ଇନଷ୍ଟାଗ୍ରାମରେ ଶେୟାର କରିବା ପରେ ଏବେ ଏହା ଭାଇରାଲ ହେବାରେ ଲାଗିଛି। ଫଟୋରେ ସୋନମ ଖୁବ ସନ୍ଦର ବି ଲାଗୁଛନ୍ତି। ଏଥିରେ ସୋନମ ଫ୍ରେଞ୍ଚ ଫ୍ୟାଶନ ଡିଜାଇନର ଷ୍ଟିଫନ ରୋନାଲ୍ଡଙ୍କ ଦ୍ୱାରା ଡିଜାଇନ କରାଯାଇଥିବା ଗାଉନ ପିନ୍ଧିଛନ୍ତି। ହଳଦିଆ ରଙ୍ଗର ଏହି ଗାଉନ ସହ ସୋନମ ଭିନ୍ନ ଭିନ୍ନ ପୋଜ ଦେଇଛନ୍ତି। ଯେଉଁଥିରେ ସେ ଖୁବ ସୁନ୍ଦର ଦେଖାଯାଉଛନ୍ତି। ଏହି ଗାଉନରେ ଅଣ୍ଟାରେ ଏକ ବ୍ଲାକ ବେଲ୍ଟ ବି ଲାଗିଛି। ଯାହା ଗାଉନର ଲୁକ୍‌କୁ ଦ୍ୱିଗୁଣା କରୁଛି। ଗାଉନର ଏମ୍ବ୍ରୋଡେରୀ ଜୁଏଲାରୀ ଭଳି ଲାଗୁଥିବା ବେଳେ ସୋନମ ଯେଉଁ ନେକଲେସ ପିନ୍ଧିଛନ୍ତି ତାହା ତାଙ୍କ ସୁନ୍ଦରତାକୁ ଦ୍ୱିଗୁଣା କରୁଛି। ସୋନମଙ୍କର ଏହି ଲୁକ ତାଙ୍କ ପ୍ରଶଂସକଙ୍କୁ ବେଶ ପସନ୍ଦ ଆସିଛି।

# ପ୍ରଥମ ମହିଳା ମୁସଲିମ୍ ନ୍ୟୁରୋସର୍ଜନ



**ମୁମ୍ବାଇ:** ସଙ୍କଳ୍ପ ଦୃଢ ଥିଲେ ସବୁ ବାଧାବିଘ୍ନକୁ ଏଡାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ ହୋଇପାରିବ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ମରିୟମ ଆଫିଫା ଅସାଂରୀ। ଭାରତର ପ୍ରଥମ ମହିଳା ମୁସଲିମ୍ ନ୍ୟୁରୋସର୍ଜନ ହୋଇ ସେ ଏବେ ନିଜ ସ୍ୱପ୍ନକୁ ପୂରା କରିବାକୁ ସମର୍ଥ ହୋଇଛନ୍ତି। ଏଥିସହ ଅନେକଙ୍କ ପାଇଁ ସେ ପ୍ରେରଣା ପାଲଟିଛନ୍ତି। ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ମହାରାଷ୍ଟ୍ରର ନାଶିକ ଜିଲାରେ ଥିବା ମାଲେଗାଓଁର ଉର୍ଦ୍ଦୁ ସ୍କୁଲରେ ନିଜର ପ୍ରାଥମିକ ଶିକ୍ଷା କରିଥିଲେ ମରିୟମ୍। ଏହାପରେ ସେ ହାଇଦ୍ରାବାଦରେ ୧୦ମ ଏବଂ ଓସମାନିଆ ମେଡିକାଲ କଲେଜରେ ଏମବିବିଏସ୍ ଶିକ୍ଷା ନେଇଥିଲେ। ଏହିଠାରେ ସେ ସର୍ଜରିରେ ମାଷ୍ଟର ଡିଗ୍ରି ବି ପୂରା କରି ଡାକ୍ତର ହୋଇପାରିଥିଲେ। ଏବେ ସେ ନ୍ୟୁରୋ ସର୍ଜନଭାବେ କାମ ଆରମ୍ଭ କରିଛନ୍ତି। ପିଲାଦିନରୁ ମରିୟମ ଡାକ୍ତର ହେବା ପାଇଁ ସ୍ୱପ୍ନ ଦେଖିଥିଲେ। କ୍ଲାସରେ ସେ ସବୁବେଳେ ଭଲ ନମ୍ବର ବି ରଖୁଥିଲେ। ଏହାପରେ ସେ ଡାକ୍ତରୀ ପାଠ ପଢି ମୁସଲମାନ ମହିଳାଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି। ମରିୟମ ଛୋଟବେଳରୁ ବହୁ ସଂଘର୍ଷ କରି ପାଠ ପଢ଼ିଛନ୍ତି। ତାଙ୍କ ମାଆ ଜଣେ ସିଙ୍ଗଲ ମଦର ଏବଂ ଶିକ୍ଷକତା କରି ଗୁଜୁରାଣ ମେଣ୍ଟାନ୍ତି। କିନ୍ତୁ ମରିୟମଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ସେ ସବୁ ପ୍ରକାରର ସାହାଯ୍ୟ ଯୋଗାଇ ଦେଇଥିଲେ। ଏବେ ଝିଅକୁ ଡାକ୍ତର ହେବା ଦେଖି ସେ ବହୁତ ଖୁସି ଏବଂ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି ବୋଲି କହିଛନ୍ତି।

# ଶପିଂ ବ୍ୟାଗ୍‌ରୁ ପୋଷାକ



**ନୂଆଦିଲ୍ଲୀ:** ଥରେ ମଜାରେ ତାଙ୍କର ଜଣେ ବନ୍ଧୁ ଶପିଂ ବ୍ୟାଗରୁ ଡ୍ରେସ ତିଆରି କରିବା ପାଇଁ କହିଥିଲେ। କିନ୍ତୁ ମଜାରେ କହିଥିବା ଏହି କଥାରୁ ସେ ନୂଆ ଆଇଡିଆ ପାଇଥିଲେ। ଆଉ ତା'ପରେ ତିଆରି କଲେ ସୁନ୍ଦର ସୁନ୍ଦର ଫ୍ୟାଶନେବଲ ଡ୍ରେସ। ବିଭିନ୍ନ ବ୍ରାଣ୍ଡର ଶପିଂ ବ୍ୟାଗରୁ ଡ୍ରେସ ତିଆରି କରି ଏବେ ସୋସିଆଲ ମିଡିଆରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି କାଲିଫର୍ନିଆ ୟୁନିଭର୍ସିଟିର ଜଣେ ଛାତ୍ରୀ ଏରିୟଲ। କରୋନା ପାଇଁ ଏରିୟଲ ଯେତେବେଳେ କ୍ୱାରାଣ୍ଟାଇନ୍‌ରେ ରହିଥିଲେ ସେତେବେଳେ ବୋର୍ ହେବାରୁ ଏଭଳି ଡ୍ରେସ ତିଆରି କରିବା ଆରମ୍ଭ କରିଥିଲେ। ଏହାପରେ ସେ ମାତ୍ର କିଛି ଦିନ ମଧ୍ୟରେ ସୁନ୍ଦର ଡ୍ରେସ ତିଆରି କରିବାକୁ ସକ୍ଷମ ହୋଇଥିଲେ। ଏହାପରେ ସେ ଉତ୍ସାହିତ ହୋଇ ପୁଣି ଅଧିକ ଡ୍ରେସ କରିବା ଆରମ୍ଭ କରିଥିଲେ। ମାତ୍ର କିଛି ମାସ ମଧ୍ୟରେ ସେ ଶପିଂ ବ୍ୟାଗରୁ ସୁନ୍ଦର ଡିଜାଇନର ୫ଟି ଡ୍ରେସ ତିଆରି କରିବାକୁ ସକ୍ଷମ ହୋଇଥିଲେ। ଡ୍ରେସ ତିଆରି ପାଇଁ ଏରିୟଲ ୱାଲମାର୍ଟ, ଟାରଗେଟ୍, ବେନ୍‌ସ ଏବଂ ଟ୍ରେଣ୍ଡର ଜୋ ବ୍ରାଣ୍ଡର ଶପିଂ ବ୍ୟାଗ ବ୍ୟବହାର କରିଥିଲେ। ସବୁ ବ୍ୟାଗକୁ ସେ ପ୍ରଥମେ ଠିକ୍ ଭାବରେ କାଟି ସାଇଜ୍ କରିଥିଲେ। ଏହାପରେ ସେସବୁ ନେଇ ସେ ନିଜ ଫିଟିଂ ହିସାବରେ ସିଲାଇ କରି ଡ୍ରେସ ତିଆରି କରିଥିଲେ। ଏରିୟଲ ଏପରି ଡ୍ରେସ ତିଆରି କରି ଲୋକଙ୍କୁ ଜଣାଇବାକୁ ଚାହିଁଛନ୍ତି କି ବିଭିନ୍ନ ପ୍ରକାରର ଅଦରକାରୀ ଜିନିଷରୁ ବି ସୁନ୍ଦର ଜିନିଷ ସବୁ ତିଆରି କରାଯାଇପାରିବ। ଏରିୟଲ ତାଙ୍କର ଏଭଳି ଡ୍ରେସ ତିଆରି କରି ସୋସିଆଲ ମିଡିଆରେ ଶେୟାର କରିବା ପରେ ଲୋକେ ତାଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି ଏବଂ ଅନେକ ତାଙ୍କ ପାଇଁ ଡ୍ରେସ ଡିଜାଇନ୍ କରିବା ପାଇଁ ବି ଅର୍ଡର ଦେଇଛନ୍ତି।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନିରଞ୍ଜନ ପଟ୍ଟନାୟକ**
ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୩୫
ତିରୋଧାନ: ୦୮।୦୧।୨୦୨୧
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା, ହେଲେ ତୁମର ଉପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ଏହାହିଁ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ: ପୁତୁରା-ଝିଆରୀ, ନାତି-ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୦୧୫୮

**ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଆପଣଙ୍କ ଆତ୍ମା ଚିର ଶାନ୍ତି ଲାଭକରୁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ବିନୀତ ପ୍ରାର୍ଥନା



**✓ଗୋପାଳ ଚନ୍ଦ୍ର ମହାନ୍ତି**
ପୂର୍ବତନ ପ୍ରମୁଖ ଶାସନ ସଚିବ, ଆଇନ୍ ବିଭାଗ, ଓଡ଼ିଶା ସରକାର
ପୂର୍ବତନ ଅଧ୍ୟକ୍ଷ ରାଜ୍ୟ ଆଇନ ସଂଶୋଧନ କମିଟି
ଶୋକ ସନ୍ତପ୍ତ
କନକ ମହାନ୍ତି
ମନୋଜ ଓ ଭାରତୀ,
ସରୋଜ ଓ ଆମ୍ରପାଲ୍ଲୀ,
ସଂଜୀବ ଓ ଅଶ୍ରୁ
ସମୀକ୍ଷା, ସମ୍ୟନ୍ତକ, ଅନ୍ୱେଷା
ଧ-୧୯୬୭୯

**ଏକାଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଅଞ୍ଜଳି ସ୍ୱାଇଁ**
କୁଲାଡ଼, ଅନୁଗୋଳ
ଆବିର୍ଭାବ: ୧୫।୦୪।୧୯୫୨
ତିରୋଧାନ: ୦୮।୦୧।୨୦୨୧
ଚଳିତ ଶୁକ୍ଳପକ୍ଷ ଦଶମୀ ତିଥି ଇଂରାଜୀ ତା. ୦୮।୦୧।୨୦୨୧ରିଖ ଶୁକ୍ରବାର ରାତି ୧୨ଟା ୪୦ ସମୟରେ ଆମ ବୋଉ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କରିଛନ୍ତି। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କଠାରେ ବିନମ୍ର ଶ୍ରଦ୍ଧାଞ୍ଜଳି।
-:ଶୋକସନ୍ତପ୍ତ:-
ବଡ଼ ପୁଅ: କିଶୋର ଚନ୍ଦ୍ର ସ୍ୱାଇଁ, ସାନ ପୁଅ: ମାନସ ରଞ୍ଜନ ସ୍ୱାଇଁ ଓ ପରିବାରବର୍ଗ।
ଧ-୧୯୬୭୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ହଟ କିଶୋର ନାୟକ**
ଉମାଦେଇ ବ୍ରହ୍ମପୁର (ଟଙ୍କପାଣି)
ଆବିର୍ଭାବ: ୧୯୨୫ ମସିହା
ତିରୋଧାନ: ୦୮।୦୧।୨୦୨୧
ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଚାଲିଗଲେ ଅନେକ ଦୂରକୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଉପଦେଶ ଓ ଅନୁପସ୍ଥିତି ଅନୁଭବ କରୁଛୁ ପ୍ରତିଟି ମୁହୂର୍ତ୍ତରେ। ସେହି ଅନୁଭବକୁ ସାଇତି ରଖି ଈଶ୍ୱରଙ୍କୁ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମାର ବୃନ୍ଦାବନ ପ୍ରାପ୍ତିହେଉ।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ପୁତୁରା ଓ ପୁତୁରା ବୋହୂ, ଭାଇ, ଭାଇବୋହୂ, ସମସ୍ତ ଝିଅ ଓ ଜ୍ୱାଇଁ, ସମସ୍ତ ନାତି ନାତୁଣୀ ଓ ଅଣନାତି।
ଧ-୬୩୯୯୨

**ଏକାଦଶାହ ଉପଲକ୍ଷେ ସ୍ମୃତି ସର୍ପଣ**



**ସ୍ୱର୍ଗତ ଶ୍ରୀ ଅଲେଖ ଚରଣ ପଟ୍ଟନାୟକ**
ଆବିର୍ଭାବ: ୨୩।୦୩।୧୯୨୭
ତିରୋଧାନ: ୦୮।୦୧।୨୦୨୧
ତୁମେ ଥିଲ ସ୍ୱର୍ଗ-ଧର୍ମ
ତୁମେ ଆମ ତପ
ତୁମେ ଶିକ୍ଷା ତୁମେ ଦୀକ୍ଷା
ଜୀବନର ଜପ।
ପାଦତଳ ପୃଥ୍ୱୀ ପୁଣି
ଅଭୟ ଆକାଶ,
ତୁମେ ବ୍ରହ୍ମା-ବିଷ୍ଣୁ-ଈଶ
ଆମ୍ଭର ଆଦର୍ଶ।
ଆମ ଦେହ-ମନ-ଆତ୍ମା
ତୁମେ ସର୍ବମୟ
ପାଥେୟ ତୁମରି ସ୍ମୃତି
ମାଗୁ ବରାଭୟ।
-:ଶୋକସନ୍ତପ୍ତ:-
ପୁତ୍ର/ କନ୍ୟା ତଥା ସମସ୍ତ ପଟ୍ଟନାୟକ ପରିବାର, ମଳିପଡ଼ା।
ଧ-୧୯୬୧୧

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ହୀରାମଣି ଦଳାଇ**
ଆବିର୍ଭାବ-୧୭.୧୦.୧୯୫୩
ତିରୋଧାନ - ୨୯.୧୨.୨୦୧୧
ପୌଷମାସ ଶୁକ୍ଳପକ୍ଷ ପଞ୍ଚମୀ
ମଧୁବନ ଲେନ୍ - ୧, ପୁରୀ
ଅସୀମ ସ୍ନେହର ହୃଦୟଟେ ନେଇ, ଗଢିଥିଲ ତୁମେ ବୋଉ। ପଣତ କାନୀରେ ବାନ୍ଧି ପରିବାର, ବାଣ୍ଟିଲ ମମତା ମହୁ। ସମୟ ସୁଅରେ ଅଫେରା ରାଇଜେ, କାହିଁ ଚାଲିଗଲ ତୁମେ। ସ୍ମୃତିଟିଏ ହୋଇ ମନ ପଡ ସଦା, କେତେ ଖୋଜୁଅଛୁ ଆମେ।
-: ଶୋକସନ୍ତପ୍ତ :-
ପୁତ୍ର- ହରିହର, ମାନଗୋବିନ୍ଦ, ଦେବରାଜ, ବୋହୂ- ସୁବାସୀ, ରୁନୁ, ଉଷା, ଝିଅ-କାଞ୍ଚନ, ଜ୍ୱାଇଁ-ପ୍ରଭାକର, ନାତି-ପପୁ, ବାପୁ, ଜୁବୁଲୁ, କାହ୍ନା, ନାତୁଣୀ-କୁନି,ଜୁଲି,ମିକି,ପୂର୍ଣ୍ଣମା ଓ ବନ୍ଧୁ ପରିବାର ବର୍ଗ।
ଧ-୧୬୩୦୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ହାଡ଼ିବନ୍ଧୁ ମହାନ୍ତି**
ବିଶିଷ୍ଟ ଶିକ୍ଷକ
ମାଟିମଣ୍ଡପ ସାହି, ନଟବର ଲେନ୍, ପୁରୀ
ଆବିର୍ଭାବ: ୧୧।୧୧।୧୯୩୬
ତିରୋଧାନ: ୦୮।୦୧।୨୦୨୧
ଚାହୁଁ ଚାହୁଁ ଏଗାର ଦିନ ହୋଇଗଲା। ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଆମ୍ଭେମାନେ ଅନୁଭବ କରୁଛୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଆନ୍ତର ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ତ୍ରୀ:ସ୍ୱର୍ଣ୍ଣଲତା ମହାନ୍ତି, ଭାଇ: ଶିବ ଚରଣ, ମହେଶ୍ୱର, ଭାଇବୋହୂ: ସଲିଆ,ଲଲି, ତିନି ଝିଅ, ଜ୍ୱାଇଁ: ଜିତୁ-ମାମିନୀ, ଗୁଡୁ-କାମିନୀ, ଶିବ-ଯାମିନୀ, ଭଉଣୀ-ହେମଲତା, ପୁତୁରା- ପୁତୁରା ବୋହୂ, ଝିଆରୀ- ଝିଆରୀ ଜ୍ୱାଇଁ, ଭଣଜା- ଭଣଜା ବୋହୂ, ଭାଣିଜୀ- ଭାଣିଜୀ ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁପରିଜନ।
ଧ-୬୮୮୫୧

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଭୋଗରେ ଗାଡ଼ି ପାର୍ଟ୍ସ

**ସିମ୍ଲା:** ମନ୍ଦିରରେ ସମସ୍ତେ ଧୂପ, ଦୀପ ଜଳାଇ କଦଳୀ, ନଡିଆ, ମିଠା ଆଦି ପ୍ରସାଦ ଲଗାନ୍ତି। କିନ୍ତୁ ଆମେ ଏଠାରେ ଯେଉଁ ମନ୍ଦିର କଥା କହୁଛୁ ସେଠି ପ୍ରସାଦଭାବେ ଚଢ଼ାଯାଏ ଗାଡ଼ିର ପାର୍ଟସ, ନମ୍ବର ପ୍ଲେଟ, ଘରର ପୁରୁଣା ହତିଆର ଆଦି। ଉକ୍ତ ମନ୍ଦିର ହିମାଚଳ ପ୍ରଦେଶର ମଗରୁଲା ନାମକ ଦୁର୍ଗମ ଅଞ୍ଚଳରେ ରହିଛି। ଏଠାରେ 'ବନଶୀରା ଦେବତା'ଙ୍କ ପୂଜା କରାଯାଏ, ଯାହାଙ୍କୁ କି ଜଙ୍ଗଲର ଦେବତା କୁହାଯାଏ। ନିକଟସ୍ଥ ଏକ ମନ୍ଦିରର ପୂଜାରୀ ହେତରାମ କହନ୍ତି, ପ୍ରାଚୀନ ସମୟରୁ ହିଁ ଲୋକେ ଏଠାରେ ନିଜ ଘରର ପୁରୁଣା ହତିଆର ଚଢ଼ାଇ ଆସୁଛନ୍ତି। କାଳକ୍ରମେ ଏଥିରେ ଗାଡ଼ି ପାର୍ଟସେ ଓ ନମ୍ବର ପ୍ଲେଟ ଚଢ଼ାଇବା ବି ସାମିଲ ହୋଇଗଲା। ବିଶ୍ୱାସ କରାଯାଏ, ଏଭଳି କଲେ ସେହି ବସ୍ତୁ ଉପରେ ଦେବତାଙ୍କ କୃପା ଦୃଷ୍ଟି ପଡିଥାଏ। ଯଦି ଗାଡ଼ିର କୌଣସି ପାର୍ଟସ ବାରମ୍ବାର ଖରାପ ହେଉଛି, ତେବେ ତାକୁ ଏହି ମନ୍ଦିରରେ ପ୍ରସାଦ ରୂପେ ଚଢ଼ାଇଲେ ସେହି ପାର୍ଟ ଆଉ ଖରାପ ହୁଏ ନାହିଁ।

# ବାଘ ଭଳି କୁକୁର

**ହାଇଦ୍ରାବାଦ:** ବିଶ୍ୱନିୟନ୍ତାଙ୍କ ସୃଷ୍ଟି ବିଚିତ୍ର। ଏହାକୁ ବୁଝିବା ମନୁଷ୍ୟ ପକ୍ଷେ ଅସମ୍ଭବ। ତେଲଙ୍ଗାନାର କେଶଲାପୁର ଗାଁରେ ଦେଖିବାକୁ ମିଳିଛି ଏପରି ଏକ ବୈଚିତ୍ର୍ୟ। ଏଠାରେ ଏକ ଅଜବ କୁକୁର କୌତୂହଳ ଏବଂ ଭୟର କାରଣ ପାଲଟିଛି। କୁକୁରଟିକୁ ଯିଏ ଦେଖୁଛନ୍ତି, ଆଶ୍ଚର୍ଯ୍ୟ ହେଉଛନ୍ତି। ପୂରା ବାଘ ପରି ଦେଖାଯାଉଥିବା କୁକୁରଟି ଦେହରେ ବାଘ ଭଳି ଚିହ୍ନ ରହିଛି। ଏହା କୌଣସି ରୋଗ କାରଣରୁ ନୁହେଁ ବରଂ ଜନ୍ମରୁ ହିଁ ରହିଥିବା ଗ୍ରାମବାସୀ କୁହନ୍ତି। ନ ଜାଣିଥିବା ଲୋକେ ଏହି ବିଚିତ୍ର କୁକୁରଟିକୁ ଦେଖି ଅନେକ ସମୟରେ ଭୟରେ ଦୌଡ଼ନ୍ତି। କୌତୂହଳର ବିଷୟ ହେଲା, ପଶୁମାନେ ମଧ୍ୟ ଭୟ କରନ୍ତି। ଜଣେ ଗ୍ରାମବାସୀ ଗାଁ ନିକଟ କ୍ଷେତରେ କୁକୁରଟିକୁ ଦେଖି ଖୁସିରେ ଘରକୁ ଆଣି ତାହାର ଯତ୍ନ ନେଇଥିଲେ। ଏବେ କୁକୁରଟି ଗାଁ ଏବଂ ନିକଟ ଅଞ୍ଚଳରେ 'ଟାଇଗର୍ ଡଗ୍' ଭାବେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରାଣୀ ବିଭାଗର କହିବା ହେଲା, ଆଗକୁ ଏହି ପ୍ରଜାତି କୁକୁରଙ୍କ ପ୍ରଜନନ ସମ୍ଭାବନା ରହିଛି। ଏହା ସମ୍ଭବ ହେଲେ ସମସ୍ତଙ୍କ ଖୁସିର ବିଷୟ ହେବ। ଲୋକେ ମଧ୍ୟ ଏମାନଙ୍କ ପାଳନରେ ରୁଚି ଦେଖାଉଥିବା ଜଣାପଡ଼ିଛି।



**୧୬ତମ ଜନ୍ମଦିନ ଶୁଭେଚ୍ଛା**



**ଅଭିଜିତ୍ ସାହୁ (ଟିଟୁନ୍)**
ଆଜି ତୋର ୧୬ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀସର୍ପେଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ କୁସୁମିତ ହେଉ। ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି: ବଡବାବା, ବଡମାମା, ବାବା, ମାମା, ଅପା, ପିଉସା, ଦାଦା, ଖୁଡୀ, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଦିଦି, ନନା, ସାନଭାଇ, ଭଉଣୀ ଓ ପରିବାରବର୍ଗ।
ଧ-୧୯୬୦୫

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NAB (REGD.)
NAB (Regd.) ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ସମସ୍ତ ସମସ୍ୟାର ଉପାୟ
ମାର୍କସିଟ | ଆଧାରକାର୍ଡ
କୃଷି | ପଶୁପାଳନ
ସମ୍ପତି | ଲଘୁ ଉଦ୍ୟୋଗ
ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396011863

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହରଣ, କୃଷି, ଗାଇ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।



ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
DIGITAL DEVICES
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ
ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ



5G ମୋବାଇଲ୍ ଟାୱାର୍ ଲଗାନ୍ତୁ
ଅଗ୍ରିମ : 85 ଲକ୍ଷ
ଭଡା : 1,10,000/-
Contact : Swati-9990677851

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କାର୍ଯ୍ୟଦକ୍ଷତା ବଢ଼ାଏ ପଢ଼ାପଢ଼ି



**କା**ର୍ଯ୍ୟଦକ୍ଷତା ବଢ଼ାଇବାର ଏକ ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ତାଙ୍କର ମନ ପସନ୍ଦର ବହି ପଢ଼ାପଢ଼ି କରନ୍ତି ତେବେ ତାଙ୍କର କାର୍ଯ୍ୟଦକ୍ଷତାରେ ବୃଦ୍ଧି ଘଟିଥାଏ। ଏପରି ବିଷୟକୁ ନେଇ ନିକଟରେ ହୋଇଥିବା ଏକ ସର୍ଭେରୁ ଏଭଳି ରୋଚକ ତଥ୍ୟ ମିଳିଛି। 'କାର୍ଯ୍ୟଦକ୍ଷତା ଓ ପଢ଼ାପଢ଼ି' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିମାନଙ୍କୁ ସାଧାରଣ ଜୀବନ ଶୈଳୀ ଆପଣେଇବାକୁ କୁହାଯାଇଥିଲା। ଅନ୍ୟପକ୍ଷରେ ଦ୍ୱିତୀୟ ଗ୍ରୁପରେ ଥିବା ବ୍ୟକ୍ତିଙ୍କୁ ନିୟମିତ ସେମାନଙ୍କର ମନପସନ୍ଦର ବହି ପଢ଼ିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ନିୟମିତ ନିଜ ମନ ପସନ୍ଦର ବହି ପଢୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ପୂର୍ବାପେକ୍ଷା ବୃଦ୍ଧି ପାଇଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସକାରାତ୍ମକ ମାନସିକତା ପାଇଁ ..

**ଆ**ଜିକାଲିର ବ୍ୟସ୍ତମୟ ଜୀବନରେ ନିଜର ମାନସିକତାକୁ ସକାରାତ୍ମକ ରଖିବା ସହଜ ନୁହେଁ। ହେଲେ ଏଥିପ୍ରତି ନଜର ଦେଲେ ଆମେ ନିଜର କାମକୁ ସୂଚାରୁ ରୂପେ ତୁଲାଇ ପାରିବା। ଏହା ପଛରେ ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ଖାଦ୍ୟପେୟ ପ୍ରତି ଦୃଷ୍ଟି ଦିଅନ୍ତି ତେବେ ତାଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିଥାଏ। ଏପରି ରୋଚକ ତଥ୍ୟ ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। 'ସକାରାତ୍ମକ ମାନସିକତା ଓ ଖାଦ୍ୟପେୟ' ଶୀର୍ଷକ ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ଜୀବନଶୈଳୀକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ବିଶେଷଭାବରେ ସେମାନଙ୍କର ଖାଦ୍ୟପେୟ ଶୈଳୀକୁ ଗୁରୁତ୍ୱ ଦିଆଯାଇଥିଲା। ଯେଉଁମାନଙ୍କର ଖାଦ୍ୟପେୟ ଶୈଳୀ ଠିକ୍ ଥିଲା, ଅନ୍ୟମାନଙ୍କ ତୁଳନାରେ ସେମାନଙ୍କର ମାନସିକତା ସକାରାତ୍ମକ ରହିଥିବାର ଜଣାପଡିଥିଲା ବୋଲି ରିପୋର୍ଟରୁ ଜଣାପଡିଛି।



# ହୃଦ୍‌ଘାତ

**ଆ**ମ ଶରୀରରେ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହେଲେ ତାହାର ପ୍ରଭାବ ହାର୍ଟ ବା ହୃତ୍‌ପିଣ୍ଡ ଉପରେ ପଡିଥାଏ। ଫଳରେ ହାର୍ଟର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତି ହାର୍ଟ ଆଟାକ (ହୃଦ୍‌ଘାତ)ର ସମ୍ମୁଖୀନ ହୋଇଥାଆନ୍ତି। ତେବେ ସବୁଠାରୁ ବଡ କଥା ହେଲା ଆପଣ ହାର୍ଟ ଆଟାକର ଶିକାର ହୋଇଛନ୍ତି ବୋଲି କେମିତି ଜାଣିବେ। ଏହାର କେତୋଟି ପ୍ରମୁଖ ଲକ୍ଷଣ ରହିଛି। ହାର୍ଟ ଆଟାକ ହେଲେ ଛାତିରେ ପ୍ରବଳ ଯନ୍ତ୍ରଣା ହୁଏ ଏବଂ ଏହି ଯନ୍ତ୍ରଣା କାନ୍ଧ, ବାହୁ, ପିଠି, ବେକ ଓ ମୁହଁର ନିମ୍ନ ଭାଗ ପର୍ଯ୍ୟନ୍ତ ମଧ୍ୟ ଜଣାପଡିଥାଏ । ତେବେ ଯଦି ଏହି ଯନ୍ତ୍ରଣା କମିଲା ନାହିଁ ଏବଂ ବେଳକୁ ବେଳ ବଢ଼ି ଚାଲିଲା ତେବେ ବିଳମ୍ବ ନ କରି ସଂପୃକ୍ତ ବ୍ୟକ୍ତିଙ୍କୁ ଯେତେ ଶୀଘ୍ର ହସ୍‌ପିଟାଲରେ ଆଡ୍‌ମିଶନ କରିବାକୁ ପଡିଥାଏ। ଯଦି ସମସ୍ୟା ଗୁରୁତର ହୋଇଥାଏ ତେବେ ହୃଦରୋଗ ବିଶେଷଜ୍ଞ ତୁରନ୍ତ ଅପରେଶନ



କରିବାକୁ ନିଷ୍ପତ୍ତି ନେଇଥାଆନ୍ତି। ତେଣୁ ଏଭଳି ଲକ୍ଷଣକୁ କଦାପି ଅବହେଳା କରନ୍ତୁ ନାହିଁ। ବିଶେଷଭାବରେ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି ଏପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ରକ୍ତଚାପ ବା ବ୍ଲଡପ୍ରେସର ଜନିତ ସମସ୍ୟା ରହିଲେ ହାର୍ଟ ଆଟାକ ଆଶଙ୍କା ମଧ୍ୟ ରହିଛି। ତେଣୁ ଯଦି ଆପଣଙ୍କର ବ୍ଲଡ ପ୍ରେସର ରହିଛି ତେବେ ଏ ନେଇ ସତର୍କ ରହିବା ନିହାତି ଦରକାର। ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଖାଦ୍ୟପେୟ ପ୍ରତି ସତର୍କ ରହିବା ସହ ଦୈନନ୍ଦିନ ଜୀବନଶୈଳୀରେ ବ୍ୟାୟାମକୁ ସାମିଲ କଲେ ଆମେ ଅନେକାଂଶରେ ହାର୍ଟ ଆଟାକଠାରୁ ନିଜକୁ ଦୂରେଇ ରଖିପାରିବା।

# ପଏଣ୍ଟନେମୋ





ଡ. ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ

**ଆ**ବଶ୍ୟକତା ହିଁ ଉଦ୍ଭାବନର ଜନନୀ। ଶ୍ରେଷ୍ଠ ଜୀବ ମଣିଷ ନିଜ ଆବଶ୍ୟକତା ଅନୁସାରେ ଗବେଷଣା ଓ ନବଭାବର ପ୍ରବର୍ତ୍ତନ କରିଥାଏ। ଜିଜ୍ଞାସୁ ମଣିଷ କେତେବେଳେ ପୃଥିବୀକୁ ଖୋଳି ଧରାବକ୍ଷରେ ଗବେଷଣା କଲାଣି ତ କେତେବେଳେ ଅନନ୍ତ ମହାକାଶର ଶୂନ୍ୟ ଗୁରୁତ୍ୱାକର୍ଷଣ କ୍ଷେତ୍ରରେ ନିଜର ପରୀକ୍ଷାଗାର ନିର୍ମାଣ କଲାଣି। କେତେବେଳେ ମଙ୍ଗଳଗ୍ରହରେ ହେଲିକପ୍ଟର ଉଡ଼ାଇବା ପାଇଁ ପ୍ରଚେଷ୍ଟା କଲାଣି ତ କେତେବେଳେ ସେ ଚନ୍ଦ୍ରରେ ପାଣି ଖୋଜିବା ପାଇଁ ଚନ୍ଦ୍ରଯାନକୁ ମହାକାଶ ପଠାଇଲାଣି। ଦୂରଦର୍ଶନ ଦେଖିବାଠାରୁ ଆରମ୍ଭକରି ମୋବାଇଲ, ଜି.ପି.ଏସ. ଚଳାଇବା ଓ ଇଣ୍ଟରନେଟ ସିଗ୍‌ନାଲ ପାଇଁ ବୈଜ୍ଞାନିକମାନେ ଅପ୍ରାକୃତିକ ଉପଗ୍ରହ ତିଆରି କରି ମହାକାଶକୁ ପଠାଇଥାଏ, ଯାହା ପୃଥିବୀ ଚାରିପଟେ ଅନବରତ ପ୍ରଦକ୍ଷିଣ କରୁଥାଏ। ଅନନ୍ତଅବୋଧ ଅନ୍ତରୀକ୍ଷ ବିଷୟରେ ଅଧିକ ଅନ୍ୱେଷଣ କରିବା ପାଇଁ ବିଜ୍ଞାନୀମଣିଷ ମହାକାଶର ଶୂନ୍ୟ ଗୁରୁତ୍ୱାକର୍ଷଣ କ୍ଷେତ୍ରରେ ନିର୍ମାଣ କରିଛି ଆନ୍ତର୍ଜାତିକ ମହାକାଶକେନ୍ଦ୍ର, ଯାହା ପୃଥିବୀର ନିମ୍ନତର କକ୍ଷରେ ଅନବରତ ପରିକ୍ରମଣ କରିବା ସଙ୍ଗେ ସଙ୍ଗେ ଶିଳ୍ପଶାଳା, ପର୍ଯ୍ୟବେକ୍ଷାଣାଗାର ଓ ପରୀକ୍ଷାଗାର ଭାବେ କାର୍ଯ୍ୟ କରିଥାଏ। କିନ୍ତୁ ସେହି କୃତ୍ରିମ ଉପଗ୍ରହଗୁଡ଼ିକର ଉପଯୋଗିତା ସରିଲାପରେ ମହାକାଶରେ ସେମାନେ ଅଳିଆ ଆବର୍ଜନାଭାବେ ପଡ଼ିରହି ପ୍ରଦୂଷଣ ବଢ଼ାଉଛନ୍ତି। ଯଦି ସେମାନଙ୍କୁ ଯଥାସମୟରେ କକ୍ଷପଥରୁ ବିଚ୍ୟୁତ ନ କରାଯାଏ ତାହାହେଲେ ସେମାନେ କାର୍ଯ୍ୟକ୍ଷମ ଓ ନିୟୁତଡଲାର ମୂଲ୍ୟରେ ତିଆରି ସକ୍ରିୟ ଉପଗ୍ରହଗୁଡ଼ିକର ଗତିପଥରେ ବାଧାସୃଷ୍ଟି କରି ସଂଚାର ଯୋଗାଯୋଗରେ ବ୍ୟାଘାତ ସୃଷ୍ଟି କରିପାରନ୍ତି। ବର୍ତ୍ତମାନ ମହାକାଶରେ ପ୍ରାୟ ୪୫୦୦ ସକ୍ରିୟ କୃତ୍ରିମ ଉପଗ୍ରହ ପୃଥିବୀ ଚାରିପଟେ ପ୍ରଦକ୍ଷିଣ କରୁଥିଲାବେଳେ ୧୨,୦୦୦ କିମ୍ବା ତତୋଧିକ ନିଷ୍କ୍ରିୟ ଅପ୍ରାକୃତିକ ଉପଗ୍ରହ ମଣିଷର କୌଣସି କାର୍ଯ୍ୟରେ ନ ଆସି କେବଳ ଅନ୍ତରୀକ୍ଷରେ ଅଳିଆ ବଢ଼ାଉଛନ୍ତି। ବୈଜ୍ଞାନିକମାନେ ଅକାମୀ ଅନୁପଯୋଗୀ କୃତ୍ରିମ ଉପଗ୍ରହଗୁଡ଼ିକ ପାଇଁ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ 'ପଏଣ୍ଟନେମୋ' ନାମରେ ଖ୍ୟାତ ଏପରି ଏକ ନିରପେକ୍ଷ ଦୁର୍ଗମ ସଲିଳ ସମାଧିସ୍ଥଳ ଖୋଜିଛନ୍ତି, ଯାହାମଧ୍ୟରୁ ଉପଗ୍ରହଗୁଡ଼ିକର ଭଙ୍ଗାରୁଜା ଅଂଶବିଶେଷକୁ ପୁନରୁଦ୍ଧାର କରାଯାଇପାରିବ ନାହିଁ କିମ୍ବା କୌଣସି ଲୋକ ସେଠି ପହଞ୍ଚିପାରିବେ ନାହିଁ। ପୃଥିବୀର ସବୁଠୁ ନିର୍ଜନ ସ୍ଥାନ 'ପଏଣ୍ଟନେମୋ' ତିନୋଟି ସ୍ଥଳଭାଗରୁ ପ୍ରାୟ ୨୬୮୮ କିଲୋମିଟର ସମଦୂରବର୍ତ୍ତୀ ସ୍ଥାନରେ ଅବସ୍ଥିତ। ଏହାର ଉତ୍ତରରେ ପିଟକାଏରନ ଦ୍ୱୀପପୁଞ୍ଜର ଡ୍ୟୁସିଏଦ୍ୱୀପ, ଉତ୍ତରପୂର୍ବରେ ଇଷ୍ଟର ଦ୍ୱୀପପୁଞ୍ଜର ମୋଟୁନୁଇ ଦ୍ୱୀପ ଓ ଦକ୍ଷିଣରେ ଆଣ୍ଟାର୍କଟିକାର ମେହର ଦ୍ୱୀପ ଅବସ୍ଥିତ। ୧୯୯୨ ମସିହାରେ କ୍ରୋଏସିଆର ସର୍ବେକ୍ଷଣ ଯନ୍ତ୍ରୀ ହରଭୋଜେଲୁ କାଟେଲାଜି ଓ ସ୍ୱାଟିଆଲ କମ୍ପ୍ୟୁଟର ପ୍ରୋଗ୍ରାମ ମାଧ୍ୟମରେ ଏହାକୁ ଆବିଷ୍କାର କରିଥିଲେ ଓ ଏହାର ନାମକରଣ ଫ୍ରେଞ୍ଚ ଔପନ୍ୟାସିକ ଜୁଲସବରନେଙ୍କ ଉପନ୍ୟାସ 'ସମୁଦ୍ରତଳେ ୨୦,୦୦୦ ଲିଗ'ର ନାୟକ ଓ ଡାଇଭିଂ କ୍ୟାପଟେନ ନେମୋଙ୍କ ନାମାନୁସାରେ ରଖାଯାଇଛି। ଲାଟିନ ଭାଷାରେ 'ନେମୋ'ର ଅର୍ଥ ହେଉଛି କେହିନୁହଁ, ଅର୍ଥାତ କୌଣସି ଲୋକ ବିଶ୍ୱର ଏହି ନିକାଞ୍ଚନ ଜାଗାରେ ପହଞ୍ଚିପାରିବେ ନାହିଁ। ଏହି ଅଗମ୍ୟ କବର ସ୍ଥାନ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ୪୮ ଡିଗ୍ରୀ ୫୨.୬ମିନିଟ ଦକ୍ଷିଣ ଅକ୍ଷାଂଶରେଖା ଓ ୧୨୩ ଡିଗ୍ରୀ ୨୩.୬ ମିନିଟ ପଶ୍ଚିମ ଦ୍ରାଘିମାରେଖା ମଧ୍ୟରେ ଅବସ୍ଥିତ। ପଏଣ୍ଟନେମୋର ୨୨ନିୟୁତରୁ ଅଧିକ ବର୍ଗ କ୍ଷେତ୍ରଫଳ ଅଞ୍ଚଳରେ କେହି ଲୋକ ବାସ କରନ୍ତିନାହିଁ। ଏହାର ସବୁଠୁ ନିକଟରେ ବାସ କରୁଥିବା ଲୋକ ହେଉଛନ୍ତି ପୃଥିବୀର ୪୦୦କିମି ଉପରେ ପ୍ରଦକ୍ଷିଣ କରୁଥିବା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରା ଆଇ.ଏସ.ଏସ.। ୧୯୭୧ରୁ ୨୦୨୦ ମଧ୍ୟରେ ପ୍ରାୟ ୨୬୦ରୁ ଅଧିକ ମହାକାଶ ଯାନକୁ ସେଠାରେ ସଲିଳ ସମାଧି ଦିଆସାରିଲାଣି। ତନ୍ମଧ୍ୟରୁ ଦୁଇଟି ହେଲା ଅବ୍ୟବହାର୍ଯ୍ୟ ଓ ଅକାମୀ ରୁଷୀୟ ମହାକାଶ କେନ୍ଦ୍ର ମୀର ଓ ଚୀନା ମହାକାଶ କେନ୍ଦ୍ର ଟିଆନଗଙ୍ଗ (୧ )। ରୁଷୀୟ ମହାକାଶ କେନ୍ଦ୍ର ମୀର ୨୦ ଫେବୃୟାରୀ ୧୯୮୬ ତାରିଖରେ ନିକ୍ଷେପ କରାଯାଇଥିଲା। ଏହାର ପ୍ରାୟ ପନ୍ଦର ବର୍ଷ ଜୀବନ ମଧ୍ୟରୁ ସାବୋରବର୍ଷ ମହାକାଶଚାରୀମାନଙ୍କ ଦ୍ୱାରା ବାସୋପଯୋଗୀ ରହିଲା ପରେ ୨୩ମାର୍ଚ୍ଚ ୨୦୦୧ ତାରିଖରେ ଦକ୍ଷିଣ ପ୍ରଶାନ୍ତ ମହାସାଗରର 'ପଏଣ୍ଟନେମୋ'ର ୯୩୦ ମାଇଲ୍ ବ୍ୟାପ୍ତ ଅଞ୍ଚଳରେ ରିମୋଟ ସାହାଯ୍ୟରେ ସଲିଳ ସମାଧି ଦିଆଯାଇଥିଲା। ମୀର ହେଉଛି ବିଶ୍ୱର ପ୍ରଥମ ବୃହତ୍ତମ ମୋଡୁଲାର ମହାକାଶ କେନ୍ଦ୍ର, ଯାହାକୁ ୧୯୮୬ରୁ ୧୯୯୬ ମସିହା ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ସମାବେଶ କରାଯାଇଥିଲା। ଏହାର ଓଜନ ପ୍ରାୟ ୧୨୯,୭୦୦ କିଲୋଗ୍ରାମ ହୋଇଥିଲା ବେଳେ ଏହାର ଲମ୍ବା ପ୍ରାୟ ୧୯ମିଟର, ଚଉଡ଼ା ୩୧ମିଟର ଓ ଉଚ୍ଚତା୨୭ ମିଟର। ଏହା ମହାକାଶରେ ପ୍ରାୟ ୪୫୯୨ ଦିନରେ ୮୬୩୩୧ ଥର ପ୍ରଦକ୍ଷିଣ କରିଥିଲା। ରୁଷୀୟ ମହାକାଶଚାରୀ ଭାଲେରୀପଲିଏକୋଭ ୧୯୯୪ ଓ ୧୯୯୫ ମଧ୍ୟରେ ମହାକାଶଯାତ୍ରା କରି ୪୩୭ ଦିନ ୧୮ଘଣ୍ଟାର ହିଁ ବିଶ୍ୱରେ ବିରଳ ରେକର୍ଡ ସୃଷ୍ଟିକରିଥିଲେ। ସେହିପରି ଚାଇନା ମହାକାଶ କେନ୍ଦ୍ର ଟିଆନଗଙ୍ଗ-୧ ମହାକାଶକେନ୍ଦ୍ର ୨୯ ସେପ୍ଟେମ୍ବର ୨୦୧୧ ମସିହାରେ ନିକ୍ଷେପ କରାଯାଇଥିଲା। ପ୍ରାୟ ପାଞ୍ଚ ବର୍ଷ ସକ୍ରିୟ ରହିଲା ପରେ ୨ ଏପ୍ରିଲ ୨୦୧୮ ତାରିଖରେ ପଏଣ୍ଟନେମୋରେ ରିମୋଟ ସାହାଯ୍ୟରେ ସଲିଳ ସମାଧି ଦିଆଯାଇଥିଲା। ମାଣ୍ଡାରିନ ଭାଷାରେ ଟିଆନଗଙ୍ଗର ଅର୍ଥ ହେଉଛି ସ୍ୱର୍ଗର ରାଜପ୍ରାସାଦ। ଏହି ମହାକାଶଯାନରେ ଚାଇନା ଦେଶର ପ୍ରଥମ ମହିଳା ମହାକାଶଚାରୀ ଲିଉୟାଙ୍ଗ ୧୬ ଜୁନ ୨୦୧୨ତାରିଖରେ ଶେନଝୋଉ-୯ ମହାକାଶଯାନରେ ଯାତ୍ରା କରି ମହାକାଶରେ ୧୩ ଦିନ ରହି ଫେରିଥିଲେ। ସେହିପରି ଚାଇନା ଦେଶର ଦ୍ୱିତୀୟ ମହିଳା ମହାକାଶଚାରୀ କଲୋନେଲ ୱାଙ୍ଗୟାପିଙ୍ଗଶେନ ଝୋଉ -୧୦ ମହାକାଶଯାନ ସାହାଯ୍ୟରେ ଯାତ୍ରା କରି ଟିଆନଗଙ୍ଗ ମହାକାଶକେନ୍ଦ୍ରରେ ପନ୍ଦର ଦିନ ରହି ଫେରିଥିଲେ। ଯେପରି ପୃଥିବୀରେ ଅଳିଆ ଆବର୍ଜନା ବଢ଼ିଲେ ପ୍ରଦୂଷଣ ବଢ଼ି ବିଭିନ୍ନ ରୋଗ ସୃଷ୍ଟି ହେବାର ସମ୍ଭାବନା ଥାଏ, ସେହିପରି ସ୍ୱର୍ଗରେ କୃତ୍ରିମ ଅକାମୀ ବର୍ଜ୍ୟବସ୍ତୁ ବୃଦ୍ଧି ଦ୍ୱାରା ଅଳିଆ ବିକମନୀୟ ମହାକାଶର ମହାଜାଗତିକ ସନ୍ତୁଳନରେ ବ୍ୟାଘାତ ଘଟାଇବା ଓ ସେଥିଯୋଗୁ ବିଭିନ୍ନ ବିପର୍ଯ୍ୟୟ ଦେଖାଦେବାର ସମ୍ଭାବନା ବୃଦ୍ଧିପାଉଛି।

*-ଅଧ୍ୟାପକ, ରସାୟନ ବିଭାଗ, ସରକାରୀ ମହିଳା କନିଷ୍ଠ ମହାବିଦ୍ୟାଳୟ, ସୁନ୍ଦରଗଡ଼*
*ମୋ : ୯୯୩୮୭୮୩୦୫୧*

"ବର୍ତ୍ତମାନ ମହାକାଶରେ ପ୍ରାୟ ୪୫୦୦ ସକ୍ରିୟ କୃତ୍ରିମ ଉପଗ୍ରହ ପୃଥିବୀ ଚାରିପଟେ ପ୍ରଦକ୍ଷିଣ କରୁଥିଲାବେଳେ ୧୨,୦୦୦ କିମ୍ବା ତତୋଧିକ ନିଷ୍କ୍ରିୟ ଅପ୍ରାକୃତିକ ଉପଗ୍ରହ ମଣିଷର କୌଣସି କାର୍ଯ୍ୟରେ ନ ଆସି କେବଳ ଅନ୍ତରୀକ୍ଷରେ ଅଳିଆ ବଢ଼ାଉଛନ୍ତି । ବୈଜ୍ଞାନିକମାନେ ଅକାମୀ ଅନୁପଯୋଗୀ କୃତ୍ରିମ ଉପଗ୍ରହଗୁଡ଼ିକ ପାଇଁ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ 'ପଏଣ୍ଟନେମୋ' ନାମରେ ଖ୍ୟାତ ଏପରି ଏକ ନିରପେକ୍ଷ ଦୁର୍ଗମ ସଲିଳ ସମାଧିସ୍ଥଳ ଖୋଜିଛନ୍ତି, ଯାହାମଧ୍ୟରୁ ଉପଗ୍ରହଗୁଡ଼ିକର ଭଙ୍ଗାରୁଜା ଅଂଶବିଶେଷକୁ ପୁନରୁଦ୍ଧାର କରାଯାଇପାରିବ ନାହିଁ କିମ୍ବା କୌଣସି ଲୋକ ସେଠି ପହଞ୍ଚିପାରିବେ ନାହିଁ ।"




# ନୀରବ ଘାତକ

**ଆ**ଜିକାଲି ମଧୁମେହ ବା ଡାଇବେଟିସ ଏକ ସାଧାରଣ ସ୍ୱାସ୍ଥ୍ୟଜନିତ ସମସ୍ୟା ପାଲଟି ଗଲାଣି। ଏହି ରୋଗ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ବେଶ୍ କେତୋଟି ଦିଗ ପ୍ରତି ସତର୍କ ରହିବାକୁ ପଡିଥାଏ। ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି, ଫଳତଃ ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' ଭାବରେ ଅଭିହିତ କରାଯାଇଥାଏ। ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ। ଯଦି ସୁଗାର ପରିମାଣ ଅସନ୍ତୁଳିତ ରହିଲା ତେବେ ତାହା ପରୋକ୍ଷରେ ଡାଇବେଟିସ ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ କିଡ୍‌ନୀ ସମସ୍ୟା, ଦୃଷ୍ଟି ଶକ୍ତିଜନିତ ସମସ୍ୟା ଏପରି ହୃଦ୍‌ଜନିତ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏପରି ରୋଗୀ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଦରକାର। ଏହି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ବ୍ଲଡପ୍ରେସର ପ୍ରଭାବିତ ହୋଇଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ବ୍ଲଡପ୍ରେସର କେତେ ରହୁଛି ତାହା ମାପନ୍ତୁ। ଡାଇବେଟିସ୍ ରୋଗୀ ଔଷଧ ଖାଉଥିଲେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ଏ ନେଇ ଆଲୋଚନା କରନ୍ତୁ। ମନକୁ ମନ ଔଷଧ ଖାଇବା ବନ୍ଦ କରନ୍ତୁ ନାହିଁ। ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞଙ୍କ ଦ୍ୱାରା ଏକ ସଦ୍ୟତମ ରିପୋର୍ଟରୁ ଜଣାପଡିଛି ଯେ, ଡାଇବେଟିସ୍‌ର ଲକ୍ଷଣ ପ୍ରକାଶ ପାଉଥିଲେ ମଧ୍ୟ ପ୍ରାୟ ଅଧିକାଂଶ ଲୋକ ଏହି ରୋଗ ଦ୍ୱାରା ଆକ୍ରାନ୍ତ ବୋଲି ଜାଣିପାରି ନ ଥାନ୍ତି। କେବଳ ସେତିକି ନୁହେଁ, ଜଣେ ଡାଇବେଟିସ୍ ଆକ୍ରାନ୍ତ ବ୍ୟକ୍ତି ଦୁଇ ଗୁଣା ହୃଦ୍‌ରୋଗର ଶିକାର ହେବାର ଆଶଙ୍କା ରହିଛି।



# ଅବସାଦ ଦୂର କରିବ ରୋବୋ



**ରୋ**ବୋର ବ୍ୟବହାର ଆଜିକାଲି ଅନେକ କ୍ଷେତ୍ରରେ କରାଯାଉଛି। ନିକଟରେ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ ରୋବୋ ପ୍ରସ୍ତୁତ କରିଛନ୍ତି। ଏହା ବିଶେଷଭାବରେ ଅବସାଦଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ବରଦାନ ସଦୃଶ ହେବ। ଏହାଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କର ମାନସିକତାକୁ ଅତି ସହଜରେ ଅନୁଧ୍ୟାନ କରିପାରିବ ଏହି ରୋବୋ। ତା'ସହ ଅବସାଦରୁ ଉକ୍ତ ବ୍ୟକ୍ତି କିପରି ମୁକୁଳି ପାରିବେ ସେ ନେଇ ମୂଲ୍ୟବାନ ପରାମର୍ଶ ମଧ୍ୟ ଦେଇପାରିବ। ଅବସାଦଗ୍ରସ୍ତ ବ୍ୟକ୍ତି ଏହି ରୋବୋ ସହ ଇଣ୍ଡୋର ଗେମ୍ ମଧ୍ୟ ଖେଳିପାରିବ।

# ସ୍ୱାସ୍ଥ୍ୟ ସୂଚନା

- ଦୈନନ୍ଦିନ ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ ସାମିଲ କରନ୍ତୁ। ଅଧିକ ତେଲଯୁକ୍ତ, ମସଲାଯୁକ୍ତ, ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ବୟସ ବଢ଼ିଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ନିଜକୁ ସୁସ୍ଥ ରଖିବା ପାଇଁ ନିୟମିତ କିଛି ସମୟ ବ୍ୟାୟାମ କରନ୍ତୁ। ତା'ସହ ଯୋଗ, ପ୍ରାଣାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିଥାଏ।
- ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜର ସ୍ୱାସ୍ଥ୍ୟଜନିତ ସମସ୍ୟାକୁ କଦାପି ଅବହେଳା କରନ୍ତୁ ନାହିଁ। କୌଣସି ରୋଗର ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ବୟସ୍କ ବ୍ୟକ୍ତି ନିୟମିତ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନେବା ଦରକାର। ଯଦି ଆପଣ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚଷମା ପିନ୍ଧୁଛନ୍ତି ତେବେ ବର୍ଷକୁ ଅତିକମ୍‌ରେ ଥରେ ଚକ୍ଷୁ ପରୀକ୍ଷା କରାଇ ନେଇ ଆଖି ପାୱାର କେତେ ଅଛି ଜାଣି ନିଅନ୍ତୁ।



- ଯଦି ଖାଦ୍ୟ ଖାଉଛନ୍ତି ତେବେ ତରତର ହୁଅନ୍ତୁ ନାହିଁ। କାରଣ ଏହାର ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ।
- ଗାଡି ଚଳାଉଥିଲେ ଗାଡିରେ ଫାଷ୍ଟଏଡ୍ ବକ୍ସ ରଖନ୍ତୁ। ଆବଶ୍ୟକ ପଡିଲେ ଏହା କାମରେ ଆସିଥାଏ।
- ଗୁରୁତର ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ହଠାତ୍ ପାଣି ପିଇବାକୁ ଦିଅନ୍ତୁ ନାହିଁ। ତାଙ୍କୁ କିପରି ନିକଟସ୍ଥ ହସ୍‌ପିଟାଲରେ ପହଞ୍ଚାଯାଇପାରିବ ତାହାର ବ୍ୟବସ୍ଥା କରନ୍ତୁ।
- ଯଦି ଆପଣଙ୍କର ଅଣ୍ଟାଜନିତ ସମସ୍ୟା ରହିଛି ତେବେ ଚେୟାରରେ ବସି କାମ କରିବା ସମୟରେ ସିଧା ବସି କାମ କରନ୍ତୁ। ଏହାଦ୍ୱାରା ଅଣ୍ଟା ପ୍ରଭାବିତ ହୋଇ ନ ଥାଏ। ତା'ସହ କିଛି ସମୟ ଅନ୍ତରାଳରେ ଟିକେ ଚଲାବୁଲା କରନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଜାନୁୟାରୀ ୧୮/୨୦୨୧ Rayagada, Monday, January 18/ 2021

# ବିଜୟଧାରକୁ ଫେରିଲା ନର୍ଥଇଷ୍ଟ

**ଇଣ୍ଡିଆନ ସୁପର ଲିଗ୍**

ଭାସ୍କୋ,୧୭।୧

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ୨-୧ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି। ଏଥିସହିତ ନର୍ଥଇଷ୍ଟ ୭ଟି ମ୍ୟାଚ୍ ପରେ ବିଜୟୀ ହୋଇଛି। ସ୍ଥାନୀୟ ତିଳକ ମଇଦାନରେ ଅନୁଷ୍ଠିତ ଏହି ମୁକାବିଲାରେ ଜାମସେଦପୁର ପ୍ରଭାବ ବିସ୍ତାର କରି ଖେଳିଥିଲେ ମଧ୍ୟ ବିଜୟୀ ହୋଇପାରି ନ ଥିଲା। ନର୍ଥଇଷ୍ଟ ତରଫରୁ ଆଶୁତୋଷ ମେହେଟ୍ଟା ୩୬ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିଲେ। ଏହାପରେ ଜାମାଇକା ଫରୱାର୍ଡ ଡେସହର୍ନ ବ୍ରାଉନ ୬୧ ତମ ମିନିଟ୍‌ରେ ଗୋଲ ଦେଇ ନର୍ଥଇଷ୍ଟକୁ ୨-୦ରେ ଅଗ୍ରଣୀ କରାଇଥିଲେ। ନିର୍ଦ୍ଧାରିତ ସମୟ ଶେଷ ହେବାର ଗୋଟିଏ ମିନିଟ୍ ପୂର୍ବରୁ ଜାମସେଦପୁର ତରଫରୁ ଇଂଲଣ୍ଡ ଡିଫେଣ୍ଡର ପିଟର ହାର୍ଟଲି ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ। ଏଥିସହ ୧୨ଟି ମ୍ୟାଚ ଖେଳି ୩ ବିଜୟ, ୬ ଡ୍ର ଓ ୩ ପରାଜୟ ସହ ୧୬ ପଏଣ୍ଟ ହାସଲ କରି ନର୍ଥଇଷ୍ଟ ତାଲିକାର ପଞ୍ଚମ ସ୍ଥାନକୁ ଉଠିଛି। ଅନ୍ୟପଟେ ୧୨ ମ୍ୟାଚ ଖେଳି ୩ ବିଜୟ, ୪ ଡ୍ର ଓ ୫ ପରାଜୟ ସହ ୧୩ ପଏଣ୍ଟ ପାଇ ଜାମସେଦପୁର ଅଷ୍ଟମ ସ୍ଥାନରେ ରହିଛି।

## ଏଟିକେ ମୋହନ ବାଗାନ-ଗୋଆ ମ୍ୟାଚ ଡ୍ର

**ମାର୍ଗାଓ,୧୭।୧:** ଆଇଏସ୍ଏଲ୍‌ରେ ରବିବାର ଏଫ୍‌ସି ଗୋଆ ଓ ଏଟିକେ ମୋହନ ବାଗାନ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ୧-୧ ଗୋଲରେ ଅମୀମାଂସିତ ରହିଛି। ସ୍ଥାନୀୟ ଫାଟୋର୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏହି କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଏଟିକେ ତରଫରୁ ୭୫ତମ ମିନିଟ୍‌ରେ ସ୍ପାନିଶ ଫୁଟବଲର ଏଡୁ ଗାର୍ସିଆ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ୮୪ତମ ମିନିଟ୍‌ରେ ଇଶାନ ପଣ୍ଡିତ ଗୋଆ ତରଫରୁ ଗୋଲ ଦେଇ ମ୍ୟାଚକୁ ୧-୧ ସମାନସ୍ତରକୁ ଆଣିଥିଲେ। ୪ ମିନିଟ୍‌ର ଇଞ୍ଜୁରି ଟାଇମ ଖେଳ ହୋଇଥିଲେ ମଧ୍ୟ ଆଉ ଗୋଲ ସ୍କୋର ହୋଇପାରି ନ ଥିଲା। ଫଳରେ ମ୍ୟାଚ ଅମୀମାଂସିତ ରହିଥିଲା। ଏଥିସହ ଗୋଆ ୧୨ ମ୍ୟାଚ ଖେଳି ୫ ବିଜୟ, ୪ ଡ୍ର ଓ ୩ ପରାଜୟ ସହ ୧୯ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଏଟିକେ ୧୧ ମ୍ୟାଚ ଖେଳି ୬ ବିଜୟ, ୩ ଡ୍ର ଓ ୨ ପରାଜୟ ସହ ୨୧ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି।

# ଫାଇନାଲ୍‌ରେ ୟୁନିୟନ ସ୍ପୋର୍ଟିଂ, ୟୁ ଆଣ୍ଡ ମି

ଉଦଳା,୧୭।୧ (ଡି.ଏନ.ଏ.)



ୟୁ ଆଣ୍ଡ ମିର ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ମୟୂରଭଞ୍ଜ ଜିଲା ଉଦଳା ନାଗପାଳ ହାଇସ୍କୁଲ ପଡ଼ିଆଠାରେ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଦୁଇଟି ସେମିଫାଇନାଲ ମ୍ୟାଚରେ ୟୁ ଆଣ୍ଡ ମି ବାଲେଶ୍ୱର ଓ ୟୁନିୟନ ସ୍ପୋର୍ଟିଂ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ୟୁନିୟନ ସ୍ପୋର୍ଟିଂ ଦଳ ଇଲେଭେନ୍ ଷ୍ଟାର ଯାଜପୁରକୁ ୭ୱିକେଟରେ ହରାଇ ବିଜୟୀ ହୋଇଥିଲେ। ଯାଜପୁର ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୧୦୭ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିଶ୍ୱଭୂଷଣ ବିହାରୀ ସର୍ବାଧିକ ୨୮ ରନ୍ କରିଥିବା ବେଳେ ଅପରପକ୍ଷର ବୋଲର ସୌରଭ କାନଜିଆ ୧୪ ରନ ଦେଇ ଦୁଇଟି ଏବଂ ଅନୁରାଗ କାନଜିଆ ୧୪ ରନ୍ ଦେଇ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୦୮ରନର ବିଜୟ ଲକ୍ଷ୍ୟ ନେଇ ୟୁନିୟନ ସ୍ପୋର୍ଟିଂ କ୍ଲବ ବ୍ୟାଟିଂ ଆରମ୍ଭ କରି ୩ଟି ୱିକେଟ ହରାଇ ୧୧୦ ରନ୍ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ଲଳାଧର ପ୍ରଧାନ ୩୩ ରନ୍, ଅନୁରାଗ କାନଜିଆ ୨୯ ରନ୍ ସ୍କୋର କରିଥିଲେ। ବିଜୟୀ ଦଳର ସୌରଭ କାନଜିଆଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ୟୁ ଆଣ୍ଡ ମି ବାଲେଶ୍ୱର ଏବଂ ସିସିସି କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟୁ ଆଣ୍ଡ ମି ଦଳ ଟସ୍ ଜିତି ଫିଲଡିଂ ନିଷ୍ପତ୍ତି ନେଇଥିଲା। ସିସିସି ଦଳ ବ୍ୟାଟିଂ ଆରମ୍ଭ କରି ରାଇତା ଦେବ୍ ୭୯ ଓ ସନ୍ତୋଷ ସେଠୀ ୪୭ ରନ୍ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୨ ରନ୍ ସଂଗ୍ରହ କରିଥିଲା। ୧୭୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୟୁ ଆଣ୍ଡ ମି ଦଳ ୫ଟି ୱିକେଟ ହରାଇ ବିଜୟୀ ହୋଇ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି। ଦଳ ପକ୍ଷରୁ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ସର୍ବାଧିକ ୯୦ ରନ୍ ଓ ଦେବାଶିଷ ମହାନ୍ତି ୨୯ ରନ୍ ସ୍କୋର କରିଥିଲେ। ବିପକ୍ଷ ଦଳର ବୋଲର ରାଇତା ଦେବ୍ ଦୁଇଟି ୱିକେଟ୍ ଅକ୍ତିଆର କରିଥିଲେ। ଦିବ୍ୟଶକ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଏବଂ ରଞ୍ଜନ କୁମାର ମହାନ୍ତି।

# ବ୍ଲାକ କୋବ୍ରା କୁପାରୀକୁ ଟ୍ରଫି




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖଳାଳିମାନେ।

**କରୁଣାକର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ**

ବନ୍ତ,୧୭।୧(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆଠାରେ ଆରଡ଼େଶ୍ୱର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ସ୍ୱର୍ଗତ ମୃତ୍ୟୁଞ୍ଜୟ ଜେନାଙ୍କ ସ୍ମୃତିରେ ଚାଲିଥିବା କରୁଣାକର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପ୍ରଗତି ସ୍ପୋର୍ଟିଂ ଶଙ୍ଖୁଳାକୁ ୭୧ ରନ୍‌ରେ ହରାଇ ବ୍ଲାକ କୋବ୍ରା କୁପାରୀ ଚାମ୍ପିୟନ ହୋଇଛି। ବ୍ଲାକ କୋବ୍ରା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ଅଧିନାୟକ ଜିତୁ ପାଇକରାୟଙ୍କ ୩୩ ଓ ଲିପୁନଙ୍କ ୪୪ ରନ୍ ସହାୟତାରେ ୯ ଉଇକେଟ ବିନିମୟରେ ୧୪୬ ରନ୍ କରିଥିଲା। ପ୍ରଗତି ସ୍ପୋର୍ଟିଂ ୧୧ ଓଭରରେ ୭୫ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଅତିଥି ଭାବେ ଆଡ଼ିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷିକେଷ ମିଶ୍ର, ସରପଞ୍ଚ ଶଶିବାଳା ସେଠୀ, କିଶୋର କିଙ୍କର ପଢିଆରୀ, ସଢ଼ା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତି ସାମଲ, ଜନାର୍ଦ୍ଦନ ଜେନା, ନାଏବ ସରପଞ୍ଚ ବିଶ୍ୱନାଥ ପାତ୍ର, ପୂର୍ବତନ ସରପଞ୍ଚ ବିଜୟ ଜେନା, ଶିକ୍ଷକ ଜଗନ୍ନାଥ ମଲ୍ଲିକ, ଯୁଧିଷ୍ଠିର ନାୟକ ଓ ରବୀନ୍ଦ୍ର ପ୍ରସାଦ ନନ୍ଦ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅମ୍ପାୟର ଅଜିତ ଦାସ ଓ ରାଜେନ୍ଦ୍ର ଦାସ, ସ୍କୋରର ଭାବେ ସିଦ୍ଧାନ୍ତ ଦାଶ, ଶୁଭେନ୍ଦୁ ରାଉତ, ଆଶୁତୋଷ ପଣ୍ଡା, ସାନୁ ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ। ସତ୍ୟବ୍ରତ ଦାସ ଓ ପତିତପାବନ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। ହରିହର ଜେନା, ରାଜୀବ ଲୋଚନ ମଲ୍ଲିକ, ନରେନ୍ଦ୍ର ପାତ୍ର, ଆଲୋକ ସେଠୀ, ମାଧବ ଜେନା, ମନୋଜ ସେଠୀ, ଝୁଲୁ ଜେନା, କମଳମିତ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ।

# କେରଳକୁ ହରାଇଲା ଆନ୍ଧ୍ର

**ମୁମ୍ବାଇ, ୧୭।୧ (ପି.ଟି.):** ସ୍ଥାନୀୟ ବିକେସି ଗ୍ରାଉଣ୍ଡରେ ସୟଦ ମୁସ୍ତାକ ଅଲୀ ଟ୍ରଫି ଟି୨୦ ଟୁର୍ନାମେଣ୍ଟର ରବିବାର ଖେଳାଯାଇଥିବା ଏଲିଟ୍ ଗ୍ରୁପ୍ 'ଇ'ର ଏକ ମ୍ୟାଚରେ କେରଳ ୬ଉଇକେଟରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ଗ୍ରୁପ୍‌ରେ ପ୍ରଥମ ୩ଟି ମ୍ୟାଚରେ ବିଜୟ ଲାଭ କରିଥିବା କେରଳ ମ୍ୟାଚରେ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା। ଆନ୍ଧ୍ର ବୋଲରଙ୍କ ପ୍ରଭାବୀ ବୋଲିଂ ଯୋଗୁ ଦଳ କିନ୍ତୁ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ବିନିମୟରେ ୧୧୨ ରନ କରିଥିଲା। ଆନ୍ଧ୍ର ୧୭.୧ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଟପ୍ ସ୍କୋରର ତଥା ଦଳର ଓପନର ଅଶ୍ୱିନ ହେବାର ୪୬ ବଲ୍‌ରୁ ୪୮ ରନ କରିଥିଲେ। ଏହି ବିଜୟ ଦ୍ୱାରା ଆନ୍ଧ୍ର ପ୍ରଦେଶ ୪ ପଏଣ୍ଟ ହାସଲ କରିଛି। ସେହିପରି ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ମୁମ୍ବାଇ ୬ ଉଇକେଟରେ ପୁଡୁଚେରୀଠାରୁ ହାରିଯାଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୯୪ ରନରେ ଅଲଆଉଟ ହୋଇଯାଇଥିଲା। ଜବାବରେ ପୁଡୁଚେରୀ ୪ ଉଇକେଟ ବିନିମୟରେ ୯୫ ରନ କରି ୬ ଉଇକେଟରେ ବିଜୟ ଲାଭ କରିଥିଲା।

# ଭଲିବଲ ଟୁର୍ନାମେଣ୍ଟ: କନ୍ହେଇବିନ୍ଧା ଟିମ୍ ବିଜୟୀ



କନ୍ହେଇବିନ୍ଧା ଓ ଗଣ୍ଡିବେଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ସିମୁଳିଆ, ୧୭।୧(ଡି.ଏନ.ଏ.)

ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନ (ମା')ର ୪୦ତମ ଭଲିବଲ ଟୁର୍ନାମେଣ୍ଟ ରବିବାର ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣାର ନୀଳକଣ୍ଠେଶ୍ୱର ମନ୍ଦିର ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳର ୬ଟି ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। ସିମୁଳିଆ ମେଡିକାଲର ଡାକ୍ତର ସମ୍ମିତ କୁମାର ଦାଶ ଅତିଥି ରୂପେ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍ କନ୍ହେଇବିନ୍ଧା ସହିତ ଗଣ୍ଡିବେଡ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ହେଇବିନ୍ଧା ଟିମ୍ ଗଣ୍ଡିବେଡକୁ ୨-୦ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ରୂପେ ମାର୍କୋଣା ସରପଞ୍ଚ ପ୍ରଦୀପ କୁମାର ବେହେରା ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ୩ ହଜାର ଓ ୨ହଜାର ଟଙ୍କା ପୁରସ୍କୃତ କରିଥିଲେ। ମା'ର ସଭାପତି ଗଦାଧର ଜେନା, ସମ୍ପାଦକ ରମାକାନ୍ତ ପଣ୍ଡା ଉତ୍ସବ ପରିଚାଳନା କରିଥିଲେ। ରେଫରୀ ରୂପେ ଶଶିକାନ୍ତ ସାହୁ, ସୁଜିତ ବେହେରା ଓ ସ୍କୋରର ରୂପେ ଅଭୟ ମିଶ୍ରଥିଲେ। ଆସୋସିଏଶନର କର୍ମକର୍ତ୍ତାମାନେ ସହଯୋଗୀ ଥିଲେ।

# ଆଲେଦ ଘାଟି ଲାତାର ଚାମ୍ପିୟନ

କପ୍ତିପଦା,୧୭।୧(ଡି.ଏନ.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ରାଣୀପୋଖରୀ ପଞ୍ଚାୟତ ଦିଲ୍ଲୀସୋର ଗ୍ରାମର କାହ୍ନୁ ଆଦିବାସୀ ଯୁବକ ସଂଘ ଆନୁକୂଲ୍ୟରେ ୧୬ତମ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଆଲେଦ ଘାଟି ଲାତାର ଆରକ ଫୁଟବଲ ଦଳ ଜୟପାଲ ସିଂ ୟୁଥ କ୍ଲବକୁ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ପୂର୍ବତନ ସରପଞ୍ଚ ମାର୍କଣ୍ଡ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଜିଲା ପରିଷଦ ସଦସ୍ୟ ସମାୟ ଚରଣ ପୂର୍ତ୍ତି, ସମ୍ମାନିତ ଅତିଥି ଜନଜାତି ସୁରକ୍ଷା ମଞ୍ଚ ସଂଯୋଜକ ମାଣିକେଶ୍ୱର କେରାଇ, ସମାଜସେବୀ ନନ୍ଦିନୀ କାଲୁଣ୍ଡିଆ ପ୍ରମୁଖ ଯୋଗଦେଇ ଚମ୍ପିଆନ ଦଳକୁ ୧୦ହଜାର, ରନର୍ସ ଅପ୍ ଦଳକୁ ୭ ହଜାର ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପୋଖରୀବାଡ଼ି, ଠାକୁରମୁଣ୍ଡା ଦଳକୁ ୫ ହଜାର ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଟାଉନ ଟିମ, ଶରତକୁ ୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ରେଫରି ଭାବେ କେଦାର କାଲୁଣ୍ଡିଆ, ଜଣ୍ଡକ ସିଂ ଓ ସୁରିନ ସିଂ ଖେଳ ପରିଚାଳନା କରିଥିଲେ। ଗଣେଶ୍ୱର ପୂର୍ତ୍ତି, ସୁଶିଲ ସିଂ ଧାରାବିବରଣୀ ପ୍ରଦାନ କରିଥିଲେ। ଆସୋସିଏଶନର ସଭାପତି ଦୁଲୁ ସିଦୁ ଓ ସମ୍ପାଦକ ଦୁଣ୍ଡୁକା ଗଡ଼ସରାଙ୍କ ସମେତ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଖା ଖେଳାଳିଙ୍କୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଗ୍ରୁପର ଭଲ ଖେଳାଳିମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।

# ସମ୍ମାନିତ ହେବେ କ୍ରୀଡ଼ାବିତ୍

**ନୂଆଦିଲ୍ଲୀ, ୧୭।୧ (ପି.ଟି.):** ଦେଶ ପାଇଁ ଗୌରବ ଆଣିଥିବା କ୍ରୀଡ଼ାବିତଙ୍କୁ ଭିନ୍ନ ଏକ ଉପାୟରେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଛି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ଯେଉଁ ସୁବିଧାସୁଯୋଗ ରହିଛି, ଭବିଷ୍ୟତରେ ସେଗୁଡ଼ିକର ଆଧୁନିକୀକରଣ ସହ ଖ୍ୟାତିସମ୍ପନ୍ନ ଆଥଲେଟ୍‌ମାନଙ୍କ ନାମରେ ନାମକରଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ଲକ୍ଷ୍ନୌସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ (ଏନ୍‌ସିଓଇ) ପରିସରରେ ରହିଥିବା ନବ ନିର୍ମିତ ଏୟାର କଣ୍ଡିଶନ ବ୍ୟବସ୍ଥା ଥିବା ରେସ୍‌ଲିଂ ହଲ୍ ଓ ସୁଇମିଂପୁଲ୍, ଭୋପାଳସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ୧୦୦ ଶଯ୍ୟାବିଶିଷ୍ଟ ହଷ୍ଟେଲ, ସୋନେପତ୍‌ସ୍ଥିତ ମଲ୍ଟିପର୍‌ପୋଜ ହଲ୍ ଏବଂ ଗର୍ଲ୍ସ ହଷ୍ଟେଲ ବ୍ୟତୀତ ଗୁଆହାଟୀସ୍ଥିତ ନୂଆ ସାଇ ଟ୍ରେନିଂ ସେଣ୍ଟରଠାରେ ରହିଥିବା ଏକ ହଷ୍ଟେଲ, ମଲ୍ଟିପରପୋଜ୍ ହଲ୍ ଏବଂ ଷ୍ଟାଫ୍ କ୍ୱାର୍ଟର୍ସ ସ୍ଥାନୀୟ ଷ୍ଟାର କ୍ରୀଡ଼ାବିତ୍‌ଙ୍କ ନାମରେ ନାମିତ କରାଯିବ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ